ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ନଭେମ୍ବର ୨୦୨୫




## ଓଡ଼ିଆ ସାହିତ୍ୟର ନବଦିଗନ୍ତ

Vol-4 • Issue-9 • November 2025 • Monthly • Rs.50 • 72 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୪ • ସଂଖ୍ୟା-୯ • ନଭେମ୍ବର ୨୦୨୫ • ମାସିକ • ଟ.୫୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥୀ**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**କମଳକୁମାରୀ ଦାଶ**
**ଦେବାଶିଷ ମୁଦୁଲି**

ପାଠ ସଂଶୋଧକ
**ପ୍ରଭାତ ରଞ୍ଜନ ବେହୁରା**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ସ୍ୱାତୀ ମହାପାତ୍ର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୫୦/-**

## || ସୂଚୀ ||

| | |
|---|---|
| ପାଠକଙ୍କ ମତାମତ | ୦୨ |
| କବିତାର ମର୍ମ (ସମ୍ପାଦକୀୟ) | ୦୩ |
| ଆମ ଭାଷାର ଲକ୍ଷଣ ଓ ବିଡ଼ମ୍ବନା (ପ୍ରବନ୍ଧ): ନଟବର ଶତପଥୀ | ୦୫ |
| ଡିସେମ୍ବର (କବିତା): ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ | ୧୦ |
| କଥାସାହିତ୍ୟର ଭାଷିକ ଶୈଳୀ (ପ୍ରବନ୍ଧ): କଇଳାଶ ପଟ୍ଟନାୟକ | ୧୧ |
| ଅବ୍ୟକ୍ତ ଅପରାହ୍ଣ (ଗଳ୍ପ): ଭାନୁମତୀ ସାହୁ | ୧୫ |
| ଭ୍ରମରେ ଯମରାଜ (ରମ୍ୟରଚନା): ନାରାୟଣ ମହାନ୍ତି | ୨୦ |
| କନ୍ଧାନ ଅଞ୍ଚଳର ଲୋକକବିତା: ଏକ ଦୃଷ୍ଟିପାତ (ପ୍ରବନ୍ଧ): ଦୋଳଗୋବିନ୍ଦ ବିଶୀ | ୨୩ |
| କଉତୁକି (ଗଳ୍ପ): ଶରତ କୁମାର ଦାସ | ୨୯ |
| ଦଶ ପଇସାର ରାଜା (ଅନୁଭୂତି): ବନଜ ଦେବୀ | ୩୧ |
| ସାହିତ୍ୟିକଙ୍କର ପ୍ରବୃତ୍ତି, ବୃତ୍ତି ଓ ସମ୍ବେଦନା (ପ୍ରବନ୍ଧ): ଛାୟାକାନ୍ତ ଷଡଙ୍ଗୀ | ୩୬ |
| ସଫଳ ଯାତ୍ରା (ଅନୁବାଦ): ସୁକୋମଳ ଦାଶ | ୪୦ |
| ବରିଷ୍ଠ ଅନୁବାଦକ ବଙ୍ଗାଳୀ ନନ୍ଦଙ୍କ ସହ ଆଳାପ (ସାକ୍ଷାତକାର) | ୪୪ |
| ଚାଟ ଦକ୍ଷିଣା (ଧାରାବାହିକ ବ୍ୟଙ୍ଗ): ଅଜୟ କୁମାର ମିଶ୍ର | ୪୮ |
| ମରଦର ମୁଛ ଓ ଜେ.ପି. ଦାସ (ପ୍ରବନ୍ଧ): ନିଖିଳାନନ୍ଦ ପାଣିଗ୍ରାହୀ | ୫୨ |
| ଅଭିଶପ୍ତ ଦାମ୍ପତ୍ୟ (ଗଳ୍ପ): ଚୌଧୁରୀ ବରଦାପ୍ରସନ୍ନ ଦାସ | ୫୬ |
| ନୂତନ ସମୟର ଓଡ଼ିଆ ଶିଶୁସାହିତ୍ୟ (ପ୍ରବନ୍ଧ): ରବୀନ୍ଦ୍ରନାଥ ମାଝୀ | ୫୯ |
| କୁଲିର କୋହ (କବିତା): ବେଣୁଧର ସୂତାର | ୬୪ |
| ପରିଣାମ (ଅଣୁନାଟକ): ଆରାଧନା ମିଶ୍ର | ୬୫ |
| ଦୁଇଟି ଅଣୁଗପ (ଗଳ୍ପ): ଘନଶ୍ୟାମ ପଲେଇ | ୬୭ |
| ଚତୁର କିଏ (ଶିଶୁଗଳ୍ପ): ରଶ୍ମିମୟୀ ପତି | ୬୮ |
| ଲୋକାପୁଅ ସୁରିଆ (ପୁସ୍ତକ ସମୀକ୍ଷା): ବୈଷ୍ଣବ ଚରଣ ମହାନ୍ତି | ୭୦ |
| ସାହିତ୍ୟ ସମାଚାର | ୭୧ |
| କ୍ଷେତିଖେସରା (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୭୨ |

# ପାଠକଙ୍କ ମତାମତ

‘ସାହିତ୍ୟ ଚର୍ଚ୍ଚା’ର ଅକ୍ଟୋବର ସଂଖ୍ୟା ପତ୍ରିକା ପଢ଼ିଲି। ପତ୍ରିକାର ସବୁଠୁ ଆକର୍ଷଣୀୟ ବିଭାଗଟି ହେଉଛି ସଂପାଦକୀୟ। ଅତ୍ୟନ୍ତ ନିରପେକ୍ଷ ଭାବେ ଏଇଟିକୁ ଲେଖାଯାଇଛି ବୋଲି ହୃଦବୋଧ ହେଲା। ଅନ୍ୟାନ୍ୟ ଲେଖାଗୁଡ଼ିକ ମଧ୍ୟରେ ସସ୍ମିତ ମିଶ୍ରଙ୍କର ‘ଓଡ଼ିଆ ଧର୍ମ ସାହିତ୍ୟରେ ଜ୍ୟାମିତିର ପ୍ରୟୋଗ’ ପ୍ରବନ୍ଧଟି ନୂଆ ଚିନ୍ତାଧାରାର ଲେଖା। ଆମେ ପକାଉଥିବା ଝୋଟି ଚିତା ହେଉ ବା ରଙ୍ଗୋଲି ବା ଦେବୀଙ୍କର ବିଭିନ୍ନ ଯନ୍ତ୍ରର ଚିତ୍ର ହେଉ, ସବୁଥିରେ କିଛି ନା କିଛି ତତ୍ତ୍ୱ ଲୁକ୍କାୟିତ ହୋଇ ରହିଛି ବୋଲି ଏହି ପ୍ରବନ୍ଧ ପଢ଼ିବା ପରେ ହୃଦବୋଧ ହେଲା। ଅନ୍ୟ ଏକ ଉଚ୍ଚକୋଟୀର ପ୍ରବନ୍ଧ ହେଉଛି ଦାଶ ବେନହୁରଙ୍କର ‘ଶବ୍ଦ ବନାମ ସାହିତ୍ୟ’। ଏହା ସହ ସାହିତ୍ୟର ଅନ୍ୟ ବିଭାଗଗୁଡ଼ିକର ମଧ୍ୟ ଆଲୋଚନା ହୋଇଛି। ସାହିତ୍ୟର ଉନ୍ନତି ଦିଗରେ ନିରନ୍ତର ପ୍ରୟାସ କରୁଥିବା ‘ସାହିତ୍ୟ ଚର୍ଚ୍ଚା’କୁ ଅନେକ ଅନେକ ଶୁଭେଚ୍ଛା।

**ଅନନ୍ତ ଚରଣ ଜେନା**
jenaanantcharan67@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

‘ସାହିତ୍ୟ ଚର୍ଚ୍ଚା’ର ପୂଜା ସଂଖ୍ୟା ପତ୍ରିକାର ପ୍ରଚ୍ଛଦ ଅତ୍ୟନ୍ତ ମନୋରମ ହୋଇଛି। କାନଭାସରେ ମାଆଙ୍କର ଅଙ୍କିତ ଏହି ଚିତ୍ର ଜୀବନ୍ତ। ଏଇ ମାସରେ ପ୍ରକାଶିତ ଗଳ୍ପଗୁଡ଼ିକ ବ୍ୟଞ୍ଜନା ଧର୍ମୀ। ଜାକିର ଖାନଙ୍କ ’ମାଙ୍କଡମୟ ପୃଥିବୀ’ ଗଳ୍ପଟି ମନୋଜ ଦାସଙ୍କ ବିଲେଇ ଗଳ୍ପ ପରି ଲାଗିଲା। ସେଥିରେ ଯେପରି ମଣିଷଟି ବିଲେଇ ପାଲଟିଯାଇଛନ୍ତି, ଏହି ଗଳ୍ପରେ ସେହିପରି ମାଙ୍କଡ ପାଲଟି ଯାଇଛନ୍ତି। ସଚ୍ଚିଦାନନ୍ଦ କରଙ୍କ ’ମୃତ୍ୟୁ ଆଡ଼କୁ ପାଦ’ ଗଳ୍ପ ଓ ଶୈଳଜ ରବିଙ୍କ ‘ଷଠିଦୁଷିର ଭାଷା’ କବିତାଟି ଭଲ ଲାଗିଲା। ଅନ୍ୟ ସମସ୍ତ ବିଭାଗର ଲେଖା ମଧ୍ୟ ଶିକ୍ଷଣୀୟ।

**ସାଇ ସ୍ମିତା ରଥ**
saismita.ratha@gmail.com

‘ଶେଷପୃଷ୍ଠା’ ଅନେକ ନୂଆକଥା ଜଣାଉଛି, ଜ୍ଞାନ ବୃଦ୍ଧି କରୁଛି। ଏହି ସ୍ତମ୍ଭକାର ବିଦେଶରେ ରହି ସୁଦ୍ଧା ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ଉନ୍ନତି ପାଇଁ ଯେଉଁ ଉଦ୍ୟମ କରୁଛନ୍ତି, ତାହା ପ୍ରଶଂସନୀୟ। ନବୀ ମୁମ୍ବାଇରେ ‘ପ୍ରବାସୀ ଉତ୍କଳ ସାହିତ୍ୟ ସଂସ୍ଥା’ ନାମକ ଏକ ଅନୁଷ୍ଠାନ ଅଛି। ସେହି ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମରେ କେତେଥର ଯୋଗଦେଇଛି। ଥରେ ଗୋଟିଏ କବିତା ପାଠ କାର୍ଯ୍ୟକ୍ରମ ବେଳେ ଜଣେ ଓଡ଼ିଆ ଯୁବକଙ୍କୁ ଦେଖିଲି। ସେ କୌଣସି ଏକ କମ୍ପାନୀରେ କାର୍ଯ୍ୟ କରନ୍ତି। ଶନିବାର ରବିବାର ଦୁଇଦିନ ତାଙ୍କ ପରିସରରେ ପ୍ରବାସୀ ଓଡ଼ିଆଙ୍କ ପିଲାଙ୍କୁ ଓଡ଼ିଆ ବର୍ଣ୍ଣମାଳା ଶିକ୍ଷା ଦିଅନ୍ତି। ବହୁତ ଆନନ୍ଦିତ ହୋଇଛି ସେହି କଥା ଶୁଣି। ଭୂୟାଁ ମହାଶୟ ଦେଶ ବାହାରେ ରହି ମଧ୍ୟ ନିଜ ମାତୃଭାଷା ପାଇଁ ବ୍ୟାକୁଳ। ଏଭଳି ଗୁଣ ବିଶିଷ୍ଟ ଲୋକ ଆଉ କେତେଜଣ ଓଡ଼ିଶାରେ ସୃଷ୍ଟି ହୁଅନ୍ତେ ନାହିଁ।

**ପ୍ରମୋଦିନୀ ପଣ୍ଡା**
parthpanda2@gmail.com

ବଙ୍ଗଳା ଭାଷାର ପତ୍ରିକାକୁ ଅନୁସରଣ କରି ଓଡ଼ିଆମାନେ ଯେଉଁ ପୂଜାସଂଖ୍ୟା ପ୍ରସ୍ତୁତ କରୁଛନ୍ତି, ତାହା ଉପରେ ଏକ ଉତ୍କୃଷ୍ଟ ଆଲୋଚନା ହେଉଛି ‘ସାହିତ୍ୟ ଚର୍ଚ୍ଚା’ର ଅକ୍ଟୋବର ସଂଖ୍ୟାର ସଂପାଦକୀୟ। ହୁଏତ ପୂଜା ସଂଖ୍ୟା ପାଇଁ କିଛି ପତ୍ରିକା ବିଜ୍ଞାପନରୁ କିଛି ଟଙ୍କା ରୋଜଗାର କରୁଛନ୍ତି ସତ, ଲେଖକ ଲେଖିକାମାନଙ୍କର ଲେଖାଗୁଡ଼ିକ ଏକାଧିକ ପତ୍ରିକାରେ ବାହାରୁଛି ସତ, ମାତ୍ର ସାହିତ୍ୟର ଯେ ଉନ୍ନତି ହେଉଛି, କହିପାରିବା ନାହିଁ। ‘ସାହିତ୍ୟ ଚର୍ଚ୍ଚା’ ଏଦିଗରେ ଏକ ସର୍ଭେ କରାଇ ପାରିଥିବାରୁ ପାଠକଙ୍କର ସତ ମତ ଜାଣିବାକୁ ମିଳିଲା।

**ଅର୍ଚ୍ଚିତ ସାହୁ**
architsahu9@gmail.com

**ସମ୍ପାଦକୀୟ**

# କବିତାର ମର୍ମ

ଆଜିକାଲି କୌଣସି କବିତାର ମର୍ମ ବା ଅର୍ଥକୁ ତର୍ଜମା କରିବାର ସ୍ପୃହା ଅନେକ ପାଠକଙ୍କ ପାଖରେ ଦେଖିବାକୁ ମିଳେନାହିଁ । ତଥାପି ସୁଖର କଥା ଯେ ଏବେ ବି କିଛି ସଂଖ୍ୟକ ପାଠକ ଅଛନ୍ତି, ଯେଉଁମାନେ କବିତାର ମର୍ମକୁ ଧୈର୍ଯ୍ୟର ସହିତ ବୁଝି ତାହାକୁ ଆତ୍ମସ୍ଥ କରିବାର ଆଗ୍ରହ ରଖନ୍ତି । ଗୋଟିଏ ପତ୍ରିକା ବା ବହିରେ ପ୍ରକାଶିତ ରୋଚକ କବିତାଟିଏ ଦୃଷ୍ଟିକୁ ଆସିଲେ ସେମାନେ ତା'ର ପ୍ରତିଟି ପଂକ୍ତିରୁ ଖୋଜିବସନ୍ତି ପରସ୍ତ ପରସ୍ତ ମର୍ମ । ତେବେ କୌଣସି କବିତାର ଗୋଟିଏ ନୁହଁ, ବରଂ ବହୁବିଧ ମର୍ମ ବା ଅର୍ଥ ଥିବାରୁ ସିନା ସେମାନେ ଖୋଜିବସନ୍ତି ଏହା ! ଅନ୍ୟ ଭାଷାରେ କହିଲେ, ଏକାଧିକ ବ୍ୟାଖ୍ୟା ବା ଇଣ୍ଟରପ୍ରିଟେସନ୍‌ର ସମ୍ଭାବନା ହେଉଛି ଗୋଟିଏ କବିତାର ମୂଳ ଧର୍ମ ।




ଆମ ପତ୍ରିକାରେ ପ୍ରକାଶିତ ଜଣେ ବିଶିଷ୍ଟ କବିଙ୍କ କବିତାର ଗୋଟିଏ ଧାଡ଼ିର ଅର୍ଥ, ପତ୍ରିକାର ସମ୍ପାଦକ କିମ୍ବା କବିତାଟିର ସ୍ରଷ୍ଟା ସ୍ୱୟଂ ବୁଝାଇଦିଅନ୍ତୁ ବୋଲି ଥରେ ଜଣେ ବୟୋଜ୍ୟେଷ୍ଠ ପାଠକ ଅଡ଼ିବସିଲେ । କିନ୍ତୁ ଆମେ ଓ ସଂପୃକ୍ତ କବି ଜଣକ ତାଙ୍କ ଆଗରେ କବିତାଟିର ଯେତେ ରକମ ବ୍ୟାଖ୍ୟା ରଖିଲେ ସୁଦ୍ଧା ତାହା ତାଙ୍କର ମନକୁ ଗଲାନାହିଁ । ଏହା ଆମର ସ୍ମରଣକୁ ଆଣିଲା, ପ୍ରାୟ ଛଅ ଦଶକ ତଳେ ଇଂରାଜୀ ସାହିତ୍ୟରେ ମୁଣ୍ଡ ଟେକିଥିବା 'ରିଡର ରେସପନ୍‌ସ୍ ଥିଓରୀ' ବା 'ପାଠକ-ପ୍ରତିକ୍ରିୟା ତତ୍ତ୍ୱ' ନାମକ ଗୋଟିଏ ବିଚାରଧାରା, ଯେଉଁଥିରେ ଜଣେ କବି କ'ଣ ଭାବି କବିତାଟିଏ ଲେଖିଛନ୍ତି, ତାହା ଅପେକ୍ଷା ପାଠକ କ'ଣ ବୋଲି ଭାବି ସେଇଟି ପଢୁଛନ୍ତି, ତାହାକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା ।

ଏହି ପ୍ରସଙ୍ଗଟିକୁ ସ୍ପଷ୍ଟ କରିବା ପାଇଁ ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ'ର ପ୍ରଥମ ପଂକ୍ତିଟିର ହିଁ ଉଦାହରଣ ନିଆଯାଉ । କବିସମ୍ରାଟ ଲେଖିଛନ୍ତି, 'ବନ୍ଦଇ ଦୀନବାନ୍ଧବ ହରି' । କାବ୍ୟଟିର କେତୋଟି ସଂସ୍କରଣରେ ଏହି 'ଦୀନ' ଶବ୍ଦଟି 'ଦିନ' ଭାବରେ ମଧ୍ୟ ମୁଦ୍ରଣ କରାଯାଇଛି । ଏ ଦୃଷ୍ଟିରୁ ଯଦି ଜଣେ ରସଗ୍ରାହୀ ପାଠକ ଏହାକୁ ଦୀନବାନ୍ଧବ (ଦରିଦ୍ରର ବନ୍ଧୁ, ଅର୍ଥାତ୍ ବିଷ୍ଣୁ)ଙ୍କ ସ୍ତୁତି ପରିବର୍ତ୍ତେ ଦିନବାନ୍ଧବ (ଦିବସର ବନ୍ଧୁ, ଅର୍ଥାତ୍ ସୂର୍ଯ୍ୟ)ଙ୍କର ଏକ ଆବାହନ ଭାବରେ ଗ୍ରହଣ କରେ, ତେବେ ସେଥିରେ କିଛି ବାରଣ ଅଛି କି ? ପାଠକ ନିଜର କଳ୍ପନା ଅନୁସାରେ ଗୋଟିଏ କବିତାର ଯେ କୌଣସି ପ୍ରକାର ବ୍ୟାଖ୍ୟା କରିବା ପାଇଁ ସ୍ୱାଧୀନ ଏବଂ ତା'କୁ ଏହି ଅଧିକାରରୁ କେହି ବଞ୍ଚିତ କରିପାରିବ ନାହିଁ । ପାଠକମାନଙ୍କ କଥା ଛାଡ଼ନ୍ତୁ, ସ୍ୱୟଂ କବିମାନେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବରେ ଶ୍ଳେଷ ନାମକ ଏକ ଅଳଙ୍କାରର ପ୍ରୟୋଗକରି ନିଜର ରଚନାକୁ ବହୁବିଧ ବ୍ୟାଖ୍ୟା ପାଇଁ ଉନ୍ମୁକ୍ତ କରିଥିବାର ଦୃଷ୍ଟାନ୍ତ ଅଛି ।

ତେବେ ପ୍ରଶ୍ନ ଉଠେ, ଯଦି ବହୁ ସଂଖ୍ୟକ ପାଠକ ଗୋଟିଏ କବିତାର ମର୍ମକୁ ଭିନ୍ନ ଭିନ୍ନ ଭାବରେ ବ୍ୟାଖ୍ୟା କରନ୍ତି, ତେବେ ଆମେ କେଉଁଟିକୁ ତାହାର ଅସଲ ପରିଚୟ ବୋଲି କହିବା ? କବି ଯାହା ଭାବିକରି ମୂଳ କବିତାଟିକୁ ଲେଖିଥିଲେ ତାହା, ନା ଆଉକିଛି ? ପାଶ୍ଚାତ୍ୟ କଳାତତ୍ତ୍ୱରେ ଆଲୋଚିତ 'ଦି ମୋଡ୍ ଅଫ୍ ଏକ୍ସିଷ୍ଟେନ୍‌ସ୍ ଅଫ୍ ଏ ଓ୍ୱାର୍କ ଅଫ୍ ଆର୍ଟ୍'ର ଦୃଷ୍ଟିକୋଣ ଅନୁଯାୟୀ, ସ୍ୱୟଂ କବି ମଧ୍ୟ ଯେତେବେଳେ ଜଣେ ପାଠକ ଭାବରେ ନିଜର କବିତାକୁ କିଛିଦିନ ପରେ ପଢ଼ନ୍ତି, ସେ ସେଥିରୁ ନୂଆ ମର୍ମଟିଏ ପାଆନ୍ତି, ଯାହା କବିତାଟି ଲେଖିବା ବେଳେ ହୁଏତ ସେ କଳ୍ପନା ହିଁ କରିନଥିଲେ । ଏ ଦୃଷ୍ଟିରୁ କବିଙ୍କ ପରିବର୍ତ୍ତେ, ତା'ଙ୍କ ସୃଷ୍ଟିର ପ୍ରକୃତ ପରିଚୟଟିକୁ ଚିହ୍ନିବାରେ ଜଣେ ପାଠକ ଅଧିକ ଭାବରେ ସକ୍ଷମ ବୋଲି କହିଲେ କିଛି ଭୁଲ ହେବନାହିଁ । କାରଣ କବିତା ଜ୍ଞାନାଶ୍ରୟୀ ନୁହେଁ, ଭାବାଶ୍ରୟୀ । ଜ୍ଞାନ ବୁଝିବାକୁ ପଡ଼େ; କିନ୍ତୁ ଭାବ ଅନୁଭବ କରିବାକୁ ପଡ଼େ, ଯେଉଁ ଭାବ ପାଠକଟି ଉପରେ ମଧ୍ୟ ସମପରିମାଣରେ ନିର୍ଭରଶୀଳ ।

**ନିହାର ଶତପଥୀ**

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୬୦୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୬୦୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି।

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
www.sahityacharcha.com/subscription

## 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର
୧୨. ଉଦୟନାଥ ସାହୁ

ପତ୍ରିକାର ଆଜୀବନ ସଦସ୍ୟ ହେବା ପାଇଁ ଇଚ୍ଛୁକ ପାଠକବନ୍ଧୁମାନେ 'ସାହିତ୍ୟ ଚର୍ଚ୍ଚା'ର ନିମ୍ନଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରିପାରନ୍ତି।

ମୋବାଇଲ୍:
**+91 9368772506**
ଲ୍ୟାଣ୍ଡଲାଇନ୍:
**0674-3552947**



ପ୍ରବନ୍ଧ

# ଆମ ଭାଷାର ଲକ୍ଷଣ ଓ ବିଡ଼ମ୍ବନା



ନଟବର ଶତପଥୀ

ଭାବ ବିନିମୟର ସହାୟକ ହେଉଛି ଭାଷା । ଯୋଗବଶିଷ୍ଠ କହିଲେ, 'ଆଗମାପାୟିନୋ ଭାବଃ' । ଭାବ ଆସେ ଓ ଯାଏ; ଉତ୍ପନ୍ନ ହୁଏ ଓ ନଷ୍ଟ ବି ହୁଏ । କିନ୍ତୁ ମନରେ ଭାଷାଟି ରହେ ଅମୂର୍ତ୍ତ । ଯେଉଁ ଅର୍ଥ (ବସ୍ତୁମୂଳକ) ହୃଦୟସ୍ପର୍ଶୀ, ତାହା ରସରୁ ଉତ୍ପନ୍ନ ହେବା କାରଣ ହେଉଛି ଭାବ । ସେହି ଭାବ ଶରୀରରେ ଏପରି ମାଡ଼ିଯାଏ, ଯେପରି ଶୁଖିଲା କାଠରେ ନିଆଁ ଧରେ । ଭରତମୁନି ରସ ନିଷ୍ପତ୍ତି ସଂପର୍କରେ ଏ କଥାଟି କହିବା ବେଳେ ଭାଷାର ଭାବଗଠନ ଭୂମିକା କଥା ଅନୁଭବ କରିଛନ୍ତି ।



ଭାବ ଆଦୌ ଚୁପ ରହିପାରେ ନାହିଁ; ଏ କଥା କବି କର୍ଣ୍ଣପୁର ଯେ କହିଥିଲେ, ତା'ର ମୂଳରେ ଅଛି ଭାବ ରୂପ ପରିଗ୍ରହ କରେ ଭାଷାରେ । ଏଥିପ୍ରତି ସେ ସଚେତନ । ଭାଷା ଆମକୁ ତିଆରେ, ଆମେ ଭାଷା ତିଆରି କରୁନାହୁଁ । ଏଣୁ ଭାଷା ହିଁ ଆକାର, ସଂକେତ, ଗତି, ଉଦ୍ୟମ, ଭାଷଣ ତଥା ନେତ୍ର ଓ ମୁଖର ବିକାରରୁ ମଣିଷର ଅନ୍ତର୍ମନ ପ୍ରକାଶ କରେ । ସେଦିନ ବିଷ୍ଣୁ ଶର୍ମା ଅବାଧ ରାଜପୁତ୍ରମାନଙ୍କୁ ଶିକ୍ଷା ଦେବା ଆଳରେ ଭାଷା ପ୍ରସଙ୍ଗ ଏହିପରି ଆରମ୍ଭକରି ମନର ଦୂଷିତାବସ୍ଥାର ସଂସ୍କାର କରିଥିଲେ । ମଣିଷର ଅନ୍ତର ଭିତରେ କି ଭାବ ଅଛି ତାହା ବିଷ୍ଣୁ ଶର୍ମାଙ୍କ ବକ୍ତବ୍ୟରେ ଫୁଟିଉଠିଛି । ଆକାର, ସଂକେତ, ଗତି, ଉଦ୍ୟମ, ଭାଷଣ ଏବଂ ନେତ୍ର ଓ ମୁଖ ବିକାର ଦେଖିଲେ କହୁଥିବା ଲୋକର ମନୋଭାବ ଜଣାପଡ଼ିଯାଏ । ଏଥିରୁ ବୁଝିବା କଷ୍ଟ ହେବନାହିଁ ଯେ ଉପର୍ଯ୍ୟୁକ୍ତ ସାତଟି ମାଧ୍ୟମ ହେଉଛି ଭାବର ମୂଳ ଭାଷା । ଏଇଥିପାଇଁ ଭାଷାବିତ୍‌ମାନେ କହନ୍ତି ଯେ, ଭାଷା ଆମକୁ ତିଆରି କରେ, ଆମେ ଭାଷା ତିଆରି କରିନାହୁଁ । ଭାଷା ହିଁ ସଂସ୍କୃତିର ଅଙ୍ଗ ଓ ତାର ବାହନ ମଧ୍ୟ । ଅର୍ଥାତ୍ ସଂସ୍କୃତି ଜନ୍ମଦିଏ ଭାଷା, ମାଆ ଓ ଝିଅ ଯଥାକ୍ରମେ । ସଂସ୍କୃତି ନାହିଁ ତ ନାହିଁ ଭାଷା ।

ଭାଷା ଭାବ ଗଢ଼େ, ବିନିମୟ କରେ । ଭାଷା ନଥିଲେ ଭଲ କି ମନ୍ଦ ବୁଝାପଡ଼ନ୍ତା ନାହିଁ, ଧର୍ମ କି ଅଧର୍ମ ବିଜ୍ଞପିତ ହୁଅନ୍ତା ନାହିଁ, ମନୋଜ୍ଞ ବା କୁତ୍ସିତ କିଛି ଫରକ ନଥାନ୍ତା । ମଣିଷ ଗୋଟିଏ ଚିନ୍ତାପ୍ରିୟ ପ୍ରାଣୀ, ଏହା ବୁଝିହୁଏ ତା'ର ଭାଷାରୁ । ସବୁ ଜୀବ ମଧ୍ୟରେ କେବଳ ଭାଷା ଅଛି ମଣିଷର । ଚିନ୍ତା କରିବା ଓ ଚିନ୍ତାର ବିଷୟ ପ୍ରକାଶ ପାଇଁ ସାମର୍ଥ୍ୟର ଯେଉଁ ବୁଦ୍ଧି ଦରକାର ହୁଏ, ତାହା ମିଳେ ଭାଷାରୁ । ଏଣୁ ଉପନିଷଦ କହିଲେ, ଭାଷା ଉପାସ୍ୟ, ତା'ର ଉପାସନା କର (ଛାନ୍ଦୋଗ୍ୟ, ୭/୨୧) । ଉପାସନାର ଅର୍ଥ ଭାବର ପ୍ରସାର, ବିସ୍ତାର ଓ ପ୍ରଚାର । ଗୋଟିଏ ଭୌଗୋଳିକ ପରିବେଶ ଓ ସାଂସ୍କୃତିକ ପରମ୍ପରା ମଧ୍ୟରେ ପାରମ୍ପରିକ ଅର୍ଥ ଅପରିବର୍ତ୍ତିତ ରହେ । ସେଇ ଅର୍ଥରେ ପ୍ରତ୍ୟେକ ଭାଷାଭାଷୀ ବସ୍ତୁ ଓ ତାର ଅର୍ଥର ଗୁରୁତ୍ୱ ବୁଝନ୍ତି ।

**ଶବ୍ଦର ମାହାତ୍ମ୍ୟ**

ପ୍ରତ୍ୟେକ ଭାଷାର ଶବ୍ଦ ହେଉଛି ଅର୍ଥ ପ୍ରକଟନର ମାଧ୍ୟମ; ମାତ୍ର କେତେଜଣ ଜାଣନ୍ତି, ଶବ୍ଦ ପଛରେ ଥାଏ ଗୋଟିଏ ବସ୍ତୁ । କାଠ ଗୋଟିଏ ବସ୍ତୁ, ପ୍ରେମ ଓ ଶ୍ରଦ୍ଧା ମଧ୍ୟ ବସ୍ତୁ । କାଠକୁ ଆମେ ଗୋଟିଏ ନିର୍ଦ୍ଦିଷ୍ଟ ରୂପରେ ଦେଖୁ । ପ୍ରେମ ଦେଖିହୁଏ ନାହିଁ । ଉପଲବ୍ଧି କରିହୁଏ । ହେଲେ ବି ତାହା ବସ୍ତୁ; ଚିନ୍ତା ଓ ଉପଲବ୍ଧି କ୍ଷେତ୍ରର ବସ୍ତୁ । ପ୍ରତ୍ୟେକ ବସ୍ତୁର ଥାଏ ଅନ୍ୟୂନ ପାଞ୍ଚଟି ଅବସ୍ଥା; ଯଥା: ଅସ୍ତି, ଭାତି,

ରୂପ, ଗୁଣ ଓ ନାମ । (୧) ଅସ୍ତି ହେଉଛି ବସ୍ତୁର ବିଦ୍ୟମାନତା, ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଥାଏ, ଯେପରି ପାହାଡ଼, ଗଛ, ଆକାଶ – ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଅବସ୍ଥିତ । ସେହିପରି ଅଛି । (୨) ଭାତି – ଅର୍ଥାତ୍ ପ୍ରକାଶମାନ ରୂପ, ଏକ ନିର୍ଦ୍ଦିଷ୍ଟ ଅଙ୍ଗ ଓ ତାର ଆକାର । (୩)ରୂପ – ବସ୍ତୁଟିର ଚିହ୍ନଗତ ବା ପରିଚୟଗତ ଅବୟବ । ଯେପରି ଗଛ ମଧ୍ୟରେ ସବୁ ଗଛ ସମାନ ନୁହେଁ, ବରଗଛ, ଆମ୍ବଗଛ, ଓସ୍ତଗଛ – ସବୁତ ଗଛ; ହେଲେ ଭିନ୍ନ ଭିନ୍ନ । (୪) ଗୁଣ – ପ୍ରତ୍ୟେକ ବସ୍ତୁ ଗୁଣରେ ଅନ୍ୟ ବସ୍ତୁଠାରୁ ସ୍ୱତନ୍ତ୍ର । ଖଣ୍ଡିଏ ପଥର ମୁଣ୍ଡ ଫଟାଇପାରେ । ସେହି ଆକାର ଫୁଲଟିଏ ଶ୍ରଦ୍ଧା ସମ୍ମାନ ଦେଇ ନିବେଦନ କରେ ପ୍ରେମ, ସହାନୁଭୂତି । (୫) ନାମ – ପୂର୍ବୋକ୍ତ ଚାରିଗୋଟି ବିଷୟରେ ପାର୍ଥକ୍ୟ ହେତୁ ବସ୍ତୁଟିର ଭିନ୍ନ ଏକ ନାମ ହୁଏ ଆବଶ୍ୟକ ଓ ସେହି ନାମରେ ତାର ପରିଚୟ ଭାଷାଭାଷୀଙ୍କ ମଧ୍ୟରେ ପ୍ରତିଷ୍ଠା ଲାଭକରେ । ଏହି ପ୍ରତ୍ୟେକ ପାଞ୍ଚଟି ସ୍ତରରେ ଭାଷାର ସାମର୍ଥ୍ୟ ଓ ତା'ର ବ୍ୟବହାର ଗୋଟିଏ ଭାଷିକ ସଂପ୍ରଦାୟ ପାଇଁ ସମାନ – ଅର୍ଥ ପ୍ରକଟ କରିବା ଓ ପ୍ରକଟିତ ଅର୍ଥ ବ୍ୟବହୃତ ହେବା ।

**ଜ୍ଞାନର ଭଣ୍ଡାରରୁ ଆମେ ଭାଷାକୁ ଅଲଗା କରିପାରିବା ନାହିଁ । ଯଦି ଅଲଗା କରୁ, ଦେଖାଯିବ ଜ୍ଞାନ ଘରଟି ଶୂନ୍ୟ ।**

ମଣିଷର ଜ୍ଞାନର ଭଣ୍ଡାର ଯଥାର୍ଥରେ ଭାଷାର ଭଣ୍ଡାର । ଜ୍ଞାନ ଯେତେ ବିଚିତ୍ର ଓ ସମୃଦ୍ଧ, ଭାଷା ତଦନୁରୂପୀ । ସେହି ଜ୍ଞାନର ଭଣ୍ଡାରରୁ ଆମେ ଭାଷାକୁ ଅଲଗା କରିପାରିବା ନାହିଁ । ଯଦି ଅଲଗା କରୁ, ଦେଖାଯିବ ଜ୍ଞାନ ଘରଟି ଶୂନ୍ୟ । ଜ୍ଞାନର ମୂଳଗୁଣ ଭାଷାର ଅବୟବ ଭିତରେ ବନ୍ଦି ଥିବାରୁ ଭାଷାର ଅବର୍ତ୍ତମାନତାରେ ଜ୍ଞାନର ଅବସ୍ଥିତି ବା ପ୍ରଦର୍ଶନଯୋଗ୍ୟ ଶକ୍ତି ହେବ ଶୂନ୍ୟ । ଏଥିରୁ ଆମେ ବୁଝିବା ଭାଷା ଓ ଜ୍ଞାନ ଆତ୍ମଜ । ସ୍ୱତନ୍ତ୍ର ନୁହେଁ । ଜ୍ଞାନର ସ୍ୱତନ୍ତ୍ର ଅବସ୍ଥିତି ନଥିବା ବେଳେ ଭାଷା ହିଁ ହୁଏ ଜ୍ଞାନର ଭୂଷଣ । ଅର୍ଥାତ ଉଭୟ ସହୋଦର, ଏକକାଳୀକ ।

## ଭାଷାର ପ୍ରବୃତ୍ତି

ଭାଷାର ଏଇ ପ୍ରରୂପ ଆଧାରରେ ଆମେ ଆମ ଭାଷା ଓଡ଼ିଆର କେତେକ ପ୍ରବୃତ୍ତି ବା ଲକ୍ଷଣ ବିଷୟରେ ବିଚାର କରିବା । କୁହାଯାଏ, ଓଡ଼ିଆ ଭାଷା ସଂସ୍କୃତରୁ ଜନ୍ମ । ଅର୍ଥାତ୍ ସଂସ୍କୃତ ମାଆ; ଓଡ଼ିଆ ତାର ଝିଅ । କଥାଟି ଅର୍ଦ୍ଧ ସତ୍ୟ । ଏକ ସମୟରେ ଅଗ୍ରସ୍ଥାନୀୟ ଭାଷାତତ୍ତ୍ୱବିଦ୍ ପଣ୍ଡିତ ଗୋପୀନାଥ ନନ୍ଦ ଲେଖିଛନ୍ତି, "ଓଡ଼ିଆ ଦ୍ୱୈମାତୁର" ଅର୍ଥାତ ଦୁଇଟି ମାଆ ଓଡ଼ିଆ ଭାଷାର । ଦୂରତମ ମାଆ ସଂସ୍କୃତ ଓ ନିକଟସ୍ଥ ପ୍ରାକୃତ । କଥାଟି ଇତିହାସର ଏକ ଅଂଶ । ସଂସ୍କୃତ ଓ ପ୍ରାକୃତ ଭାଷାକୁ ଗୋଟିଏ ପାଖରେ ରଖି ବିଚାର କଲେ ଆମେ ଜାଣିପାରିବା ହଜାରରୁ ଊର୍ଦ୍ଧ୍ୱ ବର୍ଷ ତଳେ ଓଡ଼ିଶାରେ କି ଭାଷା ପ୍ରଚଳିତ ଥିଲା ? ସାଂପ୍ରତିକ ଭାଷାର ଇତିହାସ ୯ମ/୧୦ମ ଶତକରୁ ଆଲୋଚନା ହେଉଛି । ପ୍ରଶ୍ନ ହେବ ୯ମ/୧୦ମ ଶତକ ପୂର୍ବରୁ ଓଡ଼ିଶାରେ କ'ଣ ଭାଷା ନଥିଲା ? ଅର୍ଥାତ ଜନବସତି ନଥିଲା ? ଏହା ଇତିହାସର ସତ୍ୟ ନୁହେଁ । ଓଡ଼ିଶା ଭୂଇଁ ପ୍ରାଗୈତିହାସିକ ଭୂଖଣ୍ଡ । ସେ କାଳରେ ଲୋକେ କି ଭାଷା କହୁଥିଲେ ? ସେମାନଙ୍କ ପରିଚୟ କ'ଣ ? ଏହିସବୁ ପ୍ରଶ୍ନର ତତ୍କାଳର ଇତିହାସରୁ ଉତ୍ତର ମିଳିବ । ପ୍ରାଚୀନ ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଅଞ୍ଚଳରେ ପ୍ରାଗ୍ ଐତିହାସିକ ମଣିଷର ପ୍ରତ୍ନ ଲକ୍ଷଣ ଓ ବ୍ୟବହୃତ ପଥର କୁରାଢ଼ି ସଂକେତ ବହନ କରେ ଇତିହାସର । ଓଡ଼ିଆ ଭାଷାର ଶାସ୍ତ୍ରୀୟତା ପାଇଁ କାମ କରିବା ବେଳେ ଭାଷାର ପ୍ରାଚୀନତାର ପ୍ରତ୍ନତାତ୍ତ୍ୱିକ ଲକ୍ଷଣ ଆଲୋଚନା ପରିସରକୁ ଆସିଥିଲା । ଆମର ଦୁର୍ଭାଗ୍ୟ ଯେ, ଓଡ଼ିଶାର ବିଦ୍ୱଜ୍ଜନ ଗବେଷଣା ପ୍ରିୟ ନୁହନ୍ତି । ଖୁବ୍ ଅଳ୍ପ ଲୋକ ଏ ଦିଗରେ ମନ ବଳାନ୍ତି । ଶତକଡ଼ା ୮୦ ଭାଗ ଲୋକ ଭାଷା ବିଷୟରେ ସଚେତନ ନୁହନ୍ତି । ଯୁକ୍ତଦୁଇ ପାଠ ପରେ କଲେଜ ପଢୁଆ ପିଲାମାନେ ଓଡ଼ିଆ ପଢ଼ନ୍ତି ନାହିଁ । ସେମାନେ ସବୁ ଯେ ଇଂରାଜୀ ଭାଷାରେ ପ୍ରବୀଣ, ତାହା ମଧ୍ୟ ନୁହେଁ । ଉଚ୍ଚତର ଶିକ୍ଷା ବିପର୍ଯ୍ୟସ୍ତ । କଲେଜ, ବିଶ୍ୱବିଦ୍ୟାଳୟରେ ପ୍ରଦତ୍ତ ଶିକ୍ଷା ଶୋଚନୀୟ । ଛାତ୍ରଛାତ୍ରୀ ନିଜ ଉଦ୍ୟମରେ କୃତିତ୍ୱ ହାସଲ କରନ୍ତି, ଆନୁଷ୍ଠାନିକ ଶିକ୍ଷା ସେମାନଙ୍କ ପାଇଁ ହୁଏ ମୂଲ୍ୟହୀନ ।

ଏହି ପ୍ରସଙ୍ଗରେ କଥାଟିଏ ମନେପଡୁଛି । ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ରେ ସ୍ଥାପିତ ହେଲା । ୧୯୬୭ ଯାଏଁ ଏଠାରେ ଓଡ଼ିଆ ପଢ଼ିବାର ସୁଯୋଗ ନଥିଲା । ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ଜାକିର ହୋସେନ ଏ ନେଇ ଦୁଃଖ ପ୍ରକଟ କରନ୍ତେ, ୧୯୬୭ରେ ଓଡ଼ିଆରେ ଏମ.ଏ. ଶ୍ରେଣୀ ଆରମ୍ଭ

ହେଲା । ଅନୁରୂପ ଭାବେ ସର୍ବପ୍ରାଚୀନ କଲେଜ ‘ରେଭେନ୍ସା’ରେ ପୂର୍ବରୁ ଇଂରାଜୀ ପାଠପଢ଼ାରେ ଏମ.ଏ. ଖୋଲିଥିଲେ ମଧ୍ୟ ୧୯୪୬ ମସିହାରେ ଓଡ଼ିଆ ଏମ.ଏ. ଖୋଲିଲା । ଓଡ଼ିଶାର ଏହି ଦୁଇ ପ୍ରାଚୀନତମ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଆ ଭାଷାକୁ କିପରି ନ୍ୟୁନକରି ଦେଖାଯାଇଛି ଜଣାପଡ଼େ । ଆମେ ‘ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା’ ନାମକ ଗୋଟିଏ ଘରୋଇ ଅନୁଷ୍ଠାନ ଗଢ଼ି ତା’ ମାଧ୍ୟମରେ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇଁ ନଥିପତ୍ର ପ୍ରସ୍ତୁତ କରିଲୁ ଓ ସେଥିରେ ସଫଳ ହେଲୁ । ଏହାସହିତ ଓଡ଼ିଆ ଭାଷାରେ ଇଂଜିନିୟରିଂ ପାଠପଢ଼ା ହେବା ପାଇଁ ଇଂରାଜୀରୁ ଓଡ଼ିଆରେ ଅନୁବାଦ କରି ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବହି ପ୍ରକାଶ କରିଛୁ । ଇଂଜିନିୟରିଂ ଗ୍ଲସରି ମଧ୍ୟ ପ୍ରସ୍ତୁତ କରିଛୁ ।




## ଏକମାତ୍ର ରାଜ୍ୟ

ଭାରତବର୍ଷରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ମାତୃଭାଷାରେ ଶାସନ ଚାଲେନାହିଁ । ଏହା ଅସାମ୍ବିଧାନିକ । ଶାସନର ପ୍ରଥମ ଲକ୍ଷ୍ୟ ରାଜ୍ୟର ଭାଷାକୁ ଶାସନ, ସଂସ୍କୃତି, ନ୍ୟାୟ ଓ ଗଣମାଧ୍ୟମର ଭାଷା ରୂପେ ଗ୍ରହଣ କରିବା ଓ ତାର ବିକାଶ କରିବା । ଓଡ଼ିଶା ସରକାର ଏ ଦିଗରେ ବହୁ ପଛରେ । ଫଳରେ ଏଇଠି ଅମଲା ଶାସନ ଚାଲିଛି । ଗଣତନ୍ତ୍ରର ବା ଲୋକର ଶାସନ ଚାଲିନାହିଁ । ଓଡ଼ିଶାର ସବୁ ସହର ମନେହେବ କେଉଁ ବିଦେଶୀ ମାଟିର । ଶାସନ ଓ ସଂସ୍କୃତିର କେନ୍ଦ୍ରବିନ୍ଦୁ ଭୁବନେଶ୍ୱର ଓ ପ୍ରାଚୀନ ନଗର କେନ୍ଦ୍ର କଟକ ଦେଖିଲେ ମନେହେବ ଏ ଦୁଇ ନଗର କେଉଁ ବିଦେଶୀ ସଭ୍ୟତା ଓ ସଂସ୍କୃତିର ପ୍ରତିନିଧି । ଯଦି ଆମ ଗଣତାନ୍ତ୍ରିକ ମୂଲ୍ୟବୋଧ ଆମ ମାଟିର ଛବି ଓ ସଂସ୍କୃତିର ପ୍ରତିନିଧିତ୍ୱ କରନ୍ତି ନାହିଁ, ତେବେ ଆମେ କି ଆଶା କରିବା ଯେ, ଆମ ଆଖିରେ ପଡୁଥିବା ସକଳ ବ୍ୟବସ୍ଥା ଆମର ବୋଲି ? ୮୦ ବର୍ଷର ଗଣତାନ୍ତ୍ରିକ ବ୍ୟବସ୍ଥା ରାଜନୀତି ଓ ଅମଲାତନ୍ତ୍ରର ସ୍ୱାର୍ଥ ସିନା ପାଳନ କରିଛି, ମାଟିର ଇତିହାସ ଓ ମର୍ଯ୍ୟାଦାର ପୃଷ୍ଟପୋଷକତା କରିନାହିଁ । ଏ ଦୁଃଖ ବୁଝିବା ପାଇଁ ଓଡ଼ିଆ କାହାନ୍ତି ?

## ଏକ ସବଳ ଭାଷା

ଅପରପକ୍ଷରେ ଓଡ଼ିଆ ଭାଷା ସଂସ୍କୃତମୁକ୍ତ ଏକ ବଳଶାଳୀ ଭାଷା । ଏହାର ବ୍ୟାକରଣ ସ୍ୱତନ୍ତ୍ର । ଏହା ଶିକ୍ଷିତ ଓଡ଼ିଆ ଏପରିକି ଓଡ଼ିଆ ବିଶାରଦ ଅଧ୍ୟାପକ, ଲେଖକ, ପତ୍ରପତ୍ରିକାର ସଂପାଦକ ବୁଝନ୍ତି ନାହିଁ । କିଛିବର୍ଷ ପୂର୍ବରୁ ଓଡ଼ିଆରେ ମାସିକ ସାହିତ୍ୟ ପତ୍ରିକା ଅନେକ ପ୍ରକାଶ ପାଉଥିଲା, ଏବେ ତାହା ହାତଗଣତି । ଆମେ ଗର୍ବ କରୁଛୁ ଯେ, ଆମର ଉଚ୍ଚଶିକ୍ଷାର ପ୍ରଗତି ହେଉଛି, ବିଶ୍ୱବିଦ୍ୟାଳୟ ସଂଖ୍ୟା ୩୦ରୁ ଅଧିକ । କିନ୍ତୁ ପ୍ରଶ୍ନ ହୁଏ, ଏଇଠୁ ବାହାରୁଥିବା ନୂଆପିଢ଼ି କେତେ ଧୁରୀଣ, କେତେ ସ୍ୱଦେଶ/ ରାଜ୍ୟର ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ଶ୍ରଦ୍ଧାବାନ ? ଏ ହିସାବ ଆମର ପ୍ରତିନିଧି / ବିଦ୍ୱାନମାନେ କେବେ କରିଛନ୍ତି କି, ନା ବ୍ୟବସ୍ଥା ପାଖରେ ପ୍ରଶ୍ନ କରିଛନ୍ତି କି ?

ପ୍ରସଙ୍ଗକ୍ରମେ ସହୃଦୟ ପାଠକମାନଙ୍କ ପାଇଁ ଓଡ଼ିଆ ଭାଷାର କେତେ ମୌଳିକ ଲକ୍ଷଣ ଉପସ୍ଥାପନ କରିବାକୁ ଉଚିତ ମଣୁଛି ।

୧. ଓଡ଼ିଆ ଏକ ସ୍ୱରାନ୍ତ ଭାଷା । ଅର୍ଥାତ୍ ପଦର ଶେଷବର୍ଣ୍ଣ/ ଧ୍ୱନିରେ ହଳନ୍ତ ( ୍ ) ଯୁକ୍ତ ହୁଏନାହିଁ । ମୁଁ ଭାତଖାଏ, ଭାତ୍ ଭୁଲ । କୌଣସି ପଦ / ଶବ୍ଦର ଅନ୍ତିମ ସ୍ୱର ହ୍ରସ୍ୱ ହୁଏନାହିଁ । ମଧ୍ୟ ସ୍ୱରରେ ହ୍ରସ୍ୱ ହୁଏ ବା ହଳନ୍ତ ଯୋଗହୁଏ । ଧିକ୍, ଉଚିତ୍, କମ୍, ଚମତ୍କାର୍, ଅଧିକ୍ ପରି ଶବ୍ଦ ବା ପଦ ଭୁଲ । ମଧ୍ୟବର୍ଗ ହଳନ୍ତ ଯୁକ୍ତହୁଏ, ଯଥା: ଉଦ୍‌ଭବ, ଉତ୍‌କ୍ରାନ୍ତି, ଉନ୍ମାଦନା, ଚମତ୍କାର ।

୨. ଲିଙ୍ଗ ପରିବର୍ତ୍ତନରେ ବିଶେଷଣରେ ପରିବର୍ତ୍ତନ ହୁଏନାହିଁ । ଯଥା: ସୁନ୍ଦର ବାଳକ, ସୁନ୍ଦର ବାଳିକା (ସୁନ୍ଦରୀ ନୁହେଁ), (ସଂସ୍କୃତରେ ରାଜା କ୍ରୁଦ୍ଧ ହେଲେ,

ରାଣୀ କୁବ୍ଜା ହେଲେ) । ଭାଷାର ଏହି ଲକ୍ଷଣ / ବିଶେଷତ୍ୱ ନ ବୁଝି ସଂସ୍କୃତ ପଣ୍ଡିତମାନଙ୍କ ଅନଭିଜ୍ଞତାର ଦାୟରେ ଓଡ଼ିଆ ଭାଷାକୁ ବିକୃତ କରୁଛନ୍ତି । ବହୁ ନଜିର ଅଛି । ଓଡ଼ିଆରେ ପ୍ରାକୃତିକ ଲିଙ୍ଗ ଅଛି, ବ୍ୟାକରଣିକ ଲିଙ୍ଗ ନାହିଁ ।

୩. ଓଡ଼ିଆ ବିଶେଷ୍ୟ ପଦର ଏକବଚନ ଓ ବହୁବଚନ ଅଛି । ଦ୍ୱିବଚନ ନାହିଁ । ଅଛି ଦ୍ୱିବଚନ ସୂଚକ ଶବ୍ଦ - ଯେପରି ବେନି (ବେନିଜନେ ପଡ଼ିଛି ଏକଦଶା) । ହଳେ (ହଳେ ବଳଦର ଚାଷ, ବେନି ବଳଦର ଚାଷ ନୁହେଁ) । ଯୋଡ଼ି (ଆସ ଆସ ପାରା ଯୋଡ଼ିକ - ହଳେ ପାରା ନୁହେଁ । ମୁଠାଏ (ମାଆ, ଭାତ ମୁଠାଏ ଦିଅ - ମୁଠିଏ ନୁହେଁ) ।

୪. ଓଡ଼ିଆରେ ଦୀର୍ଘ ଉଚ୍ଚାରଣ (ଉତ୍-ଚାରଣ, ଉଚ୍ଚାରଣ ନୁହେଁ) ନାହିଁ । ଯଥା: ଦୀନ / ଦିନ, କୂଳ / କୁଳ, ଭାଇ/ଗାଇ (ଲେଖାରେ ଅଛି) ।

୫. ଶ, ଷ, ସ ଲିଖିତ ରୂପ ଅଛି । ଉଚ୍ଚାରଣରେ ସ୍ୱାତନ୍ତ୍ୟ ନାହିଁ । ତେବେ ଓଡ଼ିଆ 'ସ' ପ୍ରଧାନ ଭାଷା, ଆମ ଅଭିଧାନରେ 'ସ' ମୂଳ ଶବ୍ଦ ସଂଖ୍ୟା ସର୍ବାଧିକ । (ବଙ୍ଗଳା 'ଶ' ପ୍ରଧାନ) ।

୬. ଓଡ଼ିଆର ଏକ ପ୍ରଧାନ ଲକ୍ଷଣ 'ଳ' ('ଲ'ଠାରୁ ସ୍ୱତନ୍ତ୍ର) ଉଚ୍ଚାରଣ । ସଂସ୍କୃତରେ 'ଳ' ଧ୍ୱନି ନାହିଁ ।

୭. ଦ୍ୱିସ୍ୱରଧ୍ୱନି ଯଥା: ଐ, ଔ ଏକକ ଭାବେ ପୁଣି ଆବଶ୍ୟକତା ବେଳେ ଭିନ୍ନ ଭିନ୍ନ କରି ଉଚ୍ଚାରଣ କରାଯାଏ । ଯେପରି ଦୈବ - ଦଇବ, ତୈଳ - ତଇଳ, ବୈଦ - ବଇଦ, ମୌନ - ମଉନ । କେହି କେହି ଏହି ଶବ୍ଦ ବା ଉଚ୍ଚାରଣକୁ ଯଥାକ୍ରମେ ଗଦ୍ୟ ଓ ପଦ୍ୟର ଭାଷା କହିଥାନ୍ତି ।

୮. ଜ ଓ ଯ ମଧ୍ୟରେ ନାହିଁ ଉଚ୍ଚାରଣ ଭେଦ - ଜୀବ / ଯିବ, ହିନ୍ଦୀ ପରି ଯ' ୟ ଉଚ୍ଚାରିତ ହୁଏନାହିଁ । ଯମ - ୟମ, ଜନ୍ତୁ - ୟନ୍ତୁ ହୁଏନାହିଁ ।

୯. ପୁନରୁକ୍ତିମୂଳକ ଶବ୍ଦର ଧ୍ୱନିତାତ୍ତ୍ୱିକ ଚମତ୍କାରିତା ଦେଖାଯାଏ - ଅଧାଅଧି, କୁନ୍ତୁକୁନ୍ତୁ, ଖାଁଖାଁ, ଖସଖସ, କୁହାବୋଲା, ଗହଳଚହଳ, ଖାଲଖମା, ଗଲାଆଇଲା, ଛାଇଛାଇ, ଛାଇଅନ୍ଧାର, ଝଗଡ଼ାଝଗଡ଼ି, ଝଟଝାଟ, ଠକଠକ, ଠାଠା, ଠୋଠୋ, ଠାଉଁଠାଉଁ, ସାଇଁଠାଇଁ । ଏପରି ଶବ୍ଦ ସମୂହର କେତେକ ଧ୍ୱନି ନିରର୍ଥକ ହୋଇପାରେ, ମାତ୍ର ଭାଷାର ସାଦୃଶ୍ୟମୂଳକ ଧ୍ୱନି ସୃଷ୍ଟିର ବିଶେଷତ୍ୱ ରହିଛି ।

୧୦. ଓଡ଼ିଆ ବହୁବଚନ ପ୍ରତ୍ୟୟ 'ମାନେ' ସମଗ୍ର ଭାଷା ଜଗତରେ ବିସ୍ମୟ । ଭାଷାବିତ୍ ଗ୍ରିୟରସେନ '*ଲାଙ୍ଗୁଏଜ୍ ସର୍ଭେ ଅଫ୍ ଇଣ୍ଡିଆ*'ରେ ଏହାର ବିଶେଷତ୍ୱ ଦର୍ଶାଇ ଭାରତୀୟ ଅନ୍ୟ ଭାଷାରେ ଏପରି ସ୍ୱାତନ୍ତ୍ୟ ନାହିଁ ବୋଲି କହିଛନ୍ତି (ଅଧିକ ଜାଣିବା ପାଇଁ ଦେଖନ୍ତୁ 'ଶବ୍ଦସିନ୍ଧୁ') ।

୧୧. ଓଡ଼ିଆରେ ଅସମାପିକା କ୍ରିୟା ମାତ୍ର ସାତଟି - ଆ- କଥା ଧରାପଡ଼ିଲା; ଅନ୍ତେ - ଖାଆନ୍ତେ ଜାଣିଲା; ଇ- କଥାଯାଇ କୋଉଠି ଉଠିଲାଣି; ଇବା- ଖାଇବାରୁ ଜାଣିଲା; ଇଲେ- କହିଲେ କହିବ । ଉ-କହୁକହୁ ଝୁଣ୍ଟିଲା, ଉଣୁ- ନ ଦେଖୁଣୁ ଉଚ୍ଛନ୍ନ ।

**ଓଡ଼ିଆ ଏକ ରକ୍ଷଣଶୀଳ କିନ୍ତୁ ନମନୀୟ, ନିୟମାବଦ୍ଧ ଭାଷା । ଏହାର ସାହିତ୍ୟିକ ରୂପ ଅଜ୍ଞତାବଶତଃ ମଳିନ ପଡ଼ିଯାଉଛି ।**

୧୨. ଓଡ଼ିଆରେ ଯେପରି ଲେଖାଯାଏ, ସେପରି ଉଚ୍ଚାରିତ ହୁଏ । ମଧ୍ୟମ ବା ଆଗମ ଧ୍ୱନି ଉଚ୍ଚାରଣରେ ମିଶେନାହିଁ ।

୧୩. ଗୋଟିଏ ଓଡ଼ିଆ କ୍ରିୟାପଦର ପୁରୁଷ, ବଚନ ଓ କାଳ ଭେଦରେ (୩x୨=୬) ଓ ଧାତୁର ୧୫ଟି ରୂପରୁ x୬= ୯୦ ପ୍ରକାର କ୍ରିୟା ରୂପ ହୋଇପାରେ ।

୧୪. ଓଡ଼ିଆ ଏକ ରକ୍ଷଣଶୀଳ କିନ୍ତୁ ନମନୀୟ, ନିୟମାବଦ୍ଧ ଭାଷା । ଏହାର ସାହିତ୍ୟିକ ରୂପ ଅଜ୍ଞତାବଶତଃ ମଳିନ ପଡ଼ିଯାଉଛି । ଓଡ଼ିଆରେ ବିସର୍ଗ ବ୍ୟବହାର ନାହିଁ । ଉଚ୍ଚାରଣରେ ଦୀର୍ଘତା ନଥିବାରୁ ସଂସ୍କୃତାଗତ ଶବ୍ଦସମୂହ ହ୍ରସ୍ୱ ହେବା ଉଚିତ - ଯଥା: ବାଛୁରି, ପୋଖରି, ପାଚେରି, ଦାଗି, ବିଲାତି, ନକଲି, ଖିଳ, ଅଖିଳ, କିରାଣି ।


୧୫. ତତ୍ସମ ବା ସଂସ୍କୃତ ଶବ୍ଦ ରେଫ୍ ଯୁକ୍ତ ହେଲେ ବର୍ଣ ଦ୍ୱିତ୍ୱ ହୁଏନାହିଁ - ଯଥା: ବର୍ଣ, ବର୍ଣ୍ଣ ନୁହେଁ; କର୍ଣ,

କର୍ଣ୍ଣ ନୁହେଁ, ଖର୍ଚ, ଖର୍ଚ୍ଚ ନୁହେଁ, ଉତ୍ତୀର୍ଣ, ଉତ୍ତୀର୍ଣ୍ଣ ନୁହେଁ । ଚ, ଛ, ଜ, ଣ, ତ, ଦ, ଧ ଆଦି ବର୍ଣ ସାଧାରଣତ ଦ୍ୱିତ୍ୱ ହେଉଥିବାରୁ ସେଥିରେ ରେଫ୍ ( ) ଯୁକ୍ତ ନିଷେଧ । ଯେପରି ଖର୍ଚ୍ଚ, ମୂର୍ଚ୍ଛା, ଅର୍ଜ୍ଜୁନ, ବର୍ଣ୍ଣ, ବାର୍ତ୍ତା, ନିର୍ଦ୍ଧନ, କର୍ଦ୍ଦମ ପ୍ରଭୃତି ଶବ୍ଦ ଏହି ନିୟମରେ ତ୍ରୁଟି । ଏଣୁ ଏଗୁଡ଼ିକ ଏହିପରି ହେବ । ଯଥା: ଖର୍ଚ, ମୂର୍ଛା, ଅର୍ଜୁନ, କର୍ଣ, ବାର୍ତା, ନିର୍ଧନ, କର୍ଦମ । ଏହି ନିୟମ ସଂସ୍କୃତାଗତ । ଏହି ଦୃଷ୍ଟିରୁ ଦେଖିଲେ ସଂସ୍କୃତ ପରି ଓଡ଼ିଆ ପରଂପରାଶ୍ରୟୀ, ମାତ୍ର ବହୁ ସ୍ଥଳରେ ସଂସ୍କୃତରୁ ବିଚ୍ୟୁତ ।

ଓଡ଼ିଆରେ ସ୍ୱତନ୍ତ୍ର ବା ମୌଳିକ ବ୍ୟାକରଣ ଲେଖା ହୋଇନାହିଁ । କାର୍ଯ୍ୟତ, ଓଡ଼ିଆମାନେ ସଂସ୍କୃତକୁ ମାନ୍ୟ ବା ଆଦର୍ଶ ମନେକରି ଓଡ଼ିଆ ଭାଷାର ଅଶେଷ କ୍ଷତି ସାଧନ କରୁଛନ୍ତି । ପଣ୍ଡିତ ସ୍ୱର୍ଗତ ନନ୍ଦଙ୍କର 'ଭାଷାତତ୍ତ୍ୱ' ଏବଂ ପ୍ରଫେସର ସ୍ୱର୍ଗତ ଖଗେଶ୍ୱର ମହାପାତ୍ରଙ୍କର 'ଓଡ଼ିଆ ଲିପି ଓ ଭାଷା' ଅନ୍ତର୍ଗତ ବ୍ୟାକରଣିକ ଆଲୋଚନା ଆମ ପାଇଁ ବହୁ ସହାୟକ । ଅନ୍ୟଥା ଅନଭିଜ୍ଞ ବହୁ ଅଧ୍ୟାପକ ବଜାର ଚାହିଦା ପୂରଣ ପାଇଁ ଯାହା ବ୍ୟାକରଣ ଲେଖିଛନ୍ତି, ସେଗୁଡ଼ିକ ଭାଷାର ହତ୍ୟାକାରୀ ।

□□

ଲେଖକଙ୍କ ଇ-ମେଲ ଠିକଣା:
prof.satapathy@gmail.com




**ପୃଷ୍ଠା: ୫୪୪ ମୂଲ୍ୟ: ୪୦୦ଟଙ୍କା**
**ସମ୍ପାଦକ: ପୀତବାସ ରାଉତରାୟ**
**ପ୍ରଚ୍ଛଦ ଓ ଅଳଙ୍କରଣ: ବଳଦେବ ମହାରଥା**
**ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ, ଭୁବନେଶ୍ୱର**
**ଫୋନ୍: ୯୪୩୭୫୭୪୬୪୯**

*ପଢ଼ନ୍ତୁ !*

## ଅମୃତପୁରୁଷ ଶ୍ରୀଜଗନ୍ନାଥ

ଚଳିତ ବର୍ଷ ରଥଯାତ୍ରା ଉପଲକ୍ଷେ ଶ୍ରୀ ପୀତବାସ ରାଉତରାୟଙ୍କ ଦ୍ୱାରା ସମ୍ପାଦିତ ହୋଇ ପ୍ରକାଶ ପାଇଥିବା ପୁସ୍ତକ 'ଅମୃତ ପୁରୁଷ ଶ୍ରୀଜଗନ୍ନାଥ'ରେ ସ୍ଥାନ ପାଇଛି ୧୦୦ ରୁ ଉର୍ଦ୍ଧ୍ୱ ରଚନା । ଏହି ସଂଖ୍ୟାର ବିଶେଷ ଆକର୍ଷଣ ହେଲା ଶ୍ରୀମନ୍ଦିରରେ ନିଯୁକ୍ତ ଶ୍ରୀଜଗନ୍ନାଥଙ୍କ ୨୭ଜଣ ସେବାୟତଙ୍କ ଅନ୍ତରଙ୍ଗ ଅନୁଭୂତି, ୩୦ ଜଣ ଅନନ୍ୟ ଭକ୍ତଙ୍କ ଅନୁଭବ ଓ ଅନୁଭୂତି, ୩ ଜଣ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଓଡ଼ିଆ ପ୍ରତିଭାଙ୍କ ସହ ସାକ୍ଷାତକାର, ୭ ଜଣ ଜାତୀୟ ଓ ପ୍ରାଦେଶିକ ସ୍ତରରେ ପୁରସ୍କୃତ ପ୍ରତିଭାଙ୍କ ଜୀବନ କଥା, ପଦ୍ମଶ୍ରୀ ରଜତ କରଙ୍କ ଏକ ଅପ୍ରକାଶିତ ରଚନା, ଜନ୍ମ ଶତବାର୍ଷିକୀ ସାହିତ୍ୟିକା ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଶ୍ରୀଜଗନ୍ନାଥଙ୍କୁ ନେଇ ରଚନା, ଦୁଇ ଜଣ ଶ୍ରୀମନ୍ଦିର ପ୍ରାକ୍ତନ ପ୍ରଶାସକଙ୍କ ଅନୁଭୂତି, ଦୁଇଟି ମଠର ଚମକପ୍ରଦ କାହାଣୀ, ୪ଜଣ ଖବରକାଗଜ ଓ ପତ୍ରିକା ସମ୍ପାଦକଙ୍କ ମନୋଜ୍ଞ ରଚନା, ଶ୍ରୀଜଗନ୍ନାଥ କୈନ୍ଦ୍ରିକ ୫ଟି ମନୋଜ୍ଞ ଗଳ୍ପ, ୫ଟି ଚିନ୍ତାଶୀଳ ପ୍ରବନ୍ଧ ଓ ୧୨ଟି କବିତା, ଦୁଇଟି ବିରଳ ପୁସ୍ତକ ପ୍ରକାଶନରେ ଶ୍ରୀଜଗନ୍ନାଥଙ୍କ ଅମୃତ ସ୍ପର୍ଶର କାହାଣୀ ଓ ପ୍ରଥମ ଥର ପାଇଁ ଭୁବନେଶ୍ୱରରୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ପାଇଁ ବଉଳ ଗଛ ନିର୍ବାଚନର ପ୍ରଚ୍ଛଦ କାହାଣୀ । ଏହା ସହିତ ରହିଛି ଶ୍ରୀ ଜଗନ୍ନାଥଙ୍କ ଗୁପ୍ତ ଲୀଳାକ୍ଷେତ୍ର ମାରଦାରେ ଚିତ୍ରଶିଳ୍ପୀ ଶିବିରରେ ଅଙ୍କାଯାଇଥିବା ୨୦ଟି ଚିତ୍ରର ରଙ୍ଗିନ୍ କ୍ରୋଡପତ୍ର ।



କବିତା

# ଡିସେମ୍ବର

ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

ଅସରାଏ ବର୍ଷା ଭିଜେଇ ପାରେନା
ମେ’ ମାସ ଖରା ବି ବସିଥାଏ ନୀରବ ମୁଦ୍ରାରେ,
ହେଲେ ଶୀତ ଏଠି ଥରାଇଦିଏ ଦେହ ଓ ମନ
ଡିସେମ୍ବର ଆସିଲେ।

ଟିକେ ଅଳସୁଆ
ଅତି ଗୋଟେ ଫାଜିଲ
ଏଇ ଡିସେମ୍ବର
ଏକ ତିରିଶ ଦିନ ଯାକ ପରଷୁଥାଏ
ଶୁଖିଲା ହସ ଧାରେ,
ଶୋଷିନେଇ ଓଦାପଣ
ପ୍ରତିଟି ଓଠରୁ !

ସତରେ ଭାରି ମାୟା ଜାଣେ
ବିଶ୍ୱାସକୁ ନଖରେ ବିଦାରି
ନିଃଶ୍ୱାସରେ ଝଲସୁଥାଏ,
ପ୍ରେମର ମୁଖା ପିନ୍ଧି
ସୁଲଭରେ ବାଣ୍ଟୁଥାଏ ବିରହ,
ନଈ ବୋଲି କହି ପହଁରେଇ ଦିଏ
ସୁଧୁ ଶୁଖିଲା କୁହୁଡ଼ି,
ଛୁଁ କହି ଛୁଆଁଇ ଦେଉଥାଏ ଆକାଶ !



କେବେ ଅଳସୀ ଫୁଲର
ବାସ୍ନା ବୁଣୁଥାଏ,
ତ
କେବେ ମାଣବସା ଖଟୁଲିର
ଧାନକେଣ୍ଡା ଭିତରୁ
ଠୋ ଠୋ ହେଇ ହସୁଥାଏ,
କେବେ ପୁଣି ଫଟା ଗୋଇଠିରେ
ଟିପେ ରକ୍ତବିନ୍ଦୁ ହେଇ ଲାଖିଥାଏ
ଏଇ ଡିସେମ୍ବର !

ଖୁବ୍ ପାରିବାର
ଏ ଡିସେମ୍ବର
ପବନ ଦେହରେ ଦସ୍ତଖତ ଦେଇ
ଲେଖୁଥାଏ କବିତା ନଈର,
ପ୍ରେମିକା ବେଣୀରେ ଦୋଳି ବାନ୍ଧି
ଗାଇ ବୁଲୁଥାଏ ଏକଲା ପକ୍ଷୀର ଗୀତ।

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
priyankapdas9@gmail.com

ପ୍ରବନ୍ଧ


# କଥାସାହିତ୍ୟର ଭାଷିକ ଶୈଳୀ



କଇଳାଶ ପଟ୍ଟନାୟକ

ଭାଷାର ପ୍ରଚଳିତ ପ୍ରୟୋଗରୁ ଓହରିଯାଇ ଲେଖକ ରଚନାର ଶୋଭା ବଢ଼ାଇବାକୁ ଯେତେବେଳେ ନୂଆ କିଛି ପ୍ରୟୋଗ କରେ, ତାହା ତା'ର ଶୈଳୀ ରୂପେ ପରିଚିତ ହୁଏ । ଏହି ଶୈଳୀ, ରଚନାକୁ ସୌଷ୍ଠବ ଦିଏ, ତାକୁ କରେ ସୌନ୍ଦର୍ଯ୍ୟମଣ୍ଡିତ ।

ଭାଷାର ବିପୁଳ ବିସ୍ତାର ଭିତରୁ ରଚନାକାର ନାନାଭାବେ ନିଜ ଲେଖା ପାଇଁ ଉପାଦାନ ଆହରଣକରି ତାକୁ ଆପଣା ଢଙ୍ଗରେ ପ୍ରୟୋଗ କରେ । ସେଇ ପ୍ରୟୋଗ ତା'ର ରଚନାର ଅଙ୍ଗଶୋଭା ।




କଥାକାରର ଏମିତି କିଛି ଭାଷିକ ପ୍ରୟୋଗ କଥାର ପରିପ୍ରକାଶ ବେଳେ ଲକ୍ଷିତ ହୁଏ, ଯାହା ରଚନାର ନିର୍ଦ୍ଦିଷ୍ଟ କୌଣସି ଅଂଶକୁ ପ୍ରମୁଖତାର ସହ ଉପସ୍ଥାପିତ କରିଥାଏ । ଏହାଦ୍ୱାରା କଥାର ସେଇ ନିର୍ଦ୍ଦିଷ୍ଟ ଅଂଶ 'ସଚେତନ ପାଠକ'ର ଦୃଷ୍ଟି ପଥାରୂଢ଼ ହୋଇ ତାର ଭାବମନ୍ଥନ କରିଥାଏ । ଶୈଳୀବିଜ୍ଞାନର ପରିଭାଷାରେ ଏହାକୁ କୁହାଯାଇଥାଏ 'ଅଗ୍ରଭୂମି' ବା *ଫୋର୍‌ଗ୍ରାଉଣ୍ଡିଂ* । ଅନୁରୂପ ପ୍ରୟୋଗ ସହ କଥାରେ ନାନ୍ଦନିକତାର ସଞ୍ଚାର ଘଟିଥାଏ । ଏହା ଭାବର ଗଭୀର ଉପଲବ୍ଧିର ସୁଯୋଗ ଆଣିଥାଏ ।

ଏହି ଅଗ୍ରଭୂମି ସାଧାରଣତଃ ଦ୍ୱିବିଧରୂପରେ ଉପଲଭ୍ୟ । ଗୋଟିଏ, ଭାଷାର 'କଳାତ୍ମକଭାବେ ଅନୁପ୍ରେରିତ ବ୍ୟତିକ୍ରମ' ରୂପ (*ଆର୍ଟିଷ୍ଟିକାଲି ମୋଟିଭେଟେଡ୍ ଡେଭିଏସନ୍*) ଓ ଅନ୍ୟଟି ସମାନ୍ତରାଳ ଭାଷିକ ପ୍ରୟୋଗ (*ପାରାଲଲ୍ଡ୍ ଅନଏକ୍ସପେକ୍ଟେଡ ରେଗୁଲାରିଟି*) ।

୧୯୩୦ ବେଳକୁ ଚେକୋସ୍ଲୋଭାକିଆର ସଂରଚନାବାଦୀଗଣ ଭାଷାର ଏଇ 'ଚକ୍ଷୁ ଆକର୍ଷକ' ପ୍ରୟୋଗକୁ, ରଚନାର ନିର୍ଦ୍ଦିଷ୍ଟ କୌଣସି ଅଂଶର ସହସା ଉଦ୍‌ଭାସନ କୌଶଳକୁ ବୁଝାଇବାକୁ '*ଫୋର୍‌ଗ୍ରାଉଣ୍ଡ*' - ଏଇ ପଦବନ୍ଧର ସୃଷ୍ଟି କରିଥିଲେ । ସମୟ ସହ ମଣିଷର ବିକଶିତ ନିରୀକ୍ଷଣ ଦୃଷ୍ଟି ଏଇ ଦୁଇ ପ୍ରମୁଖ ଭାଗରୁ ପୁଣି ଉପବିଭାଗ ସୃଷ୍ଟି କରିବାକୁ ଲାଗିଲା । ଯେମିତି ଭାଷିକ ସମାନ୍ତରଳତାର ଚର୍ଚ୍ଚା କରୁକରୁ ଆସିଲା ଭ୍ରାନ୍ତ ସମାନ୍ତରାଳତା (*ଫଲ୍‌ଟି ପାରାଲାଲିଜମ୍*) - ଯେଉଁଠି ଅନଭିପ୍ରେତ ଭାବେ ବିଶୃଙ୍ଖଳିତ ବାକ୍ୟ (*ଅନ୍‌ଇଣ୍ଟେନ୍‌ସନାଲି କ୍ଲଟର୍‌ଡ୍*), ଭାରସାମ୍ୟହୀନ ଦୀର୍ଘବାକ୍ୟ (*ଅନ୍‌ବାଲାନ୍‌ସଡ୍ ବା ଲେଙ୍ଗ୍‌ଦି*) ଆଦି ଏଇ ପର୍ଯ୍ୟାୟରେ ବିଚାର୍ଯ୍ୟ । ଅଗ୍ରଭୂମି ଏପରି ଏକ କୌଶଳ ଯାହା କଳାକୁ ଗୋପ୍ୟ କରିବା ସ୍ଥାନରେ ଉଦ୍‌ଭାସିତ କରାଇଥାଏ । ('*ଡିକ୍‌ସ୍‌ନାରୀ ଅଫ୍ ଲିଟେରାରୀ ଟର୍ମସ୍ ଏଣ୍ଡ ଲିଟେରାରୀ ଥିଓରିକ୍*', *ଜେ.ଏ. କର୍ଡନ୍, ଲଣ୍ଡନ, ପେଙ୍ଗୁଇନ୍, ୧୯୯୭, ୧୯୯୯, ପୃ-୩୨୬*)।

### ଭାଷାର ବ୍ୟତିକ୍ରମୀ ରୂପ

ଭାଷାର କଳାତ୍ମକ ଭାବେ ଅନୁପ୍ରେରିତ ବ୍ୟତିକ୍ରମୀ ରୂପ ବା ସହଜ ଓ ଲୋକପ୍ରିୟ ଭାଷାରେ କହିବାକୁ ଗଲେ ଭାଷିକ ବିଚ୍ୟୁତି (*ଡେଭିଏସନ୍ ଅଫ୍ ଲାଙ୍ଗୁଏଜ୍*) ରଚନାର କୌଣସି ନକାରାତ୍ମକ ଉପାଦାନ ବା ଲେଖକର ଖର୍ବତ୍ୱ ପ୍ରଦର୍ଶିତ କରୁଥିବା ଉପାଦାନ ନୁହେଁ, ବରଂ ଏହା ତା'ର ବିପରୀତ । ଲେଖକର ବୈଶିଷ୍ଟ୍ୟକୁ ଭାଷିକ ବିଚ୍ୟୁତି ପ୍ରମାଣିତ କରିଥାଏ । ସାହିତ୍ୟରେ ନିୟମ ଓ ପ୍ରଥାସିଦ୍ଧ ଭାଷିକ ପ୍ରୟୋଗଗୁଡ଼ିକ

ଅପେକ୍ଷା ଏହାର ବ୍ୟତିକ୍ରମୀ ପ୍ରୟୋଗଗୁଡ଼ିକ ସହଜରେ ଦୃଷ୍ଟିଗୋଚର ହୋଇଥାଏ, ଯାହା ଏକ ନୂଆ ଧାରଣା ସୃଷ୍ଟି କରିବାରେ ସମର୍ଥ ହୋଇଥାଏ । ଏଇଧରଣର ପ୍ରୟୋଗ, ବକ୍ତବ୍ୟର ସାଧାରଣତାକୁ ଉତ୍ତରିତ କରି ଏକ ନୂଆ ଅର୍ଥ ପ୍ରଦାନ କରିଥାଏ । ପାରମ୍ପରିକ ଭାଷିକ ପ୍ରୟୋଗରେ ଅଭ୍ୟସ୍ତ ସୀମିତ ପୃଥିବୀରୁ ଏହା ଏକ ନୂଆ ଅସୀମିତ ଭାବବଳୟର ପୃଥିବୀ ପାଠକଙ୍କ ପାଇଁ ସୃଷ୍ଟି କରିଥାଏ । (*ଡିକ୍‌ସନାରୀ ଅଫ୍ ମଡର୍ଣ୍ଣ କ୍ରିଟିକାଲ୍ ଟର୍ମସ, ସମ୍ପାଦକ: ରୋଗର୍ ଫଉଲର୍, ୧୯୭୩, ଲଣ୍ଡନ୍, ରୋଟ୍‌ଲେଜ୍, ପୃ-୭୫*) ।

ଏହି ଭାଷିକ ବିଚ୍ୟୁତି ବହୁଭାଗରେ ବିଭକ୍ତ ହୋଇପାରେ । ମୋହମ୍ମଦ ଏସ. ମନସୁର ଓ ୟୁସରା ଏମ୍. ସଲମାନ ୨୦୨୦ରେ *ସିହାନ୍ ୟୁନିଭରସିଟି ଏରବିଲ୍ ଜର୍ଣ୍ଣାଲ ଅଫ୍ ହ୍ୟୁମାନିଟିଜ୍ ଏଣ୍ଡ ସୋସିଆଲ ସାଇନ୍‌ସେସ୍‌*ର ଚତୁର୍ଥ ସଂଖ୍ୟାରେ ପ୍ରକାଶିତ ନିଜ ପ୍ରବନ୍ଧ *'ଲିଙ୍ଗୁଇଷ୍ଟିକ୍ ଡେଭିଏସନ ଇନ୍ ଲିଟେରାରୀ ଷ୍ଟାଇଲ୍ ସାଇନ୍‌ସ'*ରେ ଏହି ବିଚ୍ୟୁତିଗୁଡ଼ିକୁ ନିମ୍ନପ୍ରକାରେ ଦର୍ଶାଇଛନ୍ତି: ଶବ୍ଦାତ୍ମକ (*ଲେକ୍ସିକାଲ୍*), ଅର୍ଥାତ୍ମକ (*ସେମାଣ୍ଟିକ୍*), ବାକ୍ୟାତ୍ମକ (*ସିଣ୍ଟାକ୍‌ଟିକ୍*), ଧ୍ୱନ୍ୟାତ୍ମକ (*ଫୋନୋଲୋଜିକାଲ*), ରୂପାତ୍ମକ (*ମର୍ଫୋଲୋଜିକାଲ୍*), ଲିଖନାତ୍ମକ (*ଗ୍ରାଫୋଲୋଜିକାଲ୍*), ଇତିହାସାତ୍ମକ (*ହିଷ୍ଟରିକାଲ୍*), ଉପଭାଷାତ୍ମକ (*ଡାୟାଲେକ୍‌ଟାଲ୍*) ଓ ପଞ୍ଜୀକରଣାତ୍ମକ (*ରେଜିଷ୍ଟର୍ ଅର୍ ସିଚୁଏସନାଲ୍ ଡାୟାଲେକ୍ଟ*) । ଉକ୍ତ ଆଲୋଚନାରେ ଭାଷିକ ବିଚ୍ୟୁତି ଓ ସମାନ୍ତରାଳତା – ଏ ଦୁଇ ପ୍ରମୁଖ ଉପବିଭାଗରେ କୌଣସି ଗୁରୁତ୍ୱ ଦିଆଯାଇନାହିଁ ବରଂ ସବୁପ୍ରକାର ବିଚ୍ୟୁତିକୁ, ଏକାଠି ରଖି ଆଲୋଚନା କରାଯାଇଛି ।

**ସାହିତ୍ୟରେ ନିୟମ ଓ ପ୍ରଥାସିଦ୍ଧ ଭାଷିକ ପ୍ରୟୋଗଗୁଡ଼ିକ ଅପେକ୍ଷା ଏହାର ବ୍ୟତିକ୍ରମୀ ପ୍ରୟୋଗଗୁଡ଼ିକ ସହଜରେ ଦୃଷ୍ଟିଗୋଚର ହୋଇଥାଏ ।**

### ଶବ୍ଦସ୍ତରୀୟ ବିଚ୍ୟୁତି

● ନିୟମିତ ରୂପରୁ ବିଚ୍ୟୁତ ଶବ୍ଦ: 'ଜୀବନର କଠୋର ରେଖା' (ହଂସଗୀତି, ସୁରେନ୍ଦ୍ର ମହାନ୍ତି), କଠୋର ରେଖା – ଜୀବନର ବ୍ୟଞ୍ଜନା ପ୍ରଦର୍ଶକ / ଆକାଶ ଗୋଟାକ ଅଜାଡ଼ି ପଡ଼ିଲାପରି (ପରଜା, ଗୋପୀନାଥ ମହାନ୍ତି) – ବସ୍ତୁବିଶେଷ ନୁହେଁ, ଅଜାଡ଼ି ହେଇଯାଉଛି ଆକାଶ !

● ଅପପ୍ରଯୁକ୍ତ ଶବ୍ଦ : ରିବିଣ୍ଡୁ (ରେଭନ୍ୟୁ ଇନ୍‌ସପେକ୍ଟର), ରୋଲା (ରୋଲର) ଗାରଦ (ଗାର୍ଡ): (ପରଜା, ଗୋପୀନାଥ ମହାନ୍ତି) / କୁମ୍ପାନୀ (କମ୍ପାନୀ): (ଶିବଭାଇ ଦାନାପାଣି, ଗୋପୀନାଥ ମହାନ୍ତି) – ଯେଉଁଠି ଔଚ୍ଚାରଣିକ କାଠିନ୍ୟର ହେତୁ ଅନ୍ୟ ଭାଷାର ଶବ୍ଦ ଭିନ୍ନ ଭାଷା ଗୋଷ୍ଠୀରେ ଭିନ୍ନ ଭାବେ ଉଚ୍ଚାରିତ ହୁଏ ।

● ନୂତନ ଶବ୍ଦ: ମେଞ୍ଚା ମେଞ୍ଚା ହିଂସ୍ରତା (ଅଧୁରାପ୍ରେମ, ବିଚିତ୍ର ବିଶ୍ୱାଳ), ଅସ୍ଥୂଳ ଦେହ (ବାଲ୍ମିକୀ, ଚିତ୍ତରଂଜନ ଚିରଞ୍ଜିତ), ଖରତୁଣ୍ଡୀ, ଯୁକ୍ତିବାଦୀ, ଅଗ୍ରଧର୍ଷୀ (ମେଘନା, ପ୍ରିୟବ୍ରତ ପାତ୍ର) ଝଡ଼ର ଆଦିମ ଆକ୍ରମଣ (କାଳାନ୍ତର, ସୁରେନ୍ଦ୍ର ମହାନ୍ତି) ଅବଦମିତ ସଂକଳ୍ପ (କୁଳବୃଦ୍ଧ, ସୁରେନ୍ଦ୍ର ମହାନ୍ତି) ମୃଦୁଳ (ଶେଷ ଈଶ୍ୱର, ପ୍ରତିଭା ରାୟ) ନିର୍ମୋହ ପତ୍ରଟିଏ (ପ୍ରାପ୍ତେଷୁ ପୃଥିବୀ, ପ୍ରତିଭା ରାୟ) ।

### ଅର୍ଥସ୍ତରୀୟ ବିଚ୍ୟୁତି

● ବିରୋଧାଭାସ (*ପାରାଡକ୍ସ*): "ରତ୍ନାକରକୁ ବାଲ୍ମିକୀ କରିବାକୁ ନାରଦଙ୍କୁ ସମୟ ଲାଗିଥିଲା । କିନ୍ତୁ ଟଙ୍କା ସେ ରତ୍ନାକରକୁ ସାଥିସାଥି ବାଲ୍ମିକୀ କରିଦେଲେ" (ନାକଟା ଚିତ୍ରକର, ଫତୁରାନନ୍ଦ) – ପରସ୍ପର ବିରୋଧୀ ମନ୍ତବ୍ୟ ସହ ବ୍ୟଂଜନାର୍ଥ ପ୍ରକଟିତ ହେଲେ ବିରୋଧାଭାସ ହୋଇଥାଏ ।

● ରୂପକ: 'କୁକୁରିଆ କୃତଜ୍ଞତା' – (ଦାନାପାଣି, ଗୋପୀନାଥ ମହାନ୍ତି) ଉପମା ଓ ଉପମେୟର ଅଭେଦତା ହିଁ ରୂପକ । ଏ ପ୍ରୟୋଗ ଶାବ୍ଦିକ ନବୀନତା ଦର୍ଶାଇ ଅଗ୍ରଭୂମି ପ୍ରସ୍ତୁତ କରୁଛି ।

● ବିଡ଼ମ୍ବନା(*ଆଇରନି*): 'ସିଂହଦ୍ୱାରରେ ଏ କି ବାଜା ବାଜୁଛି କାହିଁକି ?' (ଅଚଳାୟତନ, ସୁରେନ୍ଦ୍ର) ଜଗଦେବଙ୍କ ନିଜ ଜମିଦାରୀ ନିଲାମର ନାଗରା ବାଜିବା ଶୁଣି ସେ ଏ କଥା ପଚାରୁଛନ୍ତି । ଛଳପୂର୍ଣ୍ଣ ବକ୍ତବ୍ୟ ଭିତରେ ଆଇରନିର ଆଗମନ ଘଟେ । ଏଠି ବ୍ୟଞ୍ଜନାର୍ଥ ମୁଖ୍ୟ ।


● ଉପଲକ୍ଷ୍ୟ (*ସିନେକ୍‌ଡକି*): 'ମଣିଷ ଜଙ୍ଗଲ କାଟି ସଫା କରିଦେଲା' ? ଅଂଶବିଶେଷ ମାଧ୍ୟମରେ ସମଗ୍ରତା ଏହି ବିଚ୍ୟୁତିର ଲକ୍ଷଣ । (ଅଧୁରାପ୍ରେମ, ବିଚିତ୍ର ବିଶ୍ୱାଳ) 'ମଣିଷ'

ଏଠି ଜଣେ ନୁହେଁ, ମଣିଷ ସମାଜକୁ ବୁଝାଉଛି ।

● ପର୍ଯ୍ୟାୟବାଚିକତା (*ମେଟୋନିମି*): 'ସେଇଥିପାଇଁ ଘରେ ସେ ପ୍ରାୟ ଅତିଥି' (ଦେହାତୀତ, ପ୍ରତିଭା ରାୟ)- ବିଶେଷ ସ୍ଥିତି ଦର୍ଶାଇବାର ବିକଳ୍ପରେ - ଭିନ୍ନ ଶବ୍ଦର ପ୍ରୟୋଗ ହିଁ ପର୍ଯ୍ୟାୟବାଚିକତା । ଶ୍ୟାମଳବାବୁ ଝିଅର କଷ୍ଟ ଅସହ୍ୟ ହେଉଥିବାରୁ ଘରକୁ ଖୁବ୍ କମ୍ ଆସନ୍ତି !!

● ଦୀର୍ଘସୂତ୍ରତା (*ପୁରିଫ୍ଲିସିସ୍*): ଠିକ୍ । ଏକଦମ୍ ଠିକ୍ । (ପ୍ରାଚୀ ପ୍ରତୀଚୀ: ସୁସ୍ମିତା ବାଗ୍‌ଚୀ) ବକ୍ତବ୍ୟର ଦୀର୍ଘରୂପ ସ୍ଥାପନ ହିଁ ଦୀର୍ଘସୂତ୍ରତା । ଏହା ଗୁରୁତ୍ୱ ବଢ଼ାଏ ବକ୍ତବ୍ୟର ।

● ଶ୍ଳେଷ (*ପନ୍*): 'ସ-ତ-ରା ସତ ଉପୁଜିବ' - (ନେତିନେତି, ସୁରେନ୍ଦ୍ର ମହାନ୍ତି), ପ୍ରଥମଟି ୧୯୪୩ ସାଲର ସଂଖ୍ୟାତତ୍ତ୍ୱ ଓ ଦ୍ୱିତୀୟଟି ମାଳିକାକଥନର ସତ୍ୟତା ସମୋଚ୍ଚାରିତ ବା ପ୍ରାୟ ସମୋଚ୍ଚାରିତ ଅଥଚ ଭିନ୍ନ ଅର୍ଥ ବିଶିଷ୍ଟ ଶବ୍ଦର ପ୍ରୟୋଗ ଶ୍ଳେଷ ସୃଷ୍ଟିକରେ ।




● ବସ୍ତୁକରଣ (*ଅବ୍‌ଜେକ୍ଟିଫିକେସନ୍*): କ) "ମୋ' ଶାଶୁଙ୍କ ଆଖିରେ ମୋ' ଜୀବନଠାରୁ ଗରା ମୂଲ୍ୟବାନ"- ଶିଳ୍ପାପଦ୍ମ, ପ୍ରତିଭା ରାୟ) ।

(ଖ) 'ଦାରୋଗା ଏତେ ମାଡ଼ ମାରୁଥିଲେ ଯେ, ଜୀବେଶକୁ ଲାଗୁଥିଲା ଏଇକ୍ଷଣି ତା' ପ୍ରାଣବାୟୁ ଉଡ଼ିଯିବ ।' (ବାଲ୍ମିକୀ - ଚିତ୍ତରଞ୍ଜନ ଚିରଞ୍ଜିତ) । ମନୁଷ୍ୟକୁ ମନୁଷ୍ୟ ନ ଭାବି ବିଚାରବୋଧହୀନ ବସ୍ତୁପ୍ରାୟ ଆଚରଣର ରଚନାରେ ବସ୍ତୁକରଣ ପ୍ରକ୍ରିୟା ଘଟେ । ଉଭୟ ଉଦାହରଣରେ ଜଣେ କିଶୋରୀ ବଧୂ ଓ ଚୋର ମନେ କରାଯାଉଥିବା ଲୋଧା ବ୍ୟକ୍ତିର ଦୁର୍ଦ୍ଦଶା ବର୍ଣ୍ଣିତ ।

**ବାକ୍ୟସ୍ତରୀୟ ବିଚ୍ୟୁତି**

● ବାକ୍ୟ-ନିୟମର ବିଚ୍ୟୁତି: 'ଆମେତ ଆଜି ରାତିରେ ଯିବୁ ଶିକାର କରି' (ଶଶାଙ୍କ ଶେଖରର ଚୋରି ଡାଏରୀ, ଅଜୟ ସ୍ୱାଇଁ ।)

'ପିନ୍ଧିଛି ମୋଟା ଗେରୁଆ ଖଦଡ଼' (ଶିବଭାଇ, ଗୋପୀନାଥ ମହାନ୍ତି) । ବାକ୍ୟରେ କର୍ତ୍ତା, କର୍ମ, କ୍ରିୟା - ଏଇ କ୍ରମ ବ୍ୟାକରଣ ସମ୍ମତ । ଏହାର ବ୍ୟତିକ୍ରମ ହେଲେ ଏହା ଦୃଷ୍ଟି ଆକର୍ଷଣ କରିଥାଏ । ଉପର ଉଦାହରଣ ଦୁଇଟିରେ କ୍ରିୟାର ପାରମ୍ପରିକ ସ୍ଥାନ ଚ୍ୟୁତି ଘଟିଛି ।

● ରୂପ ବୈକଲ୍ୟ: ରାଜନୀତିରେ ପାଲାବାଲାଏ ଚାଲିଛି କଲେକଲେ । (ଆକାଶ ସୁନ୍ଦେରୀ, ଗୋପୀନାଥ) ବହୁବଚନାତ୍ମକ କର୍ତ୍ତା ସହ ଏକବଚନାତ୍ମକ କ୍ରିୟାର ସଂଯୁକ୍ତି ବାକ୍ୟରେ ଭିନ୍ନତା ସୃଷ୍ଟିକରି ପାଠକର ଦୃଷ୍ଟି ଆକର୍ଷଣ କରିଥାଏ । ଏହି ଗାଠନିକ ବୈକଲ୍ୟ ଉକ୍ତ ବାକ୍ୟକୁ ଏହି ପର୍ଯ୍ୟାୟକୁ ଆଣିଛି ।

● ବନ୍ଧନୀଯୁକ୍ତ ବାକ୍ୟ (*ପରନ୍‌ଥେସିସ୍*): ଲୋକମାନେ ବଟୁ (ଟିପଚିହ୍ନ) ମାରିଲେ । (ଅଧୁରାପ୍ରେମ, ବିଚିତ୍ର ବିଶ୍ୱାଳ) । ସରଳ ବନ୍ଧନୀରେ ଶବ୍ଦର ଅର୍ଥ, ବ୍ୟାଖ୍ୟା ଦିଆଯାଏ - ଏହା ମାନକ ଭାଷାରେ ଅଭ୍ୟସ୍ତ ପାଠକର ଅବବୋଧକୁ ପ୍ରସାରିତ କରିଥାଏ ।

**ଧ୍ୱନିସ୍ତରୀୟ ବିଚ୍ୟୁତି**

ନବାବ - ଲବାବ (ଆକାଶ ସୁନ୍ଦେରୀ, ଗୋପୀନାଥ) । ନାନା କାରଣରୁ ଧ୍ୱନିର ପରିବର୍ତ୍ତନ ଘଟିଥାଏ । ଉପରୋକ୍ତ ଉଦାହରଣରେ 'ନ' > 'ଲ' ହେବା ଅନୁରୂପ ପରିବର୍ତ୍ତନ । ଏହା ପାଠକକୁ ଏକ 'ଭିନ୍ନତା' ଦେଇଥାଏ ।

**ରୂପସ୍ତରୀୟ ବିଚ୍ୟୁତି**

'ଚାକିରି ପାଇଯିବାର ସୁ-ଖବରଟି...' (ପ୍ରାଚୀ ପ୍ରତୀଚୀ, ସୁସ୍ମିତା ବାଗଚୀ) । 'ବାରଶେଣିଆ ଧୂଳିଆ ଚାଳଘର' (ଅନ୍ଧଦିଗନ୍ତ, ସୁରେନ୍ଦ୍ର ମହାନ୍ତି)। ଶବ୍ଦର ବିକଳ ଗଠନ, ପ୍ରାକ୍ ଓ ପର ପଦର ସଂଯୋଜନ କ୍ରମ ଆଦିରେ କୃତିର ରୂପସ୍ତରୀୟ ବିଚ୍ୟୁତି ଘଟିଥାଏ । ରୂପିମର ଭୂମିକା ମଧ୍ୟ ଏଠି ତାତ୍ପର୍ଯ୍ୟପୂର୍ଣ୍ଣ । ଉପରୋକ୍ତ ଉଦାହରଣ ଦୁଇଟିରେ ପ୍ରାକ୍ ଓ ପରପଦର ସଂଯୋଜନ ଯଥାକ୍ରମେ ଘଟିଛି ।

**ଲିଖନସ୍ତରୀୟ ବିଚ୍ୟୁତି**

ଭିନ୍ନ ଲିଖନ ପଦ୍ଧତି ଯାହା ପାଠକର ଦୃଷ୍ଟି ଆକର୍ଷଣ କରିଥାଏ, ତାହା ଏହି ଧରଣର ବିଚ୍ୟୁତି । ବିରତି ଚିହ୍ନ 'ପ୍ରାୟ ବର୍ଜିତ' ଗୋପୀନାଥଙ୍କ 'ଆକାଶ ସୁନ୍ଦେରୀ' ଏଇ ଧରଣର ବିଚ୍ୟୁତିର ଶ୍ରେଷ୍ଠ ନିଦର୍ଶନ ।

**ଇତିହାସ ବିଚ୍ୟୁତି**

'ସାତପରସ୍ତ ଖଞ୍ଜା' / 'ଚଉପାଢ଼ୀ' (ଅନ୍ଧଦିଗନ୍ତ, ସୁରେନ୍ଦ୍ର ମହାନ୍ତି) '.... ତୁମ ମଣିମା କ'ଣ ଯିବ?' (ସତ୍ୟପାଠ, ଦେବ୍ରାଜ ଲେଙ୍କା) । ନିତ୍ୟ ନୈମିତ୍ତିକ ଭାଷା ବଦଳରେ ଅତୀତ-ବ୍ୟବହୃତ ଭାଷାର ପ୍ରୟୋଗ କୌଣସି ରଚନାରେ ଦେଖାଦେଲେ ତାହା ଇତିହାସାତ୍ମକ ବିଚ୍ୟୁତି ବୋଲି ଧରାଯାଏ । ନାନ୍ଦନିକ ଓ ଆବେଗାତ୍ମକତାର ସୃଷ୍ଟି ପାଇଁ ଏହା ପ୍ରଯୁକ୍ତ ହୋଇଥାଏ । ଉପରୋକ୍ତ ଉଦାହରଣଗୁଡ଼ିକର ରେଖାଙ୍କିତ ପଦ ଏହି ଧରଣର ବିଚ୍ୟୁତିକୁ ଧାରଣ କରିଥାନ୍ତି ।

**ଉପଭାଷାତ୍ମକ ବିଚ୍ୟୁତି**

କ) ଆତ୍ମା ଫେରେ ରୋଷେଇଶାଳର ଆଦିଙ୍ଗକୁ । (ପ୍ରଜାକୋର୍ଟ, ସୁଜାତା ମହାପାତ୍ର)

ଖ) କୁହ କିସ ଆଣିବ ତମଲାଗି । (ଶ୍ରୀଜଙ୍ଗ, ଉଦୟ ନାରାୟଣ ଦାସ) ।

ଗୌରୀ ତା' ଘରୁ କିସକିସ ସବୁ... । (,,)

କିସ ଆଉ କରିବି କହ? (,,)

'ଆଞ୍ଚଳିକତା' ହିଁ ନିଜର ଭିନ୍ନତା ପାଇଁ ଅଗ୍ରଭୂମି ପ୍ରସ୍ତୁତ କରିଥାଏ । 'କ' ଉଦାହରଣର 'ଆଦିଙ୍ଗ' ହୋ ଭାଷାର ଓ 'ଖ' ଉଦାହରଣ ବାଲେଶ୍ୱରୀ ଭାଷାର ଶବ୍ଦ ଦ୍ୱାରା ଏହି ବିଚ୍ୟୁତିକୁ ଅନୁଭବ କରାନ୍ତି ।

**ପଞ୍ଜୀକରଣାତ୍ମକ ବିଚ୍ୟୁତି**

କ) 'ଏହି ଫ୍ରେଣ୍ଡସିପର ଅନରରେ ଛୋଟ ଏକ ଗିଫ୍ଟ' (ଶେଷ ଈଶ୍ୱର, ପ୍ରତିଭା ରାୟ) ।

ଖ) 'ମୋହବତ୍ ହେଇଗଲା ବାପା । ଏସବୁ ଅନ୍ଧ ମୋହବତ୍‌ର କଥା ମୋହବତ୍ ଯେ ନା ସମଝେ ୱହ ଜାଲିମ ପ୍ୟାର୍ କ୍ୟା ଜାନେ' (ସତ୍ୟପାଠ, ଦେବ୍ରାଜ ଲେଙ୍କା) ଯେଉଁଠି ଏକ ଭାଷା ଗୋଷ୍ଠୀର ଭାଷା, ସମ ରୁଚି ଓ ବୃତ୍ତିର ଶବ୍ଦ ଅନ୍ୟ ଭାଷା ଗୋଷ୍ଠୀରେ ପ୍ରଚଳିତ ହୁଏ, ସେଠି ଏଇ ପଞ୍ଜୀକୃତ ଧାରା ସୃଷ୍ଟି ହୁଏ ।

**ସମାନ୍ତରତା**

ଅଗ୍ରଭୂମି ନିର୍ମାଣରେ ସମାନ୍ତରତା (*ପାରାଲାଲିଜିମ୍*)ର ତୁଳନା ନାହିଁ । ଏକ ଶବ୍ଦ ବା ପଦବନ୍ଧର ଏକାଦିକ୍ରମେ ବ୍ୟବହାରକୁ ସମାନ୍ତରତା କୁହାଯାଏ । ଏହାକୁ ପ୍ରତିଧ୍ୱନ୍ୟାତ୍ମକ ଶବ୍ଦ (*ଇକୋୱାର୍ଡସ୍*) ମଧ୍ୟ କୁହାଯାଏ ।

ଓଡ଼ିଆ ବ୍ୟାକରଣରେ ଏହା ବୀପ୍‌ସାତ୍ମକ ଶବ୍ଦ । ଭାଷାକୋଷକାର ଆଠ ପ୍ରକାର ଭାବେ ବୀପ୍‌ସାତ୍ମକ ଶବ୍ଦର ଭେଦ ଦର୍ଶାଇ ଅଛନ୍ତି । ତେବେ ସାଧାରଣରେ ଏହା ପୂର୍ଣ୍ଣ ଓ ଆଂଶିକ ଦ୍ୱିରୁକ୍ତି ଭାବେ ବିଭାଜିତ । ଶବ୍ଦର ପୁନରାବୃତ୍ତି ସମାନ୍ତରତାର ମୁଖ୍ୟ ଧର୍ମ ।

ପୂର୍ଣ୍ଣଦ୍ୱିରୁକ୍ତି : ମିଞ୍ଜିମିଞ୍ଜି / ଲିଭିଲିଭି / କରୁକରୁ / ଗୁଣୁଗୁଣୁ / ଛଳଛଳ/ ଶୋଇଶୋଇ ଇତ୍ୟାଦି (ଶିଳାପଦ୍ମ, ପ୍ରତିଭା ରାୟ) ।

ଆଂଶିକ ଦ୍ୱିରୁକ୍ତି: ଆକ୍ତାମାକ୍ତା / ଜୁଡୁବୁଡୁ / ଉଛୁଳୁମୁଛୁଳୁ / ଜମିଦାରଫମିଦାର / ଟାଣିମାଣି ଇତ୍ୟାଦି (ବାଲ୍ମିକୀ, ଚିତ୍ତରଞ୍ଜନ ଚିରଞ୍ଜିତ) ।

**କଥାକାର ପାଠକର ଅନ୍ତରକୁ ଅନ୍ତରଙ୍ଗ ଭାବେ ସ୍ପର୍ଶ କରିବା ପାଇଁ 'ଉତ୍କୃଷ୍ଟତମ' ଭାବେ ନିଜକୁ ପ୍ରକାଶ କରିବାକୁ ଚାହେ।**

ଏହି ବୀପ୍ସାତ୍ମକ ଶବ୍ଦ ଭିନ୍ନ ଅନ୍ୟ ଏକ ଧରଣର ଶବ୍ଦର ପୁନରୁକ୍ତି ରଚନାରେ ଲକ୍ଷିତ ହୁଏ, ଯେଉଁଠି ବାକ୍ୟଗୁଡ଼ିକର ପ୍ରଥମେ ସମାନ ଶବ୍ଦ ରହିବ (*ଆନାଫୋରା*), ବାକ୍ୟଗୁଡ଼ିକର ସମାପ୍ତିରେ ସମାନ ଶବ୍ଦ ରହିବ (*ଏପିଷ୍ଟ୍ରଫି*) – ଏହା ବିଭିନ୍ନ ଧରଣର ହୋଇଥାଏ । ସମାପ୍ତିରେ ସମାନ ଶବ୍ଦର ଗୋଟିଏ ଉଦାହରଣ, 'ଘରୁ ବାହାରିଲା ବେଳେ ଜଙ୍ଗଲ, ଘରକୁ ଫେରିବା ବେଳେ ଜଙ୍ଗଲ । (ପ୍ରଜାକୋର୍ଟ, ସୁଜାତା ମହାପାତ୍ର) ।

ଏପରି ଭାବେ କଥାର ପୃଥିବୀରେ ଭାଷିକ ଶୈଳୀର ପରିପ୍ରକାଶ ନାନା ବୈଚିତ୍ର୍ୟ ନେଇ ଉଭା ହୋଇଥାଏ ।

କଥାର ପୃଥିବୀ, ବ୍ୟାପ୍ତି ଓ ବୈବିଧ୍ୟର ପୃଥିବୀ। କଥାକାର ପାଠକର ଅନ୍ତରକୁ ଅନ୍ତରଙ୍ଗ ଭାବେ ସ୍ପର୍ଶ କରିବା ପାଇଁ 'ଉତ୍କୃଷ୍ଟତମ' ଭାବେ ନିଜକୁ ପ୍ରକାଶ କରିବାକୁ ଚାହେଁ। ସେଇ ଚାହିଁବା ଭିତରେ ତା'ର ଅସ୍ତ୍ର ହୁଏ ତା'ର ବର୍ଣ୍ଣମାଳା, ତା'ର ଭାଷା। କଥାକାରର ସେଇ ଚାହିଁବାର ଫଳ ହିଁ କଥାର ଭାଷିକ ଶୈଳୀ!

□□

ଲେଖକଙ୍କ ଇ-ମେଲ ଠିକଣା:
kailashpattanaik@gmail.com


ଗଳ୍ପ

# ଅବ୍ୟକ୍ତ ଅପରାହ୍ଣ



ଭାନୁମତୀ ସାହୁ

ଆତ୍ମୀୟତାର ଡାକ କି ବାତାବରଣ ଯେଉଁଠି ନଥାଏ ସେଠି ମନର ଭାବରେ ବିତୃଷ୍ଣା ଆସିଯାଏ । ଘୃଣା ଭିତରେ ଜଣେ ବୃଦ୍ଧାବସ୍ଥାବେଳେ କେମିତି ବା ଆନନ୍ଦରେ ବଞ୍ଚିପାରିବ ? ଏଇଟା ଏବର ସମୟ କଥା ହୋଇପାରେ । ଅସ୍ତ୍ରଠାରୁ ବାକ୍ୟ ଯେ ଶକ୍ତ ଆଘାତ ଦେଇ ମେରୁଦଣ୍ଡକୁ ଦୋହଲାଇ ଦିଏ ସେକଥା ଅଧାବୟସରେ ଦଣ୍ଡାୟମାନ ପିଲାମାନେ ବୁଝିପାରିବେନି । ସେମାନଙ୍କୁ ଏଇଟା ମାମୁଲି ହୋଇପାରେ । ଅଥଚ ଶୃଙ୍ଖଳାଗତ ପରମ୍ପରା ଯୋଡ଼ି ଚାଲିଥିବା ବ୍ୟକ୍ତିଙ୍କ ପାଇଁ ଏହା ବେଶି ଗୁରୁତ୍ୱପୂର୍ଣ୍ଣ କଥା ହୋଇପାରେ ।



ଆଉ କିଛି ଦିନ, କି ମାସ, କି ବର୍ଷପରେ ଜୀବନର ରାସ୍ତା ସରିଯିବ । ତଥାପି ସେହି ରାସ୍ତାରେ ବାକ୍ୟବୋମା ଉଦ୍‌ଗୀରଣ କଲେ ପିଲାଙ୍କ ପାଇଁ ସ୍ୱପ୍ନ ଦେଖୁଥିବା ବ୍ୟକ୍ତିଟି ନିଶ୍ଚୟ ଘାଏଲ ହୋଇଯିବ । ତା' ହୃଦୟର ପ୍ରାଚୀର ବଞ୍ଚିଥିବାବେଳେ ଆପଣାପଣଠାରୁ ଦୂରେଇଯିବ । ସେମାନଙ୍କ ମନର ଫାଟରୁ ଆଉ ପିଲାମାନଙ୍କର ଶୀତଳ ମୂର୍ଚ୍ଛନା ଅଙ୍କୁରିତ ହେବନି । ସେମାନଙ୍କୁ ଗଡ଼ ଜିତିଗଲା ପରି ଲାଗିବ ବାପା-ମା'ଙ୍କ ଆତ୍ମୀୟତାର ବନ୍ଧନ ତୁଟାଇଦେଇ ।

ଏ କ'ଣ ଥିଲା ଜୀବନର ଅଭିଶାପ ନା ଉପହାର ? ଆସକ୍ତିକୁ ଦୂରେଇ ଦେବାର ଏକ ଆଶୀର୍ବାଦ କି ? ଆଉ ମୃତ୍ୟୁର ନିକଟତର ହେଲାବେଳକୁ ଲାଗୁଥିବ କ'ଣ ଅଛି ମୋ' ପାଖରେ ଆଉ ? ଖାଲି ହାତରେ ଆସି ଖାଲି ହାତରେ ଯିବି । ଏବେ ସେ ଆସକ୍ତିରୁ ମୁକ୍ତ ।

ଝିଟିପିଟିର ଶବ୍ଦ ମନରେ ଭାବନା ଭରିଦିଏ-ଏକଦମ୍ ସତକଥା । ମନର କଥାଟି ସେ ବୁଝିପାରିଲା । ସ୍ୱପ୍ନ ଦେଖିବା ସହଜ ନଥିଲା । ଅଥଚ ସ୍ୱପ୍ନ ଭାଙ୍ଗିବା ଏତେ ସହଜ ହୋଇଗଲା କେମିତି ?

ସେମାନେ ମୋ' ରକ୍ତର ସନ୍ତାନ ତ ? ମୋ'ର ଆଦର୍ଶ ଓ ନୀତିଗତ ଶୃଙ୍ଖଳାଜ୍ଞାନର ବିଲୋପ ହୋଇଗଲା ସେମାନଙ୍କ ପାଖରେ କେମିତି ?

କେମିତି ? କେମିତି ? ଭିତରେ ମୁଣ୍ଡକୁ ଭାରାକ୍ରାନ୍ତ କରି ଯେତେ ଚିନ୍ତାଶୀଳ ହୋଇପଡ଼ିଲେ ମଧ୍ୟ ତା'ର ଉତ୍ତର ନିଷ୍ପ୍ରଭ ହୋଇଯାଉଥିବ ଆଖିର ମାୟାପଟଳରେ !

ତେବେ ସେ କେବେ ନିଜ ପିତାମାତାଙ୍କୁ ଅବହେଳା କରିନାହାନ୍ତି । ତଥାପି ଭଗବାନ ଏପରି ଦଣ୍ଡ ତାଙ୍କ ମୁଣ୍ଡରେ ଲଦିଦେଲେ କାହିଁକି ?

ଅସ୍ତାଚଳର ସୂର୍ଯ୍ୟ ଯିବାଯିବା ଉପରେ । ଆକାଶର ରଙ୍ଗରେ ନାଲି, ନୀଳ, ସବୁଜ ସହିତ ଆଲୋକର ରିମ୍‌ଝିମ୍ କିରଣ ମୁକ୍ତାଖଣ୍ଡର ଭ୍ରମ ସୃଷ୍ଟି କରୁଛି । ରାତିରେ ତାରା ଉଦୟ ହେବେ । ତେବେ ଆଲୋକ ଓ ଅନ୍ଧାର ଭିତରକୁ ନେଇ ଏବେ ବ୍ୟସ୍ତ ହେବାର କିଛି ନାହିଁ ।

ଜଣେ ବୟସ୍କ ଲୋକ ଆଶାଠାରୁ ଅଧିକା ଉଚ୍ଛୁଳି ପଡ଼ିଲେ ଶରୀର ସାଥି ହେବତ ? ବିଷାଦର ଆତ୍ମୀୟପଣ ଅଲୋଡ଼ା ହୋଇ ଜୀବନର ଅପରାହ୍ନରେ ସଉଦା କଲାଣି । କେତେ ଦେଲ ଓ କେତେ ନେବ ? ନେଲା ବେଳକୁ ଅସହ୍ୟତାର ଡାକ ଥିଲା – ମା', ବାପା ମୋର ଏଇଟା ଦରକାର ସେଇଟା ଦରକାର । ସେତେବେଳେ କିଣାବିକାର ସଉଦା କରିନଥିଲେ ଜନ୍ମଦାତାମାନେ !

ନିଜ ପିଲାମାନଙ୍କ ପାଇଁ ଜୀବନକୁ ଉତ୍ସର୍ଗ କରି ଦେଇ ଖୁସିରେ ଅନେଇ ନଥିଲେ ପ୍ରାପ୍ତିର ଆଶାନେଇ । ତମେ ମଣିଷ

ହୋଇଥାଅ । ଆମଠାରୁ ଆହୁରି ସବୁକ୍ଷେତ୍ରରେ ଆଗେଇ ଯାଇ ନିଜକୁ ପ୍ରତିପାଦନ କର – 'ମୁଁ ଯାଙ୍କର ପୁଅ । କର୍ମପଥରୁ କେବେ ବିଚ୍ୟୁତ ହୋଇନି ।'

ଏବେ କହିବେ ସନ୍ତାନମାନେ – ତମେ ଆମକୁ ମଣିଷ କରି ଯୋଗ୍ୟ ନ କରିଥିଲେ ଆମେ କ'ଣ ହୋଇନଥାନ୍ତୁ କି ?

ଆରେ ପୁଅ, ଯଦି ଯୋଗ୍ୟ ହେବାକୁ ଏତେ ତୋର ଇଚ୍ଛାଥିଲା ତେବେ ଅଯୋଗ୍ୟ ହୋଇ ବସିଲୁ କେମିତି ? ସୁବିଧା ପାଇ ସୁଦ୍ଧା ଦୁରୁପଯୋଗ କଲୁ ଅର୍ଥ ଓ ସମୟ । ବାପା-ମା' ସିନା କ୍ଷମା କରିଦେଇପାରନ୍ତି ନିଜ ରକ୍ତର ବୋଲି, ଅଥଚ ସମାଜ କ'ଣ ଆଖିବୁଜି ବସିଛି କି ? ସୂର୍ଯ୍ୟ, ଚନ୍ଦ୍ର, ତାରା ସମସ୍ତେ ସତ୍ୟରେ ଚାଲୁଛନ୍ତି । ତମେ ଅସତ୍ୟପଥ ଆବୋରି ବାହାବା ନେବ କେଉଁଠି ? କେବଳ ବାପା, ମା'ଙ୍କ ଆଗରେ ଦେହକୁ ଲୁହାପରି ଶକ୍ତିକରି ଠିଆହୋଇଥିବ । ତମକଥା ଶୁଣି ମନ ଭିତରେ ଭାଙ୍ଗିବାକୁ ଲାଗିବୁ ଥରକୁ ଥର । ହିସାବ ରଖିଛ କେବେ ସ୍ନେହର ପାଉଣାକୁ ?

ଭୁଲିଯିବ ନିଜର ମାଦକତାର ଉନ୍ମାଦ ବୟସରେ । ଯୁଗ ବଦଳିଛି ତ ଆମେ ସେ ପୁରୁଣାକାଳିଆ ପ୍ରଥାକୁ ଆପଣେଇ ଗାଉଁଲିଆ କ'ଣ ହେବୁ ପଛରେ ଦୌଡ଼ିବାକୁ କି ?

ସତ କି ମିଛ ତମେ ଯାହା ବୁଝିଛ ଠିକ୍ । ସତ ମିଛର ପରିଭାଷାରେ ସଂସାର କରି ନିଜ ସ୍ତ୍ରୀ, ପିଲାମାନଙ୍କ ସହ ଯେତେବେଳେ ହିସାବ ନିକାଶ କରିବ ସେତେବେଳେ ନିଜର ଅହଂକାର ନିଜ ସଂସାର ଭାଙ୍ଗି ଚୁରମାର ହୋଇଯିବ । ଆଉ ଅପରାହ୍ଣ ବେଳକୁ ମନ କ'ଣ ନିଶା ଚରସରେ ଘାଣ୍ଟିହୋଇ ହାତ ଆକାଶର ଚାନ୍ଦ ଧରିବ କି ?

ଗୋଲାପଫୁଲ ଦେଖିବାକୁ ସୁନ୍ଦର । ତାକୁ ଛିଣ୍ଡାଇଲା ବେଳେ ହାତରେ କଣ୍ଟା ଫୋଡ଼ିହୋଇପାରେ । ଅତି ସାବଧାନତାର ସହିତ ତୋଳି ଆଣିଲେ ଅଙ୍ଗୁଳିରୁ ରକ୍ତ ଝରିବ ନାହିଁ । କାହାକୁ ପରୱା ନକରି ଉଡ଼ନ୍ତା ଚଢ଼େଇଟି ଗୋଲାପ ବଗିଚାରେ ପଶିଗଲେ ବାସ୍ନା ସହିତ କଣ୍ଟା ଫୋଡ଼ା ଖାଉଥିବ । ସେଠି ଆହ୍ଲାଦର ସମୟ ଯେ ତମକୁ ପଥହରା କରି ପ୍ରଶ୍ନ କରିପାରେ – ସତରେ ତମେମାନେ ଆତ୍ମନିର୍ଭରଶୀଳ ନା ମୋହମନସ୍କ ? ତୁମର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଲେବି ତମକୁ ଲାଗିବ ବେଶି ଦେଖାଇ ହେଉଛନ୍ତି । ଆମେ ସତରେ ଏ ଯୁଗର ପିଲା ହୋଇ ଜାଣିପାରୁ ସବୁକଥା ଯେମିତି !

ଜାଣୁଛ ବୋଲି କୌଣସି କଥାର ଗୁରୁତ୍ୱ ଉପଲବ୍ଧି କରିପାରୁନ । ବାପା-ମା'ଙ୍କୁ ଗଣ୍ଡେ ଖାଇବାକୁ ଦେଲାବେଳକୁ ଭାରି କୃପଣ । ସାରିଦିଅ ସ୍ତ୍ରୀ ପିଲାଙ୍କ ପାଇଁ ରୋଜଗାର ଧନକୁ । କେତେଦିନ ଜୀବନକୁ ଉପଭୋଗ କରି ସମୟ ଅତିବାହିତ କର । ପଛକୁ ଦେଖାଅଛି ।

ଆଉ ପଛରେ ଥିବ କ'ଣ ? ସମୟ ଚାଲିଗଲାପରେ ହାତ ଥିବ ଖାଲି । ପାଖରେ ସଞ୍ଚୟ ନ ଥାଇପାରେ । ପିଲାମାନେ ତମଠାରୁ ଆହୁରି ଶିକ୍ଷିତ ହେଲାପରେ ତମେ ପଛୁଆବର୍ଗରେ ପରିଗଣିତ ହୋଇ ଆହୁରି ବେଶି ଅଲୋଡ଼ା ହୋଇଯାଇଥିବ । ମନକୁ ବୁଝିଲା ବେଳକୁ ଅବୁଝା ବୟସ ତାଚ୍ଛଲ୍ୟ ହୋଇ କହୁଥିବ – ତମେ ଯେମିତି କରିଥିଲ ତମ ପିଲାମାନେ ସେମିତି କରୁଛନ୍ତି ! କେଉଁ ବାପା-ମା'ଙ୍କ କଥା ବୁଝୁଥିଲି କି ? ଏବେ ମୋ' ପିଲା, ମୋ' ପିଲାହୋଇ ମୁଣ୍ଡ ପିଟିଲେ କେବଳ ରକ୍ତ ଝରିବ । ପିଲାମାନେ ତମ ବସାରୁ ଉର୍ଦ୍ଧ୍ୱରେ ଥାଇ ଚିହ୍ନିପାରୁ ନଥିବେ ଜନ୍ମିତ ବାପା-ମା'ଙ୍କୁ !

**ମନକୁ ବୁଝିଲା ବେଳକୁ ଅବୁଝା ବୟସ ତାଚ୍ଛଲ୍ୟ ହୋଇ କହୁଥିବ – ତମେ ଯେମିତି କରିଥିଲ ତମ ପିଲାମାନେ ସେମିତି କରୁଛନ୍ତି !**

ଅଥଚ କମଳଙ୍କ ମନରେ ବାରମ୍ବାର ଏହି ପ୍ରଶ୍ନର ଉତ୍ତର ମିଳୁନଥିଲା । କାହିଁ ସେ କେବେ ପୁଅମାନଙ୍କ ପାଇଁ ନିଜେ ଭାଙ୍ଗି ପଡ଼ିନଥିଲେ ଆର୍ଥିକ ସଂକଟବେଳେ । ସେମାନେ ପାଠପଢ଼ି ବଡ଼ବାବୁ ହେବେ । ତେଣୁ ନିଜେ ଭାତ-ଲୁଣ ଖାଇଲେ ସୁଦ୍ଧା ଚିନ୍ତାନଥିଲା ଛୋଟିଆ ମାଷ୍ଟରିଆ ଚାକିରିରେ । କେଇବର୍ଷର କଷ୍ଟପରେ ତାଙ୍କ ମନରେ ସୁନାର ଫସଲ ନିଶ୍ଚୟ ଫଳିବ । ସେ ଯେମିତି ମା' ବାପାଙ୍କ ସେବା କରୁଛନ୍ତି, ଏହିଘରେ ପିଲାମାନେ ସେ କଥା ଭୁଲି ଯିବେନି । କେତେ ସୁଧାର ବୋଲକରା ପିଲାମାନେ ତାଙ୍କର ! ବାପାଙ୍କ କଥାରେ ଉଠୁ ବସ ହେବେ ଭୁଲକଲେ ।

ଦୀର୍ଘଶ୍ୱାସ ଛାଡ଼ିଲେ କମଳ । ଏବେ ସେ ସ୍ତବ୍ଧହୋଇ ନିଃସର୍ତ୍ତରେ ଶୁଣୁଛନ୍ତି ପୁଅ-ବୋହୂଙ୍କ ବିସ୍ମୃତିର ଧୃଷ୍ଟତାକୁ । ପୁଅଟି କେବେ କିଛି ନ କହି ଚୁପ୍‌କରି ତା' ଅଫିସ କାମରେ ବ୍ୟସ୍ତ ହୋଇଥାଏ । ଆଉ ବୋହୂଟି ଘର ଭିତରେ ଶାଶୂ-ଶ୍ୱଶୁରଙ୍କ ଛିଦ୍ର ଖୋଜି ବସି ଗପୁଥାଏ ନିଜ ବାପା-ମା' କି ଭାଇଭଉଣୀ

ସହ, ସତେ ଯେମିତି ଏଠି ସେ ପାଉଛି ଶାଶୂଘର ନିର୍ଯାତନା ଯେମିତି ? କଥାର ଚତୁରତା ଭିତରେ ନିଜର ଭାବର ପ୍ରତିବିମ୍ବ ନଥିବ । ତେଣୁ ସେ ଦୃଢ଼ସ୍ୱରରେ କହିପାରିବ କି କାନ୍ଦିକରି ବ୍ୟାଖ୍ୟା କରିପାରେ ସ୍ୱାମୀ କି ବାପଘର ଲୋକଙ୍କ ସାମ୍ନାରେ- ମୁଁ ଏଠି କେତେ କଷ୍ଟରେ ଅଛି ତମେ ବୁଝିପାରିବ ନାହିଁ । ଦିନରାତି ମୋର ନାହିଁ, ଏଇ ବୁଢ଼ାବୁଢ଼ୀ ଦୁଇଜଣ ଦିନକୁ ରାତି ଓ ରାତିକୁ ଦିନକରି ମୋତେ ବାରମ୍ବାର ଡାକୁଥିବେ ବୋହୂ, ପାଣିଟିକିଏ ଦିଏ । ଆମ ହାତଧରି ବାଥ୍‌ରୁମ୍‌କୁ ନିଏ । ଅନ୍ୟପଟରେ ତାଙ୍କର ପୁଅ ନିଘୋଡ଼ ନିଦରେ ଶୋଇ କହୁଥିବେ ଶୁଣାଯାଉନିକି ବାପା, ମା'ଙ୍କ ଡାକ । ଯାଅ ଟିକିଏ ସାହାଯ୍ୟ କରିବ । ଦିନସାରା ତ ଘରେ ରହି କି କାମ କରୁଛ କି ?

ଦିନେକି ଓଳିଏ ନୁହେଁ ପୂରାବର୍ଷ ଧରି ମୁଁ କେତେ କରୁଥିବି । ପାଖରେ ଟଙ୍କା ବେଶି ନାହିଁ ଘରେ ନର୍ସ ରଖିବାକୁ । ତମେମାନେ ନିଜ ଶାଶୂ-ଶ୍ୱଶୁରଙ୍କ କରିଥିଲେ ମଧ୍ୟ ଏମିତି ଚିଡୁଥାଆନ୍ତ । ମୋ' କଥା ବୁଝିବାକୁ ଚେଷ୍ଟାକର । କେବେ ଏଠାକୁ ଆସିଲେ ଦେଖିବ ମୋ' ଘର ଅବସ୍ଥା ।

ତୋ' ସ୍ୱାମୀ ବହୁତ ଭଲ । ତୋ' ଶାଶୂ-ଶ୍ୱଶୁର ଭଲ । ତୁ କି ସେବା କରୁଛୁ ଆମେ ଗଲେ ଦେଖିନୁ କି ? ମୁଠାଏ ଭାତ ରାନ୍ଧିଲା ବେଳକୁ ଅଧାବେଳ ହୋଇଯିବଣି । ଘରଟାରେ କ'ଣ କରୁଛୁ ଫୋନଟି ଧରି । ଆମକୁ ବାରମ୍ବାର ଫୋନକରି ଆମ ଦୁଃଖ ବଢ଼େଇବୁ ନାହିଁ । ତତେ ଜାଣେ । ତୋ' ଗୁଣ ଚିହ୍ନେ । ସେମାନେ ଶିକ୍ଷିତ ଲୋକ ବୋଲି ତୋ ନାଁରେ କେବେ କିଛି ଅଭିଯୋଗ କରୁନାହାନ୍ତି । ଅତି କହିଲେ, ତୋ ପକ୍ଷରେ ଆମେ ଠିଆ ହେବୁନି । ନିଜ ଘରସଂସାର କେମିତି ଚଳାଇବୁ ଶିକ୍ଷିତା ହୋଇ ଅବୁଝା ହେଉଛୁ କିପରି ? ସବୁକ୍ଷେତ୍ରରେ ନିଜକୁ ଶିକ୍ଷିତା କହି ଜାଣିବାର ଡିବି ଡିବି ପିଟିପାରୁଛୁ । ପ୍ରଥମେ ନିଜ ଅନ୍ତରକୁ ପଚାରିଦିଏ ମୁଁ ଯାହା କରୁଛି ଠିକ୍ କରୁଛି ନା ନାହିଁ ? ଝିଅ ଦି'ଟାକୁ ଭଲକଥା ଶିଖା । ସେମାନଙ୍କ ଅଭିଯୋଗ ପର ଜୀବନରେ ଶୁଣିବାକୁ ତୋ' ମନରେ ଦମ୍ଭ ଥିବ ତ ?

- ତମେମାନେ ବୁଝୁନ କାହିଁକି ?

- ଆଉ ଆମେ ବୁଝିପାରିବୁନି । ଆମେ ମଧ୍ୟ ବୟସର ଶେଷ ସୋପାନରେ ଠିଆହୋଇ ଆଶ୍ରା ଖୋଜୁଛୁ । ତମମାନଙ୍କ ପରି ସନ୍ତାନମାନଙ୍କୁ ଏପରି କରି ଗଢ଼ିନଥିଲୁ ଯେ, ପରେ ତମମାନଙ୍କ ନିନ୍ଦା ଶୁଣି କାନ୍ଦିବୁ । ଏବେ ଆମେ ମନକୁ ପଥର କରିଦେଇଛୁ । ତୋ ଶାଶୂ-ଶ୍ୱଶୁରଙ୍କ ସେବାଯତ୍ନ ନେଇ ରହିଥାଆ ।

- ବାପା, ତମେମାନେ ମୋତେ ଭୁଲ୍ ବୁଝୁଛ କାହିଁକି ? ଅମିତାର ଅଭିଯୋଗର ସ୍ୱର ଶୁଭୁଥିଲା ।

ଏତିକିବେଳକୁ ଶାଶୂ ଆସି ଗୋଟିଏ ଚେୟାରରେ ବସିଗଲେ । ଶ୍ୱଶୁର ଅନ୍ୟ ଚେୟାରରେ ବସି କହିଲେ- କିଏ ଫୋନ କରିଥିଲେ । ସମୁଦି କି ? ଦେଲୁନି ମୋତେ ଟିକିଏ । ପଚାରିଥାନ୍ତି ଆଜିର ସାହିତ୍ୟ ମିଟିଙ୍ଗ୍ କଥା । ମୋତେ ଡାକୁଥିଲେ ପରା ସେମାନେ ।

- ଛେନାଗୁଡ଼ ସାହିତ୍ୟ ଆଳାପ କରିଥାଆନ୍ତ କହି ବୋହୂଟି ଶାଶୂକୁ ଆଙ୍ଗୁଠି ଦେଖାଇ କଡ଼ାସ୍ୱରରେ କହିଲା- ତମେ ଯାକୁ ତାକୁ ଖରାପ କହୁଛ ? ଦୁନିଆରେ ସବୁଠାରୁ ବେଶି ଖରାପ ଲୋକ ଏଇଜଣକ ।

ବୋହୂର କର୍କଶସ୍ୱର ଶୁଣି ଶ୍ୱଶୁର ହସିଦେଇ କହିଲେ- ତୁ ଏପର୍ଯ୍ୟନ୍ତ ଆମକୁ ବୁଝିବାକୁ ସମୟ ପାଇନୁ । ଆମ କଥା ଛାଡ଼ିଦିଏ । ତୋ' ପିଲାଙ୍କୁ ଭଲ ସଂସ୍କାରଦେଇ ମଣିଷକରି ଦୁନିଆଁରେ ଠିଆ କରାଇଲେ ସ୍ୱର୍ଗରେ ଥାଇ ମଧ୍ୟ ତୋର ରାଗ ହଜମ କରି ଆଶୀର୍ବାଦ କରିବୁ । ଆମେ ତ ପାଚିଲା ତାଳ । ନିଜର ସନ୍ତାନ ଦୁଇଟିକୁ ସଂସ୍କାରି କରେ । ପୁଅ ତୋର ଅସଲ ରୂପ ଦେଖୁଛି କେତେବେଳେ । ସେ ତା'ର ପଇସା ଗୋଟାଇ ତୁମର ଅଭାବକୁ ପୂରଣ କରୁ କରୁ ସମୟ ଯାଉଛି । ରାତିରେ ଆସିଲେ ଗଣ୍ଡେ ଖାଇଦେଇ ଶୋଇଯିବା ବେଳକୁ ତା କାନରେ ଇଆଡୁ ସିଆଡୁ ମିଛ କଥା କହି କି ଖୁସି ହେଉଛୁ ?

- ମୋର ସବୁ ତ ଖରାପ ଗୁଣଗୁଡ଼ିକ ତମମାନଙ୍କ ଆଖିରେ ଦିଶିଯାଉଛି । ତମେମାନେ ମିଛ କହୁଛ ।

ମିଛ ନୁହେଁ । ଏକଦମ୍ ସତ । ଆଜି ସକାଳେ ଜଣେ ସାହିତ୍ୟ ମିଟିଙ୍ଗ୍‌ରେ ଯୋଗ ଦେବା ପାଇଁ ଡାକିଥିଲେ । ମନା କରିଦେବାରୁ ଫୋନ୍‌ଦ୍ୱାରା ସାହିତ୍ୟର ପରିବର୍ତ୍ତିତ ଦିଗ ପ୍ରତି କିଛି ପ୍ରଶ୍ନ ପଚାରିଥିଲେ । କହିଥିଲି ପରା- ମୁଁ ଜଣେ ଦୁଃସ୍ଥ

**ନିଜ ଘରସଂସାର କେମିତି ଚଳାଇବୁ, ଶିକ୍ଷିତା ହୋଇ ଅବୁଝା ହେଉଛୁ କିପରି ? ସବୁକ୍ଷେତ୍ରରେ ନିଜକୁ ଶିକ୍ଷିତା କହି ଜାଣିବାର ଡିବି ଡିବି ପିଟିପାରୁଛୁ ।**

ସାହିତ୍ୟିକ । ଆର୍ଥିକ ଅନଟନ ଭିତରେ ଗତିକରି ଏବେ ରୁଗ୍‌ଣ । ମୁଁ କେତେ କଷ୍ଟରେ ବଞ୍ଚିଛି କିଏ ଜାଣେ ? ଲେଖାପ୍ରତି ଅନୁରାଗ ଅଛି ବୋଲି ସତକଥା କହିଥିଲି । ଭଞ୍ଜ ସାହିତ୍ୟ, ଫକୀରମୋହନଙ୍କ ବିଷୟରେ କିଛି କହିଥିଲି ।

- ତମମାନଙ୍କର କି କାମ ଅଛି କି ? ଘରକୁ ଟଙ୍କାଟିଏ ଯୋଗାଇବାର ଶକ୍ତିନାହିଁ ଏଥିରେ ବୋହୂ-ପୁଅ ଉପରେ ଆରୋପ କରୁଛ ।

- କାହା ବିରୁଦ୍ଧରେ କହିନି । କେବଳ ଯିବାକୁ ଅସମର୍ଥ ବୋଲି କହିଥିଲି । ମୋ ପାଖରେ ଟଙ୍କା ପଇସା ନାହିଁ । ପୁଣି ରୋଗରେ ପଡ଼ିଛି । କେତେ ଡାକ୍ତର ଦେଖାଇବି ?

- ତମକୁ ଏଠିକୁ ଆଣିଛୁ ଶରୀର ସୁସ୍ଥ କରିବାକୁ । ତମେ ସବୁବେଳେ ସୋରିଷ ତେଲ ଦେହମୁଣ୍ଡରେ ଲଗେଇ ଲୁଗାପଟା ତେଲିଆ ଅସନା କରି ରଖିଲେ ଚର୍ମରୋଗ ଛାଡ଼ିବ ନାହିଁ । ନଡ଼ିଆତେଲ ଦେହରେ ଲଗାଇ ଲୁଗାପଟା ପରିଷ୍କାର ରଖିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି ।



ଅସ୍ପଷ୍ଟ ଦିଶୁଛି ଆଗୁଆ ପଥ କମଳଙ୍କୁ । ଏଇମାନେ ତାଙ୍କର ବଂଶର ରକ୍ଷାକର୍ତ୍ତା, ରକ୍ଷାକର୍ତ୍ତୀ ସାଜିବେ କିପରି ? ଯାହା ମନରେ ଦୟା, ପ୍ରେମ, ମମତାର ବାରି ଆମ୍ବିଳି ତୋରାଣି ପରି ପ୍ରତୀୟମାନ ହେଉଛି ଯେ ସ୍ୱନ୍ଦିତ ଜୀବନରେ ଆ' ତା' ଆଗରେ ହାକୁଟି ମାରୁଛନ୍ତି । ସେଠି ସ୍ୱାମୀର ଟଙ୍କା ମଧ୍ୟ ହଜମ ହେଉନି । ସବୁଦିନ ମନର ବିଷ ନ ଉଦ୍‌ଗାରିଲେ ଭାତ ରୁଚୁନି କି କ'ଣ ଯେ କଣବାଡ଼କୁ ଯାଇ ଶାଶୂ-ଶ୍ୱଶୁରଙ୍କ ନାଁରେ କହି ନିଜ ଗୁଣର ସଫେଇ ଦେଉଛନ୍ତି ? ପୁଅକୁ ଜଣେଇଲେ ତା' ଘର ଅଶାନ୍ତ ହେବ । ଯେମିତି ଚାଲୁଛି ଚାଲୁଥାଉ । ସମୟ ସବୁ ସମାଧାନ କରିଦେବ ଦିନେ ନା ଦିନେ ।

ଠିକ୍ ଏତିକିବେଳକୁ ପୁଣି କାହା ସହ ଫୋନରେ କଥା ହେଉଛି ବୋହୂମଣି । ନିଜକୁ ସଫେଇଦେଇ କହୁଛି-ଦାଦା ଆପଣ ବୁଝୁନାହାନ୍ତି କାହିଁକି ? ଯା'ଙ୍କ ପାଖରେ ସମୟ ନାହିଁ ପରା । ଯିବେ କେମିତି ? ଯଦି ବେଶି କହୁଛନ୍ତି ତେବେ କାଲି ମୁଁ ବାବାଙ୍କୁ ନେଇ ଆପଣଙ୍କ ଘରେ ପହଞ୍ଚେଇଦେବି ।

- ଠିକ୍ ଅଛି । କହି ଫୋନ କାଟିଲେ କମଳଙ୍କ ଡାଳଭାଇ ।

କମଳ ପଚାରିଲେ-ବିମଳର ଫୋନ୍ କି ? ତା' ପାଟିପରି ଶୁଭୁଥିଲା ।

- ସବୁ ତ କାନେଇକି ଶୁଣିବ । ଦିନସାରା ମୋତେ ଜଗିବସିଛ ଯେମିତି ! ଯାଅ ଶୋଇପଡ଼ିବ ।

- ଖାଇବା ହେଲାଣି କି ? ଦିଅ ଖାଇଦେବି !

- ଖାଇବ ଖାଇବ ହୋଇ ମୋ' ମୁଣ୍ଡ ଖାଇଲଣି । ଘଣ୍ଟାକୁ ଘଣ୍ଟା ଭୋକ ଲାଗୁଛି । ସକାଳ ଛଅରୁ ପୁଅ ତମମାନଙ୍କୁ ସଫାସୁତୁରା କରି ଦୁଆର ଚେୟାରରେ ବସେଇଲେ । ମୁଁ ଦେଲି ଖାଇବାକୁ ସକାଳୁ । ତା'ପରେ ଗୋଟିଏ ପରେ ଗୋଟିଏ ଖାଦ୍ୟ ସହ ଔଷଧ ଦେଉଛି । ପୁଣି ବାରଟା ହେଉହେଉ ଭାତ ଖାଇ ଶୋଇବ । ମୁଁ ରକ୍ଷା ପାଇଯିବି ଦୁଇଘଣ୍ଟା ପାଇଁ ।

- ବୋହୂ ମୁଁ ଶିକ୍ଷିତ । ପେନସନ୍ ପାଇ ବଞ୍ଚିଛି । ତଥାପି ତୁ ମୁଣ୍ଡ ବିଗିଡ଼େଇ ପଡ଼ିଛୁ । ଆମେ ତୋ' ପାଖରେ ରହିଲେ ତୁ ସମ୍ଭାଳି ପାରିବୁନି ଆମକୁ । ବାୟାଣୀ ହୋଇଯିବୁ । ଯେତେଶୀଘ୍ର ପାରୁ ପୁଅଘରୁ ମୁଁ ମୋ' ଗାଁ ଓ ଭାଇ ପାଖକୁ ଚାଲିଯିବି । ସେଠି ମୋର ବହୁତ ଲୋକ ଅଛନ୍ତି ଦେହମୁଣ୍ଡ ଦେଖିବାକୁ । ମୋ' ଘରସମ୍ପତ୍ତି ଭାଇ ନାଁରେ କରିଦେବି ।

- ହାଁରେ ହାଁରେ ? ପୁଅ-ବୋହୂକୁ ନ ଦେଇ ଭାଇଙ୍କୁ ସବୁ ସମ୍ପତ୍ତି ଦେବାକୁ ଆପଣଙ୍କ ମନ ଚାହିଁଲା କେମିତି ? ପୁଅ ନିଜର ହେଲେନି କି ?

- ପୁଅ ମୋର । ତୁ କେବେ ମୋର ହେବୁ ତୋ' ଚେଷ୍ଟାରେ କି ଅପଚେଷ୍ଟାରେ ନିରୋଳାରେ ଭାବିବୁ । ପୁଅକୁ ଛୋଟରୁ ବଡ଼କରି ଯୋଗ୍ୟ କରିଛୁ । ଯୋଗ୍ୟ ପୁଅର ସମ୍ପତ୍ତି କି କାମରେ ଆସିବ ? ମୋ' ଭାଇ ଆଗରେ ଅଛି । ତା' ସାଙ୍ଗରେ, ଏତେବର୍ଷ ଗୋଟିଏ ଘରେ ଏକାଠି ଚଳି ଆସିଲୁଣି । ତା' ପୁଅ-ବୋହୂ ଓ ପିଲାଙ୍କ ବ୍ୟବହାରରେ ଗାଁର ଛୁଙ୍କ ଅଛି । ତମେ ସହରର ବିରିୟାନୀ, ମୋମୋ ଖାଇ ଖାଇ ସହରୀ ସଭ୍ୟତାରେ ବିମୋହିତ । ତମେମାନେ ସ୍ୱାର୍ଥପର ଓ ନୂତନତ୍ୱର ମୋହରେ ପାପକୁ ଗିଳିଲେ ମଧ୍ୟ ହଜମ କରିଦେବ । ଆମ ପାଇଁ ତୋର ନିଦ୍ରାରେ ବ୍ୟାଘାତ ହେଉଛି । ତୁମମାନଙ୍କର

ଆସ୍ପର୍ଦ୍ଧାକୁ ମୋ' ପରି ଜଣେ ନୀତିନିୟମଯୁକ୍ତ ଶିକ୍ଷକ ପକ୍ଷେ ଅସହ୍ୟ ହେଉଛି । ତୁମର ପୂର୍ଣ୍ଣ ଅଧିକାରରେ ଖୁସି ହେଉଥାଅ । ମନେରଖ ମହମହ ବାସୁଥିବା ଫୁଲର ମହକ ଦିନେ ଶୁଖିଯିବ । ତା' ପୂର୍ବରୁ ନିଜ ସନ୍ତାନଙ୍କୁ ଉଚିତ ମାର୍ଗରେ ନେଇଯାଅ ।

**ସଭିଏଁ ସମୟର ଦାସ । ବିତିଲା ବର୍ଷ ଆଉ ଫେରିବନି । ଆମେ ତମପାଖରେ ତମର ସୁନେଲୀ ଭବିଷ୍ୟତ ଗାଥା ଶୁଣିବାକୁ ନଥିବୁ ।**

ସଭିଏଁ ସମୟର ଦାସ । ବିତିଲା ବର୍ଷ ଆଉ ଫେରିବନି । ଆମେ ତମପାଖରେ ତମର ସୁନେଲୀ ଭବିଷ୍ୟତ ଗାଥା ଶୁଣିବାକୁ ନଥିବୁ । ଏବେ ତ ଆମକୁ ଷ୍ଟାଣ୍ଡବାଇ କରିଦେଉଛ । ତମେମାନେ ଦିନେ ନିଜ ପିଲାଙ୍କ ଘରେ ଆତ୍ମୀୟ ବୋଲାଇବ କେମିତି ? ମଣିଷପଣିଆ ମରିଗଲେ ମଣିଷ ରହିଲା କୁଆଡ଼େ ହୃଦୟଟି ବୁଝିବ ଦିନେ ନା ଦିନେ । ମୋତେ ଶୀଘ୍ର ମୋ' ଗାଁ ଘରେ ପହଞ୍ଚେଇଦିଏ । ବହୁତ ଦୟା କରିଛ ଡାକ୍ତରଙ୍କୁ ଦେଖାଇବାରେ । ଏଥର ଚିନ୍ତାନାହିଁ । ଗାଁ ପାଖରେ ଡାକ୍ତର ଅଛନ୍ତି । ଅମାନିଆ ମନ ଆତ୍ମୀୟତାର ଲୋଭରେ ପୁଅ ଘରକୁ ଆସିଥିଲା ଖଣ୍ଡି ଖଣ୍ଡି ସଂପର୍କକୁ ଦେଖିବାକୁ ବୋଧେ । ସଂପର୍କର ମିଛ ପ୍ରହେଳିକା ଭିତରେ ପରଳ ଆଖିରେ ମଧ ଜଳଜଳ ଦିଶୁଛି ସଂପର୍କର ଆତ୍ମୀୟତାର ଅବଶେଷ ଯେଉଁଥିରେ ବଞ୍ଚିବାର ବିଶ୍ୱାସରେ କଣ୍ଟା ଫୋଡ଼ିଦେଉଛି ମନକୁ । ଆଉ ସ୍ୱର୍ଗ ନର୍କର ପାର୍ଥକ୍ୟ କ'ଣ ଅଛି କି ?

□□

ଲେଖିକାଙ୍କ ଇ-ମେଲ ଠିକଣା:
sahuac52@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ଯେକୌଣସି ସଂଖ୍ୟାରେ ଗୋଟିଏ କିମ୍ବା ଦୁଇଟି ମାତ୍ର କବିତା ପ୍ରକାଶ ପାଏ। କବିତାରେ ଆତ୍ମମୁଖୀ, ଅର୍ଥାତ୍ 'ମୁଁ' କିମ୍ବା 'ମୋର' ଭଳି ପ୍ରଥମ ପୁରୁଷ ଏକବଚନଯୁକ୍ତ ଶବ୍ଦ ଥିଲେ ତାହା ପ୍ରକାଶ ପାଏନାହିଁ।

୪. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।

୫. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ ଆଲୋଚନା କରିପାରନ୍ତି।

୬. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ ପଠାଇପାରନ୍ତି।

୭. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ ପଠାନ୍ତୁ ନାହିଁ।

୮. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୯. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୧୦. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୧୧. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।

୧୨. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।

୧୩. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୪. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।

ରମ୍ୟରଚନା



# ଭ୍ରମରେ ଯମରାଜ

**ନାରାୟଣ ମହାନ୍ତି**

ଯମରାଜ ସେଦିନ ମନ୍ତ୍ରିମଣ୍ଡଳର ଏକ ଜରୁରି ବୈଠକ ଡକାଇଥିଲେ। ବୈଠକକୁ ଡକରା ପାଇ ଅମାତ୍ୟବର୍ଗ ଅବଶ୍ୟ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। କାରଣ ଏହା ଏକ ଅଭୂତପୂର୍ବ ତଥା ଅଶ୍ରୁତପୂର୍ବ ଘଟଣାଥିଲା। ଜରୁରି ବୈଠକ ଡକାଯିବାର କାରଣ କ'ଣ ହୋଇପାରେ, ସେମାନେ ତାହା ଅନୁମାନ ସୁଦ୍ଧା କରିପାରୁନଥିଲେ।

ଗଳଦ୍‌ଘର୍ମ ହୋଇ ଅମାତ୍ୟବର୍ଗ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଦରବାରରେ ହାଜର ହୋଇଥିଲେ। ବୈଠକର ସମ୍ଭାବ୍ୟ କାରଣ ସମ୍ପର୍କରେ ସେମାନେ ଅବଶ୍ୟ ଫୁସ୍‌ଫୁସ୍ ହେଉଥିଲେ। ମାତ୍ର ସ୍ୱାଭାବିକ ଢଙ୍ଗରେ କଥାବାର୍ତ୍ତା ହେବାର ସାହସ ସେମାନଙ୍କର ନଥିଲା।



**ଧର୍ମରାଜଙ୍କ କ୍ରୋଧ**

କ୍ରୋଧାନ୍ୱିତ ଯମରାଜ ଯଥାସମୟରେ ରାଜସଭାରେ ବିଜେ କରିଥିଲେ। ରାଗରେ ତାଙ୍କ ମୁଖମଣ୍ଡଳ ଲାଲ ପଡ଼ିଯାଇଥିଲା। ସିଂହାସନରେ ବସୁବସୁ ସେ ଗର୍ଜନ କରିଉଠିଲେ, "ମୁଁ ଧର୍ମରାଜ। ମୁଁ ସୂର୍ଯ୍ୟଙ୍କ ଔରସରେ ବିଶ୍ୱକର୍ମାଙ୍କ ତନୟା ସଂଜ୍ଞାଙ୍କ ଗର୍ଭରୁ ଜାତ। ମୁଁ ମନୁଷ୍ୟମାନଙ୍କ ପାପପୁଣ୍ୟର ବିଚାରକର୍ତ୍ତା; ନରକ ମୋର ରାଜ୍ୟ; ସଞ୍ଜୀବନୀପୁର ମୋର ରାଜଧାନୀ। ମୁଁ ପାପୀମାନଙ୍କୁ ଦଣ୍ଡ ଦିଏ; ପୁଣ୍ୟବାନ୍‌ମାନଙ୍କୁ ସ୍ୱର୍ଗକୁ ପଠାଏ। ମୋର ବାହନ ମହିଷ; ମୋର ଆୟୁଧ ଦଣ୍ଡ। ମୁଁ ପିତୃଗଣଙ୍କ ଅଧିପତି-ପିତୃପତି; ପ୍ରେତଗଣର ରାଜା-ପରେତରାଟ୍; ଶ୍ରାଦ୍ଧର ଅଧିଷ୍ଠାତା ଦେବ ଶ୍ରାଦ୍ଧଦେବ; ଯମୁନାର ଭ୍ରାତା- ଯମୁନାଭ୍ରାତା ମୁଁ ପ୍ରେତର ଧର୍ମାଧର୍ମର ବିଚାରକ; ତେଣୁ ଧର୍ମରାଜ..."

ଯମରାଜଙ୍କ ମୁହଁରୁ ଏଭଳି କଥା ଶୁଣି ଅମାତ୍ୟବର୍ଗ ଚକିତ ହୋଇଥିଲେ। ସେମାନେ କିନ୍ତୁ ଅନୁଭବ କରିଥିଲେ ଯେ, ଧର୍ମରାଜ ସେମାନଙ୍କ ଆଗରେ ସ୍ୱ-ପରିଚୟ ପ୍ରଦାନ କରୁନାହାନ୍ତି କିମ୍ବା ଆତ୍ମପ୍ରଶଂସାରେ ମଜିଯାଇ ନାହାନ୍ତି; ବରଂ କ୍ରୋଧରେ ଜର୍ଜରିତ ହୋଇ ଏସବୁ ବଖାଣିଯାଉଛନ୍ତି। ସେ ସାମାନ୍ୟ ଅଟକିଯିବାରୁ ମହାମନ୍ତ୍ରୀ ଚିତ୍ରଗୁପ୍ତ ଛିଡ଼ା ହୋଇପଡ଼ିଲେ। ହାତଯୋଡ଼ି ମୁଣ୍ଡ କିଞ୍ଚିତ୍ ତଳକୁ କରି କହିଲେ, "ହେ ଶ୍ରାଦ୍ଧଦେବ! କି ଅଘଟଣ ଘଟିଛି, ତାହା ପ୍ରକାଶ କରିବାକୁ ବିନମ୍ର ପ୍ରାର୍ଥନା କରୁଅଛି।" ଏଥିଅନ୍ତେ ଯମରାଜ ଭାଷିଲେ, "ଜନ୍ମ ତାରିଖକୁ ନେଇ ମଣିଷ ଜୀବନରେ ବରିଷ୍ଠତା ଧାର୍ଯ୍ୟ ହୁଏ। କିନ୍ତୁ ଏହି ବରିଷ୍ଠତାକୁ ନେଇ ମୃତ୍ୟୁର ତାରିଖ ଧାର୍ଯ୍ୟ ହୁଏନି। ମୁଁ ମହାକାଳ ତାହା ଧାର୍ଯ୍ୟକରେ। କିନ୍ତୁ ... କିନ୍ତୁ ଏବେ ତାହାର ଏକ ବ୍ୟତିକ୍ରମ ପରିଲକ୍ଷିତ ହେଲା। ଇନ୍ଦ୍ରପ୍ରସ୍ଥର ବାସିନ୍ଦା ଶ୍ରୀଧର ବ୍ରହ୍ମଚାରୀଙ୍କ ମୃତ୍ୟୁ ୧୫ ତାରିଖରେ ହେବ ବୋଲି ମୁଁ ଧାର୍ଯ୍ୟ କରିଥିଲି। ମାତ୍ର ତା'ର ଦୁଇଦିନ ପରେ ଅର୍ଥାତ୍ ୧୭ ତାରିଖରେ ତାଙ୍କର ମୃତ୍ୟୁ ହେଲା। ଏ ଅକଳ୍ପନୀୟ ଘଟଣା କିପରି ସମ୍ଭବ ହେଲା, ମୋତେ ଜଣାଅ।" ଚିତ୍ରଗୁପ୍ତ ତାଙ୍କ ପାଞ୍ଜି ଖେଳାଇଲେ। ତା'ପରେ କହିଲେ, "ନୁହେଁ ପରେତରାଟ୍! ଶ୍ରୀଧର ବ୍ରହ୍ମଚାରୀଙ୍କ ମୃତ୍ୟୁ ନିର୍ଦ୍ଧାରିତ ୧୫ ତାରିଖରେ ହିଁ ହୋଇଛି।" ଯମରାଜ ପୁଣି ଗର୍ଜିଉଠିଲେ, "ଇନ୍ଦ୍ରପ୍ରସ୍ଥର ସମସ୍ତ ଖବରକାଗଜର ପ୍ରଥମ ପୃଷ୍ଠାରେ ବାହାରିଛି ଯେ, ମନ୍ତ୍ରୀ ବୈରାଗୀ ବ୍ରହ୍ମଚାରୀଙ୍କ ପିତା ଶ୍ରୀଧର ବ୍ରହ୍ମଚାରୀଙ୍କର ୧୭ ତାରିଖରେ ମୃତ୍ୟୁ ଘଟିଛି। ଚିତ୍ରଗୁପ୍ତ! ମୋତେ ଭ୍ରମିତ କରନାହିଁ।" ଏଥର ଭାରାକ୍ରାନ୍ତ ବଦନରେ ଚିତ୍ରଗୁପ୍ତ ପଞ୍ଜିକା ଘାଣ୍ଟିବାରେ ଲାଗିଲେ। କିଛି ସମୟ ଦରବାରରେ ନିରବତା

ବିରାଜମାନ କଲା। ତା'ପରେ ଚିତ୍ରଗୁପ୍ତ ଭାଷିଲେ, "ଧର୍ମରାଜ! ଅନୁମତି ପ୍ରଦାନ କଲେ, ସମସ୍ତ କଥା ବିସ୍ତୃତ ଭାବରେ ବର୍ଣ୍ଣନା କରିବି।" "ଅନୁମତି ଦିଆଗଲା", ଗୁରୁଗମ୍ଭୀର ସ୍ୱରରେ ଯମରାଜ କହିଲେ। ପାଠକେ! ଚିତ୍ରଗୁପ୍ତ ଯାହା ବର୍ଣ୍ଣନା କଲେ, ଆପଣମାନଙ୍କ ଅବଗତି ନିମନ୍ତେ ତାହା ନିମ୍ନରେ ଉଦ୍ଧାର କରୁଅଛି।

ଚିତ୍ରଗୁପ୍ତ କହିଲେ, "ଇନ୍ଦ୍ରପ୍ରସ୍ଥର ବାସିନ୍ଦା ଶ୍ରୀଧର ବ୍ରହ୍ମଚାରୀ ତାଙ୍କର ଏକମାତ୍ର ପୁତ୍ର ବୈରାଗୀକୁ ଖୁବ୍ ଗେହ୍ଲାରେ ବଢ଼ାଇଥିଲେ। ବୈରାଗୀ ବିଦ୍ୟାଳୟ ଶିକ୍ଷା ସମାପ୍ତ କରି କଲେଜରେ ନାମ ଲେଖାଇଥିଲା। ସେ ଉପାନ୍ତ୍ୟ ବର୍ଷରେ ପଢୁଥିବାବେଳେ ଏକ ଅଭାବନୀୟ କାଣ୍ଡ କରିବସିଲା। ଦିନେ ଜନୈକ ସହପାଠିନୀକୁ ଧର୍ଷଣ କରିବାକୁ ଉଦ୍ୟମ କଲା। ଛାତ୍ରୀର ଅଭିଯୋଗ ଭିତ୍ତିରେ ସେ ଗିରଫଦାର ହେଲା। ଏଣେ କଲେଜ କର୍ତ୍ତୃପକ୍ଷ ତାକୁ ବହିଷ୍କାର କରିଦେଲେ। ବୈରାଗୀ କିନ୍ତୁ ଉଭୟ କାର୍ଯ୍ୟାନୁଷ୍ଠାନ ବିରୋଧରେ ସିଧାସଳଖ ଶୀର୍ଷ ଅଦାଲତରେ ଆପତ୍ତି କଲା। ଅଦାଲତ ଉଭୟ ଗିରଫଦାରି ଓ ବହିଷ୍କରଣକୁ ଅବୈଧ ଘୋଷଣା କରିଦେଲେ। ସଂପୃକ୍ତ ସମସ୍ତଙ୍କୁ ଚକିତ କରି ସେ ପୁଣି କଲେଜକୁ ଫେରିଆସିଥିଲା।

**ସରକାରୀ ଡାକ୍ତରଖାନା ଉପରେ ଭରସା ନଥିବାରୁ ସେ ବାପାଙ୍କୁ ଏକ ବେସରକାରୀ ହାସପାତାଳକୁ ନେଇଗଲେ।**

ମାମୁଘରୁ ମୁକୁଳିବା ପରେ ବୈରାଗୀର ଭାଉ ଖାଲି କଲେଜରେ ନୁହେଁ, ବରଂ ସାରା ସମାଜରେ ବଢ଼ିଯାଇଥିଲା। ସେବେଠାରୁ ସେ ଆଉ ପଛକୁ ଫେରି ଚାହିଁନଥିଲା। ପରବର୍ଷ କଲେଜ ନିର୍ବାଚନ ଲଢ଼ି ସେ ଛାତ୍ର ସଂସଦର ସଭାପତି ହୋଇଥିଲା। ତା'ପରେ ପ୍ରତ୍ୟକ୍ଷ ରାଜନୀତିରେ ଯୋଗଦେଇଥିଲା। ସାଧାରଣ ନିର୍ବାଚନରେ ଭାଗନେଇ ବିଧାୟକ ହୋଇଥିଲା। ତା'ପରେ ମନ୍ତ୍ରୀ...।"

## ବୈରାଗୀଙ୍କ ଆଲୁଦୋଷ

ଚିତ୍ରଗୁପ୍ତ କହିଚାଲିଥିଲେ, "କ୍ଷମତାସୀନ ହେଲାପରେ ଅର୍ଥାତ୍ ମନ୍ତ୍ରୀତ୍ୱ ଲାଭ କଲାପରେ ମାନ୍ୟବର ବୈରାଗୀ ବ୍ରହ୍ମଚାରୀଙ୍କର ଚାପି ହୋଇରହିଥିବା 'ଆଲୁ ଦୋଷ' ପ୍ରକଟିତ ହୋଇଥିଲା। ନାରୀ-ସମ୍ଭୋଗ ତାଙ୍କ ପାଇଁ ଏକ ନିତିଦିନିଆ କଥା ପାଲଟିଯାଇଥିଲା। ହାତରେ କ୍ଷମତା ଥିବାରୁ ଉପଭୋଗ ପାଇଁ ରମଣୀମାନେ ସହଜରେ ଲଭ୍ୟ ହେଉଥିଲେ। ବିବାହ ପରେ, ଏପରିକି ସନ୍ତାନପ୍ରାପ୍ତି ପରେ ମଧ୍ୟ ସେ ପୂର୍ବବତ୍ ଜାରକର୍ମରେ ଲିପ୍ତ ରହିଥିଲେ।

ସମୟ ଗଡ଼ିଚାଲିଥିଲା; ବୟସ ବଢ଼ିଚାଲିଥିଲା। ଗ୍ରାମରେ ରହୁଥିବା ମନ୍ତ୍ରୀଙ୍କ ପିତା ଶ୍ରୀଧର ବ୍ରହ୍ମଚାରୀ ଏକ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହେଲେ। ମନ୍ତ୍ରୀ ଚାହିଁଲେ ପିତାଙ୍କୁ ଆଣି ରାଜଧାନୀରେ ଥିବା ତାଙ୍କ ସରକାରୀ ପ୍ରାସାଦରେ ରଖି ଚିକିତ୍ସା କରାଇବେ। ମାତ୍ର ତାଙ୍କର ଅର୍ଦ୍ଧାଙ୍ଗିନୀ ଏଥିରେ ବାଧକ ସାଜିଲେ। ସେ କହିଲେ, "ରୋଗୀର ସ୍ଥାନ ଡାକ୍ତରଖାନାରେ – ବାସଭବନରେ ନୁହେଁ।" ଧର୍ମପତ୍ନୀଙ୍କ କଥାକୁ ଟାଳିଦେବାର ଯୁ ମନ୍ତ୍ରୀ ବୈରାଗୀ ବ୍ରହ୍ମଚାରୀଙ୍କର ନଥିଲା। ଅଗତ୍ୟା ସେ ବାପାଙ୍କୁ ଆଣି ସିଧାସଳଖ ଏକ ଚିକିତ୍ସାଳୟରେ ଭର୍ତ୍ତି କରିଦେଲେ। ସରକାରୀ ଡାକ୍ତରଖାନା ଉପରେ ଭରସା ନଥିବାରୁ ଏକ ବେସରକାରୀ ହାସପାତାଳକୁ ନେଇଗଲେ। ବାପାଙ୍କ ଦେଖାଶୁଣା କରିବାକୁ ଲୋକ ଖଞ୍ଜିଦେଲେ। ହାତରେ କ୍ଷମତା ଥିଲା; ପାଖରେ ଧନ ଥିଲା। ସୁତରାଂ ପିତାଙ୍କ ଚିକିତ୍ସାରେ ଅବହେଳା ହୋଇନଥିଲା।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ମାନ୍ୟବର ମନ୍ତ୍ରୀ ବୈରାଗୀ ବ୍ରହ୍ମଚାରୀ ଏକ ୭-ଦିନିଆ ବିଦେଶ ଗସ୍ତରେ ବାହାରିଗଲେ। ଏହା ଏକ ସରକାରୀ ଗସ୍ତ ହୋଇଥିବାରୁ ଏହାକୁ ଏଡ଼ିବା ତାଙ୍କ ପକ୍ଷେ ସମ୍ଭବ ନଥିଲା। ଯିବା ପୂର୍ବରୁ କିନ୍ତୁ ପିତାଙ୍କର ଚିକିତ୍ସାରେ ଯେପରି ସାମାନ୍ୟତମ ଅବହେଳା ନହୁଏ, ସେଥିଲାଗି ସଂପୃକ୍ତ ସମସ୍ତଙ୍କୁ ତାଗିଦା କରିଦେଇଥିଲେ।

ଚିତ୍ରଗୁପ୍ତ କହିଚାଲିଥିଲେ, "ମନ୍ତ୍ରୀ ବୈରାଗୀ ବ୍ରହ୍ମଚାରୀଙ୍କ ଗସ୍ତ ୧୨ ତାରିଖରୁ ୧୮ ତାରିଖ ଯାଏ ସ୍ଥିରୀକୃତ ହୋଇଥିଲା। ନଥିପତ୍ରରେ ଏହାକୁ 'ସରକାରୀ ଗସ୍ତ' ବୋଲି ଦର୍ଶାଯାଇଥିଲେ ବି ବାସ୍ତବ କ୍ଷେତ୍ରରେ ସେପରି କିଛି ନଥିଲା। ସେ ଦିନରେ ଏଣେତେଣେ ବୁଲାବୁଲି କରି ରାତିରେ ହୋଟେଲକୁ ଫେରିଆସୁଥିଲେ। ତାଙ୍କର ଯୌନ କାମନା ଚରିତାର୍ଥ କରିବା ପାଇଁ ସଂସ୍ଥା ପ୍ରତି ରାତିରେ ବଛାବଛା ଯୁବତୀ ଯୋଗାଇଦେଉଥିଲା। କହିବାକୁ ଗଲେ, ବିଦେଶୀ

ଯୁବତୀଙ୍କୁ ସମ୍ଭୋଗ କରି ରତିଲାଳସା ମେଣ୍ଟାଇବା ତାଙ୍କ ଗସ୍ତର ପ୍ରକୃତ ଉଦ୍ଦେଶ୍ୟ ଥିଲା।

ଏହିପରି ମନ୍ତ୍ରୀ ବୈରାଗୀ ବ୍ରହ୍ମଚାରୀ ୩ଦିନ ଓ ୩ରାତି ନିର୍ବିଘ୍ନରେ ବିତାଇଦେଇଥିଲେ। ଏଣେ ୧୫ ତାରିଖରେ ତାଙ୍କ ପିତା ଶ୍ରୀଧର ବ୍ରହ୍ମଚାରୀଙ୍କର ମୃତ୍ୟୁ ଘଟିଥିଲା ଏବଂ ଚିକିତ୍ସାଳୟର ମୁଖ୍ୟ ତତ୍କ୍ଷଣାତ୍ ମନ୍ତ୍ରୀଙ୍କୁ ଫୋନ କରି ତାହା ଜଣାଇଦେଇଥିଲେ। ରତିସୁଖରେ ମାତିଥିବା ମନ୍ତ୍ରୀ ପିତାଙ୍କ ମୃତ୍ୟୁ ଖବର ଶୁଣି ତୀବ୍ର ବିରକ୍ତି ପ୍ରକାଶ କରିଥିଲେ। ସେ ନିର୍ଦ୍ଦେଶ ଦେଇଥିଲେ, "ମୁଁ ନ କହିବା ପର୍ଯ୍ୟନ୍ତ ଏହି ଖବର ପ୍ରଘଟ କରିବନାହିଁ।"

**ସ୍ୱପ୍ନରେ ପିତୃଦେବ**

ପିତାଙ୍କ ମୃତ୍ୟୁ ଖବରକୁ ମନରୁ କାଢ଼ିଦେଇ ମନ୍ତ୍ରୀ ବୈରାଗୀ ବ୍ରହ୍ମଚାରୀ ୧୫ ତାରିଖ ଦିନରେ ଧୁମ୍ ବୁଲାବୁଲି କଲେ ଏବଂ ରାତିରେ ପୂର୍ବବତ୍ ବିଦେଶୀ ଯୁବତୀର ସଙ୍ଗ ଲାଭକଲେ। ୧୬ ତାରିଖ ଦିବା ଓ ରାତ୍ରୀ ମଧ୍ୟ ସେହିପରି ବିତାଇଲେ। ମାତ୍ର... ମାତ୍ର ରାତିର ଶେଷ ପ୍ରହରରେ ସେ ଏକ (ଦୁଃ)ସ୍ୱପ୍ନ ଦେଖିଲେ। ତାଙ୍କ ପିତା ଶଯ୍ୟା ପାଖରେ ଛିଡ଼ା ହୋଇ ପ୍ରଶ୍ନ କରୁଥିଲେ, "ମୋର ଶବ ଆଉ କେତେକାଳ ଏମିତି ପଡ଼ିରହିବ? କେତେକାଳ ଏମିତି ପଡ଼ିରହିବ?" ମନ୍ତ୍ରୀଙ୍କ ନିଦ ଭାଙ୍ଗିଗଲା। ସେ ଦେଖିଲେ, ପିତା ସଶରୀରେ ଶଯ୍ୟା ପାଖେ ଛିଡ଼ା ହୋଇଛନ୍ତି। ସେ ଧଡ଼ପଡ଼ ହୋଇ ତାଙ୍କ ପାଖକୁ ଦୌଡ଼ିଗଲେ। ମାତ୍ର କ୍ଷଣିକ ଭିତରେ ପିତା ଉଭାନ ହୋଇଯାଇଥିଲେ।



ମନ୍ତ୍ରୀ ବିଚଳିତ ହୋଇପଡ଼ିଥିଲେ; ତାଙ୍କର ଭାବାନ୍ତର ହୋଇଥିଲା। ସେ ଅସ୍ଥିର ଭାବେ ପ୍ରକୋଷ୍ଠରେ ପଦଚାରଣ କରିଥିଲେ। ତା'ପରେ ପ୍ରାତଃଭ୍ରମଣରେ ବାହାରିଯାଇଥିଲେ। ବିଗତ ରାତିର ସ୍ୱପ୍ନ ବାରମ୍ବାର ତାଙ୍କ ମନରେ ଉଙ୍କିମାରୁଥିଲା। ସେ ନିଷ୍ପତ୍ତି କଲେ, ବାପାଙ୍କ ପାଇଁ ଗୋଟିଏ ରାତିର ସମ୍ଭୋଗ-ସୁଖକୁ ତ୍ୟାଗକରି ସେ ଆଜି ହିଁ ଫେରିଯିବେ। ହୋଟେଲକୁ ଆସି ମନ୍ତ୍ରୀ ବୈରାଗୀ ବ୍ରହ୍ମଚାରୀ ଡାକ୍ତରଖାନାର ମାଲିକଙ୍କୁ ଫୋନ କଲେ। ନିର୍ଦ୍ଦେଶ ଦେଲେ, "ଏବେ ମୋ ବାପାଙ୍କ ମୃତ୍ୟୁ ଘଟିଲା ବୋଲି ଘୋଷଣା କରିଦିଅ। କହିଦିଅ ଯେ, ଏ ଖବର ପାଇ ମୁଁ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛି। ବିଦେଶ ଗସ୍ତ ବାତିଲକରି ଘରକୁ ଫେରିଆସୁଛି। ମୁଁ ପହଞ୍ଚିଲେ ଶବସତ୍କାର କରାଯିବ।" ଡାକ୍ତରଖାନା କର୍ତ୍ତୃପକ୍ଷ ମନ୍ତ୍ରୀଙ୍କ ଆଦେଶକୁ ଅବଶ୍ୟ ପାଳନ କରିଥିଲେ। ଏଣେ ମନ୍ତ୍ରୀ ଏକ ସ୍ୱତନ୍ତ୍ର ବିମାନରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ବିମାନବନ୍ଦରରୁ ସିଧା ହାସପାତାଳକୁ ଯାଇଥିଲେ। ସେଦିନ ଯଥାବିଧି ଶବସତ୍କାର କରାଯାଇଥିଲା ଏବଂ ସେ ମୁଖାଗ୍ନି ଦେଇଥିଲେ।

ପରଦିନ ରାଜ୍ୟର ସମସ୍ତ ଖବରକାଗଜ ପ୍ରଥମ ପୃଷ୍ଠାରେ ଏହି ଖବର ପ୍ରକାଶ ପାଇଥିଲା। ସମ୍ବାଦର ଶୀର୍ଷକ ଥିଲା, 'ମନ୍ତ୍ରୀ ବୈରାଗୀ ବ୍ରହ୍ମଚାରୀଙ୍କ ପିତୃ ବିୟୋଗ : ବିଦେଶ ଗସ୍ତ ବାତିଲ କରି ମନ୍ତ୍ରୀ ଫେରିଆସିଲେ।' ବିଷୟରେ ଲେଖାଥିଲା, 'ରାଜ୍ୟର ବରିଷ୍ଠ ମନ୍ତ୍ରୀ ଶ୍ରୀ ବୈରାଗୀ ବ୍ରହ୍ମଚାରୀଙ୍କ ପିତା ଶ୍ରୀଧର ବ୍ରହ୍ମଚାରୀଙ୍କର ରାଜଧାନୀର ଏକ ଖ୍ୟାତନାମା ହାସପାତାଳରେ ୧୭ ତାରିଖ ସକାଳେ ପରଲୋକ ହୋଇଯାଇଛି। ସେ ଏକ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ସେଠାରେ ରହି ଚିକିତ୍ସିତ ହେଉଥିଲେ। ବିଦେଶ ଗସ୍ତରେ ଥିବା ମନ୍ତ୍ରୀ ଶ୍ରୀ ବ୍ରହ୍ମଚାରୀ ବାପାଙ୍କ ମୃତ୍ୟୁ ଖବରପାଇ ଦୁଃଖରେ ଭାଙ୍ଗିପଡ଼ିଥିଲେ। ଗସ୍ତକୁ ବାତିଲ କରି ସେ ତତ୍କ୍ଷଣାତ୍ ଘରକୁ ଫେରିଆସିଥିଲେ। ସେ ପହଞ୍ଚିଲା ପରେ ଶବକୁ ଏକ ବିଶାଳ ପଟୁଆରରେ ଶ୍ମଶାନକୁ ନିଆଯାଇ ସତ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ମନ୍ତ୍ରୀ ବୈରାଗୀ ବ୍ରହ୍ମଚାରୀ ମୁଖାଗ୍ନି ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ମନ୍ତ୍ରୀ ବିଦେଶ ଗସ୍ତରେ ଥିବାବେଳେ ତାଙ୍କର ଧର୍ମପତ୍ନୀ ଦିନରାତି ୨୪ ଘଣ୍ଟା ହାସପାତାଳରେ ରହି ଶ୍ୱଶୁରଙ୍କର ସେବା ଓ ଯତ୍ନରେ ନିମଜ୍ଜିତ ଥିଲେ।'

ଏଥର ଯମରାଜଙ୍କ ଆଡ଼କୁ ଚାହିଁ ଚିତ୍ରଗୁପ୍ତ କହିଲେ, "ଏହିପରି ୧୭ ତାରିଖରେ ନୁହେଁ, ଆପଣଙ୍କ ଦ୍ୱାରା ନିର୍ଦ୍ଧାରିତ ୧୫ ତାରିଖରେ ହିଁ ଶ୍ରୀଧର ବ୍ରହ୍ମଚାରୀଙ୍କର ମୃତ୍ୟୁ ଘଟିଥିଲା।" ଏଯାଏ ଗମ୍ଭୀର ହୋଇ ସମସ୍ତ ବୃତ୍ତାନ୍ତ ଶୁଣୁଥିବା ଧର୍ମରାଜ ଏବେ ହସିଉଠିଥିଲେ। ହାସ୍ୟରୋଳ ମଧ୍ୟରେ ମନ୍ତ୍ରିମଣ୍ଡଳର ଜରୁରୀ ବୈଠକ ସମାପ୍ତ ହୋଇଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
drnarayanmohanty@gmail.com


ପ୍ରବନ୍ଧ

# କନ୍ଧାନ ଅଞ୍ଚଳର ଲୋକକବିତା: ଏକ ଦୃଷ୍ଟିପାତ



ଦୋଳଗୋବିନ୍ଦ ବିଶୀ

ପୁରାତନ କଳାହାଣ୍ଡି ଓ ପାଟଣାରାଜ୍ୟର ପରିସୀମା ମଧ୍ୟରେ ଅବସ୍ଥିତ ବ୍ୟାପକ ଭୂଖଣ୍ଡକୁ ପୂର୍ବେ କନ୍ଧାନପ୍ରଗଣା ବା କନ୍ଧାନଦେଶ ବୋଲି କୁହାଯାଉଥିଲା। ଏବେମଧ୍ୟ ଏହାକୁ କନ୍ଧାନ ଅଞ୍ଚଳ ବା କନ୍ଧରିଆ ଅଞ୍ଚଳ ବୋଲି ସମସ୍ତେ ଜାଣନ୍ତି। ଏହି କ୍ଷେତ୍ର ବହୁଳ ପରିମାଣରେ କନ୍ଧମାନଙ୍କ ଦ୍ୱାରା ଅଧ୍ୟୁଷିତ ହୋଇଥିବାରୁ ଏହାର ଏପରି ନାମକରଣ ହୋଇଛି। ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ତଥା ରାଜନୈତିକ ଦୃଷ୍ଟିରୁ ଅବହେଳିତ ହୋଇ ରହିଆସିଥିଲେ ହେଁ ଏ ମାଟିର ସାଂସ୍କୃତିକ ଓ ସାରସ୍ୱତ ପରମ୍ପରା ବେଶ ସମୃଦ୍ଧ। ନିର୍ଗୁଣମାହାତ୍ମ୍ୟ, ବିଷ୍ଣୁଗର୍ଭପୁରାଣ ଓ ଦେବଦର୍ଶନପୁରାଣ ପରି ଜନପ୍ରିୟ ପୁରାଣସାହିତ୍ୟର କବି ଚୈତନ୍ୟ ଦାସ, ରାସର କବି ବନମାଳୀ ଦାସ ଏବଂ ଅଧ୍ୟାତ୍ମ୍ରାମାୟଣର କବି ଗୋପାଳ ତେଲେଙ୍ଗା ଆଦି ଅନେକ ପ୍ରସିଦ୍ଧ ଲୋକକବି ଏ ଅଞ୍ଚଳରେ ସାରସ୍ୱତ ସାଧନା କରି ଓଡ଼ିଆସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି।




ବନମାଳୀ ରାସର ଲେଖକ ବନମାଳୀ ଦାସ ଯେ କନ୍ଧାନ ଅଞ୍ଚଳରେ ଜନ୍ମ ହୋଇଥିଲେ ଏ କଥା ଐତିହାସିକ କେଦାରନାଥ ମହାପାତ୍ର ତାଙ୍କ ସଂପାଦିତ କଳାହାଣ୍ଡି ପତ୍ରିକାରେ ସେତେବେଳେ ସ୍ୱୀକାର କରିଥିଲେ। ଓଡ଼ିଆଭାଷାର ପ୍ରସିଦ୍ଧ ବୈଷ୍ଣବକାବ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁଙ୍କ ବିଦଗ୍ଧ ଚିନ୍ତାମଣି ସହିତ କେବଳ ବନମାଳୀ ଦାସଙ୍କ 'ରାସ' ବା 'ବନମାଳୀରାସ' ହିଁ ତୁଳନୀୟ । ଶ୍ରୀ ମହାପାତ୍ର ବନମାଳୀ ଦାସଙ୍କୁ କନ୍ଧାନଦେଶ ବା କଳାହାଣ୍ଡିବାସୀ ବୋଲି ନିର୍ଣ୍ଣୟକରି କଳାହାଣ୍ଡି ପତ୍ରିକାରେ ନିମ୍ନମତେ ନିବେଦନଟିଏ ପ୍ରକାଶ କରିଥିଲେ ।

ନିବେଦନ

"ବୈଷ୍ଣବ କବି ବନମାଳୀ ଦାସଙ୍କ ଦ୍ୱାରା ରଚିତ ରାସ ପ୍ରାୟ ଚାରିଶହ ବର୍ଷର ପ୍ରାଚୀନଗ୍ରନ୍ଥ । ଏହି ଗ୍ରନ୍ଥର ପ୍ରଥମ ଓ ମଧ୍ୟମ ଖଣ୍ଡ ମିଳୁଅଛି । ସେଥିରେ କବି ନିଜକୁ "କନ୍ଧାନଦେଶ" ବା କଳାହାଣ୍ଡିବାସୀ ଗୋପାଳକୁଳ ଜାତ ବୋଲି ପରିଚୟ ଦେଇଅଛନ୍ତି । ପ୍ରାୟ ୪ଶ ବର୍ଷ ପୂର୍ବେ କଳାହାଣ୍ଡିର ଜଣେ କବି ପ୍ରାଚୀନ ଓଡ଼ିଆସାହିତ୍ୟକୁ ଏପରି ମହତ୍ଦାନ କରିଥିବାରୁ ପ୍ରତ୍ୟେକ କଳାହାଣ୍ଡିବାସୀ ଗର୍ବ ଓ ଗୌରବ ଅନୁଭବ କରିବାର କଥା । କିନ୍ତୁ ଦୁଃଖର ବିଷୟ ବନମାଳୀ ରାସ ଗ୍ରନ୍ଥର ପୂରାସେଟ (ଆଦ୍ୟ, ମଧ୍ୟ ଓ ଅନ୍ତ୍ୟ ଖଣ୍ଡ) ନ ମିଳିବାରୁ କଳାହାଣ୍ଡିର ଏ କବିଙ୍କର ପରିଚୟ ଓ ସାହିତ୍ୟସାଧନା ସମ୍ବନ୍ଧରେ ସଂପୂର୍ଣ୍ଣ ବିବରଣୀ ଦିଆଯାଇପାରୁନାହିଁ । କୌଣସି ପାଠକ ଶ୍ରମସ୍ୱୀକାର ପୂର୍ବକ ଏ ରାସଗ୍ରନ୍ଥ ତିନିଖଣ୍ଡ ଯାକ ଖୋଜି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଇଲେ କଳାହାଣ୍ଡିର ଗୌରବ ବଢ଼ନ୍ତା ।

ପ୍ରକାଶ ଥାଉକି-ଗ୍ରନ୍ଥ ପ୍ରେରକ ଇଚ୍ଛାକଲେ ପୋଥିଗୁଡ଼ିକ ନକଲ ହେବାପରେ ଫେରାଇ ଦିଆଯିବ ।

ନିବେଦକ

ଶ୍ରୀ କେଦାରନାଥ ମହାପାତ୍ର

ଆର୍‌କିଲୁଜିଷ୍ଟ

ପୋ:ଅ; ଭବାନୀପାଟଣା, କଳାହାଣ୍ଡି ଷ୍ଟେଟ୍

ଗୋପାଳ ତେଲେଙ୍ଗା ଓ ଚୈତନ୍ୟ ଦାସ ହେଉଛନ୍ତି ଅଷ୍ଟାଦଶ ଶତାବ୍ଦୀର କବି। ଏହାଙ୍କ ସମସାମୟିକ ଆଉଜଣେ କବି ହେଉଛନ୍ତି 'ଚନ୍ଦ୍ରହାର କେଳି ଅଭିଳାଷ'ର ଲେଖକ ପୀତାମ୍ବର ଦାସ। କଳାହାଣ୍ଡି ରାଜଦରବାରର ଜନୈକ ସଭାକବି ହୋଇଥିଲେ ହେଁ ଲୋକଶୈଳୀରେ କାବ୍ୟ-କବିତା ରଚନାକରି କବି ରାମଚନ୍ଦ୍ର ରାୟଗୁରୁ ବେଶ ଜନପ୍ରିୟ

ହୋଇପାରିଥିଲେ। ତାଙ୍କ ରଚନାମାନ ହେଉଛି,-କାମକଳା ଚଉତିଶା, କଳାମେଘ ଚଉତିଶା, ମୋହନ ଚଉତିଶା, ସୀତା ବିଳାପ ଓ ରାମବିଳାପ ପ୍ରଭୃତି। କନ୍ଧାନ ଅଞ୍ଚଳର ଜଣେ ଅଜ୍ଞାତ କବି ଈଶ୍ୱର ଦାସ ରାମାୟଣ ଆଖ୍ୟାନମୂଳକ ଅନେକ ଦୀର୍ଘ କବିତା ବା ଗୀତ ଓ ଚରିତ୍ର ଆଧାରିତ କ୍ଷୁଦ୍ର କ୍ଷୁଦ୍ର କବିତାମାନ ରଚନା କରିଥିଲେ। ଯଥା: କନକମୃଗ, କବନ୍ଧମୋକ୍ଷ, ଭକ୍ତିମତୀ ଶବରୀ, ରାମସୁଗ୍ରୀବ ଭେଟ, ସୀତାଠାବ ଓ ସାଗରଲଙ୍ଘନ ଇତ୍ୟାଦି।

**ଦଇତାରୀ ମାଝୀ**

କନ୍ଧାନ ଅଞ୍ଚଳର କନ୍ଧକବି ଭାବରେ ଲୋକକବି ଦଇତାରୀ ମାଝୀ ପ୍ରସିଦ୍ଧି ଓ ଜନାଦୃତି ଲାଭ କରିଥିଲେ। ୧୮୬୬ରେ ଜନ୍ମିତ କବି ଦଇତାରୀ ମାଝୀ ୯୬ ବର୍ଷ ବୟସରେ ୧୯୬୨ ମସିହାରେ ଦେହତ୍ୟାଗ କରିଥିଲେ। କଳାହାଣ୍ଡିର ଲୋମହର୍ଷଣକାରୀ କନ୍ଧମେଳି ବର୍ଣ୍ଣନାମୂଳକ ଏକ ତଥ୍ୟପୂର୍ଣ୍ଣ ଓ ଜନପ୍ରିୟ ଗୀତ- କନ୍ଧମେଳି ଗୀତର ରଚୟିତା ହେଉଛନ୍ତି କବି ଦଇତାରୀ ମାଝୀ। ସେ କୋଟବେସ୍କା ପ୍ରଗଣାର ନର୍ଲା ବ୍ଲକ ଅନ୍ତର୍ଗତ ବାଗପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଲେଖକ ନିଜେ ବାଗପୁର ଗ୍ରାମକୁ ଯାଇ କବି ଦଇତାରୀଙ୍କ ପୁତ୍ର ଶ୍ରୀ ବିଶିକେଶନ ମାଝୀ ଓ ତାଙ୍କ ଶିଷ୍ୟ ହାଡ଼ିପା ବାଗଙ୍କଠାରୁ କନ୍ଧମେଳି ଗୀତ ସଂଗ୍ରହକରି ଆଣିଥିଲା। ଏହା ପ୍ରକାଶିତ ମଧ୍ୟ ହୋଇଥିଲା। ଗବେଷକ ଡକ୍ଟର ପ୍ରଫୁଲ୍ଲ କୁମାର ସାମନ୍ତରାୟ ତାଙ୍କର କନ୍ଧମେଳି ଉପରେ ଆଲୋଚିତ ଏକ ପ୍ରବନ୍ଧର ସହାୟକ ସୂତ୍ର ସୂଚୀରେ କନ୍ଧମେଳି ଗୀତର କବି ଭାବରେ ଶ୍ରୀ କମଳଲୋଚନ କାମପାଳ ସୁନାଙ୍କର ନାମ ଉଲ୍ଲେଖ କରିଛନ୍ତି। ଏହା ଠିକ ତଥ୍ୟ ନୁହେଁ। କମଳଲୋଚନ କାମପାଳ ସୁନା ଦଇତାରୀ ମାଝୀଙ୍କର ଶିଷ୍ୟକବି ଥିଲେ ଓ ବାଗପୁର ନିବାସୀ ଥିଲେ। ସେ ମଧ୍ୟ ଅନେକ ଗୀତବହି ରଚନା କରିଛନ୍ତି। ଶିଷ୍ୟ ଭାବରେ ଦଇତାରୀ ମାଝୀଙ୍କର ପ୍ରାୟ ସମସ୍ତ ଲେଖା ତାଙ୍କ ପାଖରେ ଥିଲା। ଦଇତାରୀ ମାଝୀଙ୍କର ଗୀତମାନ ଗୋଟିଏ ପରେ ଗୋଟିଏ ପ୍ରକାଶିତ ହେବାପରେ ସେ ତାକୁ ସ୍ୱରଦେଇ ଗାଇଗାଇ ବାଲିପଡ଼ା, ଉକ୍କେଲା, ବେଲଗାଁ, ଟିଟିଲାଗଡ, ରୁଫୁଡା, ରାମପୁର, ସଏଁତଲା ଓ କଣ୍ଟାବାଞ୍ଜି ଆଦି ବଜାରମାନଙ୍କରେ ବୁଲାବିକାଳୀ ଭାବରେ ବିକ୍ରି କରୁଥିଲେ। ଠିକ ଏହିପରି ଭାବରେ ବିକ୍ରିକରି ପଢ଼ି, ବୋଲି, କାନ୍ଦ, ଚଉତିଶା, ପୁରାଣ ଆଦି ବିଭିନ୍ନ ପ୍ରକାର ଗୀତିକାବ୍ୟାଦିର ପ୍ରଚାର ପ୍ରସାର ମଧ୍ୟ କରୁଥିଲେ ଓ ସେହି ମାର୍ଗରେ ଥିବାରୁ କେତୋଟି ଗୀତବହି ରଚନା କରିଥିଲେ। ଦଇତାରୀ ମାଝୀଙ୍କ ତିରୋଧାନ ପରେ ତାଙ୍କର କେତୋଟି ଗୀତବହିକୁ ସେ ନିଜ ଭଣିତାରେ ଛପାଇ ପ୍ରସାର କରିଥିଲେ। ସେ ମଧ୍ୟରୁ ଦଇତାରୀ ମାଝୀଙ୍କର ରଚିତ କନ୍ଧମେଳି ଗୀତ ଅନ୍ୟତମ। କନ୍ଧମେଳି ଗୀତ କମଳଲୋଚନ କାମପାଳ ସୁନାଙ୍କର ରଚନା ନୁହେଁ, ସେ ହରିବଂଶ କୃଷ୍ଣଜନ୍ମ ଗୀତ, ସ୍ତ୍ରୀ ରଜୋବତୀ ଗୀତ ଆଦି ପ୍ରାୟ କୋଡ଼ିଏ ଖଣ୍ଡ ଗୀତବହି ରଚନା କରିଥିଲେ। ଗିଗିନା ଗ୍ରାମରେ ରହୁଥିବା ତାଙ୍କ ସାନଭାଇ ଦୁର୍ବଳ ସୁନା ମଧ୍ୟ ସେତେବେଳେ କେତେଖଣ୍ଡ କବିତାପୁସ୍ତିକା ଲେଖି କନ୍ଧାନ ଅଞ୍ଚଳର ବଜାରମାନଙ୍କରେ ବୁଲିବୁଲି ବିକ୍ରି କରୁଥିଲେ। କନ୍ଧମେଳି ଗୀତ ସହ କବି ଦଇତାରୀ ମାଝୀ ପ୍ରାୟ ସତାବନ ଖଣ୍ଡ ଗୀତବହି ରଚନା କରିଥିଲେ। ୧୮୮୨ମସିହା ମେ' ମାସରେ କନ୍ଧମେଳି ଆରମ୍ଭ ହୋଇଥିଲା। ସେତେବେଳେ ଦଇତାରୀ ମାଝୀଙ୍କର ବୟସ ୧୭/୧୮ ବର୍ଷ। ସେ କନ୍ଧମେଳିର ପ୍ରତ୍ୟକ୍ଷଦର୍ଶୀ ଥିଲେ, ତେଣୁ କନ୍ଧମେଳି ଗୀତରେ ଏହି ମେଳିର ସଂପୂର୍ଣ୍ଣ ତଥ୍ୟ ଓ ଚିତ୍ର ରହିଛି। କନ୍ଧମେଳିର ପୃଷ୍ଠଭୂମି, କାରଣ ଓ ଭୟାବହତା ସଂପର୍କରେ ନିଜ ଗୀତରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି। ତହିଁରୁ କେତୋଟି ପଦ ନିମ୍ନରେ ଉଲ୍ଲେଖ କରାଯାଇଛି – "ଶୁଣ ସୁଜ୍ଞଜନ ଦେଇ ମନକର୍ଣ୍ଣ କହିବା ସବୁ ବୁଝାଇ, ପୂର୍ବେ ଥିଲା ପୁଣି ରଜା ବୁଝାମଣା ଏତେ କାରବାର ନାହିଁ ଯେ କିଛି ନ ଥିଲା ମନା, ଖୁନିଦାରଟିକୁ ଜରିବାନା ଯେ ।୧।

**ଦଇତାରୀ ମାଝୀ କନ୍ଧମେଳିର ପ୍ରତ୍ୟକ୍ଷଦର୍ଶୀ ଥିଲେ, ତେଣୁ କନ୍ଧମେଳି ଗୀତରେ ଏହି ମେଳିର ସଂପୂର୍ଣ୍ଣ ତଥ୍ୟ ଓ ଚିତ୍ର ରହିଛି।**

ଶ୍ରୀ ଉଦିତପ୍ରତାପ କଳାହାଣ୍ଡିଧିପ ନିଜ ଦେହତ୍ୟାଗ କଲେ, ସେହିଦିନଠାରୁ କଳାହାଣ୍ଡି ପୃଥ୍ୱୀ ରାଜଲକ୍ଷ୍ମୀ ଛାଡ଼ିଗଲେ ଯେ, ପୃଥ୍ୱୀ ହୋଇଲା ଦ୍ୱନ୍ଦ୍ୱ, ମେଳି ଉଠାଇଲେ ଦେଶକନ୍ଧ ଯେ ।୪।

ବିଦେଶରୁ ଆସି କେତେ ପରବାସୀ ରହିଲେ ଏ ଭୂମି ମାଡ଼ି, ଗ୍ରାମ, ଭୂମି ସବୁ ଆମ୍ଭର ଛଡ଼ାଇ କନ୍ଧମାନେ ଗଲେ ବୁଡ଼ି ଯେ, ବୁଦ୍ଧି

ହୋଇଲା ବଣା, ରାଜା ଥିଲେ କରନ୍ତେ ପ୍ରାର୍ଥନା ଯେ ।୭।

ମାହାଘ ମାସରେ ଶୁକଳପକ୍ଷରେ କନ୍ଧମାନେ ହେଲେ ଠୁଳ, ସମୁଦ୍ର ଲହଡ଼ା ପ୍ରାଏକ ହୋଇଣ ଶୁଭେ ମୁଖରାବ ଗୋଳ ଯେ, ବାଜେ କମକାହାଳୀ,କନ୍ଧ ନାଚୁଛନ୍ତି ଢଳି ଢଳି ଯେ ।୮।

କଳାହାଣ୍ଡିରଟି କାଳୀବୀର ମାଟି ଏସବୁ କଲା ଭିଆଣ,

ପିମ୍ପୁଡ଼ିର ପଲ ପ୍ରାଏକ ହୋଇଣ ସମୁଦ୍ର ପ୍ରାଏ ଗର୍ଜନ ଯେ, କନ୍ଧେ ହୋଇଲେ ଠୁଳ, ପାଦଘାତେ ମହୀ ଟଳମଳ ଯେ ।"

ପୂର୍ବେ ଦଇତାରୀ ମାଝୀଙ୍କର ରଚିତ କନ୍ଧମେଳି ଗୀତ, ଗଜବନ୍ଧନ ଚଉତିଶା, ନାରୀଧର୍ମ ଗୀତ, ବେଲଖଣ୍ଡି ବଜାରବତୀ, ପର୍ଚ୍ଚାପଟ୍ଟା, କଣ୍ଟରୋଲ ଚଉତିଶା, ହରିଅର୍ଜୁନ ଚଉତିଶା, ଗୋରୁହାଟ ବର୍ଣ୍ଣନା, ରାଜାଙ୍କ ପାରିଧି ଆଦି ସୁଲିଖିତ ଗୀତମାନଙ୍କୁ କନ୍ଧଜାତିର ପ୍ରଜାତିକ ଭାଟ ବଗୁଆମାନେ ଗ୍ରାମମାନଙ୍କରେ ଭିକ୍ଷାବୃତ୍ତି କଲାବେଳେ ଢୁନଢୁନୀ ବା ଡୁଗଡୁଗୀ ବାଦ୍ୟଯନ୍ତ୍ର ସାହାଯ୍ୟରେ ସୁଲଳିତ ସ୍ୱରରେ ଗାନକରି ଜନତାଙ୍କୁ ଶୁଣାଉଥିଲେ ଓ ସେମାନଙ୍କର ପ୍ରଶଂସାଭାଜନ ହୋଇ ଧାନ, ଚାଉଳ ସହ ନାନାଦି ଦ୍ରବ୍ୟ ଲାଭକରୁଥିଲେ। କନ୍ଧାନ ଅଞ୍ଚଳର ବେଲଖଣ୍ଡିରେ ଥିବା ବେଲେଶ୍ୱର ଶିବମନ୍ଦିର ଏକ ପ୍ରାଚୀନ ଶୈବପୀଠ ଓ ଏଠାରେ ଅନୁଷ୍ଠିତ ହୋଇ ଆସୁଥିବା ଶିବରାତ୍ରୀ ମେଳା ପଶ୍ଚିମଓଡ଼ିଶାର ପ୍ରାଚୀନ ଲୋକ ଅନୁଷ୍ଠାନମାନଙ୍କ ମଧ୍ୟରେ ଅନ୍ୟତମ। ମେଳା ଅବସରରେ ତେଲ ଓ ଉତେଇ ନଦୀର ବାଲିଶଯ୍ୟା ଉପରେ ବ୍ୟାପକ ଭାବେ ଆୟୋଜିତ ହେଉଥିବା ଓ ସେତେବେଳେ ଦେଖିଥିବା ହରିହାଟକୁ କବି ଦଇତାରୀ ମାଝୀ ତାଙ୍କ ବେଲଖଣ୍ଡି ବଜାରବତୀ ଗୀତରେ ବର୍ଣ୍ଣନା କରିଛନ୍ତି। କଳାହାଣ୍ଡି ରାଜାଙ୍କ ଗୀର୍ଜା ତିଆରିକରି ବଣରୁ ହାତୀ ଧରିବା କୌଶଳକୁ ଗଜବନ୍ଧନ ଚଉତିଶାରେ ସୁନ୍ଦର ଭାବରେ କବି ବର୍ଣ୍ଣନା କରିଛନ୍ତି। ପର୍ଚ୍ଚାପଟ୍ଟା ଗୀତଟି ନୂତନ ଭୂସଂସ୍କାର ଆଇନକୁ ଆଧାରକରି ଲିଖିତ ହୋଇଛି। ହରିଅର୍ଜୁନ ଚଉତିଶାରେ କଳିଯୁଗର ସାମାଜିକ ଅବକ୍ଷୟର ଚିତ୍ରକୁ କବି ଚିତ୍ରଣ କରିଛନ୍ତି। କବିଙ୍କ ନିଜଗ୍ରାମ ବାଗପୁର ନିକଟରେ ଥିବା ବାଲିପଡ଼ା ବଜାର ଏ ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଗୋରୁହାଟ।



ଏହି ଗୋରୁହାଟର ପ୍ରାଞ୍ଜଳବର୍ଣ୍ଣନା କବିଙ୍କ ଗୋରୁହାଟ ବର୍ଣ୍ଣନା ଗୀତରେ ଆମେ ପାଇଥାଉ। କନ୍ଧ ସମାଜରେ ପୂର୍ବେ ପ୍ରଚଳିତ ଥିବା ଡାପନୃତ୍ୟର ଅନେକ ଗୀତ କବି ଦଇତାରୀ ମାଝୀ ରଚନା କରିଥିଲେ। ଏହାଛଡ଼ା ସେ ଏ ଅଞ୍ଚଳରେ ପ୍ରଚଳିତ ଡାଲଖାଇ, ରସରକେଲୀ, ମାଏଲାଜଡ଼, ଜାଇଫୁଲ ଆଦି ଲୋକଗୀତ ଆଧାରିତ ଅନେକ ଗୀତ ରଚନା କରିଥିଲେ। ଏ ସବୁଥିରେ ସେ ମୁକ୍ତିମାର୍ଗ, ଜୀବଧର୍ମ, ମାନବର କର୍ତ୍ତବ୍ୟ, ବ୍ରହ୍ମଜ୍ଞାନ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଓ ପୁରାଣ ପ୍ରଶ୍ନୋତ୍ତରୀ ଆଦି ବିଷୟକୁ ଗ୍ରହଣ କରିଥିଲେ। ଜୀବ-ପରମ ଜ୍ଞାନ ଉପରେ ଆଧାରିତ ତାଙ୍କର ଏକ ଜନପ୍ରିୟ ଚଉତିଶା ହେଉଛି ଫୁଲ-ଭ୍ରମର ଚଉତିଶା। ତାଙ୍କ ଏ ସବୁ ଲେଖା ସଂପ୍ରତି ଅନୁପଲଭ୍ୟ ହୋଇଯାଇଛି।

**ଲଛମନ ଦାସ**

କନ୍ଧାନ ଅଞ୍ଚଳର କବି ପ୍ରତିଭାମାନଙ୍କ ମଧ୍ୟରେ ୰ଲଛମନ ଦାସଙ୍କ ନାମ ଅନ୍ୟତମ। ତାଙ୍କ ଦ୍ୱାରା ରଚିତ ବାଇମନ ଚଉତିଶା ଏକ ଜନପ୍ରିୟ ଗୀତିକା। ଏହି ଚଉତିଶାଟି ବିଭିନ୍ନବର୍ଗର ଲୋକଗାୟକ ଓ କଳାକାରଙ୍କ ମୁଖରେ ଅସଂପୂର୍ଣ୍ଣ ରୂପରେ ବହୁବର୍ଷ ଧରି ବଞ୍ଚି ଆସିଥିଲା। ମୁଁ ନିଜେ ଶବ୍ଦଗ୍ରହଣ ଯନ୍ତ୍ର ମାଧ୍ୟମରେ ତଥା କାଗଜକଲମ ଦ୍ୱାରା ଏହାର କେତୋଟି ପଦ ଅଶୀ ଦଶକରେ ସଂଗ୍ରହକରି ରଖିଥିଲି। କବି ଲଛମନଙ୍କର ଅନେକ ଶିଷ୍ୟ, ପ୍ରଶିଷ୍ୟ, ଶ୍ରଦ୍ଧାଳୁ - ଜାତିଭାଇ ଏବଂ ପଲ୍ଲୀକଳାକାରମାନଙ୍କ ପାଖରେ ତାଙ୍କ ରଚନାମାନ କିଛିକିଛି ରହିଛି, କିନ୍ତୁ ସେସବୁ ଅସଂପୂର୍ଣ୍ଣ ଓ ପ୍ରକ୍ଷିପ୍ତ ଭାବରେ ମିଳୁଛି। କବିଙ୍କର ଚାରୋଟି ପୁତ୍ର ମଦନ, ସଦନ, ପ୍ରମୋଦ ଓ ମୀନକେତନ ସମସ୍ତେ କଳାକାର ଓ ଗୀତଗାୟନରେ ଶ୍ରଦ୍ଧା ରଖୁଥିଲେ ହେଁ, ପିତାଙ୍କର ସାରସ୍ୱତ ସମ୍ପଦକୁ କେହି ସଂରକ୍ଷଣକରି ରଖିପାରିନାହାନ୍ତି। ଏହାର କାରଣ ହେଉଛି କବି ଲଛମନ ଯେତେବେଳେ ଯାହା ରଚନା କରୁଥିଲେ, ସେ ସବୁକୁ କଣ୍ଠସ୍ଥକରି ରଖିପାରୁଥିଲେ ଏବଂ ରଚନାଟିକୁ ତାଙ୍କର କୌଣସି ଶ୍ରଦ୍ଧାଳୁ ଯାଚକ ବା ପ୍ରିୟଶିଷ୍ୟକୁ

ପ୍ରଦାନ କରୁଥିଲେ। ଏହି ଦୃଷ୍ଟିରୁ ତାଙ୍କ ବହୁମୂଲ୍ୟ କୃତିମାନ ବିଭିନ୍ନ ସ୍ଥାନରେ ଅଜ୍ଞାତ ଭାବରେ ରହିଯାଇଛି। କବି ନିଜେ ତାଙ୍କର ସମଗ୍ର ରଚନା ସଂଗ୍ରହ ଓ ଲିପିବଦ୍ଧ କରି ମୋତେ ହସ୍ତାନ୍ତର କରିବାର ପ୍ରତିଶ୍ରୁତି ଦେଇଥିଲେ ହେଁ, ତା' ପୂର୍ବରୁ ସେ ଇହଧାମ ଛାଡ଼ି ଚାଲିଗଲେ ନବେଦଶକରେ । ସଂଯୋଗକ୍ରମେ ପୁଣି ବାଇମନ ଚଉତିଶାର ପାଞ୍ଚଟି ପଦ କଳାହାଣ୍ଡି ଜିଲ୍ଲା ଗିଗିନା ଗ୍ରାମପଞ୍ଚାୟତ ଅଧିନସ୍ଥ ଟକର୍ଲା ବା ଟକଲା ଗ୍ରାମର ସିଦ୍ଧେଶ୍ୱର ଜାନୀଙ୍କ ମୁଖରୁ ଶୁଣିଥିଲି। ପରେ ଚଉତିଶାର 'ଠ' ପର୍ଯ୍ୟନ୍ତ ବାରଟି ପଦ କବିଙ୍କର ଦ୍ୱିତୀୟ ପୁତ୍ର ସଦନ ପ୍ରଗଣିଆଁ ଢୁନଢୁନୀ ବା ରାମବଜା (ବଗୁଆମାନଙ୍କ ପାରମ୍ପରିକ ବାଦ୍ୟ) ସାହାଯ୍ୟରେ ଗାନକରି ଶୁଣାଇଥିଲେ। ଲଛମନଙ୍କ କନିଷ୍ଠ ପୁତ୍ର ବାବା ମୀନକେତନ ତଥା କେତେକ ଭକ୍ତଙ୍କ ସହାୟତାରେ ୨୦୧୬ ମସିହା ଜୁନମାସ ସୁଦ୍ଧା ସଂପୂର୍ଣ୍ଣ ବାଇମନ ଚଉତିଶା ସଂଗ୍ରହ ହୋଇପାରିଲା। ଏପରି ଆଭ୍ୟନ୍ତର ଗ୍ରାମାଞ୍ଚଳମାନଙ୍କରେ ଜନ୍ମିଥିବା ଅଜ୍ଞାତ ଲୋକକବିମାନଙ୍କର ବିସ୍ମୃତ ଲେଖାମାନ ସଂଗ୍ରହ କରିବା ଯେ କେତେ ଦୁଷ୍କର ଓ ସମୟସାପେକ୍ଷ ତାହା ଏଥିରୁ ଜଣାପଡ଼େ।

**ଲଛମନ ଦାସ ମହିମାଧର୍ମରେ ଦୀକ୍ଷିତ ହୋଇ ସେହି ଧର୍ମର ଚାରଣ କବି ଭାବରେ ବହୁ ମୂଲ୍ୟବାନ ମହିମାଭଜନମାନ ରଚନା କରିଥିଲେ।**

ବଲାଙ୍ଗିର ଜିଲ୍ଲା ହଲଦୀ ଗ୍ରାମପଞ୍ଚାୟତର ଟୁପାଉଡ଼ାର ଗ୍ରାମରେ ଜନ୍ମିତ ଲଛମନ ଜାତିରେ ଥିଲେ ବଗୁଆ। ତାଙ୍କ ସାଂଜ୍ଞା ଥିଲା ପ୍ରଗଣିଆଁ। ବଗୁଆମାନେ ହେଉଛନ୍ତି ଆଦିବାସୀ କନ୍ଧମାନଙ୍କର ପ୍ରଜାତିକ ଭାଟ। ଲଛମନଙ୍କର ଅଜା (ପିତାମହ) ଆଶାରାମ ପ୍ରଗଣିଆଁ ଏବଂ ପିତା ହରି ପ୍ରଗଣିଆଁ କନ୍ଧାନ ଅଞ୍ଚଳରେ ଭାଟବୃତ୍ତିରେ ପ୍ରସିଦ୍ଧ ଥିଲେ। ଭାଟମାନେ ସ୍ୱଭାବତଃ ଆଶୁକବି ହୋଇଥାନ୍ତି। ଲଛମନ ଭାଟକୁଳରେ ଜନ୍ମି ସହଜାତ ଭାବରେ ଆଶୁକବିତ୍ୱର ଅଧିକାରୀ ହୋଇଥିଲେ ହେଁ, ନିଜର ଗାୟନକଳା ଓ କବିପ୍ରତିଭାକୁ କୌଳିକବୃତ୍ତି ନିମନ୍ତେ ବିନିଯୋଗ ନ କରି ବିଭିନ୍ନ ପ୍ରକାର କାବ୍ୟ, କବିତା, ସଂହିତା, ପୁରାଣ, ସୁଆଙ୍ଗ, ନିର୍ଗୁଣଭଜନ, ବୈଷ୍ଣବପଦାବଳୀ, ମାଳିକା, ଠାସକ, ନାଟକ, ବଚନିକା ଆଦି ରଚନା ଦିଗରେ ସମୟ ବିନିଯୋଗ କରିଥିଲେ। ସେ ବାଲ୍ୟକାଳରୁ ନୈଷ୍ଠିକ ଜୀବନଯାପନ କରିବା ସହ ଧର୍ମ ଓ ଆଧାତ୍ମିକ ଚେତନା ପ୍ରତି ଆକୃଷ୍ଟ ହୋଇଥିଲେ। ସତ୍ୟ ସନାତନ ସିଦ୍ଧାନ୍ତ ଏବଂ ବୈଷ୍ଣବୀୟ ଜ୍ଞାନଭକ୍ତି ଉପରେ ଗଭୀର ବିଶ୍ୱାସ ରଖୁଥିଲେ। ପରବର୍ତ୍ତୀ ସମୟରେ ସେ ମହିମାଧର୍ମରେ ଦୀକ୍ଷିତ ହୋଇ ସେହି ଧର୍ମର ଚାରଣ କବି ଭାବରେ ବହୁ ମୂଲ୍ୟବାନ ମହିମାଭଜନମାନ ରଚନା କରିଥିଲେ। ନିମ୍ନରେ କବିଙ୍କ ଅଲେଖ ବନ୍ଦନାରୁ ପଦଟିଏ ଉଲ୍ଲେଖ କରାଯାଇଛି,-

"ଅଲେଖ ମହିମା ପ୍ରଭୁ! ଶୂନ୍ୟେ ଦରଶନ ଦିଅ।
ଅଭୟ ଶୂନ୍ୟପୟରେ ଶରଣ ସମ୍ଭାଳି ଥୁଅ ॥ ଘୋଷା ॥
ଅଶେଷ ବ୍ରହ୍ମାଣ୍ଡ କର୍ତ୍ତା ଠାକୁର ତୁମ୍ଭେ ବୋଲାଅ।
ଅନୁସରିଛି ଅର୍କ୍ଷିତ ଦୁର୍ଗତିରୁ ତାରି ନିଅ ॥ ୧ ॥"

ଜ୍ୟୋତିଷ ବିଦ୍ୟା, ପୁରାଣ-ଶାସ୍ତ୍ର-ଜ୍ଞାନ, ବିବିଧକଳା-ଜ୍ଞାନ, ପାଣ୍ଡିତ୍ୟ, କବିତ୍ୱଶକ୍ତିର ଅଧିକାରୀ ଏବଂ ଭଗବତ୍ ବିଶ୍ୱାସୀ ଭକ୍ତ ଭାବରେ ସେ ସମଗ୍ର କନ୍ଧାନ ଅଞ୍ଚଳରେ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇପାରିଥିଲେ। ଲୋକେ ତାଙ୍କୁ ଶ୍ରଦ୍ଧାରେ ଲକ୍ଷ୍ମଣ ପଣ୍ଡିତ ବୋଲି ସମ୍ବୋଧନ କରୁଥିଲେ। ଭକ୍ତ ହିସାବରେ ସେ ନିଜେ ନିଜକୁ ଲଛମନ ଦାସ, ଲଛମନ ବାଇ ଓ ଅଧମ ଲଛମନ ନାମରେ ପରିଚିତ କରାଉଥିଲେ। ବାଇମନ ଚଉତିଶାଟି କବିଙ୍କର ଏକ ଉଚ୍ଚକୋଟୀର ଚେତନାମୂଳକ ରଚନା। ଏଥିରେ କବିଙ୍କ ଶବ୍ଦ ସଂଯୋଜନା ହୃଦୟଗ୍ରାହୀ ହେବା ସଙ୍ଗେସଙ୍ଗେ ମଞ୍ଜୁଳ କବିକଳାର ନିଦର୍ଶନ ପ୍ରତିଫଳିତ ହୋଇଛି। ମାର୍ଲାଡ଼ ଗ୍ରାମର ବାରଗୁଡ଼ିଆ ଜାନୀଙ୍କ ସହ ମିଶି ସେଠାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବା ସମୟରେ ପ୍ରଭୁଙ୍କୁ ଭକ୍ତି ଲୟରେ ଭଜନ କରିବାକୁ ଯାଇ ସେ ଏହି ଚଉତିଶାଟି ରଚନା କରିଥିଲେ। ପାଠକମାନେ ଏହି ଚଉତିଶାର ମହତ୍ତ୍ୱ ଉପଲବ୍ଧି କରିବା ପାଇଁ ନିମ୍ନରେ କେତୋଟି ପଦ ଉଦ୍ଧାର କରାଯାଇଛି-

"କହେ ଚଇତନ ଆରେ ବାଇମନ ଶୁଣଦେଇ ତୋର ଶ୍ରୁତି।
କାଳ ଆସି ତୋତେ ହେଲାଣି ନିକଟେ କିମ୍ପା ନପାରୁଛୁ ଚେତିରେ,
କଣ୍ଠ ଯାଉଛି ପୂରି, କାଳମୁଖେ ଯିବୁ ତୁହି ପଡ଼ିରେ ॥୧॥
ବଡ଼ବଡ଼ ଲୋକ ବେଦମାର୍ଗେ ଦେଖ ବ୍ରହ୍ମନାମ ଆଶ୍ରେକରି।
ବିନାମୂଲ୍ୟ ନାବେ ବସିକରି ସର୍ବେ ଯାଇଛନ୍ତି କେତେ ତରିରେ,
ବୁଦ୍ଧିଥିଲେ ତୋହର, ବେଲ ଥାଉଁ ନାମ ଆଶ୍ରେକରରେ ॥୨୩ ॥

ଷୋଡ଼ଶ ପାଖୁଡ଼ା ଶିଖେ ଗିରିଚୂଡ଼ା ନିଗମେ ଶୁଣ ଶବଦ।
ଷୋଡ଼ଶ ଉମ୍ବରୁ ଶୂନ୍ୟରେ ବାଜୁଛି ତାମ୍ବଡ଼ା ତାମ୍ବଡ଼ା ନାଦରେ,
ସୋଲ ବୁଡୁଛି ତହିଁ, ଦେଖ ପଥର ଜଳେ ଭାସଇରେ ॥୩୨॥"

ଲଛମନ ଦାସଙ୍କର ଅନ୍ୟ ଏକ ଦୁର୍ଲଭ ରଚନା ହେଉଛି ନୀତିକଥା ମାଳିକା। ଏହା ନୀତିକଥାମୂଳକ ପଦସଂଗ୍ରହ।

**ଗଜେନ୍ଦ୍ର ମହାନନ୍ଦ**

ନିଜକୁ ଗଅଁଲିଆ କବି ଭାବରେ ପରିଚୟ ଦେଉଥିବା କନ୍ଧାନ ଅଞ୍ଚଳର ଆଉଜଣେ କବି ହେଉଛନ୍ତି ଗଜେନ୍ଦ୍ର ମହାନନ୍ଦ। ସେ କଣ୍ଟାବାଞ୍ଜି ନିକଟସ୍ଥ କୁକୁରାହାଡ଼ ଗ୍ରାମର ଅଧିବାସୀଥିଲେ। କୋଶଲୀ, ଓଡ଼ିଆ ଓ ଡୋମଭାଷା ଏପରି ତିନୋଟି ଭାଷାରେ ସେ ଅନେକଗୀତ ରଚନା କରିଛନ୍ତି। ସ୍ଥାନୀୟ କୋଶଲୀ ଭାଷାରେ ପ୍ରକାଶିତ ଗୀତବହିମାନଙ୍କୁ କବି ମହାନନ୍ଦ ବଲାଙ୍ଗିରିଆ ଲହର ନାମରେ ବହିର ଶୀର୍ଷକ ଦେଇ ଛାପୁଥିଲେ। ପଲ୍ଲୀଦୃଶ୍ୟ ବର୍ଣ୍ଣନା ତାଙ୍କ କବିତାର ମୁଖ୍ୟ ବିଶେଷତ୍ୱ ରହିଥିଲା। ପଲ୍ଲୀ ବିଷୟ ଉପରେ ଆଧାରିତ ତାଙ୍କର କେତୋଟି ବହୁ ଆଦୃତ କବିତା ହେଉଛି- ଡୁବକୀବନ୍ଧର ହାଲ, ଶାଶ ବହର କଲି, ଗାଁ ଗହଁଲିର ଗେଲ ଶରଦା, ପହ୍ଲାରୁଇ ଚାଲ୍, ସମକଟା, ଚଷା ମୁଲକୀହଁସା ଗାଁଭୂଇଁ, ଆଏଲବନ୍ଧୁ କୁରପାସିନ୍ଧୁ ଇତ୍ୟାଦି। ତାଙ୍କ ରଚିତ ବିରହୀ ସାଥୀ, ସ୍ତ୍ରୀ ରଜୋବତୀ ଗୀତ, ନାରୀଲକ୍ଷଣ ଗୀତ, କପଟପାଶା, ଅଙ୍ଗଦଦୂତ ଆଦି ଅନେକ ଗୀତ ବହି ସତୁରୀ-ଅଶୀ ଦଶକ ବେଳକୁ ଏ ଅଞ୍ଚଳରେ ବହୁ ଆଦୃତ ଓ ପ୍ରଚାରିତ ହୋଇପାରିଥିଲା। ସେ ଟିଟିଲାଗଡ଼ ବଜାରରେ ଗୋରୁହାଟର ସରକାର ରୂପେ କାର୍ଯ୍ୟ କରୁଥିଲେ। ଟିଟିଲାଗଡ଼ରେ ଶନିବାର ଦିନ ସେ ସମୟରୁ ବଜାର ବସିଆସୁଥିଲା (ପରେ ବୁଧବାରରେ ମଧ୍ୟ ବଜାର ବସିଲା) ଓ ସେ ଭିତରେ ଗୋରୁହାଟ ମଧ୍ୟ ବସୁଥିଲା। ବାଲିପଡ଼ା ପରେ ଟିଟିଲାଗଡ଼ ହାଟ ହେଉଛି କନ୍ଧାନ ଅଞ୍ଚଳର ବଡ଼ହାଟ। କବି ଗଜେନ୍ଦ୍ର ମହାନନ୍ଦ ଏହି ହାଟରେ ବସୁଥିବା ବିଭିନ୍ନ ଦ୍ରବ୍ୟ, କିଣାବିକା ଦୃଶ୍ୟ, ହାଟ ମଧ୍ୟରେ ବନ୍ଧୁ ସମ୍ବନ୍ଧିମାନଙ୍କର ଭେଟ, କନିଆଁବଛା, ରସିକରସିକାମାନଙ୍କ ହାବଭାବ, ଗୋରୁ-ଛେଳି-ମେଣ୍ଢା-କୁକୁଡ଼ା-ବତକ-ପାରା ଆଦିର କିଣାବିକା ଦୃଶ୍ୟକୁ ଅତି ନିଖୁଣ ଓ ପ୍ରାଞ୍ଜଳ ଭାବରେ କନ୍ଧାନହାଟ ନାମକ ଗୀତବହିରେ ବର୍ଣ୍ଣନା କରିଥିଲେ। କବି ମହାନନ୍ଦଙ୍କ 'ଡୁବକୀବନ୍ଧର ହାଲ' କବିତାଟି ପଲ୍ଲୀବର୍ଣ୍ଣନା ଭିତ୍ତିକ ଏକ ଉଚ୍ଚକୋଟୀର ଦୀର୍ଘକବିତା ଓ ତିନି ଭାଗରେ ବିଭକ୍ତ। ପ୍ରଥମ ଭାଗର ନାମ-'ଗାଧିବହରା-ଡକାହକା', ଅର୍ଥାତ ପୋଖରୀକୁ ସକାଳଗାଧୁଆ ନିମନ୍ତେ ଯିବା ପାଇଁ କୁମାରୀ, ଯୁବତୀ, କୁଳବଧୂ, ନବବଧୂ ଆଦି ନାରୀମାନେ ନିଜନିଜ ଭିତରେ ଡକାହକା ହୋଇ ବାହାରିବା। ଏହାର ପ୍ରଥମ ପଦଟି ଏହିପରି:

> **କୋଶଲୀ, ଓଡ଼ିଆ ଓ ଡୋମଭାଷା, ଏପରି ତିନୋଟି ଭାଷାରେ ଗଜେନ୍ଦ୍ର ମହାନନ୍ଦ ଅନେକ ଗୀତ ରଚନା କରିଛନ୍ତି।**

"ଆସ ଆସ ନୂଆଁଜନ ହୋ ମର ପହଁତିଆ ତରା,
କରାପାନି ସାଙ୍ଗ ମକର ସର୍ଗିଫୁଲ ଝରା,
ମୋର ଅଏଁଲା ଡାଲ,
ସମକଟା ବଉଲ ହୋ ମର୍ ଗଙ୍ଗାଜଲ ॥୧॥
ଗଙ୍ଗାବାଲି ସାଙ୍ଗରଜୁଲି ଡିନା ସମଧିନି,
ବିରିଫୁଲ ସରଗତରା ଗେହ୍ଲେଇ ନୁନୀ,
ଫୁଲ ପାନପତର,
ଗାଧି ଆସଲେ ମଖେଇଦେମି ଝୁମି ଅଁତର ॥୨॥
ଆସଆସ ଆଈ, ମାଇଁ, କାକି, ମାଉଁସୀଯାକ,
ଗଜାମୁଗ ଡେଡ଼ଶାଶ ଗୋ! ଆସ ବହେନ୍ ଲୁକ,
ଆସ କଁଷି କାଁକେର,
କରମାଡ଼ାଲ, ଲିମଫୁଲ ରସ ମକର ॥୩॥"

ଦ୍ୱିତୀୟ ଭାଗର ନାମ-'ଯାଉଁନୁ ବାଟେ ଶାଗ-ତୁନ ରନ୍ଧା-ବଢ଼ା ପଚରା ଉଚରା', ଅର୍ଥାତ ଗୃହକାର୍ଯ୍ୟ ଓ ରୋଷେଇ କାମ ଆଦି ସଂପର୍କରେ ପରସ୍ପର କଥୋପକଥନ। ଯଥା:

"କହ ଆଏଜ କାଏଁକାଏଁଟା ରାନ୍ଧିଥିଲ ସମକଟା ହୋ,
ପର୍ଖା ଗର୍ଜା ଲିପନ ସେ କି ମସଲାବଟା ହୋ..॥୦॥"

କବିତାର ତୃତୀୟ ଭାଗରେ ଗାଧୁଆଘାଟ ସହିତ ସ୍ନାନକର୍ମାଦିର ବର୍ଣ୍ଣନା ଅତି ନିଖୁଣ ଓ ଚମତ୍କାର ଭାବରେ ହୋଇଛି। କବି ଏହାର ନାମ ରଖିଛନ୍ତି-ଗାଧୁଆଘାଟ। ଗଜେନ୍ଦ୍ର ମହାନନ୍ଦଙ୍କ ଡୋମଭାଷାରେ ରଚିତ ଅନେକ ଗୀତ ସତୁରୀରୁ ଅଶୀଦଶକ ମଧ୍ୟରେ କନ୍ଧାନ ଅଞ୍ଚଳରେ ଜନାଦର ଲାଭ କରିଥିଲା। ଡୋମଭାଷାର ଗୀତରେ ମଧ୍ୟ କବିଙ୍କ ବର୍ଣ୍ଣନା ଚାତୁରୀ

ଓ ଶବ୍ଦ ସଂଯୋଜନା ଅତି ଉଚ୍ଚକୋଟୀର ଥିଲା। ଯେପରି,-

"ଧନରେ ! ତହରି କାଜେ ମହରି
ମନ ଘୁରଦେ,
ଖାଁ ପିଆକରା ଶୁଇଲେ ଖଟେ
ଠୁକକାଥା ମନେ ପୋରଦେ..॥୦॥
ଗାଏପଟେକ କେ ରସିଆ ଗଟେ, ଖୁଲି(ଖଲି)ର ସେ
ମୁଡ଼େ ଦନା,
ମାଏଜି ଗଟେକ କେ ମୁନୁଷ ଗଟେ ମର କାଏଁଟ୍ୟା
ହୁଆଁଛେ ଉନା,
ତମର ପାରାଆଡ଼େ ବୁଲୁଯେଇନ୍ ଫୁନି ତର ଆଜିବୁଢୀ
ହୁରଦେ ॥୧॥"

## ଦୁଧେଶ୍ୱର ସିଂ

କନ୍ଧାନ ଅଞ୍ଚଳର ରାଣୀପୁର-ଝରିଆଲ ନିକଟସ୍ଥ ମୁଣ୍ଡପଦର ଗ୍ରାମର ଗୌନ୍ତିଆ ଶ୍ରୀ ଦୁଧେଶ୍ୱର ସିଂ ବାବୁ ଥିଲେ ଜଣେ ପ୍ରତିଭା ସଂପନ୍ନ କବି। ରାଣୀପୁର-ଝରିଆଲର କିଂବଦନ୍ତୀ ଉପରେ ଆଧାରିତ ତାଙ୍କର କୋଶଳେଶ ପ୍ରଣୟ କାବ୍ୟ ଉଭୟ ବିଦଗ୍ଧ ଓ ଲୋକଉପାଦାନରେ ପରିପୂର୍ଣ୍ଣ। ଏକଦା ସେ ମନରେ ଏକ ବିଚିତ୍ର କାମନା କରି ପ୍ରତିଦିନ ଗୋଟିଏ ଲେଖାଏଁ କବିତା ରଚନା କରିବାର ମନସ୍ଥ କରିଥିଲେ ଓ ତା.୯।୭।୧୯୭୭ରୁ 'ହେ ଦୀନବାନ୍ଧବ ଦଇତାରୀ' ଶୀର୍ଷକ କବିତାରୁ ଲେଖା ଆରମ୍ଭ କରିଥିଲେ। ଏହି କ୍ରମରେ ସେ ଶହେଟି କବିତା ରଚନା କରିବା ପରେ କୌଣସି କାରଣ ବଶତଃ ଆଉ ଲେଖିପାରିନଥିଲେ। ଏହି ଶହେଟି କବିତା ମଧ୍ୟରେ ତାଙ୍କ ବାସସ୍ଥାନ ମୁଡ଼ପଦର ଗ୍ରାମର ସୁନ୍ଦର ବର୍ଣ୍ଣନା ମୂଳକ କବିତାଟିଏ ମଧ୍ୟ ରହିଛି । କବି ଦୁଧେଶ୍ୱର ସିଂ ହିନ୍ଦୀ ଭାଷାରେ ଅନେକ ଗୀତ ଓ ସାୟେରୀ ରଚନା କରିଛନ୍ତି। ଓଡ଼ିଆ ଏବଂ କୋଶଲୀ ସମେତ ସେ ମୈଥିଳୀ, ଭୋଜପୁରୀ, ବଙ୍ଗାଳୀ, ହିନ୍ଦୀ ଓ ପଞ୍ଜାବୀ ଭାଷା ମଧ୍ୟ ଜାଣିଥିଲେ। କୋଶଲୀ ଭାଷାରେ ତାଙ୍କର ଅନେକ ଗୀତ ଓ ଦୀର୍ଘକବିତା ରହିଛି। ଏ ଅଞ୍ଚଳର କ୍ଷୁଦ୍ରଶସ୍ୟ ଗୁର୍‌ଜୀ ଉପରେ ରଚିତ ତାଙ୍କର ଏକ କୋଶଲୀ କବିତା ଅତି ଚମତ୍କାର ଓ ଭାବମୂଳକ ହୋଇଛି। ଯଥା:


**ଦୁଧେଶ୍ୱର ସିଂ ଓଡ଼ିଆ ଓ କୋଶଲୀ ସମେତ ମୈଥିଳୀ, ଭୋଜପୁରୀ, ବଙ୍ଗାଳୀ, ହିନ୍ଦୀ ଓ ପଞ୍ଜାବୀ ଭାଷା ମଧ୍ୟ ଜାଣିଥିଲେ।**

"ଧେନଧେନରେ ଗୁର୍‌ଜୀ ଭାଇ ତୋର ମହିମା କହୁଛେଁ,
ସବୁ ଛିନାହେଲା ବେଳେ ଘରକର ପୁରୁନ କରୁଛେ,
ଦୁଖର ବନ୍ଧୁ ଦୁଖେ ଆସି ଦୁଖକେ ଛଡ଼େଇ ନଉଛେ ॥୬॥"

ପ୍ରବନ୍ଧର କଳେବର ଦୃଷ୍ଟିରୁ କନ୍ଧାନ ଅଞ୍ଚଳର ସମସ୍ତ ଲୋକକବିଙ୍କ ସଂପର୍କରେ ଆଲୋଚନା କରିବା ସମ୍ଭବ ହୋଇପାରିନାହିଁ। ପରେ ଏକ ଦୀର୍ଘ ଆଲୋଚନାରେ ସେମାନଙ୍କୁ ସ୍ଥାନିତ କରିବାକୁ ପ୍ରୟାସ କରାଯିବ।

□□

ଲେଖକଙ୍କ ଇ-ମେଲ ଠିକଣା:
dgbkoshalayana@gmail.com



ପ୍ରକାଶ ପାଇଲା !

# ଗ୍ରନ୍ଥ ମନ୍ଥନ

*ଶ୍ରୀଜଗନ୍ନାଥ ଓ ଓଡ଼ିଶା ସମ୍ପର୍କିତ କେତେକ ଦୁର୍ଲଭ ଗ୍ରନ୍ଥର ଆଲୋଚନା*

**ଲେଖକ: ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**

ଆମାଜନରେ ଉପଲବ୍ଧ । ମୂଲ୍ୟ: ଟ.୨୭୯

**ବି.କେ. ପବ୍ଲିକେଶନ୍ସ ପ୍ରା.ଲିଃ, ଭୁବନେଶ୍ୱର**

ଗଳ୍ପ

# କଉତୁକି



## ଶରତ କୁମାର ଦାସ

କଉତୁକି କିଏ ? ତା'ର ପରିଚୟ କ'ଣ ? ହୋଇପାରେ ସେ ଏକ ଝଡ଼ ପରର ନିରବ ମୁହୂର୍ତ୍ତ । କେଉଁ ଏକ ଚରିତ୍ରର ବିଚିତ୍ର ସଂଳାପ । କିଟିମିଟି ଅନ୍ଧାରର ନିଆରା ଆକର୍ଷଣ । ଅଳି ଅଝଟ ଓ ହସ କାନ୍ଦର ଏକ ଜିଦଖୋର ସ୍ୱଭାବ ।

ସେ ପୁରୁଷ ନା ନାରୀ ? ପଶୁ ନା ପକ୍ଷୀ ? ଦେବତା ନା ଦୈତ୍ୟ ? ଏ ନେଇ ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟିହୁଏ, କିନ୍ତୁ କେହି ଜାଣିପାରନ୍ତିନି ତା'ର ପରିଚୟ । ରଖିପାରନ୍ତିନି ତା'ର ଖୋଜ ଖବର । ତାର ପ୍ରବେଶ ଓ ପ୍ରସ୍ଥାନ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୁଏ । ନାନାବିଧ ଚିନ୍ତନ ଭିତରେ ରହିଯାଏ କଉତୁକି । ବିଳପିଯାଏ ତା'ର ତିର୍ଯ୍ୟକ ସ୍ୱର । ନିରବି ଆସେ ତା' ଜୀବନ ନାଟକର ଶେଷ ଅଙ୍କ ।



ଏମିତି ଏକ ଅଜବ ଚରିତ୍ରକୁ ନେଇ ବିକ୍ରମ ସ୍ୱପ୍ନ ଦେଖେ । ଯେମିତି ସେ କଉତୁକି ପାଲଟି ଯାଇଛି । ତା'ର ନିଆରା ଚରିତ୍ରକୁ ନେଇ ପାଦ ପକେଇଛି ରଙ୍ଗମଞ୍ଚରେ । କେତେବେଳେ ଶାଢ଼ିପିନ୍ଧି କଳସୀରେ ପାଣିଭରି ଯମୁନାତଟରୁ ରାଧା ହୋଇ ଫେରୁଛି ତ' କେତେବେଳେ ମୁଖାପିନ୍ଧି ଦେହରେ ପଟାପଟା ରଙ୍ଗ ମାଖି ବାଘ ବେଶ ସାଜୁଛି । କେତେବେଳେ ଚକୁଳିଆ ପଣ୍ଡା ହୋଇ ଗାଁ ଦାଣ୍ଡସାରା ଗୀତ ବୋଲି ବୋଲି ଚାଲୁଛି ତ' କେତେବେଳେ ରାଜଯକ୍ଷ୍ମା ରୋଗୀଟିଏ ହୋଇ ଖୁଁ ଖୁଁ କାଶୁଛି । ତା' ପାଇଁ ଯେମିତି ଦିନ-ରାତି ଅପରିବର୍ତ୍ତିତ । କେତେବେଳେ ସେ ଦୃଶ୍ୟମାନ ତ' କେତେବେଳେ ଅଦୃଶ୍ୟ । ଯେମିତି ସେ ଦିବାନିଶି ଝାପସା ଝାପସା ଛାଇଟିଏ ପରି ଖେଳି ବୁଲୁଛି ବିକ୍ରମ ସ୍ୱପ୍ନରେ । ସ୍ୱପ୍ନ ଭାଙ୍ଗିଲା ବେଳକୁ ସବୁ ଫୁସ୍ । କଉତୁକି ନା ଫଉତୁକି ?

ଏଇ କାଲିଭଳି ଲାଗୁଛି । ଯେଉଁ ସମୟରେ ବିକ୍ରମର ପୁଅ-ଝିଅ ଖୁବ୍ ଛୋଟଥିଲେ । ଅବଶ୍ୟ ଝିଅ ପୁଅଠାରୁ ଦୁଇବର୍ଷ ବଡ଼ ଥିଲା । ଖାଇବାରେ ସେମାନଙ୍କର ଥିଲା ପ୍ରବଳ ସମସ୍ୟା । ଆଦୌ ଖାଉ ନ ଥିଲେ କହିଲେ ଚଳେ । ଖୁବ ହଇରାଣ ହରକତ କରୁଥିଲେ । ପାଟିରେ ଘଣ୍ଟା ଘଣ୍ଟା ଖାଇବା ପଦାର୍ଥକୁ ରଖି ଶେଷରେ ଥୁ' କରିଦଉଥିଲେ । ଛୁଆ ଦୁଇଟିଙ୍କୁ ଖୁଏଇବା ପାଇଁ ପତ୍ନୀ ସୁଦୀପ୍ତାଙ୍କୁ ଖୁବ୍ କସରତ କରିବାକୁ ପଡୁଥିଲା । କେତେ ବା ଆଉ ସେ ପିଲାମାନଙ୍କ ପାଇଁ ସମୟ ଦିଅନ୍ତେ ? ବହଲେଇ ବହଲେଇ ଖୁଆନ୍ତେ ? ଖୁବ୍ ଦହଗଞ୍ଜ ହୋଇପଡୁଥିଲେ । ଅନେକ ସମୟରେ କଉତୁକି ଆସିବ ବୋଲି କହି ଛୁଆଙ୍କ ମନରେ ଭୟ ସଂଚାର କରି ଖୁଏଇବାକୁ ପ୍ରୟାସ କରୁଥିଲେ । ଛୁଆ ଦୁଇଟି କାହିଁକି ବା ତାଙ୍କ କଥା ଶୁଣନ୍ତେ ? ଖେଳରେ ମାତୁଥିଲେ । ହସି ହସି ଗଡ଼ି ଯାଉଥିଲେ । ଭଉଣୀର ପଦାଙ୍କ ଅନୁସରଣ କରୁଥିଲା ଭାଇ । କାହିଁ ମାମା କଉତୁକି କାହିଁ ? ଖନେଇ ଖନେଇ ପଚାରୁଥିଲା ଝିଅ । ଭାଇ ଦରୋଟି କଣ୍ଠରେ ଭଉଣୀ ସହ ପାଳି ଧରୁଥିଲା । ହଁ ମାମା ! କଉତୁକିକୁ ଡାକ । ପ୍ରଥମେ ଆମେ ତାକୁ ଦେଖିବୁ, ତା'ପରେ ଖାଇନବୁ । ସୁଦୀପ୍ତା କ'ଣ କରିବେ କିଛି ଚିନ୍ତା କରିପାରୁ ନ ଥିଲେ । ବେଳେବେଳେ କୁନି ପୁଅ-ଝିଅଙ୍କୁ ଖୁସିରେ କୋଳେଇ ନେଇ ହସିଦଉଥିଲେ । ପୁଣି କେତେବେଳେ ଚିଡ଼ିମିଡ଼ି ହୋଇ ପିଲାଙ୍କୁ ଡ୍ରଇଂ ରୁମରେ ଛାଡ଼ିଦେଇ ରୋଷେଇ ଘରକୁ ଚାଲିଯାଉଥିଲେ ।

କିନ୍ତୁ ସେମାନଙ୍କୁ ମନଭରି ଖୁଏଇ ପାରୁନଥିଲେ । ନ ଖୁଏଇ ପାରିବାର ତିକ୍ତତା ଭିତରେ ନିଜ ମାତୃତ୍ୱକୁ ବାରମ୍ବାର

ଧିକ୍କାରୁଥିଲେ । ଏହି ସମୟରେ କଉତୁକିର ଆବିର୍ଭାବ ଘଟୁଥିଲା । ଡ୍ରଇଂରୁମର ଝର୍କା କବାଟ ଆପେ ଆପେ ବନ୍ଦ ହୋଇଯାଉଥିଲା । ଲାଇଟ ଅଫ୍ ହୋଇଯାଉଥିଲା । ନିରନ୍ଧ୍ର ଅନ୍ଧାରରେ ଏକ ଅଦ୍ଭୁତ ଚରିତ୍ରର ଆବିର୍ଭାବ ଘଟୁଥିଲା । ପିଲାମାନଙ୍କ ଅନତି ଦୂରରେ ଚରିତ୍ରଟି ଭିନ୍ନ ଭିନ୍ନ ରୂପରେ ଦଣ୍ଡାୟମାନ ହଉଥିଲା । କେତେବେଳେ କୋକିଳକଣ୍ଠୀ ପରି ସଙ୍ଗୀତ ପରିବେଷଣ କରୁଥିଲା ତ' କେତେବେଳେ ଉଚ୍ଚ ସ୍ୱରରେ ସଂଳାପ ଆବୃତ୍ତି କରୁଥିଲା । କେତେବେଳେ ନର୍ତ୍ତକୀଟିଏ ପରି ଥେଇଥେଇ ନାଚୁଥିଲା ତ'କେତେବେଳେ ପାଗଳ ଭୂମିକାରେ ଅଭିନୟ କରି ପିଲାମାନଙ୍କର ମନ ମୋହୁଥିଲା । କିନ୍ତୁ ପିଲା ଦୁଇଟିଙ୍କର କୌଣସି ଅନିଷ୍ଟ କରୁ ନ ଥିଲା କି ତାଙ୍କ ଶିଶୁ ସୁଲଭ ମନରେ କେବେ ଭୟ ସଂଚାର କରୁ ନ ଥିଲା । କଉତୁକିର ଭିନ୍ନ ଭିନ୍ନ ରୂପ ଦେଖି ପିଲା ଦୁଇଟି ଆନନ୍ଦରେ ଚିଲ୍ଲଉଥିଲେ । ଝିଅଟି ଅଭିମାନଭରା କଣ୍ଠରେ କହୁଥିଲା, ପ୍ରମିଜ କଉତୁକି ! ତମେ ଏଥର ଫେରିଯାଅ । ଆମେ ଖାଇନବୁ । ମାମାଙ୍କୁ ଜମା ହଇରାଣ କରିବୁନି । ବାସ, ଏତିକିରେ ହଠାତ ରୁମର ଲାଇଟ ଜଳିଉଠୁଥିଲା । କବାଟ ଝର୍କା ଖୋଲିଯାଉଥିଲା । ପିଲାମାନଙ୍କ ଦୃଷ୍ଟି ଉହାଡ଼ରୁ କଉତୁକି ଉଭାନ ହୋଇଯାଉଥିଲା । କେବଳ ନିରବତା ହିଁ ନିରବତା । ସେହି ସମୟରେ ସୁଦୀପ୍ତା ଆସି ପିଲାମାନଙ୍କୁ ଖୁଆଇ ଦଉଥିଲେ । ସେମାନେ ହସି ହସି କୌଣସି ପ୍ରତିବାଦ ନ କରି ଖାଇ ନଉଥିଲେ ।

**କଉତୁକି ଆସି ତା' ଚରିତ୍ର ଚିତ୍ରଣ ନ କଲା ପର୍ଯ୍ୟନ୍ତ ପିଲାମାନେ ଖାଉ ନ ଥିଲେ ।**

ପୁଣି ତା' ପରଦିନ ସେଇ ଅବସ୍ଥା । କଉତୁକି ଆସି ତା' ଚରିତ୍ର ଚିତ୍ରଣ ନ କଲା ପର୍ଯ୍ୟନ୍ତ ପିଲାମାନେ ଖାଉ ନ ଥିଲେ । ତେଣୁ ହସି ହସି ସୁଦୀପ୍ତା କହୁଥିଲେ, ହଉ ! ମୁଁ ଯାଉଛି । କଉତୁକି ଆସୁ । ତମ ମଜା ବୁଝିବ ।

ଏମିତି ଏମିତି ସୁଦୀପ୍ତାଙ୍କର ପିଲାମାନଙ୍କୁ ଖାଦ୍ୟ ଖୁଆଇବାରେ ସମୟ କଟି ଯାଉଥିଲା । ସମୟ ସହ ଧୀରେ ଧୀରେ ପିଲାମାନେ ବଡ଼ ହଉଥିଲେ । ପଢାପଢ଼ିରେ ଧ୍ୟାନ ଦଉଥିଲେ । ଆଉ କଉତୁକିର ଆବଶ୍ୟକତା ପଡୁ ନ ଥିଲା । ତେବେ ସେମାନଙ୍କ ମନ ଆଇନାରେ କଉତୁକିର ବହୁରୂପୀ ଚରିତ୍ରର ବୈଚିତ୍ରତା ଛାପିହୋଇ ରହିଯାଇଥିଲା ସବୁଦିନ ପାଇଁ ।

ସମୟ ପାଇଲେ ପିଲାମାନେ ସୁଦୀପ୍ତାଙ୍କୁ ପଚାରୁ ଥିଲେ, ମାମା ! ପିଲାଦିନେ ଆମେ ଖୁବ ଦୁଷ୍ଟ ଥିଲୁ ନା । ଖାଇବା ପାଇଁ ଖୁବ ଅଝଟ କରୁଥିଲୁ, ତମେ ଖୁବ ବିରକ୍ତ ହଉଥିଲ, କିନ୍ତୁ କଉତୁକିକୁ ଦେଖି ଆମେ ଖାଇନଉଥିଲୁ । ହେଲେ, ସେ କଉତୁକି କିଏ ମାମା ? କଉଠୁ ଆସୁଥିଲା ? କେମିତି ବେଶ ବଦଳେଇ ଆମ ଆଗରେ ଭଳିକି ଭଳି ଅଭିନୟ କରୁଥିଲା ? ରୁମର ଲାଇଟ କେମିତି ଆପେ ଆପେ ବନ୍ଦ ହୋଇଯାଉଥିଲା ? ଘରର ଝର୍କା, କବାଟ ମଧ୍ୟ । ସେ ତା'ର ଅଭିନୟ ଓ କଉତୁକ ଦେଖେଇ ସାରିବା ପରେ ପୁନଶ୍ଚ ସବୁ ଠିକ ଠାକ ହୋଇଯାଉଥିଲା । ସୁଦୀପ୍ତା କିଛି ଉତ୍ତର ଦେଇପାରୁ ନ ଥିଲେ । କେବଳ ମୁରୁକି ମୁରୁକି ହସିଦେଇ ନିଜ କାମରେ ବ୍ୟସ୍ତ ରହୁଥିଲେ । ବାଧ୍ୟ କଲେ କହୁଥିଲେ, ତମେ ଅତ୍ୟଧିକ ଅଝଟ କରୁଥିଲ ବୋଲି ଆମ ଠାକୁର ଘରର ଆଣ୍ଠୁଆ ଗୋପାଳ କଉତୁକିକୁ ଶୂନ୍ୟରୁ ପଠଉଥିଲେ । କାହିଁକି ମାମା ମିଛ କହୁଚ ବୋଲି ପିଲାମାନେ ବିଦ୍ରୁପ କରୁଥିଲେ । ଏସବୁ କଥୋପକଥନ ବିକ୍ରମ ନ ଶୁଣୁ ଥିଲେ ବୋଲି ନୁହେଁ । ସେ ମନେ ମନେ ଗୁଣୁଗୁଣଉଥିଲେ, ପିଲାମାନଙ୍କ କଥା ଛାଡ଼ । ସୁଦୀପ୍ତା କ'ଣ ଏପର୍ଯ୍ୟନ୍ତ କଉତୁକି ସମ୍ବନ୍ଧରେ କିଛି ଜାଣି ନାହାନ୍ତି ? ନା ଜାଣିଶୁଣି ନିରବ ରହୁଛନ୍ତି ? କଉତୁକିର ରହସ୍ୟ ପିଲାମାନଙ୍କ ସାମ୍ନାରେ ଉନ୍ମୋଚନ କରିବାକୁ କୁଣ୍ଠାବୋଧ କରୁଛନ୍ତି ?

ଏହି ସମୟରେ ଅତୀତର ଘଟଣାବଳୀ ତାଙ୍କ ମନରେ ଉଙ୍କି ମାରୁଥିଲା । ସେ ନିରବିଯାଇ କିଛି ସମୟ ଭାବପ୍ରବଣ ହୋଇପଡୁଥିଲେ । କେତେବେଳେ ନିଜ ଅତୀତ ଚରିତ୍ରର ସ୍ୱପ୍ନମୟ ବୈଚିତ୍ର୍ୟକୁ ନେଇ ହସିଦଉଥିଲେ । ସୁଦୀପ୍ତା ହସିବାର କାରଣ ପଚାରିଲେ କହୁଥିଲେ, ଛାଡ଼ ! ସେ କିଛି ନୁହେଁ । ଗ୍ଲାନି ଓ ଦ୍ୱନ୍ଦ୍ୱର କଳା ବାଦଲ ଖଣ୍ଡେ ସୁଦୀପ୍ତାଙ୍କ ପାକଳ ମନକୁ ଆଚ୍ଛାଦିତ କରିଦଉଥିଲା । ସେ ମନେମନେ ସନ୍ତୁଳି ହୋଇ ଭାବୁଥିଲେ, ବିକ୍ରମ ବୋଧେ ଜାଣି ନାହାନ୍ତି ତାଙ୍କୁ କିଛି ଅଛପା ନୁହେଁ ବୋଲି ।

□□

ଲେଖକଙ୍କ ଇ-ମେଲ ଠିକଣା:
saratdas700@gmail.com


ଅନୁଭୂତି

# ଦଶ ପଇସାର ରାଜା

ବନଜ ଦେବୀ



ଡେଙ୍ଗା ସରସର ଗୋରାତକତକ ଦେହ । ପିନ୍ଧିଥାନ୍ତି ଖଣ୍ଡେ ଖୋର୍ଦ୍ଧା ଗାମୁଛା । ମୁଣ୍ଡରେ ଭିଡ଼ା ହୋଇଥାଏ ସେଇ ଗାମୁଛାର ଏକ ଠେକା । ହାତରେ ପାଞ୍ଚ ହାତିଆ ଗୋଟେ ଠେଙ୍ଗା । କାନ୍ଧରେ ଝୁଲୁଥାଏ ଖାକି କନାର ଗୋଟେ ବଡ଼ ବ୍ୟାଗ୍ । କେତେବେଳେ କାନ୍ଧରେ, ମୁଣ୍ଡରେ ଜରିଅଖାରେ ବହି ବୋଝକୁ ମୁଣ୍ଡେଇ ତାଙ୍କୁ ଦେଖାଯାଏ ଖୋର୍ଦ୍ଧା, ଭୁବନେଶ୍ୱର, କଟକ ଆଦି ସହରମାନଙ୍କରେ । କେତେବେଳେ ପୁଣି ଖାଲି ବୁଲିବୁଲି ଲେଖକ ଲେଖିକାଙ୍କର ଘର ଖୋଜୁଥାନ୍ତି । ଉଦ୍ଦେଶ୍ୟ ବହିଭିକ୍ଷା ଖାଲି ନୁହେଁ, ଲେଖକ ଲେଖିକାଙ୍କୁ ନିଜର ସସ୍ନେହ ସମ୍ମାନ ଜଣାଇବା ପାଇଁ । ଲେଖକ ଲେଖିକାଙ୍କୁ ସମ୍ମାନ କରୁଥିବା ଏହି ବହି ପାଗଳ ନିରୁତା ପାଠକଜଣକ ଶୀର୍ଣ୍ଣକାୟ ବୃଦ୍ଧ । ସେ ଆମ ସମସ୍ତଙ୍କର ଅତିପ୍ରିୟ କଣା ଅଜା ଦାସିଆ । ପୂରା ନାମ ଦାଶରଥୀ ପଟ୍ଟନାୟକ । ଓଡ଼ିଶାରେ ପାଠାଗାର ଆନ୍ଦୋଳନର ପ୍ରଧାନ ପୁରୋଧା ।



କଣା ଅଜା ଦାସିଆ । ଗାଁ ଗହଳର ମାମୁଲି ମଣିଷଟିଏ । ଅଥଚ ତାଙ୍କର କାର୍ଯ୍ୟଧାରା ଅସାଧାରଣ । ସହରରୁ ସହର ବୁଲି ଦଶ ପଇସା ଭିକ୍ଷାକରି ବହି ସଂଗ୍ରହ କରି କରି ଦୀର୍ଘଜୀବନ ବିତାଇଛନ୍ତି, ବହି ସହିତ ବିରଳ ସାମଗ୍ରୀ ସବୁ ସଂଗ୍ରହକରି ରଖିଛନ୍ତି, ତାଙ୍କ ଗାଁ ନୟାଗଡ଼ ନିକଟସ୍ଥ ନୂଆଗାଁ ବ୍ଲକର ଉଦୟପୁର ଗାଁରେ । ଗଢ଼ିଛନ୍ତି ତିନୋଟି ଅନୁଷ୍ଠାନ ସାହିତ୍ୟ ମନ୍ଦିର । ବାଞ୍ଛାନିଧି ପାଠାଗାର, ଯଦୁମଣି ସାହିତ୍ୟ ସଂସଦ ଓ ଅରବିନ୍ଦ ସଂଗ୍ରହାଳୟ । ବାଞ୍ଛାନିଧି ପାଠାଗାରରେ ଯେ ବହୁ ବିରଳ ବହି ରହିଛି, ପତ୍ରପତ୍ରିକା ଏବଂ ସ୍ୱାଧୀନତା ପୂର୍ବର ଖବରକାଗଜ ଇତ୍ୟାଦି । ଖବରକାଗଜ ସବୁ ଥାକ ଥାକ ହୋଇ ରହିଛି । ଧୂଳିରେ ଧୂସର । ସାହିତ୍ୟର ଗବେଷକମାନେ ଏହିଠାରେ ରହି ଗବେଷଣା କରନ୍ତି । ଅରବିନ୍ଦ ସଂଗ୍ରହାଳୟରେ ରହିଛି ବହୁ ସାମଗ୍ରୀ, ଯାହା ଆମ ଐତିହ୍ୟର ବାର୍ତ୍ତା ପ୍ରଦାନ କରୁଛନ୍ତି । ରାଜ୍ୟ ବାହାରର କିଛି ସାମଗ୍ରୀ ମଧ୍ୟ ରହିଛି ଏହି ସଂଗ୍ରହାଳୟରେ । ଏଗୁଡ଼ିକୁ ସଂଗ୍ରହ କରିବା ପାଇଁ ଏହି ବହି ପାଗଳ ବୃଦ୍ଧଜଣକ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ।

**କଣା ଅଜା ଦାସିଆ**

ତାଙ୍କ ନାମ ଦାଶରଥୀ ପଟ୍ଟନାୟକ ଥିଲେ ମଧ୍ୟ ସମସ୍ତେ ଡାକନ୍ତି ଅଜା । ତାଙ୍କ ପରିଚୟ କଣା ଅଜା ଦାସିଆ । ଗୋଟାଏ ଆଖି କଣା । ଗୋଟିଏ ଆଖିର ସୀମିତ ଦୃଷ୍ଟି ଧରି ମାଗ୍ନିଫ୍ଲାଇଙ୍ଗ ଗ୍ଲାସ୍ ବ୍ୟବହାର କରି ସେ ପ୍ରତିଟି ପତ୍ରିକା ବହି ପଢ଼ନ୍ତି । ସେ ଜଣେ ନିଷ୍ଠାପର ପାଠକ । ପଢ଼ିସାରି ପଢ଼ିଥିବା ଲେଖାଟିର ଲେଖକଙ୍କୁ ଚିଠି ଲେଖିବା ତାଙ୍କର ଅନ୍ତରଙ୍ଗ ଅଭ୍ୟାସ । ଲେଖାର ଯେଉଁ ଧାଡ଼ିଟି ଭଲ ଲାଗିଥିବ ତାହା ଉଦ୍ଧାରକରି ତା'ତଳେ ନାଳିଗାର ଦେଇ ସେ ଚିଠି ଲେଖନ୍ତି । ଦିନକୁ ୬୦/୭୦ ଖଣ୍ଡ ପୋଷ୍ଟକାର୍ଡ ସେ ନିଶ୍ଚୟ ଲେଖନ୍ତି । ଲେଖକ ତାଙ୍କ ପାଇଁ ଈଶ୍ୱର । ସେ ଘର ଘର ବୁଲି ଲେଖକଙ୍କୁ ଠାବ କରନ୍ତି ଓ ସଂପର୍କ ଯୋଡ଼ନ୍ତି ।

ଏହି ବହି ପାଗଳ ବୃଦ୍ଧଜଣକ ସହ ମୋର ଥିଲା ନିବିଡ଼ ସଂପର୍କ । ଏ ସଂପର୍କ ମୁଁ ରଖିନଥିଲି । ସେ ରଖିଥିଲେ । ତାଙ୍କ ସ୍ନେହରେ ମତେ ବାନ୍ଧିରଖି ମୋତେ ଋଣୀ କରିଦେଇଗଲେ । କେବଳ ମୁଁ ନୁହେଁ, ମୁଁ ଭାବେ ଆମେ ସବୁ ଲେଖକ ଲେଖିକା ତାଙ୍କ ପାଖେ ଋଣୀ । ଏ ଓଡ଼ିଆ ଜାତି, ଓଡ଼ିଆ ସାହିତ୍ୟ ଏମିତି ଜଣେ ଶ୍ରଦ୍ଧାଶୀଳ ନିଷ୍ଠାପର ପାଠକକୁ ଭବିଷ୍ୟତରେ ପ୍ରାପ୍ତ ହେବ କି ନା ଈଶ୍ୱର ଜାଣନ୍ତି ।

ହଁ, ମୁଁ ଏଥର ତାଙ୍କ କଥା କହେ ।

୧୯୭୮ ମସିହାରୁ ମୁଁ ନିୟମିତ ଭାବେ ଦି'ଖଣ୍ଡ ପୋଷ୍ଟକାର୍ଡ ପାଇଆସୁଥିଲି ମୋର ଦୁଇଜଣ ଶ୍ରଦ୍ଧାଳୁ ପାଠକଙ୍କଠାରୁ । ଜଣେ ବ୍ରହ୍ମପୁରର ଉପେନ୍ଦ୍ରନାଥ ସାହୁ, ଆଉଜଣେ ଉଦୟପୁରର ଦାଶରଥୀ ପଟ୍ଟନାୟକ । ସେତେବେଳେ ମୁଁ ତାଙ୍କୁ ଜାଣିନଥିଲି । ଏହି ନିୟମିତ ପାଠକୀୟ ସହୃଦୟତାର ଉତ୍ତର ମୁଁ ଦେଇପାରିନାହିଁ । ସେତେବେଳେ ମୋର ନିରନ୍ତ୍ର ଜଞ୍ଜାଳ ତହିଁ ଉପରେ ଏଇ ଲେଖାଲେଖିର ଅଦଉତି ମତେ ଏମିତି ବାନ୍ଧିଥାଏ ଯେ ମୁଁ ଆଖି ଟେକି ଆଉକିଛି ଦେଖିବାକୁ ବେଳ ପାଉନଥିଲି । ଆଜି ମନେପଡ଼ିଲେ ନିଜ ଉପରେ କ୍ରୋଧ ଆସେ । ଧିକ୍କାର କରେ ନିଜକୁ । ଆତ୍ମଗ୍ଳାନିରେ ଶଢ଼େ । ସେମାନେ କିନ୍ତୁ ଉତ୍ତରକୁ ଅପେକ୍ଷା ନରଖି, ଲେଖା ପଢ଼ି ଚିଠି ଲେଖି ଚାଲିଥାନ୍ତି । ଏଇ ଜଣେ ପାଠକ ମୋର ନମସ୍ୟ ଏବଂ ତାଙ୍କ ପାଖରେ ମୁଁ ଋଣୀ । ତାଙ୍କ ପାଦତଳେ ଅଜସ୍ର ପ୍ରଣାମ ।

୧୯୮୧-୮୨ ବେଳକୁ ମୁଁ ଖୋର୍ଦ୍ଧାରେ ରହିଲି । ଆମ ନିଜଘରେ । ହାଉସିଂବୋର୍ଡ କଲୋନୀରେ । ଲେଖା ତଳେ ଏହି ଠିକଣା ପ୍ରକାଶ ପାଉଥିଲା ।

**"ଲେଖା ପଢ଼ି ମୁଁ ଚିଠି ଲେଖେ ସମସ୍ତଙ୍କୁ । ଝଂକାରରୁ ତୋର ଠିକଣା ଦେଖିଲି । ଖୋର୍ଦ୍ଧା ମୋ' ଯିବାଆସିବା ବାଟ । ଘର ଖୋଜି ଖୋଜି ଆସିଲି ।"**

ଦିନେ ସକାଳେ ଗୋରାତକତକ ବୃଦ୍ଧ ଜଣେ ପହଞ୍ଚିଗଲେ ଘରେ । ନିଜର ପରିଚୟ ଦେଲେ । ଆମେ ଜାଣିଲୁ ଯେ ହିଁ ସେଇ ନିୟମିତ ପତ୍ର ଲେଖକ । ମୋର ଅନୁରାଗୀ ପାଠକ । ପ୍ରଣାମ କଲୁ ସମସ୍ତେ । ସେଇ ପ୍ରଥମ ସାକ୍ଷାତବେଳେ କହିଲେ, ତୋ'ଠୁଁ ତ କେବେ ଉତ୍ତର ପାଏନାହିଁ । କାହାଠାରୁ ମୁଁ ଉତ୍ତର ବି ଚାହେଁ ନାହିଁ । ଲେଖା ପଢ଼ି ମୁଁ ଚିଠି ଲେଖେ ସମସ୍ତଙ୍କୁ । ଝଂକାରରୁ ତୋର ଠିକଣା ଦେଖିଲି । ଖୋର୍ଦ୍ଧା ମୋ' ଯିବାଆସିବା ବାଟ । ଘର ଖୋଜି ଖୋଜି ଆସିଲି । ଏଇ କଲୋନୀର ଜଣେ ବାବୁ ଖବରକାଗଜ ପଢୁଥିଲେ । ଇଂରାଜୀ କାଗଜ । ତାଙ୍କୁ ତୋ' ଘର କେଉଁଟା ବୋଲି ପଚାରିଲି । ସେ ଜାଣି ନାହାନ୍ତି ବୋଲି କହିଲେ । ତା'ପରେ ମୁଁ କହିଲି, ଓଡ଼ିଆରେ ଜଣେ ଝିଅ ଲେଖୁଛି, ତମେ ଜାଣିନ । ଇଂରାଜୀ କାଗଜ ପଢୁଛ ।

ଅଜା ସବୁବେଳେ ଏମିତି କଥା କହନ୍ତି । ସେଇଦିନଠୁ ଆରମ୍ଭ । ଖୋର୍ଦ୍ଧା ଅଜାଙ୍କର ଯିବାଆସିବା ବାଟ ଓ ରାତି ରହଣିର ସ୍ଥାନ । ରାତି ହେଲେ ସେ ବସଷ୍ଟାଣ୍ଡରେ ଥିବା ଟୁକ ମହାନ୍ତି ପ୍ରେସ୍‌ରେ ରୁହନ୍ତି । ମୁଁ ଖୋର୍ଦ୍ଧାରେ ରହିଲା ପରେ ସେ ଦିନଯାକ ମୋ' ସହ ରହନ୍ତି, ରାତିରେ ଟୁକ ମହାନ୍ତି ପ୍ରେସ୍‌କୁ ଯାଆନ୍ତି । ରାତି ଖାଇବା ରୁଟି ଓ କଦଳୀ । ମୁଁ ପୁଅ ହାତରେ ପଠାଇଦିଏ ।

**ଅଜାଙ୍କ ଚଳଣି**

ଅଜାଙ୍କ ଚଳଣି ନିଆରା । ସେ ଭାତ ଖାଆନ୍ତି ନାହିଁ, ଖାଆନ୍ତି ରୁଟି । କିନ୍ତୁ ତା'ସହ ଡାଲି, ତରକାରି, ଭଜା କିଛି ଖାଆନ୍ତି ନାହିଁ । କଦଳୀ, ଚିନି ଚକଟି ରୁଟି ଖାଆନ୍ତି ପାକୁଆ ପାଟିରେ । ଖରାବେଳେ ତାଙ୍କୁ ଭାତ ଖାଇବାକୁ ଡାକିଲେ ଖାଆନ୍ତି ନାହିଁ । ଚିନି ପାଣିରେ ରୁଟି ବତୁରାଇ ଖାଆନ୍ତି । ସେ କହନ୍ତି, ତାଙ୍କ ବ୍ୟାଗର ଭିତର ପକେଟରେ ରୁଟି ଖଣ୍ଡେ ଦି'ଖଣ୍ଡ ନିଶ୍ଚେ ଥିବ, ଚିନି ମଧ୍ୟ । ବାରଆଡ଼େ ବୁଲୁଥିବାରୁ ଦରକାର ବେଳେ ସେଇଆକୁ ସେ ଖାଆନ୍ତି । ସେ ଚା' ଖାଆନ୍ତି ନାହିଁ । ଲେମ୍ବୁ ପାଣି ପିଅନ୍ତି । ମୁଁ ଗ୍ଲାସରେ ଲୁଣ, ଲେମ୍ବୁ ଚାମଚରେ ଗୋଳେଇ ଦେଲାବେଳେ ମତେ ରାଗି କହିଲେ, ଆଜିଯାଏଁ ଲେମ୍ବୁ ପାଣିକରି ଶିଖିନୁ ? ଚାମଚରେ ଗୋଳାଉଛୁ କ'ଣ ? ଆଣ, ଆଉ ଏକ ଗ୍ଲାସ୍ ମୁଁ ଆଣି ଦେଲି । ସେ ଲେମ୍ବୁପାଣିକୁ ଦି'ଟା ଗ୍ଲାସରେ ଭାଙ୍ଗି ଚାଲିଲେ, ଫେଣ ବଜ ବଜ ହେବା ଯାଏଁ । ମତେ କହିଲେ, ଲେମ୍ବୁପାଣି ଏମିତି ତିଆରିହୁଏ । ଯେତେ ଭାଙ୍ଗିବ, ପେଟକୁ ସେତେ ଉପକାରୀ ।

ଖରାବେଳ ସାରା ମୋ' ହାତରେ ଯେତେସବୁ ଚିଠି ଲେଖାଇବେ । ଦିନ ଦିନ ଧରି ତାଙ୍କ ସହ ମିଶିବା ଦ୍ୱାରା ଅନେକ କଥା ଜାଣିଲି ତାଙ୍କ ଜୀବନ ବିଷୟରେ ଓ ତାଙ୍କ ଜୀବନାଦର୍ଶ ବିଷୟରେ । ତାଙ୍କର ଜୀବନ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ବିଷୟରେ । ଉଦୟପୁର ଗାଁରେ ତାଙ୍କର ଜନ୍ମ । ପାଠପଢ଼ା ୪ର୍ଥ କ୍ଲାସ୍ ପର୍ଯ୍ୟନ୍ତ । କିଛିଦିନ ପୋଲିସରେ, କିଛିଦିନ ଫରେଷ୍ଟରେ ଓ କିଛିଦିନ ଶିକ୍ଷକ ଚାକିରି ପରେ ତାକୁ ଛାଡ଼ିଦେଲେ । ଗାଁରେ ଥିବା ଅନାବାଦି ଜମି ଚଷିଲେ । ଖରାବେଳେ ଖାଇସାରି ବିଶ୍ରାମ କଲାବେଳେ ମନ ଚାହିଁଲା ବହିଖଣ୍ଡେ ପଢ଼ିବାକୁ । ଏକ ଟିଣ ଟ୍ରଙ୍କରେ ଦି'ଖଣ୍ଡ ବହିଥିଲା, ଖୁଲଣା ସୁନ୍ଦରୀ କଥା ଓ ଟୀକା ଗୋବିନ୍ଦଚନ୍ଦ୍ର । ଏ ଦି'ଖଣ୍ଡ ଶେଷ ହୋଇଗଲା । ଅଫିମଖୋର୍

ନିଶାଡ଼ିପରି, ପୁଣି ମନ ବହି ଲୋଡ଼ିଲା, ଗାଁ ସ୍କୁଲର ମାଷ୍ଟରଙ୍କ ପାଖେ ଥିଲା ଦି'ଖଣ୍ଡ ବହି । ତା' ମଧ ପଢ଼ା ସରିଗଲା । ଅଫିମଖିଆ ନିଶାଡ଼ିମନ ହାଉଳି ହେଲା, ଆଉ ବହି କାହିଁ? କେଉଁଠୁ ମିଳିବ? ଟିଣ ଟ୍ରଙ୍କରେ ଜଉର ଚାପଡ଼ଟାଏ କଷିଲେ । ମନର ଶପଥ ଆଜିଠୁ ବାହାରିବି ବହି ଅଭିଯାନରେ । ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ବହିଭିକ୍ଷାର ଅଭିଯାନରେ ଲାଗି ରହିଥିଲେ । ସାରା ଓଡ଼ିଶା ବୁଲି ବହିଭିକ୍ଷା ପାଇଁ । ଗଢ଼ିଛନ୍ତି ଏତେବଡ଼ ପାଠାଗାର । ଯାହା ଆଜି ଗବେଷକମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଉଠିଛି । ଖାଲି ବହି ନୁହେଁ, ବହୁ ବିରଳ ପୋଥି ସେ ସଂଗ୍ରହ କରି ରଖିଛନ୍ତି । ଯିଏ ଦେଖିଛି, ସିଏ ଜାଣିଛି ।

**ଜୀବନାଦର୍ଶ**

ଅଜାଙ୍କ ଚିତ୍ତବୃତ୍ତି ଓ ଜୀବନାଦର୍ଶ ଅଭିନନ୍ଦନୀୟ । ସେ କହନ୍ତି, ତମ ପିଲାମାନେ ମଣିଷ ହେଲା ପର୍ଯ୍ୟନ୍ତ ତମେ ସଂସାରରେ ରହିବ । ପିଲାଏ ମଣିଷ ହୋଇଗଲେ ତମେ ଆଉ ସଂସାରର ନୁହଁ । ତମେ ଦେଶର, ସମାଜର । ତମକୁ ଏ ମାଟି ଋଣ ଶୁଝିବାକୁ ହେବ ।




ଏହି ମାଟି ଋଣ କଥା ପଦକରେ ମୋ' ମନ ଭେଦକଲା । ଖାଲି ଭେଦିଲାନାହିଁ, ନିଆଁଝୁଲ ହେଇ ଚେଙ୍କିଲା । କିଛିବର୍ଷ ପରେ 'ମାଟିରଣ' ବୋଲି ଏକ ଗଳ୍ପ ମୋର ପ୍ରକାଶ ପାଇଥିଲା ସତ୍ୟବାଦୀରେ । ଏ 'ମାଟିରଣ' ଶବ୍ଦ ଅଜାଙ୍କଠୁ ଉଧାର ଆଣିଥିବା ଶବ୍ଦ ।

ଅଜା ଥରେ କହିଲେ, ତାଙ୍କର ଅନୁଭୂତି । ରାଜ୍ୟ ସରକାର ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସଭାରେ ମୁଖ୍ୟମନ୍ତ୍ରୀ, ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ । ଅଜାଙ୍କ କୃତି ଉପରେ ମାନପତ୍ର ପାଠ କରାଗଲା । ମୁଖ୍ୟମନ୍ତ୍ରୀ ଅଜାଙ୍କ କାନ୍ଧରେ ଏକ ଶାଲ ପକାଇଦେଇ ପ୍ରଣାମ କଲେ । ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଅଜା ଶାଲଟିକୁ ଫେରାଇଦେଇ କହିଲେ, ଦଶ ପଇସା ଭିକ୍ଷା ମାଗୁଥିବା ମୁଁ ଫକୀରଟାଏ । ଏ ତିନିଶ ଟଙ୍କିଆ ସାଲ୍ ମୋର କ'ଣ ହେବ ? ମତେ ତ ମୋର ଖାଦ୍ୟ ମିଳିଲା ନାହିଁ ।

ଏ କ୍ଷୋଭର ତାତ୍ପର୍ଯ୍ୟ ଥିଲା । ସରକାର ଯେଉଁ ବାର୍ଷିକ ଅନୁଦାନ ଦେଉଥିଲେ, ତାହା ସମୁଦ୍ରକୁ ଶଙ୍ଖେ ପାଣି । ଅନୁଷ୍ଠାନରେ ଜଣେ କର୍ମଚାରୀ ଥିଲେ । ସେ ଅଜାଙ୍କ ଘରେ ଖାଇ ମାସିକ ୧୫୦ ଟଙ୍କା ନେଉଥିଲେ । ତାହା ଯଥେଷ୍ଟ ନଥିଲା । ଅଜାଙ୍କର ମଧ ଆଉ ସମ୍ବଳ ନଥିଲା । ଗୋଟାଏ ଅନୁଷ୍ଠାନକୁ ବଞ୍ଚାଇ ରଖିବା ପାଇଁ ଯେତେ ଅର୍ଥ ଦରକାର ତାହା ଯୋଗାଡ଼ ହୋଇପାରୁନଥିଲା । ସରକାରଙ୍କ ଅନୁଦାନ ଅଧିକ ହେଲେ ତାଙ୍କ ରାଜକୋଷ ତ ଶୂନ୍ୟ ହୋଇଯିବ ନାହିଁ । ଅର୍ଥ ଯଥାର୍ଥ ବିନିଯୋଗ ହେବ ।

ଅଜାଙ୍କଠାରୁ ଖୁବ୍ ଗାଳି ଖାଇଛି ମୁଁ । ତାଙ୍କ ଗାଳି ମତେ ଭଲଲାଗେ । ଘରକୁ ପଶିଆସି କହିବେ, ଯେତେବେଳେ ଦେଖିଲି ରୋଷେଇଘରେ । ଛିଃ, ଏଇଟା ମଣିଷ ହେଲାନି ।

ଅଜା ତାଙ୍କ ଅନୁଷ୍ଠାନ ଦ୍ୱାରା ମତେ ସମ୍ବର୍ଦ୍ଧିତ କରିଥିଲେ । ତା'ଛଡ଼ା ଗାଳ୍ପିକା କବିତା ବାରିକଙ୍କ ସହ ମୁଁ ତାଙ୍କ ଘରକୁ ପାଇଥିଲି । ତାଙ୍କ ଘରକୁ ଅନେକଥର ଯାଇଛି । ଅବେଳରେ ପହଞ୍ଚିଲେ ତାଙ୍କ ବୋହୂ ମୋ' ଖାଇବା ପାଇଁ ତତ୍ପର ହେଲେ ଅଜା କହନ୍ତି, ତାକୁ ପଖାଳ ଦେ' । ସେ କୋଉ ବିଲାତରୁ ଆସିଛି କି ?

ତାଙ୍କ ଘରେ ମୁଁ ଅନେକଥର ପଖାଳ ଖାଇଛି ।

ସେ ମୋତେ ବିଭିନ୍ନ ସଭାକୁ ଯିବାକୁ ଡାକନ୍ତି । ମୁଁ ଯାଇପାରେନି । ଗାଳିଖାଏ ତାଙ୍କଠୁ । ସେ ରାଗିଲେ ଠେଙ୍ଗାଟାକୁ ଗ୍ରୀଲରେ ବାଡ଼େଇଦେଇ, ତୋ' ଦୁଆର ମାଡ଼ିବିନି କହି, ଡଗଡଗ ହୋଇ ଚାଲିଯାନ୍ତି ।

ଚାରିଦିନ ପରେ ପୁଣି ଆସନ୍ତି ।

ଥରେ ଅଗଷ୍ଟ ପନ୍ଦରରେ ଟି.ଭି.ରେ ଦେଉଥିଲା ସିନେମା 'ସତ୍ୟକାମ' । ଆମେ ବସି ଦେଖୁଥିଲୁ ।

ହଠାତ ଅଜା ଘରକୁ ପଶିଆସିଲେ । ଚଟକରି ବୁଲିପଡ଼ିଲେ । ଗ୍ରୀଲରେ ବାଡ଼ିଟା ପିଟିଦେଇ କହିଲେ, ଟିକେ

ଲାଜନାହିଁ ତତେ । ବାପା, ମା', ପିଲାଙ୍କ ସହ ବସି ସିନେମା ଦେଖୁଚୁ । ଛିଃ ।

ସେ ଫେରିଗଲେ ।

ଆଉଥରକ କଥା । ଝିଅ ବାହାଘର ପାଇଁ ମୁଁ କିଣାକିଣି କରିବାକୁ କଟକ ଯାଇଥିଲି । ଅଜା ଆସି ଘରେ ଯାଙ୍କ ସହ କଥାବାର୍ତ୍ତା ହୋଇ ଯାଇଛନ୍ତି । ତାଙ୍କୁ ତ ଆମ ଘରେ ସମସ୍ତେ ଭଲପାଆନ୍ତି । ସେ ମଧ୍ୟ ଆମ ଘରର ଜଣେ ହୋଇଥାନ୍ତି ।

ଝିଅ ବାହାଘରର କାର୍ଡ ସହ ଚିଠିଟିଏ ଲେଖିଥିଲି । ଅଜା, ନିଶ୍ଚୟ ଆସିବ ।

ମୋ' ଝିଅକୁ ସେ ଭଲପାଆନ୍ତି । ଝିଅ ତାଙ୍କ ବରାଦ ମୁତାବକ ବ୍ୟାଗ ସିଲେଇ କରିଦିଏ । ବଡ଼ ବ୍ୟାଗର ଭିତରପଟେ ତିନିଟା କରି ଦି' ପାଖରେ ଛ'ଟା ପକେଟ୍ । ରୁଟି, ଚିନି, ଲୁଣ, ଲେମ୍ବୁ ସବୁଥାଏ । ଆଉ ଗୋଟେ ପକେଟରେ ଖଣ୍ଡେ କାଗଜ ଓ ୨୫୦ ଟଙ୍କା ଥାଏ । ସେ କାଗଜରେ ଲେଖାଥାଏ ।

ମୁଁ ବାରବୁଲା ଫକୀର । ବାଟରେ ଘାଟରେ କେଉଁଠି ବି ମରିଯାଇପାରେ । ମୋ' ମୃତଦେହ ଯିଏ ଦେଖିବ ଏତିକି ଟଙ୍କାରେ ମତେ ସତ୍କାର କରିବାକୁ ଅନୁରୋଧ । ମୋ' ପରିବାରକୁ ଖବର ଦିଆଯିବନାହିଁ ।

**ଅଜା ଥାଳିଆଟା ଫୋପାଡ଼ିଦେଲେ । ବାଡ଼ିଟା ଚଟାଣରେ ପିଟିଦେଇ କହିଲେ, 'ତୁ ଲେଖୁଚୁ ଗୋଟେକଥା, କରୁଚୁ ଆଉଗୋଟେ କଥା ।'**

ଅଇଲେ ନାହିଁ ଅଜା

ଅଜା ଆସିଲେ ନାହିଁ ବାହାଘରକୁ ।

ତିନିଦିନ ପରେ ଆସିଲେ । ମୁଁ ମୁହଁ ଫୁଲେଇ କହିଲି, ଏତେ ଭଲ ପାଉଥିଲ, ଆସିଲନାହିଁ ।

ଏତିକିବେଳେ ମୋ' ପୁଅ ଏକ ଥାଳିଆରେ କିଛି ମିଠା ଆଣି ଅଜାଙ୍କୁ ବଢ଼ାଇଦେଲା । ଅଜା ଥାଳିଆଟା ଫୋପାଡ଼ିଦେଲେ । ବାଡ଼ିଟା ଚଟାଣରେ ପିଟିଦେଇ କହିଲେ, 'ତୁ ଲେଖୁଚୁ ଗୋଟେକଥା, କରୁଚୁ ଆଉଗୋଟେ କଥା । ଛିଃ ଛିଃ ।'

ମୁଁ ବୁଝିପାରିଲି ନାହିଁ ।

ଅଜା ସେମିତି ରାଗିଯାଇ କହିଲେ, ତୋ' ଅଧ୍ୟାପିକା ଝିଅକୁ ତୁ ଯୌତୁକ ଦେଇ ବାହା କରିଚୁ? ନଇଲେ ବୁଡ଼ାଇ ଦେଇଥାନ୍ତୁ ।

ଏଥର ମୁଁ ବୁଝିଲି । ମୁଁ ନଥିଲାବେଳେ ଅଜା ଆସି ଯାଙ୍କଠାରୁ ସବୁ ଶୁଣି ଯାଇଛନ୍ତି । ଝିଅ ବାହାଘରରେ ତ ଉପହାର ଦିଆଯାଏ ନାଁ ।

ମୁଁ ଅଜାଙ୍କୁ କହିପାରିଲି ନାହିଁ ଜୋରରେ ଯେ, ଅଜା ତମେ ସିନା ଖୁଣ୍ଟରୁ ଡୋର କାଟିଦେଇଛ । ମୁଁ ପରା ଖୁଣ୍ଟରେ ଜଉର ହୋଇ ବନ୍ଧାହୋଇଛି । ମୁଁ ଯାହା ଲେଖୁଛି ତାହା ମନର କଥା, ସତକଥା । ଯାହା କରୁଛି ତାହା ନିରୁପାୟ ଅସହାୟତା ।

ଏକାନବେ ମସିହାରୁ ଭୁବନେଶ୍ୱରରେ ରହିଲା ପରେ ଆଉ ଅଜାଙ୍କ ସହ ଦେଖାହୋଇନଥିଲା । ମଝିରେ ମଝିରେ ସେ ଚିଠି ଲେଖୁଥିଲେ । ସେ ମୋତେ ତିନୋଟି ଜିନିଷ ମାଗିଥିଲେ । ଖଣ୍ଡେ ଚାଦର, ଗୋଟେ କମଳ ଏବଂ କଷି ପାଣିକଖାରୁର ରାଇ । ଚାଦରଟିଏ ଦେଇଥିଲି, ବାକି ଦୁଇଟି ଦେଇପାରିଲି ନାହିଁ । ଭୁବନେଶ୍ୱରରେ ରହିଲି । ଆଉ ଦେଖାହୁଏନି । ଦିନେ ଖଣ୍ଡେ ଚିଠିରେ ଲେଖିଥିଲେ, ମୁଁ ନୂଆପଲ୍ଲୀରେ ଅମୁକ ଅଟାକଳ ପାଖ ଏତେ ନମ୍ବର ଘରେ ରହୁଛି । ଆସିବୁ ।

ଘରର କାମଦାମ ସାରି ରିକ୍ସାଟିଏ କରିକି ବାହାରିଗଲି । ରାଜମହଲ ଛକରୁ କିଛି କଲମି ଆମ୍ବ ଓ ସେଉ, ଅଙ୍ଗୁର କିଣିନେଲି । ଘରେ ପହଞ୍ଚିଲା ବେଳେ ଅଜା-ଆଇ ଦୁହେଁ ବସିଥିଲେ ।

ମୋତେ ଦେଖି ଖୁସି ହେଲେ । ମୋ' ଫଳ ବ୍ୟାଗ ଦେଖି ତାକୁ ପେଲିଦେଇ କହିଲେ, ତୁ ଜାଣିଚୁ, ମୁଁ କଦଳୀ ଖାଇବାକୁ ଭଲପାଏ । ଏଗୁଡ଼ା କାହିଁକି ଆଣିଚୁ?

ତାଙ୍କର କଥା ରୋକଠୋକ୍ ।

ଆଇ କହିଲେ, ଓହୋ, ପିଲାଟା ଆଣିଛି । ତାକୁ ଏମିତି ଚିଡୁଛ କାହିଁକି? ଅଜା ହସିଲେ, କହିଲେ, ତାକୁ ରାଗେସିନା, ତାକୁ ମୁଁ ଭଲପାଏ ।

ମୋ' ଆଖି ଲୁହରେ ଓଦା ହେଲା ।

ଏବେ ଲେଖିଲା ବେଳେ ବି ମୋ ଆଖି ଓଦା ହେଇଯାଉଛି ।

ସେଇ ତାଙ୍କ ସହ ଶେଷଦେଖା ।

ଆଉ ତାଙ୍କଠୁ ଚିଠି ପାଇନାହିଁ । ମନ ଘାଣ୍ଟିହୁଏ । ଝିଅ କହିଲା, ସେ ଅଜାଙ୍କୁ ସଚିବାଳୟରେ ଦେଖିଥିଲା । ମୋ' ମନ ରୁଗୁରୁଗୁ ହୁଏ କମଳଟିଏ କେମିତି ପଠେଇବି । ଏ ଭିତରେ ମୋର ସ୍ୱାସ୍ଥ୍ୟଗତ କାରଣରୁ ମୁଁ ପ୍ରାୟ ଗୃହବନ୍ଦି ।

ଅଜାଙ୍କର ଚିଠି ନଥିଲା । ମୋ' ଚିଠିର ଉତ୍ତର ନଥିଲା ।

ସେ କେଉଁଠି ମୁଁ ଜାଣିପାରିଲି ନାହିଁ ।

**ଏକ ଦୁଃଖଦ ଅନ୍ତ**

**ଓଡ଼ିଆ ସାହିତ୍ୟ, ସଂସ୍କୃତିର ସୁରକ୍ଷା ପାଇଁ ଯିଏ ଜୀବନ ଉତ୍ସର୍ଗ କରିଥିଲା, ତା'ର କ'ଣ ଏତିକି ପ୍ରାପ୍ୟ ନୁହେଁ ?**

ଦିନେ ସଂଧ୍ୟାରେ ଟି.ଭି ସମ୍ବାଦରେ କୁହାଗଲା, କଣା ଅଜା ଦାସିଆଙ୍କ ମୃତଦେହ ଏକ ପରିତ୍ୟକ୍ତ ଶୁଖିଲା କୂଅରୁ ଉଦ୍ଧାର କରାଯାଇଛି । ତାଙ୍କ ହାତ ଓ ଗୋଡ଼ ବନ୍ଧାହୋଇଛି ।

ମୁଁ ଥ' ହୋଇ ବସିପଡ଼ିଲି । ମୋ' ଛାତି ଫାଟିଗଲା ପରି ଲାଗିଲେ ମଧ୍ୟ ଫାଟିଗଲା ନାହିଁ । ମୁଁ କେବଳ ଭାବିଥିଲି ଏକ ଉତ୍ସର୍ଗୀକୃତ ସେବକର ପରିଣତି କ'ଣ ଏମିତି ଏକ ଭାଗ୍ୟ ?

ପରିବାରର ପୁଅ-ଝିଅ ଛଡ଼ା, ବାହାରେ ତାଙ୍କର ବିଶାଳ ପରିବାର ଥିଲା । ପରିବ୍ୟାପ୍ତ ଲେଖକ ପରିବାର । ଯେଉଁମାନଙ୍କୁ ସେ ଅନ୍ତରଦେଇ ଭଲପାଆନ୍ତି, ସେ ସେଇ ଲେଖକମାନଙ୍କ କାନ୍ଧରେ, ସମାରୋହରେ ତାଙ୍କ ଶେଷଯାତ୍ରା ନିର୍ବାହ କରିଥାନ୍ତେ । ଅଜସ୍ର ଫୁଲରେ ପୋତି ହୋଇଥାନ୍ତେ । ଲେଖକମାନେ ଅଶ୍ରୁଳ କଣ୍ଠରେ କହୁଥାନ୍ତେ, ଦାସିଆ ଅଜା, ଅମର ରହେ, ଅମର ରହେ ।

ଓଡ଼ିଆ ସାହିତ୍ୟ, ସଂସ୍କୃତିର ସୁରକ୍ଷା ପାଇଁ ଯିଏ ଜୀବନ ଉତ୍ସର୍ଗ କରିଥିଲା, ତା'ର କ'ଣ ଏତିକି ପ୍ରାପ୍ୟ ନୁହେଁ?

ତାର ପ୍ରାପ୍ୟ କ'ଣ ଗ୍ରନ୍ଥିବନ୍ଧ ହୋଇ କୂଅରେ ନିପତିତ ହେବା ? ଏଇ ତାର ପୁରସ୍କାର ?

ମୁଁ ଭାବିପାରୁନଥିଲି, ଏଇ ବୃଦ୍ଧଜଣକ କାହାର କ'ଣ କ୍ଷତି କରିଥିଲା ଯେ, ସେ ନରାଧମ ତାକୁ ଏପରି ଭାବେ ଶେଷ କରିଦେଲା ? କେଉଁ ଦୁର୍ବୃତ୍ତ ସେ ?

ଛୋଟ ଖବରଟିଏ ହେଇ ଏହା ରାଜଧାନୀର ପବନରେ ମିଳେଇଗଲା । ଏହି ଅସ୍ୱାଭାବିକ ମୃତ୍ୟୁର ତଦନ୍ତ ହେଲା କି ନାହିଁ, ଏହି ଶବର ସତ୍କାର କିଏ କେଉଁଠି କଲା, ସେ କଥା ମୋର ଜାଣିବାର ବାଟ ନଥିଲା । ସମ୍ବାଦପତ୍ରରେ ବି ତା'ର ସୂଚନା ନଥିଲା ।

ସାରା ଜୀବନ ସେ ଦୁଆର ଦୁଆର ବୁଲି ଦଶପଇସା ମାଗିଚନ୍ତି । ତା'ଠୁ ଅଧିକ ନୁହଁ । ବହିଭିକ୍ଷାକରି ବହିର ଏକ କୋଣାର୍କ ଗଢ଼ି ଦେଇଗଲେ । ଦି'ଖଣ୍ଡ ଗାମୁଛା, ଗୋଟାଏ ଠେଙ୍ଗା ଯାହାର ନିଜସ୍ୱ ସମ୍ପତ୍ତି । ତାଙ୍କ ଭାଷାରେ ସେ ହୁଏତ ବାଉଳା ଫକୀର । ମୁଁ କିନ୍ତୁ ସବୁବେଳେ ତାଙ୍କୁ କହେ, ଅଜା, ତମର ସାମ୍ରାଜ୍ୟ ନାହିଁ, ତମେ କିନ୍ତୁ ଦଶ ପଇସାର ସମ୍ରାଟ ।

ତମକୁ ଶତକୋଟି ପ୍ରଣାମ ।

□□

ଲେଖକଙ୍କ ଇ-ମେଲ ଠିକଣା:
banajadevi2012@gmail.com




*ପ୍ରକାଶ ପାଇଲା*

## ମଧୁରମ୍ ମଧୁରାଧିପତି

**ଲେଖକ: ବଳଦେବ ମହାରଥା**

'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ଆନୁକୂଲ୍ୟରେ, ରଥଯାତ୍ରା ଉପଲକ୍ଷେ ପ୍ରକାଶ ପାଇଆସୁଥିବା ଅନନ୍ୟ ସଂକଳନର ପ୍ରଚ୍ଛଦର କାହାଣୀର ଭାବଭୂମିରେ ରହିଛି ଧର୍ମ ଦର୍ଶନ ଓ ବିଜ୍ଞାନର ଅପୂର୍ବ ସମ୍ମିଶ୍ରଣ । ଆଧ୍ୟାତ୍ମିକତାର ସ୍ୱର ଓ ସଂଳାପ, ଯେପରି ଚିତ୍ରକରଙ୍କର ତୂଳୀର ଯାଦୁକରୀ ସ୍ପର୍ଶରେ ଜୀବନ୍ତ ରୂପ ଧାରଣ କରିଛନ୍ତି ।

ପ୍ରକାଶିତ ପୁସ୍ତକଟିରେ ସେହି ପ୍ରଚ୍ଛଦପଟ ଚିତ୍ରଗୁଡ଼ିକ ସହିତ ଜଡ଼ିତ ଅନୁଭୂତି ଉପସ୍ଥାପନ କରିଛନ୍ତି ଚିତ୍ରଦେବ ଶ୍ରୀ ବଳଦେବ ମହାରଥା ।

**ପୃଷ୍ଠା: ୧୬୬ ମୂଲ୍ୟ: ୨୫୦ଟଙ୍କା**

**ପ୍ରକାଶକ: ମହାବୀର ପ୍ରକାଶନ, ପୁରୁଣାବସ୍ଷ୍ଟାଣ୍ଡ, ଭୁବନେଶ୍ୱର**

**ଫୋନ୍: ୯୪୩୭୫୭୪୭୪୯**




ପ୍ରବନ୍ଧ

# ସାହିତ୍ୟିକଙ୍କର ପ୍ରବୃତ୍ତି, ବୃତ୍ତି ଓ ସମ୍ବେଦନଶୀଳତା

**ଛାୟାକାନ୍ତ ଷଡଙ୍ଗୀ**

ବୈଦିକ ଯୁଗରେ ପ୍ରବୃତ୍ତି ଅନୁସାରେ ବୃତ୍ତି ସ୍ଥିର ହୋଇ ବୃତ୍ତି ଅନୁଯାୟୀ ଚତୁର୍ବର୍ଣ୍ଣ ନିର୍ଦ୍ଧାରିତ ହେଉଥିଲା । ଯେଉଁମାନେ ଯଜ୍ଞାଦି କର୍ମ, ଈଶ୍ୱର ଉପାସନା, ଅଧ୍ୟୟନ ଓ ଅଧ୍ୟାପନାଦି କର୍ମ କରୁଥିଲେ ସେମାନଙ୍କୁ ବ୍ରାହ୍ମଣ କୁହାଗଲା । ଯେଉଁମାନେ ଶୌର୍ଯ୍ୟ, ତେଜ ଓ ଧୈର୍ଯ୍ୟର ଅଧିକାରୀ ହୋଇ ପ୍ରଜାମାନଙ୍କୁ ରକ୍ଷା କରୁଥିଲେ ସେମାନଙ୍କୁ କ୍ଷତ୍ରିୟ କୁହାଗଲା । କୃଷି, ଗୋପାଳନ ଓ ବାଣିଜ୍ୟ କର୍ମ କରୁଥିବା ଲୋକଙ୍କୁ ବୈଶ୍ୟ କୁହାଯାଇ ଅନ୍ୟମାନଙ୍କ ସେବା କରୁଥିବା ଲୋକଙ୍କୁ ଶୂଦ୍ର ଭାବରେ ନାମିତ କରାଗଲା । ମାତ୍ର କ୍ରମେ ବର୍ଣ୍ଣକୁ କୁହାଗଲା ଜାତି ଓ ବୃତ୍ତି ଅନୁସାରେ ଜାତି ନିର୍ଦ୍ଧାରିତ ନ ହୋଇ ଜନ୍ମ ଅନୁସାରେ ଜାତି ନିର୍ଦ୍ଧାରିତ ହେଲା । ଏ ଯାବତ୍ ଏହି ପ୍ରଥା ଚାଲିଛି । ଜଣେ ବ୍ରାହ୍ମଣ ଘରେ ଜନ୍ମ ହେଲେ ବ୍ରାହ୍ମଣ ଓ କ୍ଷତ୍ରିୟ ଘରେ ଜନ୍ମ ହେଲେ କ୍ଷତ୍ରିୟ ଭାବରେ ଚିହ୍ନିତ ହେଉଛି । ପୁନଶ୍ଚ ଯଦିଓ ଜାତି ରହିଲା ବୃତ୍ତି ସହ ଏହାର କୌଣସି ସଂପର୍କ ରହିଲା ନାହିଁ । କୁଟୁମ୍ବ ପୋଷିବା ପାଇଁ ଯିଏ ଯେଉଁ ବୃତ୍ତିକୁ ଚାହିଁଲା ତାକୁ ଅବଲମ୍ବନ କଲା । ଅନେକେ ପରିସ୍ଥିତି ଚାପରେ ନିଜର ପ୍ରବୃତ୍ତି ଅନୁସାରେ ବୃତ୍ତି ଅନୁସରଣ ନ କରି ପ୍ରବୃତ୍ତି ବିରୋଧୀ ଯେକୌଣସି ଅର୍ଥକରୀ ବୃତ୍ତିକୁ ଗ୍ରହଣ କରିନେଲେ । ଫଳରେ ସେମାନେ ବୃତ୍ତିକୁ ଯାନ୍ତ୍ରିକ ଭାବରେ ଅନୁସରଣ କଲେ ସିନା, ତାକୁ ବ୍ରତରେ ରୂପାନ୍ତରିତ କରିପାରିଲେ ନାହିଁ ।



### ବୃତ୍ତି ଓ ବ୍ରତ

ଜୀବନକୁ ପୂର୍ଣ୍ଣତା ଦେବା ପାଇଁ ଜୀବନରେ ବୃତ୍ତି ଯେପରି ଦରକାର, ବ୍ରତ ମଧ୍ୟ ସେପରି ଦରକାର । ବିଶିଷ୍ଟ ଚିନ୍ତାନାୟକ ଚିତ୍ତରଞ୍ଜନ ଦାସଙ୍କ ମତରେ ବ୍ରତ ନଥିଲେ ବୃତ୍ତିଗୁଡ଼ାକ ଆମକୁ ପ୍ରାୟ ସକଳ କ୍ଷେତ୍ରରେ ଗୋଟିଏ ଗୋଟିଏ ଭୃତ୍ୟରେ ହିଁ ପରିଣତ କରି ରଖିଥାନ୍ତି ଏବଂ ବ୍ରତକୁ ବୃତ୍ତିକରି ଗ୍ରହଣ କରି ନଥିଲେ ଆମ ବ୍ରତଗୁଡ଼ାକ ସତେ ଅବା ଅନେକତଃ ଗୋଟାଏ ଗୋଟାଏ ତୁଚ୍ଛା ଭାବପ୍ରବଣତାରେ ପରିଣତ ହୋଇଯାନ୍ତି । କୁମ୍ଭାର ହାଣ୍ଡି ଗଢ଼େ । ଏହା ତାର ବୃତ୍ତି । ମାତ୍ର ସେ ଯଦି ଏହି କର୍ମକୁ ବ୍ରତ ଭାବରେ ଗ୍ରହଣ ନକରେ ସେ ଜଣେ ଭଲ କୁମ୍ଭାର ହୋଇପାରିବ ନାହିଁ । ଯେଉଁ କାରିଗରମାନେ ପଥର ହେଉ ବା ମାଟି ହେଉ ନିଜ ବୃତ୍ତିରେ ମୂର୍ତ୍ତି ଗଢ଼ନ୍ତି ଓ ଲୋକଙ୍କୁ ମୁଗ୍ଧ କରନ୍ତି ସେମାନେ ତାଙ୍କ ବୃତ୍ତିକୁ ବ୍ରତ ଭାବରେ ଗ୍ରହଣ କରିଥାନ୍ତି ବୋଲି ସିଦ୍ଧିଲାଭ କରିଥାନ୍ତି । ଠିକ୍ ସେପରି ତନ୍ତୀମାନେ ଆକର୍ଷଣୀୟ ଲୁଗା ବୁଣନ୍ତି । ଏହା ତାଙ୍କ ବୃତ୍ତିର ବାହାଦୁରି ନୁହେଁ, ବ୍ରତର ବାହାଦୁରି । ସାହିତ୍ୟକୁ ସାହିତ୍ୟିକର ବୃତ୍ତି କହିବା ନା ବ୍ରତ ଏହା ଏକ ବଡ଼ ପ୍ରଶ୍ନ । ଗଙ୍ଗାଧର ମେହେର ତନ୍ତୀ ଥିଲେ ଓ କବି ଥିଲେ । ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ତନ୍ତଚର୍ଚ୍ଚା ଓ ଗ୍ରନ୍ଥଚର୍ଚ୍ଚା ଏକ ସମୟରେ ସଂପାଦନ କରୁଥିଲେ । ସେ ତନ୍ତଚାଳନା କଲାବେଳେ ସଂସ୍କୃତ ଓ ଓଡ଼ିଆ କାବ୍ୟମାନଙ୍କରୁ କଣ୍ଠସ୍ଥ ଲଳିତ ପଦମାନ ଆବୃତ୍ତି କରି ବଡ଼ ଆମୋଦ ଅନୁଭବ କରୁଥିଲେ । ସେ ଆପଣାର ବୃତ୍ତି ଓ ବ୍ରତ ଭିତରେ ଦୁଇ ଖଣ୍ଡରେ ବିଭକ୍ତ ହୋଇ ରହିନଥିଲେ । ଅବଶ୍ୟ ପରବର୍ତ୍ତୀ ସମୟରେ ସେ ବୃତ୍ତି ପରିବର୍ତ୍ତନ କରି ଜମିଦାର ନୃପରାଜ ସିଂହଙ୍କ ପାଖରେ ଅମୀନ ଭାବରେ ଯୋଗ ଦେଇ ତାଙ୍କ କାର୍ଯ୍ୟକୁ ନିଷ୍ଠା ସହ ସଂପାଦନ କରିଥିଲେ । ସାହିତ୍ୟକୁ ବୃତ୍ତିକରି ସଂସାରରେ କେହି ଜନ୍ମ ହୁଏ ନାହିଁ । ସାହିତ୍ୟିକର ପୁଅ ଯେ ସାହିତ୍ୟିକ ହେବ କେହି ଦୃଢ଼ ଭାବରେ କହିପାରିବ ନାହିଁ । ସାହିତ୍ୟ ହେଉ ବା ଯେକୌଣସି କଳା ହେଉ ତାକୁ

ବ୍ରତ ଭାବରେ ଗ୍ରହଣ କରିବାକୁ ହୁଏ । ସାହିତ୍ୟ ଲାଗି ସାହିତ୍ୟିକ ବଞ୍ଚେ ଓ କଳା ପାଇଁ କଳାକାର ବଞ୍ଚେ । ବୃତ୍ତିର ଜଗତରେ ସେ ନିଃସ୍ୱ ହୋଇଯାଇପାରେ, ତଥାପି ସେ ଆପଣାର ଧନରେ ଧନୀ ହୋଇ ରହେ ।

ଲିଓନାର୍ଦ୍ଦୋ ଦା ଭିନ୍‌ସି ମୋନାଲିସାଙ୍କ ଚିତ୍ର ଆଙ୍କିବାରେ ମଜ୍ଜି ରହିଥାନ୍ତି । କିଂବଦନ୍ତୀ କହେ ସେହି ଭଦ୍ରମହିଳା ପ୍ରତିଦିନ ଆସି ଶିଳ୍ପୀଙ୍କ ପାଖରେ ବସୁଥିଲେ । ସେ ଯେପରି ତାଙ୍କ ମୃଦୁ ହସରୁ ବିରତ ନ ହେବେ ସେଥିପାଇଁ ପଟ୍ଟଭୂମିରେ ମଧୁର ସଙ୍ଗୀତ ବାଦନର ବ୍ୟବସ୍ଥା କରାଯାଇଥିଲା । ମହିଳାଙ୍କ ମୁହଁ ବିରସ ଦେଖାଗଲେ ହାସ୍ୟକର ଭଙ୍ଗୀ ଫେରାଇ ଆଣିବା ପାଇଁ ବିଦୂଷକମାନେ ନିଯୁକ୍ତ ହୋଇଥିଲେ । ଶିଳ୍ପୀଙ୍କର ସେହି ମୋନାଲିସା ଛବିଟି ଅସଂପୂର୍ଣ୍ଣ ଥିବାବେଳେ ହଠାତ୍ ଦିନେ ପହଞ୍ଚିଲେ ରାଜା ଫ୍ରାନ୍‌ସିସ୍ । ସେତେବେଳକୁ ମୋନାଲିସାଙ୍କ ମୃତ୍ୟୁ ହୋଇସାରିଥିଲା ।

ମୋନାଲିସାଙ୍କ ଲାସ୍ୟମୟୀ ଓ ହାସ୍ୟମୟୀ ଚିତ୍ରକୁ ଦେଖି ରାଜା ଅଭିଭୂତ ହୋଇଗଲେ । ସେ ଛବିଟିକୁ କିଣିନେବା ପାଇଁ ଚାହିଁଲେ ଓ ଚାରିହଜାର କ୍ରାଉନ ମୂଲ୍ୟ ଯାଚିଲେ । ମାତ୍ର ଶିଳ୍ପୀ ଆତୁର ଆଖିରେ ରାଜାଙ୍କ ଆଡ଼କୁ ଚାହିଁଥାନ୍ତି । ସେ କହିବାକୁ ଚାହୁଁଥାନ୍ତି ଯେ, ମୋନାଲିସାଙ୍କ ଛବିଟିକୁ ସେ ନିଜ ପାଖରେ ରଖିବାକୁ ଚାହାନ୍ତି । କୌଣସି ମୂଲ୍ୟର ବିନିମୟରେ ମଧ୍ୟ ସେ ତାକୁ ହାତଛଡ଼ା କରିବାକୁ ଚାହୁଁନଥାନ୍ତି । ମାତ୍ର ଭୟରେ ସେ ରାଜାଙ୍କୁ କିଛି କହିନପାରି ନିରବ ରହିଲେ । ପରଦିନ ରାଜ କର୍ମଚାରୀ ସେହି ଛବିଟିକୁ ସେଠାରୁ ନେଇଯିବେ କହି ରାଜା ଚାଲିଗଲେ । ମାତ୍ର ଲିଓନାର୍ଦ୍ଦୋଙ୍କୁ ସାରା ରାତି ନିଦ ହେଲାନାହିଁ । ରାତି ଅଧରେ ସେ ରାଜ ଦରବାରକୁ ଆସି ରାଜାଙ୍କୁ ସାକ୍ଷାତକଲେ । ସେ ତାଙ୍କୁ କାତର ଭାବରେ କହିଲେ, 'ମହାରାଜ! ସେହି ଛବି ବିନା ମୁଁ ବଞ୍ଚି ପାରିବି ନାହିଁ । ମୁଁ ମରିବା ପର୍ଯ୍ୟନ୍ତ ଛବିଟି ମୋ' ପାଖରେ ଥାଉ । ମୋର ଏତିକି ଅନୁରୋଧ ।' ପାଖରେ ଛିଡ଼ା ହୋଇଥିବା ରାଜାଙ୍କ ଭଉଣୀ କହିଲେ, 'ମହାରାଜ! ସେ ଏବେବି ମୋନାଲିସାଙ୍କୁ ଭଲ ପାଉଛନ୍ତି । ତାଙ୍କ ଅନୁରୋଧ ଦୟାକରି ରକ୍ଷା କରନ୍ତୁ ।' ରାଜା କହିଲେ, 'କିନ୍ତୁ ମୋନାଲିସା ତ କେବେଠୁଁ ମୃତ୍ୟୁ ହୋଇସାରିଲେଣି ।' ଭଉଣୀ କହିଲେ 'ଜଣେ ମରିଗଲା ପରେ ମଧ ଲୋକେ କ'ଣ ତାକୁ ଭଲ ପାଉନାହାନ୍ତି ? ଶିଳ୍ପୀଙ୍କ ସ୍ମୃତି ତାଙ୍କରି ପାଖରେ ରହୁ ।' ଉଦାର ରାଜା ବୁଝିଲେ ଓ ଶିଳ୍ପୀଙ୍କ ଅନୁରୋଧ ରକ୍ଷାକଲେ । ଶିଳ୍ପୀ ଲିଓନାର୍ଦ୍ଦୋଙ୍କ ବୃତ୍ତି ଥିଲା ଚିତ୍ର ଆଙ୍କିବା । ମାତ୍ର ସେ ତାଙ୍କ ବୃତ୍ତିକୁ ବ୍ରତରେ ପରିଣତ କରିଦେଇଥିଲେ । ସେଥିପାଇଁ ତ ମୋନାଲିସା ଛବିଟି ସେତେବେଳେ ସର୍ବଶ୍ରେଷ୍ଠ ଛବି ଭାବରେ ସ୍ୱୀକୃତି ପାଇଥିଲା । ବୃତ୍ତି ଅନୁସାରେ ଚିତ୍ର ଆଙ୍କି ସେ ଚିତ୍ରକୁ ଏକ ପଣ୍ୟଦ୍ରବ୍ୟ ଭାବରେ ଦେଖିନଥିଲେ । ତାଙ୍କ ସଂସାର ଥିଲା ଅନ୍ତରଙ୍ଗ ହେବାର ସଂସାର, ଶ୍ରଦ୍ଧାର ସଂସାର । ତାଙ୍କ ବୃତ୍ତିଥିଲା ଏକ ବ୍ରତ ।

**ଶିଳ୍ପୀ ଲିଓନାର୍ଦ୍ଦୋଙ୍କ ବୃତ୍ତି ଥିଲା ଚିତ୍ର ଆଙ୍କିବା । ମାତ୍ର ସେ ତାଙ୍କ ବୃତ୍ତିକୁ ବ୍ରତରେ ପରିଣତ କରିଦେଇଥିଲେ ।**


### ବୃତ୍ତି ଓ ପ୍ରବୃତ୍ତି

ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ, ବୃତ୍ତି ପ୍ରବୃତ୍ତିଜନିତ ନ ହେଲେ ତାହା ବ୍ରତରେ ପରିଣତ ହୋଇପାରେନାହିଁ । ଆର୍ଥର କେନନ୍ ଡୟଲ ଏଡିନ୍‌ବର୍ଗ ମେଡିକାଲ କଲେଜରୁ ଡାକ୍ତରୀ ପାସ୍ କଲେ ଓ ଚିକିତ୍ସା ଆରମ୍ଭ କଲେ । ମାତ୍ର ସେ ବୃତ୍ତିରେ ସେ ବେଶୀଦିନ ରହିପାରିଲେ ନାହିଁ, କାରଣ ତାହା ତାଙ୍କର ପ୍ରବୃତ୍ତି ନଥିଲା । ତାଙ୍କର ଥିଲା ସର୍ଜନଶୀଳ ପ୍ରତିଭା । ଲେଖିଲେ ଅନେକ ଉପନ୍ୟାସ ଓ କାହାଣୀ । ତାଙ୍କର ଗୋଇନ୍ଦା ଉପନ୍ୟାସରେ ସେରଲକ୍ ହୋମ୍‌ସ ଏକ ବହୁଜନାଦୃତ ଚରିତ୍ର । ସେ ସ୍ୱୀକୃତ ହେଲେ ଜଣେ ବିଶିଷ୍ଟ ଔପନ୍ୟାସିକ ଭାବରେ । ସମରସେଟ୍ ମମ୍ ଥିଲେ ଆଉ ଜଣେ ଡାକ୍ତର । ସେ ଶେଷ ବର୍ଷର ଡାକ୍ତରୀ ଛାତ୍ର ଥିବାବେଳେ ଲେଖିଲେ 'ଲିଜା ଅଫ୍ ଲ୍ୟାମବେଥ୍' । ଏହି ପ୍ରଥମ ଉପନ୍ୟାସର ଅପୂର୍ବ ସଫଳତା ପରେ ସେ ଡାକ୍ତରୀ ବୃତ୍ତି ଛାଡ଼ିଦେଲେ । ଷ୍ଟେଥୋସ୍କୋପ୍‌କୁ ଅବସର ଦେଇ ଧରିଲେ କଲମ । ସୃଷ୍ଟି ହେଲା 'ଏ ମ୍ୟାନ୍ ଅଫ ଅନର', 'ଅଫ୍ ହ୍ୟୁମେନ୍ ବଣ୍ଡେଜ', 'ଲେଡ଼ି ଫେଡ଼େରିକ' ଓ ଅନେକ ଉଲ୍ଲେଖନୀୟ କୃତି । ଆଉଜଣେ ଡାକ୍ତର ହେଲେ ଜୋସେଫ୍ କ୍ରୋନିନ୍ । ଗ୍ଲାସ୍‌ଗୋ ବିଶ୍ୱବିଦ୍ୟାଳୟରୁ ଚିକିତ୍ସା ବିଜ୍ଞାନରେ ସର୍ବୋଚ୍ଚ ଡିଗ୍ରୀ ଲାଭକରି ମଧ୍ୟ ସେ ଚିକିତ୍ସାକୁ ବୃତ୍ତି ଭାବରେ ବେଶୀଦିନ ଅନୁସରଣ କରିପାରିଲେ ନାହିଁ । କାରଣ ତାଙ୍କର ପ୍ରବୃତ୍ତି ଥିଲା ଭିନ୍ନ ।

ତାଙ୍କର ସର୍ଜନଶୀଳ ପ୍ରତିଭା ସ୍ୱତଃପ୍ରବୃତ୍ତ ଭାବରେ ଆତ୍ମପ୍ରକାଶ କଲା ତାଙ୍କର ଉପନ୍ୟାସଗୁଡ଼ିକରେ ଯଥା 'ଦି ଗ୍ରୀନ୍ ୟରସ୍', 'ଦି ଜୁଦାଶ ଟ୍ରି', 'ହ୍ୟାଟାରସ କ୍ୟାସଲ' ଇତ୍ୟାଦି । ତାଙ୍କ ପ୍ରବୃତ୍ତିକୁ ସେ ବ୍ରତରେ ପରିଣତ କରି ଚିକିତ୍ସା ବୃତ୍ତିରୁ ଦୂରେଇଗଲେ ।

**ସାହିତ୍ୟ ଓ ବୃତ୍ତି**

ଅତୀତରେ ଅନେକ ପଣ୍ଡିତ କାବ୍ୟ କବିତା ଲେଖି ରାଜାଙ୍କ ପାଖରୁ ଅର୍ଥ, ପୁରସ୍କାର ଓ ଉପାଧି ଗ୍ରହଣ କରୁଥିଲେ । ସାହିତ୍ୟ ସୃଷ୍ଟି କରିବା ସେମାନଙ୍କ ପାଇଁ ଏକ ବୃତ୍ତିଥିଲା । ଅବଶ୍ୟ ଆଜିକାଲି ରାଜା ନଥିଲେ ମଧ୍ୟ ଏହି ଧାରା ଏକ ଭିନ୍ନ ରୂପରେ ପ୍ରଚଳିତ ହୋଇଛି । ସାହିତ୍ୟ ଏକାଡେମି ଓ ଅନେକ ବେସରକାରୀ ସଂସ୍ଥା ସାହିତ୍ୟ ପାଇଁ ମୋଟା ଅର୍ଥଯୁକ୍ତ ପୁରସ୍କାର ଓ ସମ୍ମାନ ଦେଉଛନ୍ତି । ଏବେ ପ୍ରବୃତ୍ତି ନ ଥାଇ, ସୃଜନଶୀଳ ପ୍ରତିଭା ନ ଥାଇ ମଧ୍ୟ କିଛି ଲେଖକ ଏସବୁ ହାତେଇବା ପାଇଁ ଲେଖନୀ ଚାଳନା କରୁଛନ୍ତି । ସେମାନଙ୍କ ପାଇଁ ସାହିତ୍ୟ ସୃଷ୍ଟି କରିବା ଏକ ବୃତ୍ତି ହୋଇଛି । ମାତ୍ର ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ଭାଷାରେ, 'ସାହିତ୍ୟ ହେଉଛି ବସ୍ତୁତଃ ଏକ ବ୍ରତ । ସାହିତ୍ୟ କେତେ ମଣିଷକୁ ଯୁଗେ ଯୁଗେ ବୃତ୍ତିର ଜଗତରେ କେତେ ପ୍ରକାରେ ନିଃସ୍ୱ ଏବଂ ନିଃଦ୍ରବ୍ୟ କରି ରଖିଛି । କେତେ ସିଂହାସନଚାରୀଙ୍କ ଦୃଷ୍ଟିରୁ ଦୂରରେ ରଖିଛି, କେତେ ସଫଳତା ତଥା ସ୍ୱୀକୃତିର ଦ୍ୱାରରୁ ସେମାନଙ୍କୁ ଦୂରେଇ ରଖିଛି । ସାହିତ୍ୟିକ ତଥାପି ବଞ୍ଚିଛି । ବାହାରକୁ ନିଃସ୍ୱ ହୋଇ ରହିଥିଲେ ମଧ୍ୟ ସେ ଆପଣାର ଧନରେ ତଥାପି ଧନୀହୋଇ ରହିଛି ।' ଏହା ସମ୍ଭବ ହୋଇଛି ଯେତେବେଳେ ସାହିତ୍ୟିକ ନିଜ ସୃଜନଶୀଳ ପ୍ରବୃତ୍ତିକୁ ବୃତ୍ତି ଭାବରେ ଗ୍ରହଣ କରି ତାକୁ ବ୍ରତରେ ପରିଣତ କରିଛି ।



**ଲେଖକର ସମ୍ବେଦନଶୀଳତା**

ସମ୍ବେଦନଶୀଳତା ଏକ ମଣିଷୋଚିତ ଗୁଣ । ସାଧାରଣ ମଣିଷଠାରୁ ଲେଖକଟିଏ ବେଶି ସମ୍ବେଦନଶୀଳ । ଏହି ସମ୍ବେଦନଶୀଳତା ନଥିଲେ କାଳୋତ୍ତୀର୍ଣ୍ଣ ସାହିତ୍ୟ ସୃଷ୍ଟି ହୋଇପାରେନାହିଁ । ମହାକାବ୍ୟ ରାମାୟଣର ସୃଷ୍ଟି ହୋଇଥିଲା ଏହି ସମ୍ବେଦନଶୀଳତା ମଧ୍ୟରୁ । କାମାସକ୍ତ କ୍ରୌଞ୍ଚଯୁଗଳଙ୍କ ମଧ୍ୟରୁ ଗୋଟିଏ କ୍ରୌଞ୍ଚକୁ ନିଷାଦ ଶରାଘାତ କରନ୍ତେ ଦୃଶ୍ୟଟି ଦେଖୁଥିବା ଋଷି ବାଲ୍ମିକୀଙ୍କ ହୃଦୟରେ ଯେଉଁ ବେଦନା ସୃଷ୍ଟି ହେଲା ସେଠୁ ଜନ୍ମନେଲା ରାମାୟଣର ପ୍ରଥମ ଶ୍ଳୋକ-'ମା ନିଷାଦ ପ୍ରତିଷ୍ଠାଂତ୍ୱମଗମଃ ଶାଶ୍ୱତୀଃ ସମାଃ/ ଯତ୍ କ୍ରୌଞ୍ଚମିଥୁନାଦେକମବଧୀ କାମମୋହିତମ୍ ।' ଋଷି ବେଦନା ଜର୍ଜରିତ ହୃଦୟରେ ଅଭିଶାପ ଦେଲେ, ରେ ନିଷାଦ! ତୁ କାମାସକ୍ତ ଥିବା କ୍ରୌଞ୍ଚଯୁଗଳରୁ ଗୋଟିଏ କ୍ରୌଞ୍ଚକୁ ହତ୍ୟା କରିଥିବାରୁ ତୁ ଅନନ୍ତକାଳ ପର୍ଯ୍ୟନ୍ତ ଶାନ୍ତି ଲାଭ କରିପାରିବୁ ନାହିଁ । ପରବର୍ତ୍ତୀ ସମୟରେ ଏହି ରାମାୟଣ ହେଲା କାଳଜୟୀ ସାହିତ୍ୟ ।

ସେହିଭଳି ଜଣେ ସମ୍ବେଦନଶୀଳ ବ୍ୟକ୍ତିଥିଲେ କାହ୍ନୁଚରଣ ମହାନ୍ତି । ବିଶିଷ୍ଟ ଲେଖକ ବୈଷ୍ଣବ ଚରଣ ମହାନ୍ତିଙ୍କଠାରୁ ଶୁଣିଥିବା ତାଙ୍କ ଜୀବନର ଏକ ଘଟଣା । ଶୀତ ରାତିରେ କଲେଜ ଛାତ୍ରଥିବା ବୈଷ୍ଣବ ବାବୁ ସାଇକେଲରେ ନିଜ ବସାକୁ ଫେରୁଥାନ୍ତି । କଟକର ରାଜାବଗିଚାରେ ଅନ୍ଧାର ରାତିରେ ରାସ୍ତା କଡ଼ରେ ବସିଥାନ୍ତି ଜଣେ ବୃଦ୍ଧ । ସେ କମ୍ବଳଟିଏ ଘୋଡ଼ାଇ ହୋଇଥାନ୍ତି ଓ ହାତରେ ଗୋଟିଏ ଲଣ୍ଠନ ଧରିଥାନ୍ତି । ବୈଷ୍ଣବବାବୁ ଆଗେଇ ଯାଆନ୍ତେ ସେ ପାଟିକରି କହିଲେ, 'କିଏ ? ଦେଖି କରିଯାଅ, ପଡ଼ିଯିବ । ଆଗରେ ମ୍ୟାନହୋଲ ଅଛି ।' ବୈଷ୍ଣବ ବାବୁ ଅଟକିଗଲେ । ଶୀତରାତିରେ ବୁଢ଼ା ବୟସରେ ରାସ୍ତା କଡ଼ରେ ବସିଥିବାର କାରଣ ବୈଷ୍ଣବବାବୁ ପଚାରନ୍ତେ ସେ କହିଲେ, 'ଆଗରେ ଥିବା ମ୍ୟାନ୍‌ହୋଲର ଢ଼ାଙ୍କୁଣି ଉଠିଯାଇଛି । କିଛି ସମୟ ପୂର୍ବରୁ ଜଣେ ରିକ୍ସାବାଲା ତାହା ଦେଖି ନ ପାରି ସେଠାରେ ପଡ଼ି ଖଣ୍ଡିଆଖାବରା ହୋଇଗଲା । ରିକ୍ସା ଟାଣି ସେ କୁଟୁମ୍ବ ପୋଷେ । ଏବେ ବିଚରା ଚଳିବ କେମିତି ? ଆଉ କେହି ସେଠି ନ ପଡ଼ୁ, ସେଥିପାଇଁ ମୁଁ ଏଠି ଜଗିବସିଛି ।'

ବୈଷ୍ଣବବାବୁ ତାଙ୍କ ପରିଚୟ ଜାଣିବାକୁ ଚାହାନ୍ତେ ସେ କହିଲେ, 'ମୁଁ କାହ୍ନୁ ମହାନ୍ତି । ନିକଟରେ ମୋର ଘର ।' 'ହାଅନ୍ନ', 'ଶାସ୍ତି', 'ବାଲିରାଜା', 'ପଳାତକ' ଭଳି ବହୁ କାଳଜୟୀ ଉପନ୍ୟାସର ସ୍ରଷ୍ଟା କାହ୍ନୁଚରଣ ମହାନ୍ତିଙ୍କ ସମ୍ବେଦନଶୀଳତା ଉପଲବ୍ଧି କରି ବୈଷ୍ଣବବାବୁ ବିସ୍ମିତ ହୋଇଥିଲେ ଓ ତା'ପରଦିନ ପୌର କାର୍ଯ୍ୟାଳୟକୁ ଯାଇ ସେହି ମ୍ୟାନ୍‌ହୋଲ ସଂପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଏହି ମାନବୀୟ ସମ୍ବେଦନା ନଥିଲେ ସଫଳ ସାହିତ୍ୟର ସୃଷ୍ଟି ସମ୍ଭବ ନୁହେଁ । କାହ୍ନୁଚରଣଙ୍କ ପ୍ରତ୍ୟେକ ଉପନ୍ୟାସରେ ଏହା ପ୍ରତିଫଳିତ । ଅନୁରୂପ ଭାବରେ ଚିଲିର କବୟିତ୍ରୀ ଗାବ୍ରିଏଲ ମିଷ୍ଟ୍ରାଲ୍ ଦିନେ ସୂର୍ଯ୍ୟାସ୍ତ ସମୟରେ ଗହମକ୍ଷେତ ବାଟେ ଘରକୁ ଫେରୁଥିଲେ ।

**କିଛି ଲେଖକ ନିଜସ୍ୱ ପ୍ରତିଭା ନ ଥିଲେ ମଧ ପ୍ରତିଷ୍ଠା ଓ ପୁରସ୍କାର ଆଶାୟୀ ହୋଇ ଲେଖନୀ ଚାଳନା କରୁଛନ୍ତି ଓ ଅନ୍ୟର ଲେଖାକୁ ନକଲ କରୁଛନ୍ତି ।**

ଜଣେ ଗର୍ଭବତୀ ନାରୀ ଶ୍ରମିକକୁ କେତେକ ପୁରୁଷ ରୂଢ଼ ମନ୍ତବ୍ୟ ଦେଇ ଉପହାସ କରୁଥିବାର ଦୃଶ୍ୟ ତାଙ୍କୁ ଏତେ ଆଘାତ ଦେଲା ଯେ ସେ ରାତିସାରା ଶୋଇପାରିନଥିଲେ । ସେ ଅନୁଭବ କରିଥିଲେ ମାତୃତ୍ୱର ଅସହାୟତା ଓ ସେହି ରାତିରେ ଲେଖିଥିଲେ ମାତୃତ୍ୱର ଗରିମା ଉପରେ ତାଙ୍କର ପ୍ରଥମ କବିତା । ପରେ ସେ ଯେତେ କବିତା ଲେଖିଥିଲେ ସବୁଥିରେ ମୂଳ ବିଷୟବସ୍ତୁ ଥିଲା ମା' ଓ ଶିଶୁ । ପରବର୍ତ୍ତୀ ସମୟରେ ସେ ତାଙ୍କର ସାହିତ୍ୟ କୃତି ପାଇଁ ନୋବେଲ ପୁରସ୍କାର ପାଇଲେ ।

ଆଧୁନିକ ଯୁଗରେ ଲେଖକମାନଙ୍କ ସଂଖ୍ୟା ଅତି ମାତ୍ରାରେ ବଢ଼ିଛି । ମାତ୍ର ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ସେମାନଙ୍କ ସାହିତ୍ୟ-ଜଳଯାତ୍ରା ରୋମାଞ୍ଚକର ହେଲେ ମଧ ଯାତ୍ରା ମଝିରେ ଅନେକ ଲେଖକଙ୍କ ଜାହାଜ ଧ୍ୱଂସପ୍ରାପ୍ତ ହେଉଛି । କିଛି ଲେଖକ ନିଜସ୍ୱ ପ୍ରତିଭା ନ ଥିଲେ ମଧ ପ୍ରତିଷ୍ଠା ଓ ପୁରସ୍କାର ଆଶାୟୀହୋଇ ଲେଖନୀ ଚାଳନା କରୁଛନ୍ତି ଓ ଅନ୍ୟର ଲେଖାକୁ ବିନା ସୂଚନାରେ ନକଲ କରୁଛନ୍ତି । ପୁନଶ୍ଚ ନିଜସ୍ୱ ଅନୁଭୂତି ନ ଥାଇ ଓ ମାନବୀୟ ସଂବେଦନା ନ ଥାଇ ଲେଖନୀ ଚାଳନା କରୁଛନ୍ତି । ଏହିଭଳି ଲେଖା ଆବେଦନ ସୃଷ୍ଟି କରିପାରୁନାହିଁ । ଏହିଭଳି ଲେଖକଙ୍କୁ 'ସାହିତ୍ୟ ମହାଭାରତ'ର ଲେଖକ ଶ୍ରୀ ସଞ୍ଜୟ ପୌଣ୍ଡ୍ରକ ଆଖ୍ୟା ଦେଇଛନ୍ତି । ପୌଣ୍ଡ୍ରକ ଥିଲେ ଜରାସନ୍ଧଙ୍କ ମିତ୍ର । ତାଙ୍କ ପିତାଙ୍କ ନାମ ଥିଲା ବସୁଦେବ । ତେଣୁ ସେ ନିଜକୁ ବାସୁଦେବ ବୋଲି କହୁଥିଲେ । ମାତ୍ର ସେ ନିଜକୁ ବାସୁଦେବ ବୋଲି ପରିଚୟ ଦେବାବେଳକୁ ଶ୍ରୀକୃଷ୍ଣ ବାସୁଦେବ ଭାବରେ ପ୍ରସିଦ୍ଧି ଅର୍ଜନ କରିସାରିଥିଲେ । ଥରେ ନାରଦ ପୌଣ୍ଡ୍ରକଙ୍କ ଆଗରେ ଶ୍ରୀକୃଷ୍ଣ ବାସୁଦେବଙ୍କ ଖ୍ୟାତି ବର୍ଣ୍ଣନା କରନ୍ତେ ସେ ଉତ୍‌କ୍ଷିପ୍ତ ହୋଇ କହିଲେ, ସେ ହେଉଛନ୍ତି ଅସଲି ବାସୁଦେବ ଓ ଶ୍ରୀକୃଷ୍ଣ ହେଉଛନ୍ତି ନକଲି । ପୁନଶ୍ଚ ସେ ନିଜ ଦେହରେ ଶ୍ରୀକୃଷ୍ଣଙ୍କ ବର୍ଣ୍ଣପରି ନୀଳରଙ୍ଗ ବୋଳିହେଲେ ଓ ହାତରେ ଶଂଖ ଚକ୍ର ଧରି ନିଜକୁ ପ୍ରକୃତ ବାସୁଦେବ ବୋଲି ପ୍ରଚାର କଲେ । ଲେଖକର ଏହିପ୍ରକାର ଉଦ୍ୟମ ଅବଶ୍ୟ ନିନ୍ଦନୀୟ । ଏଣୁ ନିଜସ୍ୱ ଅନୁଭୂତି ଓ ମାନବୀୟ ସଂବେଦନା ନ ଥାଇ ଲେଖନୀ ଚାଳନା କରିବା ସାହିତ୍ୟିକ ଭାବରେ ନିଜକୁ ପ୍ରତିଷ୍ଠିତ କରିବାର ଅପଚେଷ୍ଟା ବୋଲି କୁହାଯାଇପାରେ ।

□□

ଲେଖକଙ୍କ ଇ-ମେଲ ଠିକଣା:
csarangi1958@gmail.com

**'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ ଉପଲବ୍ଧ ଅଛି ।**




**ଏହାର କେତେକ ଉପାଦେୟ ଲେଖା ତୁରନ୍ତ ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କ୍‌କୁ ଯାଆନ୍ତୁ :**

**www.sahityacharcha.com**



ଅନୁବାଦ ଗଳ୍ପ

# ସଫଳ ଯାତ୍ରା

ମୂଳ ଉର୍ଦ୍ଦୁ: ସୁଫୀୟା ଶିରୀନ ଅନୁବାଦ: ସୁକୋମଳ ଦାଶ



ଛଅ ନଂବର ଜାତୀୟ ରାଜପଥ ଉପରେ, ଯାହାକୁ ବମ୍ବେ ରୋଡ଼ ବି କୁହାଯାଏ, ପ୍ରତିଦିନ କେଜାଣି କେତେ ଯେ କାହାଣୀ ଜନ୍ମ ନିଅନ୍ତି ଓ କେତେ ଯେ ମୃତ୍ୟୁବରଣ କରନ୍ତି। ପ୍ରତିଦିନ ଏଇ ରାଜମାର୍ଗରେ ତ୍ରୁଟିବିଚ୍ୟୁତିର ଶିକାରମାନଙ୍କ ଖଣ୍ଡ ବିଖଣ୍ଡିତ ଶବ ଦେଖିବାକୁ ମିଳେ। ଯାହାବି ହେଉ ରାଜମାର୍ଗ ତ ଅଟେ, ରାଜକୀୟ ହେବାର ମୂଲ୍ୟ ତ ଅସୁଲ କରିବ ହିଁ! ଆଉ ରାଜମାର୍ଗ ବୋଲି ପ୍ରତିଦାନ ନଦେଇ କିଛି ହେଲେ ଗ୍ରହଣ କରେନି। କଲିକତାରୁ ବମ୍ବେ ପର୍ଯ୍ୟନ୍ତ ଲମ୍ବିଥିବା ଏଇ ସଡ଼କର ଉଭୟ ଧାରରେ ଭୋକ ନିବାରଣ ଅର୍ଥେ ବିଭିନ୍ନ ସାଧନ ଉପଲବ୍ଧ ଥାଏ।



ଭୋକ? ଜୀ ହାଁ, ଭୋକ - ନାଭିକେନ୍ଦ୍ରର ଉର୍ଦ୍ଧ୍ୱାଂଶର ହେଉ କି ନିମ୍ନାଂଶର, ପ୍ରେମର ହେଉ କି ପ୍ରତିଷ୍ଠାର, ଧନର ହେଉ କି ମାନର ହେଉ, ମଣିଷକୁ ଶାନ୍ତିରେ କେବେ ଅବା ରହିବାକୁଦିଏ? ଜୀବନ ଚକ ତ କେବଳ ଏଇ ଭୋକକୁ କେନ୍ଦ୍ରକରି ଘୂରୁଥାଏ। ଖାନ୍ ପାର୍କିଙ୍ଗରେ ବି ଏଇ ଭୋକକୁ କେନ୍ଦ୍ର କରି ସଂସାରଟିଏ ଗଢ଼ି ଉଠିଛି। ଏଇ ଭୋକ ହିଁ ନାସୀରକୁ ମାସିକ ଛଅ ହଜାର ଟଙ୍କା ବେତନରେ ଏଇଠି ବାର ଘଣ୍ଟିଆ ଜଗୁଆଳି ଭୂମିକାରେ ଅବତୀର୍ଣ୍ଣ କରାଇଛି।

'ଆରେ ଓ ନସରୁ! କୋଉଠି ମରିଗଲୁ? କାହାର ଦଲାଲୀ କରିବାକୁ ଚାଲିଗଲୁ ବେ? ଆବେ ଗେଟ୍ ଖୋଲ୍!'

ବାର ଚକିଆ ଲରୀ ଡ୍ରାଇଭର ଜଣେ ଉଚ୍ଚସ୍ୱରରେ ନାସୀରକୁ ଡକା ପାରିଲା। ତତ୍ ସଙ୍ଗେ ଡ୍ରାଇଭିଙ୍ଗ୍ ସିଟ୍ କଡ଼ ଝରକା ବାଟେ ମୁଣ୍ଡ ଗଳାଇ ଉଙ୍କିମାରିଲା। ରଡ଼ ନିଆଁଭଳି ରକ୍ତବର୍ଣ୍ଣୀ ଆଖି ଘୂରାଇ ଘୂରାଇ ଦିଗନ୍ତକୁ ଚାହିଁଲା। ନାସୀରର କୋଉଠି ବି ଖୋଜଖବର ନଥିଲା। ସାରା ରାତି ଅନିଦ୍ରା ଗାଡ଼ି ଚଳାଇ ଏମିତିରେ ତାର ମଥା କ୍ଲାନ୍ତି ଓ ନିଦରେ ଭାଁ ଭାଁ କରୁଥିଲା, ଆଉ ତା' ଉପରେ ମୁଖ୍ୟ ଫାଟକରେ ନାସୀରର ଅନୁପସ୍ଥିତି ତାର ଚିଡ଼ିଚିଡ଼ାପଣ ଅନେକଟା ବଢ଼ାଇଦେଲା। ସେ ଗାଡ଼ିରୁ ଓହ୍ଲାଇ ଜଳା ଫାଟକ ଦେଇ ପାର୍କିଙ୍ଗ ଏରିଆରେ ପ୍ରବେଶ କଲା। ତାର ପାଟିରୁ ଆଉ ପଦେ ଅଶ୍ଳୀଳ ଗାଳି ଫୁଟିବା ପୂର୍ବରୁ, ନାସୀରକୁ ପାଇଖାନାରୁ ବାହାରି ଅଣ୍ଟାଡ଼ୋର ବାନ୍ଧି ବାନ୍ଧି ତା'ପଟେ ଧାଇଁ ଧାଇଁ ଆସୁଥିବା ଦେଖିଲା।

'ଆସୁଛି ଭୈୟା! ମରିଯାଉଛ କାହିଁକି! ଚାକିରି ତ କରିନି ଯେ ସଂକଟ ମୁଣ୍ଡାଇଛି। ମଣିଷ ଟିକେ ଶାନ୍ତିରେ ହାଲୁକା ବି ହୋଇପାରିବନି।'

'ହାଲୁକା ହେବାକୁ କ'ଣ ତତେ ଏଇ ସମୟ ମିଳିଲା? ଚାଲ୍, ଜଲ୍‌ଦି ଫାଟକ ଖୋଲ୍। କେତେବେଳୁ ଯେ ମୁଁ ଫାଟକ ବାହାରେ ଗାଡ଼ି ଠିଆକରି ଅପେକ୍ଷା କରିଛି।'

ନାସୀର ବଡ଼ ଫାଟକ ଖୋଲି କୁପନ କାଟିଲା ଓ ରେଜିଷ୍ଟରରେ ଗାଡ଼ିର ନଂବର ତଥା ପ୍ରବେଶ ସମୟ ଟିପି ରଖିଲା। କାଲି ରାତିରୁ ଏଯାବତ୍ ଷାଠିଏ ଖଣ୍ଡ ଗାଡ଼ି ବାହାରି ସାରିଥିଲା ଓ କୋଡ଼ିଏ ଖଣ୍ଡ ପ୍ରବେଶ କରିଥିଲା। ଅଧିକାଂଶ ଗାଡ଼ି ରାତିରେ ବାହାରି ଯାଆନ୍ତି ଓ ସକାଳୁ ପାର୍କରେ ରହନ୍ତି। ଖାନ୍ ପାର୍କିଙ୍ଗରେ ଏହା ହିଁ ନିତିଦିନିଆ ଚଳଣି।

ଝାଡ଼ଖଣ୍ଡ ରାଜ୍ୟର ଉତ୍ତରରେ ସାହାରା ସିଟିର ବିପରୀତ ଦିଗସ୍ଥ ଡଲମା ପାହାଡ଼ କାନିରେ ଦୁଇ ଏକର ଭୂଇଁ ଉପରେ ଖାନ୍ ପାର୍କିଙ୍ଗ୍ ଅବସ୍ଥିତ, ଯେଉଁଠି ବିଭିନ୍ନ ଅଂଚଳରୁ ଫଳ, ପନିପରିବା, ମାଛଲଦା ଟ୍ରକ ଓ ବେଳେବେଳେ ଖାଲି ଟ୍ରକ ବି ଘଣ୍ଟା କେତେ ଅଟକି ଆଶ୍ରୟ ନିଅନ୍ତି। ଡ୍ରାଇଭର ଓ ଖଲାସୀମାନେ ନିତ୍ୟକର୍ମ ସାରନ୍ତି, ଗାଧୁଆପାଧୁଆ ସାରନ୍ତି,

ରନ୍ଧାବଢ଼ା କରନ୍ତି ଓ ଖିଆପିଆକରି ବିଶ୍ରାମ ନିଅନ୍ତି। ପାର୍କିଙ୍ଗ୍ ସ୍ଥାନର ପଛପଟେ ସେମାନଙ୍କ ପାଇଁ ବିଶାଳ ସାମୂହିକ ଗାଧୁଆ ଘରଥାଏ, ଯେଉଁଠି ଏକ ସମୟରେ କୋଡ଼ିଏ ଜଣ ମଣିଷ ଗାଧେଇ ପାରନ୍ତି। ଗାଧୁଆ ଘରର ଦକ୍ଷିଣ ଭାଗରେ ପାର୍କିଙ୍ଗ୍ ଏରିଆର ଅନ୍ତିମ କୋଣରେ ସର୍ଚ୍ଚିଙ୍ଗ୍ ଲାଇଟ୍। ସୁଉଚ୍ଚ ପ୍ରାଚୀରର ବାହାର ଅଂଶରେ ପ୍ରବେଶ ଫାଟକର ଡାହାଣ ପଟକୁ ଗୁଡ଼ାଏ ଆଦିବାସୀ ଚ଼ ଜଳଖିଆ ଦୋକାନ ଖୋଲିଥାନ୍ତି ଓ ବାମପଟକୁ ମେକାନିକ୍ ଦୋକାନମାନ ରହିଥାଏ। ପାର୍କିଙ୍ଗ୍ ଭିତରେ ଗେଟ୍ ସଂଲଗ୍ନ ଗୋଟିଏପଟେ ମ୍ୟାନେଜର ଅଫିସ୍ ଓ ଅନ୍ୟପଟେ ଜଗୁଆଳିମାନଙ୍କ ବିଶ୍ରାମକକ୍ଷ। ପାର୍କିଙ୍ଗ୍ ଏରିଆରେ ସଦାବେଳେ ଧୂଳିମାଟି ଉଡୁଥାଏ, ନହେଲେ ଅଶ୍ଳୀଳ ଗାଳି ଗୁଲଜର ବର୍ଷା ଝରୁଥାଏ। ଏଭଳିଆ ବାତାବରଣରେ ବିଗତ ନଅବର୍ଷ ଧରି ନାସୀର ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥାଏ। ତା' ଭଳି ଭାନୁ ଓ ରାମଖିଲାଓ୍ୱନ ବି ସ୍ଥାନଟିର ଜଗୁଆଳି ଭାବେ ନିଯୁକ୍ତ।



ଆଠଟା ବାଜି ସାରିଥିଲା, ହେଲେ ପରବର୍ତ୍ତୀ ସିଫ୍ଟର ଜଗୁଆଳି ଭାନୁର ଏପର୍ଯ୍ୟନ୍ତ ଦେଖାନାଇଁ। ସାଢ଼େ ଆଠଟା ବେଳକୁ ଭାନୁ ପହଞ୍ଚିଲାରୁ ନାସୀର ତା' ଉପରେ ଚଢ଼ିଗଲା।

'ଏତେ ଡେରି ହେଲା କାହିଁକି ? ବାର ଘଣ୍ଟା ଡ୍ୟୁଟି ପରେ କ'ଣ ଏଥର ତୋର ଡ୍ୟୁଟି କରିବାକୁ ପଡ଼ିବ ?'

'କ'ଣ ଟିକେ ମୋର ବିଳମ୍ବ ହୋଇଗଲା, ଆଉ ତୁ ତ ବକିବସିଲୁଣି ? ସେପଟେ ହନୁମାନଜୀଙ୍କ ହତ୍ୟା ହୋଇଗଲାଣି ଆଉ ତୁ ଅଛୁ ଯେ ଆହୁରି ଘର ଯିବାକୁ ମରିଯାଉଛୁ ?' ଭାନୁ ଗାର୍ଡ ୟୁନିଫର୍ମର ହାତ ଉପରକୁ ଭିଡୁ ଭିଡୁ ଫଁ ଫଁ ଫୁତ୍କାର ଛାଡ଼ିଲା।

'କାହାର ହନୁମାନଜୀ ? କୋଉ ହନୁମାନଜୀ ? ଭୁଆଁ ବୁଲାନା ମତେ, ଖୋଲି କହ, ହେଇଛି କ'ଣ ?'

'ପୂରା ଘଟଣାଟା ଶୁଣିବାକୁ ତୋ' ପାଖରେ ତ ତର ନାଇଁ, ବାସ୍ ଡ୍ୟୁଟି ଖତମ୍ ହେଲା ମାତ୍ରେ ତୁ ଘରକୁ ମେଲିବୁ।'

'ଆରେ ନାଇଁ ନାଇଁ! କହନା କ'ଣ ହେଇଛି!' ନାସୀର ଆଖିରେ ଉତ୍କଣ୍ଠା।

'ସେଇ ଡଲମା ପାହାଡ଼ ଉପରୁ ହନୁମାନଜୀ ଖେଳି ଖେଳି ଅଳ୍ପ ଏପଟେ ଆସିଗଲେ। ଗୋଟେ ଟ୍ରକବାଲା ତାଙ୍କୁ ଚାପିଦେଇ ଆଗକୁ ବଢ଼ିଗଲା। ଶଳା - ନିତିଦିନିଆ ଘଟଣା ହୋଇଗଲାଣି, କେବେ ମଣିଷ କେବେ ଜାନୁଆର ଆଉ ଆଜି ତ ସୀମା ଡେଇଁଗଲା, ସ୍ୱୟଂ ହନୁମାନଜୀଙ୍କୁ ଚାପି ଦେଲା!'

'ଓହୋ! ଆଚ୍ଛା ଆଚ୍ଛା - ଏବେ ବୁଝିଲି, ପାହାଡ଼ ଉପରୁ ହାଇୱେ ଉପରକୁ ଗୋଟିଏ ବଡ଼ ହନୁମାଙ୍କଡ଼ ଆସିଯାଇଥିବ।' ନାସୀରର ସମୁଚ୍ଚୟ ଉତ୍କଣ୍ଠା ସାବୁନ ଫେଣ ପରି ଫୁସ୍। ସେ ମନେ ମନେ କହିଲା 'ଖୋଦା ପାହାଡ଼ ନିକଲା ଚୁହା, ନା ନା ମୂଷିକ ନୁହଁ, ହନୁମାଙ୍କଡ଼।'

'ନାଇଁ ନସରୁ, ତାଙ୍କୁ ହନୁମାଙ୍କଡ଼ କହନା। ପାହାଡ଼ ନିବାସୀ ସମସ୍ତ ହନୁମାଙ୍କଡ଼ ଆମ ପାଇଁ ହନୁମାନଜୀ ଅଟନ୍ତି। ହନୁମାନଜୀ, ରାମଜୀଙ୍କ ଭକ୍ତଥିଲେ ଓ ଆମେ ସମସ୍ତେ ତାଙ୍କରି ଭକ୍ତ।'

'ହନୁମାନଜୀଙ୍କ ସମଗ୍ର ସେନା ଗାଆଁ ଗଣ୍ଡାରେ ପଶି ମନ ଇଚ୍ଛା ଖାଇ ନିଅନ୍ତୁ, ଯାହା ଇଚ୍ଛା ବୋହି ନିଅନ୍ତୁ, ବହପ ଅଛି କାହାର ଶୋକ କରିବ ? ସାକ୍ଷାତ ଭଗବାନ ଯଦି ଘରେ ପଦାର୍ପଣ କରନ୍ତି ତେବେ କିଏ ଅବା କାହିଁକି ଶୋକପ୍ରକାଶ କରନ୍ତା ? ହେଲେ ଏବେ ଆମେ ଶୋକ ବ୍ୟକ୍ତ କରୁଛୁ। ହନୁମାନଜୀଙ୍କ ମୃତଦେହ ନେଇ ସମସ୍ତ ଆଦିବାସୀ ରାସ୍ତାକଡ଼େ ବସି ରହିଛନ୍ତି। ଆତଯାତ ହେଉଥିବା ପ୍ରତି ଗାଡ଼ିକୁ ଶହେ ଶହେ ଟଙ୍କା ଚାନ୍ଦା ପଡ଼ିବ, ଆଉ ଆଖପାଖର ସମସ୍ତ ଦୋକାନୀମାନଙ୍କୁ ବି, ଯେମିତିକି ପୂରା ବିଧିବିଧାନ ମତେ ହନୁମାନଜୀଙ୍କ ଅନ୍ତିମ ସଂସ୍କାର ସମ୍ଭବପର ହେବ।'

'କ'ଣ ସବୁ ଆଜେବାଜେ ବକୁଛୁ କହିଲୁ ? ହାଇୱେ କଡ଼େ ଅନ୍ତିମ ସଂସ୍କାର କରିବ କେମିତି ?' ନାସୀର ନିଜ ଜ୍ଞାତସାରରେ ଗମ୍ଭୀର କଥାପଦେ କହିଦେଇଥିଲା।

'ଅନ୍ତିମ ସଂସ୍କାର, ଅଗ୍ନିଦାନ ଦେଇ ସମ୍ଭବପର ନହେଲେ ସେଇଠି ହିଁ ସମାଧି ଦେଇଦେବୁ, ହନୁମାନଜୀଙ୍କ ସମାଧି ପୀଠ ଗଢ଼ିବୁ।'

'ହଁ, ଏହା ହିଁ ଠିକ୍ ହେବ। ଆଚ୍ଛା, ମୁଁ ବାହାରୁଛି, ଘରେ ଜଲ୍‌ଦି ପହଞ୍ଚିଲେ ଯାଇ। ତୁ ତ ଜାଣୁ, ଯୋଉ ଦିନ ନାଇଟ୍ ଡ୍ୟୁଟି ଥାଏ, ସେଦିନ ମାଇକିନା ଘରେ ଗରଗର ହେଉଥାଏ।'

ନାସୀର ସାଇକେଲ ପେଲି ସାହାରା ସିଟି ରାସ୍ତା କଡ଼ଦେଇ ଆଜାଦ ବସ୍ତି ଅଭିମୁଖେ ଚାଲିଗଲା ଯେଉଁଠି ଏକ ମୁସଲମାନ ବହୁଳ ବସ୍ତି ଗଢ଼ିଉଠିଥାଏ। ରାସ୍ତାରେ କମ୍ବଲୱାଲେ ବାବାଙ୍କ ପାଖରେ ସେ ଆଠଣି ଚଢ଼ାଇବାକୁ ଭୁଲିଲାନି। କିଛି ବର୍ଷରୁ ଜଣେ ଫକୀର ସାହାରା ସିଟି ଓ ତାର ଆଖପାଖ ଅଞ୍ଚଳରେ, କେଜାଣି କେଉଁଠୁ ଆବିର୍ଭୂତ ହୋଇ ବୁଲାବୁଲି କଲେ। କେହି ତାଙ୍କୁ ରୋଟି ଖଣ୍ଡେ ଦିଏ ତ କେହି ପଇସାଟିଏ। କେହି ଜଣେ କୌଣସି ଶୀତ ରାତିରେ ତାଙ୍କୁ କମ୍ବଳ ଖଣ୍ଡେ ଦେଇଦେଲା ଯାହାକୁ ସେ ଗ୍ରୀଷ୍ମକାଳରେ ବି ଘୋଡ଼ାଇ ହୋଇ ବୁଲିଲେ ଏବଂ ସେବେଠୁ ସେ କମ୍ବଲୱାଲେ ବାବା ନାମରେ ପ୍ରସିଦ୍ଧି ଲାଭ କଲେ। ଜନରବ ଶୁଭିଲା, ଯାହାକୁ ବି ସେ ଆଖି ପୁରାଇ ଥରେ ଦେଖିନିଅନ୍ତି, ତାର ଭାଗ୍ୟ ବଦଳିଯାଏ। ନାସୀର ବି ନିଜ ଭାଗ୍ୟ ପରିବର୍ତ୍ତନର ଅପେକ୍ଷା କରୁଥିଲା।

**'ସତ କହୁଛି ନସରୁ! ତୀଜ୍ ଉତ୍ସବ ବେଳେ ଏଭଳି ଆନନ୍ଦ ମିଳିନଥିଲା ଯେତିକି ହନୁମାନଜୀଙ୍କ ଅନ୍ତିମ ଯାତ୍ରା ସଫଳ କରି ମିଳିଲା।'**

ପରବର୍ତ୍ତୀ ଦିନକୁ ବି ଭାନୁ କାମକୁ ଆସିଲାନି। ନାସୀରକୁ ତା' ସିଫ୍ଟର ଡ୍ୟୁଟି କରିବାକୁ ପଡ଼ିଲା। ଯେତେବେଳେ ଗାଡ଼ିମାନଙ୍କ ଆତଯାତ କମିଯାଏ, ନାସୀର ଫାଟକ ନିକଟସ୍ଥ ଜଗୁଆଳି ବିଶ୍ରାମ କକ୍ଷରେ ଆରାମ କରିନିଏ। ଅନେକ ଘଣ୍ଟାର ନିରବଚ୍ଛିନ୍ନ ଡ୍ୟୁଟି ଯୋଗୁଁ ତାର ସ୍ୱାସ୍ଥ୍ୟ ସମୂହ ଅସହଯୋଗ କରିବସୁଥିଲେ। ମିଜାଜରେ କ୍ଲାନ୍ତି ଓ ଚିଡ଼ଚିଡ଼ିଆ ଭାବ ଯୋଗୁଁ ସେ ଚିନ୍ତା କଲା, 'ମ୍ୟାନେଜର ସହ କଥାହୋଇ ଆଜି ହିଁ ଏଭଳି ଚାକିରିକୁ ଲାତେ ମାରିବି। ଟଙ୍କା ଛଅ ହଜାର ହୁଏ କ'ଣ? ଏଇ ଉପୁରି ତଳି କରି ଦି' ପଇସା ଯୋଡ଼ିନିଏ ବୋଲି ସିନା, ନହେଲେ ଏତକ ଟଙ୍କାରେ ଘର ସଂସାର ଚଳିବ କ'ଣ ଆଉ ପିଲାଏ ପାଠ ଦି'ଅକ୍ଷର ପଢ଼ିବେ କଣ?'

ଠିକ୍ ଆଠଟା ବେଳକୁ ହସ ହସ ବଦନରେ ଭାନୁ ଗୀତ ପଦେ ଗୁଣୁଗୁଣୁକରି ପହଞ୍ଚି ଆସିଲା।

'ତୋର ମାଁକୁ - କୋଉ କୋଠାରେ ପଶିଥିଲୁ କି ବେ? ତୋ ମୁହଁ ତ ଚକ୍‌ଚକ୍ କରୁଛି?'

'ହି ହି ହି - ନାଇଁ ନସରୁ - ବସ୍ତିରେ ମେଳା ଲାଗିଛି ନା, ତିନି ବକତ ସୁଆଦିଆ ଭୋଜନ, ହାଲୁଆ, ପୁରି, ଭାଜି, ଲଡ୍‌ଡୁ, ବ୍ୟଞ୍ଜନ ଉପରେ ବ୍ୟଞ୍ଜନ ଖାଇ ଖାଇ ଶରୀରରୁ ଆତ୍ମାଯାକେ ତୃପ୍ତ ହୋଇଗଲାଣି। ସାରା ଜୀବନ ଏଭଳି ସ୍ୱାଦିଷ୍ଟ ଭୋଜନ ଖାଇନି ଯେତିକି ଏଇ ଦି'ଦିନରେ ଖାଇ ନେଇଛି।' ଭାନୁ ପେଟ ଉପରେ ହାତ ଓ ଓଠ ଉପରେ ଜିଭ ବୁଲାଇ ଆଣୁ ଆଣୁ କହିଗଲା।

'ହୁଁଉଁଉଁ - ହେତୁ ହେଉଛି କୋଉ ରଜାଘର ବାହାଘର ହୋଇଥିବ।' ନାସୀର ଗଡ଼ି ଆସୁଥିବା ତାର ଲାଳ ଢୋକିନେଇ ପଚାରିଲା।

'ଆରେ ନାଇଁରେ - ଏଇ କଳିକାଳରେ କିଏ ସେ ମହାଦାନୀ ପୂରା ବସ୍ତିକୁ ଚାରି ବକତ ଭୂରିଭୋଜନ ବାଣ୍ଟିବ କହିଲୁ? ଏସବୁ ତ ହନୁମାନଜୀଙ୍କ କୃପା। ଭଗବାନ ହିଁ ଏଭଳି ଚମତ୍କାର କରିପାରନ୍ତି।'

'ଭଗବାନ? ଚମତ୍କାର? କ'ଣ ବକୁଛୁ?'

'ଆରେ, ବିଲକୁଲ୍! ସେଇ ଯୋଉ ହନୁମାନଜୀଙ୍କ ସମାଧି ଗଢ଼ିବାକୁ ସାରା ବସ୍ତିବାସିନ୍ଦା ରାସ୍ତାକଡ଼େ ଧାରଣାରେ ବସିଥିଲେ ନା? ଭଗବାନଙ୍କ କୃପାରୁ ଏତେ ଟଙ୍କା ପଇସା ଠୁଳ ହୋଇଗଲା ଯେ ତାଙ୍କ ସମାଧି ବି ଗଢ଼ା ହୋଇଗଲା, ଆଉ ପ୍ରସାଦ ଆକାରରେ ସମଗ୍ର ବସ୍ତିବାସୀ ଭୋଜନ ବି କରିନେଲେ। ସତ କହୁଛି ନସରୁ! ତୀଜ୍ ଉତ୍ସବ ବେଳେ ଏଭଳି ଆନନ୍ଦ ମିଳିନଥିଲା ଯେତିକି ହନୁମାନଜୀଙ୍କ ଅନ୍ତିମ ଯାତ୍ରା ସଫଳକରି ମିଳିଲା।'

ନାସୀର ବୁଝିବାକୁ ଅସମର୍ଥ ଥିଲା ଯେ, ଭାନୁର ଆଖି ଶ୍ରଦ୍ଧାରେ ଚକମକ୍ କରୁଛି କି ଆହ୍ଲାଦରେ। ଦିନମାନ ସପ୍ତାହରେ, ସପ୍ତାହମାନ ମାସରେ ବଦଳି ଚାଲିଲେ। ଅଚାନକ ଭାନୁ କାମକୁ ଆସିବା ବନ୍ଦ କରିଦେଲା। ତା' ସ୍ଥାନରେ ନୂତନ ଜଗୁଆଳି ରାଜୁ ଆସିଗଲା। ସଂଯୋଗ ବଶତଃ ସେ ଭାନୁର ଆଦିବାସୀ ବସ୍ତିର ବାସିନ୍ଦା। ଆଉ, ଦିନେ ନାସୀର ତାକୁ ଭାନୁ ବାବଦ ପଚାରି ହିଁ ବସିଲା।

'ଆଉ ପଚାରନା ଭୈୟା! ଭାନୁ ତ ଏବେ ଖାଲି

ଘିଅ ମହୁରେ ଭାସୁଛି। ବସ୍ତିର କିଛି ବାସିନ୍ଦାଙ୍କ ସହ ମିଶି ସେ ଗୋଟିଏ କମିଟି ଗଢ଼ି ଗୁଡ଼ାଏ ଚାନ୍ଦା ସଂଗ୍ରହ କରି ହନୁମାନଜୀଙ୍କ ମନ୍ଦିରଟିଏ ତୋଳିନେଇଛି। ଆଉ ଗଲା ଅଇଲା ଗାଡ଼ିଯାକ ମନ୍ଦିରରେ ପଇସା ଚଢ଼ାଇ ଯାଆନ୍ତି, ଯେମିତିକି ତାଙ୍କ ଯାତ୍ରା ସଫଳ ହେବ।'

**ଗଲା ଅଇଲା ଗାଡ଼ିଯାକ ମନ୍ଦିରରେ ପଇସା ଚଢ଼ାଇ ଯାଆନ୍ତି, ଯେମିତିକି ତାଙ୍କ ଯାତ୍ରା ସଫଳ ହେବ।**

'ହାହାହାହା... ଭାନୁର ଗାଡ଼ି ଗଡ଼ିଗଲା ବୋଲି ଜାଣ। ଚାଲଭାଇ, ଏଇ ଉପଲକ୍ଷେ କପେ କପେ ଗରମ ଚା' ହେଇଯାଉ।'

'ନହିଁ ଭୈୟା। ମୋର ବିଳମ୍ବ ହେଉଛି। ଏତେ ଶୀତରେ ନାଇଟ୍ ଡ୍ୟୁଟିକରି ମୋର ତ ପ୍ରାଣ ଛାଡ଼ିଗଲାଣି।' ରାଜୁ ୟୁନିଫର୍ମ ବଦଲୁ ବଦଲୁ କହିଲା।

'ଏବେ ନୂଆ ଆସିଛୁ ନା, ଧୀରେଧୀରେ ଦେଖିବୁ ତୋର ବି ଅଭ୍ୟାସରେ ପଡ଼ିଯିବ। ଚାଲ୍, ଚା' କପେ ପିଇଦେଇ ଯା, ଅଳ୍ପ ଗରମ ଆସିଯିବ।'

ଦୁହେଁ ଟହଲି ଟହଲି ଚା' ଦୋକାନରେ ଯାଇ ପହଞ୍ଚିଲେ ଯେଉଁଠି ପୂର୍ବରୁ ହିଁ ଗହଳିଟେ ଜମିଥିଲା। କୌଣସି ପ୍ରସଙ୍ଗରେ ଲୋକେ ଚାପି ଚାପି ନିମ୍ନ ସ୍ୱରରେ ଆଲୋଚନା କରୁଥିଲେ। ନାସୀର ଆଗକୁ ବଢ଼ି ପଚାରିଲା, 'କ'ଣ ହେଲା ? ଏତେ ଭିଡ଼ କାହିଁ ?'

ଚା' ଦୋକାନୀ ଝଟ୍ କିନି ଚୁଲିରୁ ଗରମ କେଟଲି ଓହ୍ଲାଇ କପ୍‌ରେ ଚା' ଢାଳୁ ଢାଳୁ କହିଲା, 'ତୁମକୁ ଜଣା ନାହିଁ ନସରୁ ଭାଇ! ସେଇ କମ୍ବଲୱାଲେ ବାବା ଥିଲେ ନା, କାଲି ରାତିର ଶୀତରେ ଥରିଥରି ମରିଗଲେ।'

'ଆଚ୍ଛା... କ'ଣ ସତରେ ?' ନାସୀର ହାତ ବଢ଼ାଇ ଚା' କପ୍ ନେଲା। କ୍ଷଣିକ ନିମନ୍ତେ ତାର ଆଖିରେ ତଡ଼ିତ୍ ଭଳି ଉଜ୍ଜ୍ୱଳତା ଖେଳିଗଲା। ସେ ଏପଟ ସେପଟ ଆଖି ବୁଲାଇ ଆଣିଲା।


'କଣ ଖୋଜୁଛ ଭୈୟା ?'

'କମ୍ବଲୱାଲେ ବାବାଙ୍କ 'ମଜାର' ପାଇଁ ଡିହ ଖଣ୍ଡେ।'

□□

ଅନୁବାଦକଙ୍କ ଇ-ମେଲ ଠିକଣା:
sukomaldash@rediffmail.com

---




## ଏ ସଂଖ୍ୟାର ମଲାଟ ଚିତ୍ର

ଏହି ସଂଖ୍ୟାର ପ୍ରଚ୍ଛଦପଟରେ ଥିବା କାଶ୍ମୀର ଉପତ୍ୟକାର ଏକ ନିର୍ଜନ ଅଟ୍ଟାଳିକାର ଫଟୋଚିତ୍ରଟିକୁ ଉତ୍ତୋଳନ କରିଛନ୍ତି ବିଶିଷ୍ଟ ସୌଖୀନ ଫଟୋଗ୍ରାଫର ସ୍ୱାତୀ ମହାପାତ୍ର। ସେ କହନ୍ତି ଯେ, ଲ୍ୟାଣ୍ଡସ୍କେପ୍ ଫଟୋଗ୍ରାଫି ପାଇଁ କାଶ୍ମୀରରେ ଏକ ଚମତ୍କାର ପରିବେଶ ଅଛି ।

ଏହି ଫଟୋଟି ଉତ୍ତୋଳନ କରିବା ପାଇଁ ସେ ଏକ ୫ଡି-ମାର୍କ-୪ କ୍ୟାମେରା ବ୍ୟବହାର କରିଥିଲେ । ତାଙ୍କ ଦ୍ୱାରା ଉତ୍ତୋଳିତ ଅନେକ ଫଟୋଚିତ୍ର ବିଭିନ୍ନ ଜାତୀୟସ୍ତରର ପ୍ରଦର୍ଶନୀରେ ସ୍ଥାନ ପାଇ ପ୍ରଶଂସିତ ହୋଇଛି।



ସାକ୍ଷାତକାର

# ବରିଷ୍ଠ ଅନୁବାଦକ ବଙ୍ଗାଳୀ ନନ୍ଦଙ୍କ ସହ ଅନ୍ତରଙ୍ଗ ଆଳାପ

**ପ୍ରବୀଣ ଲେଖକ ଓ ଅନୁବାଦକ ବଙ୍ଗାଳୀ ନନ୍ଦଙ୍କର ବୟସ ବର୍ତ୍ତମାନ ୭୯ ବର୍ଷ। ସେ ମୁଖ୍ୟତଃ ତେଲୁଗୁ, ବଙ୍ଗଳା, ହିନ୍ଦୀ ଓ ଇଂରାଜୀ ଭାଷାରୁ ଓଡ଼ିଆକୁ ଅନୁବାଦ କରନ୍ତି। ଏହା ବ୍ୟତୀତ ସେ ମଧ୍ୟ କେତେଗୋଟି କବିତା ଓ ପ୍ରବନ୍ଧ ସଂକଳନର ସ୍ରଷ୍ଟା। ସେ ୨୦୨୩ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାରରେ ସମ୍ମାନିତ ହୋଇଥିଲେ ଓ ୨୦୧୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ମଧ୍ୟ ହୋଇଥିଲେ। ୨୦୦୫ ମସିହାରେ ଜଣେ ପ୍ରଧାନ ଶିକ୍ଷକ ଭାବରେ ଅବସର ନେଇଥିବା ଶ୍ରୀ ନନ୍ଦଙ୍କ କଲମ ଏବେ ମଧ୍ୟ ସକ୍ରିୟ ଅଛି। ତା'ଙ୍କୁ ସାକ୍ଷାତ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।**



**ସାହିତ୍ୟ ଚର୍ଚ୍ଚା:** ଦୁଇ ବର୍ଷ ତଳେ ଆପଣ ଯେତେବେଳେ ଅନୁବାଦ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲେ, ବିଶିଷ୍ଟ ଲେଖକ ବୈଷ୍ଣବ ଚରଣ ମହାନ୍ତି କୌତୁକରେ କହିଲେ ଯେ, ଓଡ଼ିଶାର ଏହି ଏକାଡେମୀ ପୁରସ୍କାରଟା ବଙ୍ଗାଳୀମାନେ ନେଇଗଲେ। ପ୍ରକୃତରେ ଏଇ 'ବଙ୍ଗାଳୀ' ଶବ୍ଦଟି ଆପଣଙ୍କ ନାମ ସହିତ କେମିତି ଲାଖିଗଲା ?

**ବଙ୍ଗାଳୀ ନନ୍ଦ:** (ହସି): ପ୍ରକୃତରେ ଆମର ନନା, ଅର୍ଥାତ୍ ବାପା, ବଙ୍ଗଳାରେ କାମ କରୁଥିଲେ। ଆଗରୁ ସେ ଥିଲେ ରେଙ୍ଗୁନରେ। ରେଙ୍ଗୁନରୁ ଫେରିବା ପରେ ସେ ବଙ୍ଗଳାରେ କିଛି ଦିନ ଅଟକିଗଲେ। ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମୟ। ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ମଧ୍ୟ ଥିଲେ। ସେତିକିବେଳେ ମୋର ଜନ୍ମ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଜନ୍ମ ତାହେଲେ ବଙ୍ଗଳାରେ ହୋଇଛି !

**ବଙ୍ଗାଳୀ ନନ୍ଦ:** ବଙ୍ଗଳାରେ ନୁହଁ; ମୁଁ ଓଡ଼ିଶାରେ ଜନ୍ମ ହୋଇଥିଲି। କିନ୍ତୁ ବାପା ବଙ୍ଗଳାରେ ଥିବାବେଳେ ଖବର ପାଇଲେ ଯେ ମୁଁ ଜନ୍ମ ହୋଇଛି। ମୋ ଆଗରୁ ଦୁଇ ଭାଇ ମରିଯାଇଥିଲେ। ଅଖାଡୁଆ ନାଁ'ଟେ ଦେଲେ ଯମ ଛାଡ଼ିଦେବ ବୋଲି ବିଶ୍ୱାସ ଥିଲା। ସେଥିପାଇଁ ମୋର ନାମ ଦିଆଗଲା ବଙ୍ଗାଳୀ।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣ ବଙ୍ଗଳା ଭାଷା ମଧ୍ୟ ଜାଣିଛନ୍ତି କି ନାହିଁ!

**ବଙ୍ଗାଳୀ ନନ୍ଦ:** ସେଥିରେ ମୁଁ ପ୍ରବୀଣ ନୁହଁ, କିନ୍ତୁ ମୋ'ର ପ୍ରବେଶ ସ୍ତରର ଜ୍ଞାନ ଅଛି ବୋଲି କୁହାଯାଇପାରେ।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣଙ୍କର କେବଳ

ନାମରେ ହିଁ ବଙ୍ଗଳା ନାହିଁ, ଦକ୍ଷତାରେ ମଧ୍ୟ ଅଛି ଏହା, ଯେଉଁଥିପାଇଁ ଆପଣ ବଙ୍ଗଳା ଭାଷାରୁ ମଧ୍ୟ ସିଧାସଳଖ ଭାବରେ କେତେକ କୃତିର ଚମତ୍କାର ଓଡ଼ିଆ ଅନୁବାଦ କରିଛନ୍ତି; ଯଦିଓ ଆପଣ ତେଲୁଗୁରୁ ଓଡ଼ିଆ ଅନୁବାଦକ ଭାବରେ ମୁଖ୍ୟତଃ ପରିଚିତ।

**ବଙ୍ଗାଳୀ ନନ୍ଦ:** ହଁ, ତେଲେଗୁ ଭାଷାରୁ କେତେଗୁଡ଼ିଏ ବହି ଅନୁବାଦ କରିଛି, ଏବଂ ଓଡ଼ିଆରୁ ତେଲେଗୁକୁ ମଧ୍ୟ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କୁ ଜଣେ ଅନୁବାଦ ବିଶେଷଜ୍ଞ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଏହା ହେତୁ ଆପଣ ସାହିତ୍ୟର ଅନ୍ୟ ବିଭାଗଗୁଡ଼ିକ ପ୍ରତି ଅବହେଳା କରିନାହାନ୍ତି କି?

**ବଙ୍ଗାଳୀ ନନ୍ଦ:** ନାଇଁ, ମୁଁ ତ ପ୍ରଥମେ, ଅର୍ଥାତ୍ ୧୯୭୦ରୁ କେବଳ କବିତା ଲେଖୁଥିଲି। ଏହା ମୁଁ ଧାରାବାହିକ ଭାବରେ ଲେଖୁଥିଲି ୨୦୧୩ ପର୍ଯ୍ୟନ୍ତ। ତା' ଭିତରେ ବି କେବେ କେବେ ଗପଟିଏ, କି ପ୍ରବନ୍ଧଟିଏ ମଧ୍ୟ ଲେଖିଦିଏ।

**ସାହିତ୍ୟ ଚର୍ଚ୍ଚା:** ତେବେ ୨୦୧୩ ପରେ ଆପଣ ଅନୁବାଦ ସାହିତ୍ୟକୁ ଆସିଲେ !

**ବଙ୍ଗାଳୀ ନନ୍ଦ:** ହଁ।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣଙ୍କର ଅନୁବାଦ ସାହିତ୍ୟ ଭିତରକୁ ପ୍ରବେଶ କରିବା ପଛର ପ୍ରକରଣ କିଛି ଅଛି କି?

**ବଙ୍ଗାଳୀ ନନ୍ଦ:** ମୁଁ ଯେତେବେଳେ ଶିକ୍ଷକତାର ଟ୍ରେନିଙ୍ଗ୍ ନେଉଥିଲି, ସେ ସମୟରେ ସେହି ଟ୍ରେନିଙ୍ଗ୍ ସ୍କୁଲ୍‌ର ଲାଇବ୍ରେରୀରେ କେତୋଟି ନୋବେଲ୍ ପୁରସ୍କାର ପ୍ରାପ୍ତ ବହିର ଓଡ଼ିଆ ଅନୁବାଦ ଥିବା ଦେଖିବି।

**ସାହିତ୍ୟ ଚର୍ଚ୍ଚା:** ଆପଣ ବିଶ୍ୱସାହିତ୍ୟ ଗ୍ରନ୍ଥମାଳାର କଥା କହୁଛନ୍ତି?

**ବଙ୍ଗାଳୀ ନନ୍ଦ:** ନା,ନା, ସେଇଟି ଆହୁରି ବଡ଼ ବହି ଥିଲା, ଅର୍ଥାତ୍ ମୂଳ ବହିର ସମ୍ପୂର୍ଣ୍ଣ ଅନୁବାଦ। ଆପଣ ଯେଉଁ ବିଶ୍ୱ ସାହିତ୍ୟ ଗ୍ରନ୍ଥମାଳାର କଥା କହୁଛନ୍ତି, ସେସବୁ ତ ଚଟି ବହି ଭଳି ଥିଲା; ଏବଂ ସେଗୁଡ଼ିକ ଭଲ ହେଉଥିଲା ଅବଶ୍ୟ।

**ସାହିତ୍ୟ ଚର୍ଚ୍ଚା:** ସେ ବହିଟିର ନାଁ' କ'ଣ ଥିଲା, ଯାହା ଆପଣ ସେତେବେଳେ ପଢ଼ିଥିଲେ?

**ବଙ୍ଗାଳୀ ନନ୍ଦ:** 'ଦି ଗୁଡ୍ ଅର୍ଥ୍', ଯାହାର ଲେଖକ ଥିଲେ ପର୍ଲ୍ ଏସ୍. ବକ୍।

**ସାହିତ୍ୟ ଚର୍ଚ୍ଚା:** ଏହାର ଅନୁବାଦ ବୋଧହୁଏ କରିଥିଲେ ଗୋଲୋକ ବିହାରୀ ଧଳ।

**ବଙ୍ଗାଳୀ ନନ୍ଦ:** ହଁ, ସେ କରିଥିଲେ। ଆଉ ମଧ୍ୟ ପଢ଼ିଥିଲି ଉଦୟନାଥ ଷଡ଼ଙ୍ଗୀଙ୍କ ଦ୍ୱାରା ଅନୂଦିତ 'ଅଙ୍କଲ୍ ଟମ୍‌ସ୍ କ୍ୟାବିନ୍'।

**ସାହିତ୍ୟ ଚର୍ଚ୍ଚା:** ତେବେ ଏହି ସବୁ ବହି ପଢ଼ି ଆପଣ ଅନୁବାଦ ପ୍ରତି ଆକର୍ଷିତ ହୋଇଗଲେ। ଆପଣଙ୍କ ଦ୍ୱାରା ଅନୂଦିତ ପ୍ରଥମ ଅନୁବାଦଟି କ'ଣ ଥିଲା?

**ବଙ୍ଗାଳୀ ନନ୍ଦ:** ଆର.ଜି.କୁଲକର୍ଣ୍ଣୀଙ୍କର ଗୋଟିଏ ଗପ ଇଂରାଜୀରୁ ପ୍ରଥମେ ଅନୁବାଦ କରିଥିଲି, ଯାହା ଶକୁନ୍ତଳା ବଳିୟାରସିଂଙ୍କ 'ଶତଭିଷା' ପତ୍ରିକାରେ ବାହାରିଥିଲା।

**ସାହିତ୍ୟ ଚର୍ଚ୍ଚା:** ଆପଣ ତେଲୁଗୁ ଭାଷାରେ ପ୍ରବୀଣ ହେବାର କାରଣ କ'ଣ ଏଇଆ ହୋଇପାରେ ଯେ ଆପଣଙ୍କୁ ଆନ୍ଧ୍ରପ୍ରଦେଶରେ ରହିବାର ଅବସର ମିଳିଥିଲା?

**ମୂଳ ଭାଷାରେ ଲେଖା ହୋଇଥିବା ବହିର ମର୍ମ ଆଉ ଗୋଟିଏ ଭାଷା ଜରିଆରେ ଅନୂଦିତ ହେଲେ ଯେ ବଦଳିଯାଏ, ଏହାର ଦୃଷ୍ଟାନ୍ତ ମୁଁ ଦେଖିଛି।**

**ବଙ୍ଗାଳୀ ନନ୍ଦ:** ମୁଁ ପ୍ରବୀଣ କହନ୍ତୁନି ଆଜ୍ଞା, ପ୍ରବେଶ ସ୍ତରର ବୋଲି କହନ୍ତୁ। ନା, ମୁଁ ଆନ୍ଧ୍ରପ୍ରଦେଶରେ ରହି ନଥିଲି, ରହୁଥିଲି ଓଡ଼ିଶାର ଗୁଣୁପୁରରେ, ଆନ୍ଧ୍ରପ୍ରଦେଶର ସୀମାକୁ ଛୁଇଁଥିବା ଇଲାକାରେ।

**ସାହିତ୍ୟ ଚର୍ଚ୍ଚା:** ସେଥିପାଇଁ ଆପଣଙ୍କୁ ତେଲୁଗୁ ଭାଷା ଶିଖିବାର ଅବସର ମିଳିଗଲା ବୋଧହୁଏ!

**ବଙ୍ଗାଳୀ ନନ୍ଦ:** ହଁ ସେଇ ପରିବେଶରେ ମୋତେ ତେଲୁଗୁ ଶିଖିବା ପାଇଁ ସୁବିଧା ହେଲା, ଯଦିଓ ମୁଁ କେବଳ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପଢୁଥିଲି। ଆଉ ଗୋଟିଏ କଥା, ମୁଁ ସେଠାରେ ତେଲୁଗୁ ସିନେମା ଦେଖି ଦେଖି ମଧ୍ୟ ଭାଷାଟିକୁ ଶିଖିଗଲି।

**ସାହିତ୍ୟ ଚର୍ଚ୍ଚା:** ଆପଣ ବୋଧହୁଏ ଯାହା କିଛି ଅନୁବାଦ କରିଛନ୍ତି, ସବୁଗୁଡ଼ିକ ମୂଳ ଭାଷାର ବହିରୁ ହିଁ ସିଧାସଳଖ କରିଛନ୍ତି, କୌଣସି ମଧ୍ୟସ୍ଥ ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଇଥିବା ବହିର ଆଶ୍ରୟ ନେଇନାହାନ୍ତି।


**ବଙ୍ଗାଳୀ ନନ୍ଦ:** ନା, ମୁଁ କୌଣସି ଲିଂକ୍ ଭାଷାର

ବହିରୁ ଅନୁବାଦ କରିବାକୁ ଚାହିନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆମେ କହିପାରୁ ଯେ ଆପଣ ଚାରିଗୋଟି ଭାଷାରୁ ହିଁ ଓଡ଼ିଆକୁ ଅନୁବାଦ କରିଛନ୍ତି, ଯଥା ହିନ୍ଦୀ, ଇଂରାଜୀ, ତେଲୁଗୁ ଓ ବଙ୍ଗଳା। ଲିଂକ୍ ବା ସହାୟକ ଭାଷାରେ ଅନୂଦିତ ପୁସ୍ତକରୁ ଏହା କରନ୍ତି ନାହିଁ କାହିଁକି ?

**ବଙ୍ଗାଳୀ ନନ୍ଦ:** ସହାୟକ ଭାଷାର ବହିରୁ କଲେ ଅନେକ କଥା ଉହ୍ୟ ହୋଇ ରହିଯାଏ ଆଜ୍ଞା ! ମୂଳ ଭାଷାରେ ଲେଖା ହୋଇଥିବା ବହିର ମର୍ମ ଆଉ ଗୋଟିଏ ଭାଷା ଜରିଆରେ ଅନୂଦିତ ହେଲେ ଯେ ବଦଳିଯାଏ, ଏହାର ଅନେକ ଦୃଷ୍ଟାନ୍ତ ମୁଁ ଦେଖିଛି।

**ସାହିତ୍ୟ ଚର୍ଚ୍ଚା:** ଗୋଟିଏ କଥା ପଚାରିବୁ; ୨୦୨୩ ମସିହାରେ ଆପଣଙ୍କର 'ନେଲୁରି କେଶବ ସ୍ୱାମୀଙ୍କ ଶ୍ରେଷ୍ଠ ଗଳ୍ପ' ନାମକ ଅନୁବାଦ ପୁସ୍ତକଟି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲା, ସେଥର ଆପଣ କ'ଣ ଆଶା କରିଥିଲେ, ଏହି ପୁରସ୍କାରଟି ପାଇବେ ବୋଲି ?




**ବଙ୍ଗାଳୀ ନନ୍ଦ:** ମୋ'ର ଜମାରୁ ଆଶା ନ ଥିଲା ଆଜ୍ଞା। କାରଣ ମୋ'ର କୌଣସି ବହି ମୁଁ ଏଥିପାଇଁ ସବ୍‌ମିଟ୍ କରିନଥିଲି।

**ସାହିତ୍ୟ ଚର୍ଚ୍ଚା:** ଆମର ବିଶ୍ୱାସ ହେଉନାହିଁ; କାରଣ ସମସ୍ତଙ୍କର ଗୋଟିଏ ଧାରଣା ଯେ, ଲବି ନ କଲେ ଓଡ଼ିଶାରେ ସାହିତ୍ୟ ପୁରସ୍କାର ମିଳେନାହିଁ, ସେ କେନ୍ଦ୍ରର ହେଉ ଅବା ରାଜ୍ୟର।

**ବଙ୍ଗାଳୀ ନନ୍ଦ:** ମୋ'ର ଧାରଣା ଥିଲା ଯେ କୌଣସି ବହି ପୁରସ୍କାର ପାଇବା ପୂର୍ବରୁ ତାହାକୁ ବୋଧହୁଏ କିଏ ଜଣେ ସୁପାରିସ କରି ପଠାନ୍ତି। କିନ୍ତୁ ମୋର କୌଣସି ବହି ପାଇଁ ସେଭଳି କିଛି ସୁପାରିସ ହୋଇଥିବାର ଖବର ମୋ' ପାଖରେ ନ ଥିଲା।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣଙ୍କ ବହି ସେତେବେଳେ କିଏ ସୁପାରିସ କରିଥିଲେ, ସେ କଥା କ'ଣ ଆପଣ ଏବେ ବି ଜାଣିନାହାନ୍ତି ?

**ବଙ୍ଗାଳୀ ନନ୍ଦ:** ପୁରସ୍କାର ପାଇବା ପରେ ମୁଁ ଏହା ଅନୁମାନ କରିବାକୁ ଚେଷ୍ଟା କଲି। ମୋର ଯାହା ମନେହୁଏ ନ୍ୟାସନାଲ୍ ବୁକ୍ ଟ୍ରଷ୍ଟର ତେଲୁଗୁ ବିଭାଗର ଯିଏ ସମ୍ପାଦକ ଥିଲେ, ସେ ବୋଧହୁଏ ଏଥିପାଇଁ ସୁପାରିସ କରିଥିବେ; କାରଣ ପୁରସ୍କୃତ ବହିଟି ସେହି ସଂସ୍ଥା ହିଁ ପ୍ରକାଶ କରିଥିଲା।

**ସାହିତ୍ୟ ଚର୍ଚ୍ଚା:** ପୁରସ୍କାରଟି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ଘୋଷିତ ହେବାପରେ ଆପଣ ଏ କଥା ପ୍ରଥମେ ଜାଣିଲେ କେମିତି ?

**ବଙ୍ଗାଳୀ ନନ୍ଦ:** ପ୍ରଥମେ ବିହାରରୁ ଦିଲ୍ଲୀପ କୁମାର ପୁରୋହିତ ନାମକ ସି.ଆର.ପି.ଏଫ୍‌ର ଜଣେ ଓଡ଼ିଆ କର୍ମଚାରୀ ଫୋନ୍‌କରି ମୋତେ ଏଥିପାଇଁ ଅଭିନନ୍ଦନ ଜଣାଇଲେ। ସେ ଫେସବୁକ୍‌ରୁ ଜାଣିବାକୁ ପାଇଥିଲେ ଖବରଟି। ଏହାପରେ ପୀତବାସ ରାଉତରାୟ ମହାଶୟ ମୋତେ ଫୋନ୍ କଲେ, ଏବଂ 'ସାହିତ୍ୟ ଚର୍ଚ୍ଚା'ର ସାଇଟ୍‌ରେ ମୁଁ ପୁରସ୍କାର ପାଇଥିବା ବିଷୟ ନେଇ ବାହାରିଥିବା ଗୋଟିଏ ଖବରର ଲିଂକ୍ ପଠାଇଲେ। ତା'ପରେ ଯାଇ ମୁଁ ଏ ବିଷୟରେ ନିଶ୍ଚିତ ହେଲି। ନହେଲେ ମୁଁ ତ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲି ଯେ ଏହି ପୁରସ୍କାର ମୋତେ ମିଳିଥିବ।

**ସାହିତ୍ୟ ଚର୍ଚ୍ଚା:** ଆପଣ ସିନା ସଂଯୋଗବଶତଃ ବିନା ଚେଷ୍ଟାରେ ପୁରସ୍କାରଟି ପାଇଗଲେ, କିନ୍ତୁ ଆଜିକାଲି ସରକାରୀ ଓ ବେସରକାରୀ ସାହିତ୍ୟ ପୁରସ୍କାରଗୁଡ଼ିକ କ୍ଷେତ୍ରରେ ପୁରସ୍କାରର ନିର୍ଣ୍ଣୟ ସ୍ୱଚ୍ଛ ଓ ନିରପେକ୍ଷ ଭାବରେ ହୁଏନାହିଁ ବୋଲି ସାଧାରଣରେ ଯେଉଁ ଗୋଟିଏ ଧାରଣା ଅଛି, ସେ ବିଷୟରେ ଆପଣଙ୍କର ମତ କ'ଣ ?

**ବଙ୍ଗାଳୀ ନନ୍ଦ:** ସେ ବଦନାମ ତ ଅଛି, ଯାହା ପ୍ରାୟତଃ ଶୁଣାଯାଉଛି। ଯେହେତୁ ମୁଁ ସେଥିରେ ପଶିନାହିଁ, ଏ ବିଷୟରେ ଅଧିକ କିଛି ଜାଣିନାହିଁ, ଖାଲି ଯାହା ଶୁଣୁଛି ମାତ୍ର। ତେଣୁ କ'ଣ ବା ମତ ଦେବି !

**ସାହିତ୍ୟ ଚର୍ଚ୍ଚା:** ଜଣେ ସାହିତ୍ୟିକ ଭାବରେ ଏ ବିଷୟର ଆପଣଙ୍କର କିଛି ତ ମତ ଥିବ !

**ବଙ୍ଗାଳୀ ନନ୍ଦ:** ନିଆଁ ନ ଥିଲେ ଧୂଆଁ କେମିତି ବାହାରିବ ? ତେବେ ମୋ'ର କହିବା କଥା, ଯଦି କିଛି

ହେରଫେର ହେଉଥାଏ ତାହା ଅକାଦେମିର କି ଲେଖକର ଦୋଷନୁହେଁ। କାରଣ ଲେଖକ ବା ଅନୁବାଦକ ତ ତା'ନିଜ ଶକ୍ତି ମୁତାବକ ଲେଖେ; ହେଲେ ଚୟନକର୍ତ୍ତା ଯଦି ଅନ୍ୟାୟ ଭାବରେ କୌଣସି ଅନୁପଯୁକ୍ତ ବହିକୁ ପୁରସ୍କାର ପାଇଁ ମନୋନୀତ କରିଦେଉଥାଆନ୍ତି, ତେବେ ଦୋଷ ତ ସେହିମାନଙ୍କର।

**ସାହିତ୍ୟ ଚର୍ଚ୍ଚା:** ଅନୁବାଦ ବ୍ୟତୀତ, ଆପଣ ସାହିତ୍ୟର ଅନ୍ୟ ଯେଉଁ ବିଭାଗଗୁଡ଼ିକରେ କଲମ ଚାଳନା କରିଛନ୍ତି, ତାହା ଭିତରେ ପ୍ରବନ୍ଧ ସାହିତ୍ୟ ଗୋଟିଏ। ଗତ ବର୍ଷ ଆପଣଙ୍କର ଗୋଟିଏ ପ୍ରବନ୍ଧ ପୁସ୍ତକ ପ୍ରକାଶ ପାଇଛି, 'ଅନ୍ୱେଷାର ଅନେକ ପାହାଚ' ନାମରେ। ଏଥିରେ ଅନେକ ପ୍ରଣିଧାନଯୋଗ୍ୟ ବିଷୟ ଉପରେ ଆପଣ ଲେଖିଛନ୍ତି, ଯାହା ଆପଣଙ୍କ ଚିନ୍ତାଧାରାର ବ୍ୟାପକତା ଓ ଗଭୀରତା ଦର୍ଶାଇଦିଏ।

**ବଙ୍ଗାଳୀ ନନ୍ଦ:** ଏ ବହିଟି ପୂର୍ବ ପ୍ରକାଶିତ ପ୍ରବନ୍ଧଗୁଡ଼ିକର ଏକ ସଂଗ୍ରହ।

**ସାହିତ୍ୟ ଚର୍ଚ୍ଚା:** ଏଥିରେ ଗୋଟିଏ ଅଧ୍ୟାୟ ଅଛି, 'ସଂଗୁପ୍ତ ଆବେଗକୁ ଶବ୍ଦ ନିହାଣରେ ଖୋଦେଇବା ହେଉଛି କବିତା ଲେଖା।' ଆପଣ କବିତାର ଏହି ଯେଉଁ ପରିଭାଷାଟି ଦେଲେ, ତାହାକୁ ଟିକିଏ ପ୍ରାଞ୍ଜଳ କରିବେ କି!

**ନିଆଁ ନ ଥିଲେ ଧୂଆଁ କେମିତି ବାହାରିବ? ତେବେ ଯଦି କିଛି ହେରଫେର ହେଉଥାଏ ତାହା ଅକାଦେମିର କି ଲେଖକର ଦୋଷନୁହେଁ।**

**ବଙ୍ଗାଳୀ ନନ୍ଦ:** ଏହି ପ୍ରବନ୍ଧଟି ବିଷୟରେ ଆପଣଙ୍କୁ ପ୍ରଥମେ ଗୋଟିଏ କଥା କହିପାରେ?

**ସାହିତ୍ୟ ଚର୍ଚ୍ଚା:** ହଁ, ନିଶ୍ଚୟ କହନ୍ତୁ।

**ବଙ୍ଗାଳୀ ନନ୍ଦ:** ଏହି ପ୍ରବନ୍ଧଟିକୁ ମୁଁ ଲେଖିବା ପରେ ଓଡ଼ିଶାର ଗୋଟିଏ ଅଗ୍ରଣୀ ସମ୍ବାଦପତ୍ରକୁ ପଠାଇଥିଲି। ଛଅ ମାସ ପର୍ଯ୍ୟନ୍ତ ସେମାନେ ଏହାକୁ ଛପାଇଲେ ନାହିଁ। ତେଣୁ ଆଉ ଗୋଟିଏ ପତ୍ରିକା ମୋତେ ପ୍ରବନ୍ଧଟିଏ ପାଇଁ ଅନୁରୋଧ କରିବାରୁ ମୁଁ ସେଇଟି ସେମାନଙ୍କୁ ପଠାଇଦେଲି; ଏହା ସେଥିରେ ପ୍ରକାଶିତ ମଧ୍ୟ ହୋଇଗଲା। ତା'ର ଆଉ ଛଅ ମାସ ପରେ କିନ୍ତୁ, ଯେଉଁ ସମ୍ବାଦପତ୍ରକୁ ପ୍ରଥମେ ଏହା ପଠାହୋଇଥିଲା, ଅର୍ଥାତ୍ ପ୍ରାୟ ବର୍ଷକ ପରେ, ଏଇଟା ସେଥିରେ ବାହାରିଗଲା। ସେତେବେଳେ ମୁଁ ଯାହାଙ୍କ ଘରେ ଭଡ଼ାରେ ରହୁଥିଲି, ସେ ଏହା ଖବରକାଗଜରେ ଦେଖି ମୋତେ କହିଲେ ଯେ, ଆପଣଙ୍କର ଲେଖା ବାହାରିଛି। ତାଙ୍କଠାରୁ ହିଁ ମୁଁ ଏ କଥା ଜାଣିଲି। ଏହାପରେ ମୋର ଗୁରୁପ୍ରତିମ ବୟୋଜ୍ୟେଷ୍ଠ ଲେଖକ ଦାଶରଥି ଦାସଙ୍କ ସହ ଥରେ ଦେଖାହେଲା। ସେ ହସି ହସି କହିଲେ, 'ବଙ୍ଗାଳୀ ବାବୁ, ଆପଣ କି ଗୋଟିଏ ପ୍ରବନ୍ଧ ଲେଖିଲେ ଯେ ସେଥିପାଇଁ ମୋତେ ଘରେ ଅପଦସ୍ଥ ହେବାକୁ ପଡୁଛି। ମୋର ଧର୍ମପତ୍ନୀ କହିଲେ ଯେ ବଙ୍ଗାଳୀ ବାବୁ କବିତା ଉପରେ ଯେଉଁଭଳି ପ୍ରବନ୍ଧଟିଏ ଲେଖିଛନ୍ତି, ତମେ ଆଜି ପର୍ଯ୍ୟନ୍ତ ସେମିତି ଗୋଟିଏ ଲେଖା କେବେ ଲେଖିପାରିଲ କି?' ଏ କଥାଟି ମୋତେ ଯେତେ ପୁଲକିତ କଲା, ସେତିକି ଦୁଃଖିତ ମଧ୍ୟ କଲା। ଭାବିଲି, ସାର୍ ଏମିତି କ'ଣ କହୁଛନ୍ତି!

**ସାହିତ୍ୟ ଚର୍ଚ୍ଚା:** ଏହି ଲେଖାରେ ଆପଣ କବିତାର ପାରିଭାଷିକ ପରିଚୟଟିକୁ ସମ୍ପୂର୍ଣ୍ଣ ଭାବରେ ଆଙ୍କିଦେଇଛନ୍ତି। ଆପଣ କବିତାର ଗଠନରୀତି, ତା'ର ଲୟ, ତା'ର ବିଭବ, ତାର ସୌନ୍ଦର୍ଯ୍ୟ ଆଦି ସବୁକଥା ମାତ୍ର ଚାରିପୃଷ୍ଠା ଭିତରେ ଯାହା ଆଲୋଚନା କରିଛନ୍ତି, ତାହା ପ୍ରବନ୍ଧଟିର ଗୁରୁତ୍ୱ ବଢ଼ାଇଦେଇଛି। ଏଥିରେ ଆପଣ କେଉଁ ଭାବଧାରାଟି ନିର୍ଦ୍ଦିଷ୍ଟ ଭାବରେ ସୂଚାଇବାକୁ ଚାହିଁଛନ୍ତି?

**ବଙ୍ଗାଳୀ ନନ୍ଦ:** ମୁଁ କହିଛି, ଯେ ଯିଏ କବିତା ଲେଖେ ସେ ହେଉଛି ଦ୍ୱିତୀୟ ବ୍ରହ୍ମା। ନିଜକୁ ସେହି ସ୍ଥାନରେ ନ ରଖିଲେ କବିତା ଲେଖି ହୁଏନାହିଁ। କିନ୍ତୁ ସେତିକି ଗରିମା ଥାଇ ମଧ୍ୟ ଆମେ ଯଦି ଭାଟ ଭଳି କାହା ପାଖରୁ ଟିକିଏ ପ୍ରଶଂସା, କି ଗୋଟିଏ ଗାମୁଛା ପାଇବା ପାଇଁ ମୁଣ୍ଡ ନୁଆଁଇଦେଉ, ସେତେବେଳେ କବିଟି ମରିଯାଏ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଏ ପ୍ରବନ୍ଧରେ ଠାଏଁ ମଧ୍ୟ ଲେଖିଛନ୍ତି, 'କବିତା ସର୍ବଦା ଚିତ୍ତହରଣକାରୀ ହେବା ଚାହି, ଭାବମୟ ହେବା ଦରକାର, ନହେଲେ ସେ ଗଳ୍ପ ବା ଉପନ୍ୟାସଠାରୁ ଶ୍ରେଷ୍ଠ ହେବ କେମିତି?'

**ବଙ୍ଗାଳୀ ନନ୍ଦ:** ଆଜ୍ଞା, ସେଥିରେ ଅଛି ଏହା।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଏହି ବକ୍ତବ୍ୟ ନିତାନ୍ତ ଯଥାର୍ଥ। ଆଜିର ଏହି ସାରସ୍ୱତ ବାର୍ତ୍ତାଳାପ ପାଇଁ ସମୟ ଦେଇଥିବାରୁ ଆପଣଙ୍କୁ ଅଶେଷ କୃତଜ୍ଞତା ଜଣାଉଛୁ।



ଧାରାବାହିକ ବ୍ୟଙ୍ଗ

# ଚାଟ ଦକ୍ଷିଣା

## ଅଜୟ କୁମାର ମିଶ୍ର

ଦେଉଳଠାରୁ ମୁଖଶିଆଳି ବଡ଼ିବା ଭଳିଆ ନ୍ୟାୟରେ ଘଟଣାଠାରୁ ଅଘଟଣ ଆଉ ଫାଜଲ୍ । ଘଟଣାକୁ ସେ ଅଘଟଣା କରିପାରେନି, ବରଂ ସବୁ ଅଘଟଣକୁ ଘଟଣା ଭିଆଣିବା ତା'ର ଗୋଟାଏ ଅଭ୍ୟାସ । ପିଲାଦିନର ଚଡ଼ୁଦାଗ ଜୀବନସାରା ଅଲିଭା ହେଇ ରହିଯାଏ । ଆଗରୁ ଗାଆଁରେ ଠାକୁରାଣୀ ମାତୁଥିଲେ, ତାତୁଥିଲେ, ଗାଆଁ ଗାଆଁରେ ବାଡ଼ି ଠାକୁରାଣୀଙ୍କ ଜାଲିଆଖି, ବସନ୍ତେଇଙ୍କ ଭାଆରି ପରଭାବ । ଏଇ ସମୟରେ ସରକାରୀ କଳ, ଅଗିକି ବାଇଗଣ ଫିଙ୍ଗିବା ଭଳିଆ ନିଜ ସ୍ୱାସ୍ଥ୍ୟ ବିଭାଗକୁ ଗାଆଁକୁ ପେଲି ଦେଉଥିଲେ । ବଡ଼ ବଡ଼ ଅଳିଆରେ ଗୋଳେଇ ଇଷ୍ଟାମ୍ପ ମାର୍କା ସରକାରୀ ଚଡ଼ୁ ନେଇ ଟିକାବାଲାଏ ଗାଆଁକୁ ଗାଆଁ ଖେଦିଯାଇ ପଇନ୍ତରା ମାରୁଥିଲେ । ପିଲାମାନଙ୍କୁ ଖୁଆ ପାଖରେ ଦାଗି ଦଉଥିଲେ ଟିକା । ସେ ତ ଟିକା ନୁହେଁ; ବରଂ ସରକାରୀ ଚଡ଼ୁ । କେଲୁଣୀ ଗାଁ ମାଇପଙ୍କ ହାତରେ ଚିତାକୁଟେଇବା ବେଳେ ବଡ଼ ପାଟିରେ ନାନା ଖୋସାମତିଆ ବଚନରେ ମାଇପଙ୍କୁ ସନ୍ତୋଷ୍ଟ କରେ । ମାତ୍ର ଏ ଅଲଖଣା ଟିକାବାଲାଏ ତାଙ୍କ ମନମାଫିକ ସରକାରୀ ଚଡ଼ୁ ଦାଗୀ ଦିଅନ୍ତି । ଟିକା ନେଉ ନେଉ ଜର, କାହା କାହା ଦେହ ବି ଥରେ । ନକୁଳା ମାଆ କହିଲା - 'କିଓ ଜର ହେଲାଣି କଉଁଠି, ଠାକୁରାଣୀ ଦୋରହା ହେଲେ ନାନା ବିତପାତ୍ ବଡ଼ିବ ।'




### ମେଳାର ଟିକା

ମେଳା ମଉଛବରେ ଅଥାୟୀ ନାଲିଘର ହେବା ଭଳିଆ, ଟିକା ପରେ ପରେ ଜର, ହାତରେ ଘାଆ ହୁଏ । ତା'ଉପରେ ଘରଲୋକେ ସରକାର ଦିଆ ପାଉଡ଼ର ଛିଞ୍ଚନ୍ତି । ଗୋଟାଏ ନୁହେଁ, ହାତଖୁଆରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ବିଜେ ହେବା ଭଳିଆ ତିନି ତିନିଟା ଘାଆ । ଘାଆ ମଉଳଣ ପଡ଼ିଲେ ଚମ ଉତୁରିଯାଏ । ଏସବୁ କଳା ପରେ ବାଡ଼ି ଠାକୁରାଣୀ, ହାଡ଼ଖାଇ ବସନ୍ତେଇ ଠାକୁରାଣୀ, ହାତ ଧରାଧରି ହେଇ ଉଭାନ୍ । ପିଲାଦିନର ମାଷ୍ଟର ତ ଯମଙ୍କ ମାଉସୀପୁଅ ଭାଇ । ବେତ ଦେଖେଇ ପିଲାଙ୍କୁ ଟିକା ଦିଆଇବାରେ ଶହକେ ଛ'କୋଡ଼ି ସହଯୋଗ କରେ । ମାଷ୍ଟ୍ରଙ୍କ ନାମ କରୁଣାକର - ମାତ୍ର ଧମକ ଚମକ ମାଡ଼ଗାଳି ଦାନରେ ତାଙ୍କ ହାତଖୋଲା । ତାଙ୍କ ବେତ ପାହାର ମନେପଡ଼ିଲେ ଆଜି ବି ଜର ମାଡ଼ିବସେ । କରୁଣାକର ମାଷ୍ଟ୍ରଙ୍କ ଏମନ୍ତ ମାଡ଼ାବତାରକୁ ପାଠ ପଢ଼ିବା ବେଳେ ସୀମାନ୍ତରକ୍ଷୀ ଭଳି ବହୁବାର ସାମନା କରିଛି । ସୀମାନ୍ତରକ୍ଷୀ, ଶତ୍ରୁଙ୍କୁ ଜଗେ, ମାତ୍ର ଘଣ୍ଟୁ ତା'ଠାରୁ ଆଉ ତତ୍‌ପରିଆ ହେଇ ମାଷ୍ଟ୍ରଙ୍କୁ ଗୋଡ଼େ ଗୋଡ଼େ ଜଗେ ।

କରୁଣାକର ମାଷ୍ଟ୍ରଙ୍କ କେଇଟା ଖୋଇକୁ ଘଣ୍ଟୁ ତାଙ୍କ ପିଛା କରି କରି ଜାଣିନେଲା । ଇସ୍କୁଲରେ ମାଡ଼ ଦେବାରେ ଖଣ୍ଡମଣ୍ଡଳରେ ଜଣାଶୁଣା ଥିଲେ କରୁଣାକର ମାଷ୍ଟ୍ରେ । ମାତ୍ର ନିଜଘରୁ ଇସ୍କୁଲ୍ ଯିବା ଆସିବା ବାଟରେ ତାଙ୍କୁ ଯେ ନମସ୍କାର କରେ, ଠିକ୍ ଅଦିନିଆଁ ଛାଟବର୍ଷା ଭଳିଆ ତାକୁ ମନଭରି ଆଶୀର୍ବାଦ ବର୍ଷା କରନ୍ତି । ଭୟରେ କେତେପିଲା ତାଙ୍କୁ ଭକ୍ତି ନ ଥାଉ ବରଂ ମାଡ଼ ଭୟରେ ବୋପାରାଣ ଡିଙ୍କି ଗିଳ୍ ନ୍ୟାୟରେ ନମସ୍କାର କରନ୍ତି । ଘଣ୍ଟୁ କିନ୍ତୁ ଏ ସବୁଥିରେ ଆଉ କେତେପାଦ ଆଗୁଆ । ସଭିଏଁ ଠିଆରିଆ ନମସ୍କାର କରିବା ବେଳେ, ଘଣ୍ଟୁ ବାଟଘାଟ ଥାନ ଅଥାନ ନ ମାନି, ତଳେପଡ଼ି ମୁଣ୍ଡିଆ ମାରେ । ଘଣ୍ଟୁର ଏମନ୍ତ କରୁଣାମାଷ୍ଟ୍ରଙ୍କ ମନରେ ଥିବା ଭାବକୁ ଗାଢ଼ା କରିଦେଲା । ସବୁ ନମସ୍କାରିଆ ପିଲାଙ୍କଠାରୁ ଘଣ୍ଟୁକୁ ସେ ଦୀର୍ଘ ଆଶୀର୍ବାଦ କଲେ । ଘଣ୍ଟୁ ଏଣିକି ତାଙ୍କର ବଡ଼ଚାଟ ପାଲଟି ଯାଉଥିଲା ।

କେଇଟା ଦିନ ହେଲା, କରୁଣାମାଷ୍ଟ୍ରେ ନୂଆ ସାଇକେଲଟିଏ କିଣିଛନ୍ତି । ବହୁ କଷ୍ଟରେ ଖୋଲା ପଡ଼ିଆରେ ସାଇକେଲ୍ ଚଢ଼ିବେ ଚଢ଼ିବେ ହେଇ ଜୋର୍ ଅଭ୍ୟାସ କରୁଥାନ୍ତି । ସାଇକେଲ ପେଡ଼ାଲ୍ ଉପରର ହାଣ୍ଡି ଉପରେ ଗୋଡ଼ ଦେଇ ହପିଙ୍ଗ୍ କରି କରି ଅଧମାଇଲ୍ ଡିଅଁନ୍ତି । ଘଣ୍ଟୁ ତାଙ୍କୁ ନିଜଆଡ଼ୁ ସହଯୋଗ କରେଇ ସାଇକେଲ୍ ଶିଖାଇଲା । କରୁଣାମାଷ୍ଟ୍ରେଙ୍କ କରୁଣା ଦୃଷ୍ଟିରେ ରହିଲା ଘଣ୍ଟୁ । ଅଧ ବଅସିଆ କରୁଣାମାଷ୍ଟ୍ରେ ସାଇକେଲ୍ ଚଢ଼ଣରେ ଘଣ୍ଟୁ ମନେ ମନେ ବହୁତ ହସେ । କିନ୍ତୁ କରୁଣା ମାଷ୍ଟ୍ରେ ଏହାର ବିନ୍ଦୁ ବିସର୍ଗ ଜାଣି ପାରନ୍ତିନାହିଁ । ସେଦିନ କରୁଣାମାଷ୍ଟ୍ରେ ଇସ୍କୁଲ୍ ଆସିବା ବାଟରେ ଗୋଟେ ଅଖାଡୁଆ ହିଡ଼ଥିବା ଅତି ଅଣଓସାରିଆ ବାଟରେ ଅତି ସତର୍କରେ ସାଇକେଲ୍ ଚଢ଼ି ଆସିବା ବାଟରେ ଘଣ୍ଟୁ ବଡ଼ ଜୋରରେ 'ସାଆରେ ଏଇଠି ମୁଣ୍ଡିଆ ମାରୁଚି' କହି ତଳେ ମୁଣ୍ଡଥୋଇ ପ୍ରଣାମକଲା । ନମସ୍କାରିଆ, ଦଣ୍ଡବତିଆ, ପ୍ରଣାମିଆଁ, ସାଷ୍ଟାଙ୍ଗିଆ ସମସ୍ତଙ୍କୁ ମାଷ୍ଟ୍ରେ ନମସ୍କାର ନେଇ ଆଶୀର୍ବାଦ କରନ୍ତି । ହଠାତ୍ ସାଇକେଲରୁ ଓହ୍ଲାଉ ଓହ୍ଲାଉ ମାଷ୍ଟ୍ରଙ୍କ ଲୁଗା କଛାଟା ସିଟ୍ ରିଙ୍ଗରେ ଗୁଡ଼େଇ ହେଇଗଲା, ପୂରା ଖୋଲିଗଲା, ହାତରୁ ସାଇକେଲ୍ ଠାଏ, ସାଆରେ ଠାଏ । ତଥାପି ଠିଆହେଇ ସେ ନିଜ ଢଙ୍ଗରେ ଆଶୀର୍ବାଦ ଗାଳିଦେଲେ । ପରେ କଛା ଭିଡ଼ି, ସାଇକେଲ୍ ଟେକି ହପିଙ୍ଗ୍ କରି ଦିଇଟା ପେଡ଼ାଲ୍ ମାରିଛନ୍ତି କି ନାହିଁ, ଘଣ୍ଟୁର ଏକ ଗାମୁଛିଆ ସାଙ୍ଗ ଟିମା ନମସ୍କାର କଲା । ଏଥର କଛା ସିନା ଅଖୋଲା ରହିଲା, କରୁଣାମାଷ୍ଟ୍ରେ କିନ୍ତୁ ଓହ୍ଲାଇ ଆଶୀର୍ବାଦ ଦେଲେ ।

## ସାଇକେଲିଆ ଆଶୀର୍ବାଦ

କରୁଣାମାଷ୍ଟ୍ରଙ୍କ ଘରଠାରୁ ଇସ୍କୁଲ୍ ଯାଏ, ପରଦିନଠାରୁ ଘଣ୍ଟୁ ପ୍ରାୟୋଜିତ ଛାତ୍ରମାନେ ଠିକ୍ ଠିକ୍ ଅଣଓସାରିଆ ବାଟରେ ଠିଆହେଲେ । ସମସ୍ତଙ୍କ ନମସ୍କାର ଆଦାୟ କରି ସାଇକେଲରୁ ଓହ୍ଲାଇ ଆଶୀର୍ବାଦ, ପୁଣି ହପିଙ୍ଗ୍ କରି ସାଇକେଲାରୋହଣ, ପେଡ଼ାଲ୍ ମାଉଣ ବେଳକୁ ପୁଣି ନମସ୍କାର, ପୁଣି ଆଶୀର୍ବାଦ ବର୍ଷଣ - ଏମିତି କରୁ କରୁ ଇସ୍କୁଲରେ ସବୁଦିନ ଡେରି । ଶେଷକୁ ଘଣ୍ଟୁକୁ ଇସ୍କୁଲ୍ ଛୁଟିପରେ, ଅତି ବିଶ୍ୱାସରେ ଡାକି ସାଇକେଲ୍ ଚଢ଼ା ଛାଡ଼ି ଦେବାକୁ ସାଆରେ ପ୍ରସ୍ତାବ ଦେଲେ । ଘଣ୍ଟୁ ମନେ ମନେ ଏୟା ହିସାବ କରିସାରିଥିଲା । କହିଲା, ସାଇକେଲ୍‌ଟା ଏତେ ଟଙ୍କା ଦେଇ କିଣିଲେ, ତାକୁ ନ ଚଢ଼ିଲେ ପମ୍ପ୍ ପଳେଇବ, ଜଅଙ୍କ ଧରିବ - ନାନାକଥା । ଗୁରୁ-ଶିଷ୍ୟଙ୍କ କଥା ହିସାବରେ ଶେଷ ନିଷ୍ପତ୍ତି ହେଲା, ଘଣ୍ଟୁ ସାଆରଙ୍କ ଘରକୁ ଯାଇ, ସାଆରଙ୍କୁ ସାଇକେଲ୍‌ରେ ବସାଇ ଆଣିବ, ଇସ୍କୁଲ ସରିଲେ ପୁଣି ତାଙ୍କୁ ଛାଡ଼ି ସାଇକେଲ୍ ନେଇ ନିଜ ଘରକୁ ଯିବ । ସାଆରଙ୍କୁ ନବା ଆଣିବା କଲାବେଳେ ପିଲାଏ ଘଣ୍ଟୁକୁ ସାଆରଙ୍କ ଖାସ୍ ପିଲା ମନେକରି ବଡ଼ ମାନଥାନ । ଘଣ୍ଟୁର ଫଣା ବଢ଼ିଲା, ଫଅଁ ବି ବଢ଼ିଲା । ସାଇକେଲ୍ ମରାମତି ପାଇଁ ବିଭିନ୍ନ ଆଳ ଦେଖାଇ ଘଣ୍ଟୁ କରୁଣାମାଷ୍ଟ୍ରଙ୍କଠାରୁ ଏକ ପ୍ରକାର ବଟି ବି କଲା । ଶେଷରେ ଘଣ୍ଟୁ ବଟିକରା ହିସାବ ସହିନ'ପାରି ମାଷ୍ଟ୍ରେ ଅଧା ଦାମ୍‌ରେ ଘଣ୍ଟୁକୁ ସାଇକେଲଟିକୁ ଏକପ୍ରକାର ଶିଷ୍ୟ ଦକ୍ଷିଣା ଭାବରେ ଦେଇଦେଲେ ।

**ଗୁରୁ-ଶିଷ୍ୟଙ୍କ କଥା ହିସାବରେ ଶେଷ ନିଷ୍ପତ୍ତି ହେଲା, ଘଣ୍ଟୁ ସାଆରଙ୍କ ଘରକୁ ଯାଇ, ସାଆରଙ୍କୁ ସାଇକେଲ୍‌ରେ ବସାଇ ଆଣିବ ।**

ଫଳନ୍ତି ଗଛ ଫୋପଡ଼ ସହିବା ସାର । ସାର୍ ବି ବାଧ୍ୟରେ ସହିଲେ । ଅଧାଗୁଣିଆଁ ବି ହଟହଟା ହୁଏ । ଦରସାଇକେଲିଆ କରୁଣାମାଷ୍ଟ୍ରେ ଘଣ୍ଟୁ ଦ୍ୱାରା ଏମନ୍ତ ଶୋଷିତ ହେବା ପରେ ସାଇକେଲଟାକୁ ବରାବର ଘଣ୍ଟୁକୁ ଦେଇ ଦେଇ ଏକ ପ୍ରକାର ଶାନ୍ତ ପଡ଼ିଗଲେ । ଇସ୍କୁଲ୍ ଛାଡ଼ିବା ପରେ କଲିଜି ପାଠ ବେଳକୁ କରୁଣାମାଷ୍ଟ୍ରେଙ୍କ ସେଇ ସାଇକେଲଟା ଘଣ୍ଟୁର ଚଳପ୍ରଚଳକୁ ଆଉ ଅବାଧ କରିଦେଲା । ଠା ଦେଖି ଘଣ୍ଟୁର ବସାଉଠା । ତା' ହିସାବରୁ ଜାଇଁଲା, କରୁଣାମାଷ୍ଟ୍ରେ ସତରେ ଏକ ପ୍ରକାରର ପିଣ୍ଡାଓଲୁ । ପିଲାଙ୍କୁ ପାଠପଢ଼ା ବେଳେ ବହୁ ମାରଧର କରନ୍ତି । ହେଲେ ସେଇ ମାରଧରରେ ତାଙ୍କର ବହୁ ଚାଟ ସମାଜରେ ସମୁଦ୍ରକୁଳିଆଁ ଝାଉଁ ଆଉ ପାହାଡ଼ିଆ ଶାଳୁଆ ଭଳିଆ ମୁଣ୍ଡ ଟେକି ଛିଡ଼ା ହୋଇଛନ୍ତି । ସାଇକେଲଟିକୁ ହାତେଇ ନେବା ପରେ ଅଘଟଣାକୁ ଘଟଣା ବନଉଥିବା ଘଣ୍ଟୁ କରୁଣାମାଷ୍ଟ୍ରେଙ୍କ ବିଷୟ ଭାବେ । ମନେକଲା, କରୁଣା ସାଆରେ ଅବସର ନେଇ ଏବେ ବିଭିନ୍ନ ସେବାମୂଳକ କାମରେ ବ୍ୟସ୍ତ । ତାଙ୍କର ମୁହଁ ଖୁବ୍ ଟୋଡ୍, କିନ୍ତୁ ଭିତରଟା ବରଫିଆ ଭାବରେ ସାଙ୍କୁଡ଼ି ଯାଇଥାଏ । ଖଣ୍ଡମଣ୍ଡଳରେ ତାଙ୍କ ନାଁ ଡାକ । ତାଙ୍କ ଚାଟମାନେ

ଆଜି ବି ତାଙ୍କୁ ଢ଼େର ମାନନ୍ତି । ତାଙ୍କୁ ନେଇ କାରସାଦିଟିଏ କରିବାର ଯୋଜନାରେ ମାତିଲା ଘଣ୍ଟୁ ।

ଘଣ୍ଟୁକୁ ଅତି ନିକଟରୁ ଜାଣିଥିବା ଲୋକେ ଗୋଟେ ଭଲ କୁମ୍ଭାର ଭାବରେ ଜାଣନ୍ତି । କୁମ୍ଭାର ମାଟି ପିଣ୍ଡୁଳାକୁ ନେଇ ହାଣ୍ଡି, ମାଠିଆ, ଘୁମ୍, ପଲମ, ନଳା, ଆଟିକା, ବଣା ଇତ୍ୟାଦି ତିଆରି କରିବା ଭଳି ଘଣ୍ଟୁ ବି ନାନା କିସମର ଘଟଣା ଘଟେଇପାରେ । ତା'ର କେତେଜଣ ସାଙ୍ଗସରିସାଙ୍କୁ ଏକଯୋଟ କରାଇ ଗୋଟାଏ ଜୟନ୍ତୀ କମିଟି ଗଢ଼ିଲା । କରୁଣାମାଷ୍ଟ୍ରଙ୍କ ଜୟନ୍ତୀ ଯୋଜନା କରାଗଲା । ଇସ୍କୁଲ୍ ଯାଇ ଖାତା ଖେଳାଇ ସେକାଳର ପିଲାଙ୍କ ଠିକଣା ପତ୍ତା ସଂଗ୍ରହ ପରେ କାନଫୁଙ୍କାରେ ସମସ୍ତଙ୍କୁ ଖବର ଦିଆକରେଇଲା । ଗାଏମୋଟ ଦୁଇମାସ ଚେଷ୍ଟା କରିବା ପରେ ପାଣ୍ଠି ଆଦାୟ ହେଲା । ଦିନଧାର୍ଯ୍ୟ ହେଲା । 'କରୁଣାକର କରୁଣା' ନାମରେ ସ୍ମୃତି ପତ୍ରଟିଏ ଛାପା କରେଇବାକୁ ବଡ଼ ବଡ଼ିଆ ଚାଟମାନଙ୍କୁ ଖବର ଗଲା । ଗୁରୁଭକ୍ତିରେ ବିଗଳିତ ଝାଉଁ, ଶାଳୁଆ, ନଡ଼ିଆ, ତାଳ, ବାଉଁଶ ଭଳିଆ ମୁଣ୍ଡଟେକା ଚାଟମାନେ ପାଣ୍ଠି ପଠେଇଲେ । ଗୁରୁଭକ୍ତି ଗଦ୍‌ଗଦିଆମାନେ କେତେ କେତେ ଲେଖା ବି ପଠେଇଲେ ।



**ଜୟନ୍ତୀ ଫାସ**

କରୁଣାମାଷ୍ଟ୍ରଙ୍କ ଜନ୍ମ ତାରିଖ ଅଣ୍ଡଳାଅଣ୍ଡଳି କରି, ତାଙ୍କୁ କୌଣସି ପ୍ରକାରେ ମନେଇମାନେଇଁ ଜୟନ୍ତୀ ଫାସରେ ଭର୍ତ୍ତିକଲେ ଘଣ୍ଟୁ ଓ ତା'ର ଚେଲାଚାମୁଣ୍ଡାଏ । ବଳି ଖୁଣ୍ଟରେ ମୁଣ୍ଡ ଗଳେଇବା ଭୟ ରଖି, ଶେଷରେ ହଁ ଭରିଲେ ମାଷ୍ଟ୍ରେ । ଜୟନ୍ତୀ ପାଇଁ ଗାଁ ମୁଣ୍ଡ ଖୋଲା ପଡ଼ିଆରେ ମଞ୍ଚହେଲା । ବାଜା, ବାଣ, ରୋଶଣିରେ ବଡ଼ ଗୋଟାଏ ପଟୁଆର କରି, ସାଆରଙ୍କୁ ବଡ଼ ଥାଟରେ ଆଣି ମଞ୍ଚରେ ଥୟ କରାଗଲା । ନୂଆଲୁଗା, ଜାମାଯୋଡ଼ ପିନ୍ଧେଇ ତାଙ୍କୁ ଆଣିବା ଓ ଗାଦିରେ ବସାଇବା ବେଳର ଦୃଶ୍ୟ ସବୁକିଛି ଘଣ୍ଟୁ ନେତୃତ୍ୱରେ । ଏ ଜୟନ୍ତୀ ନାଟକର ଲେଖକ, ନିର୍ଦ୍ଦେଶକ, ଅଭିନେତା-ନେତା – ସବୁର ସର୍ବେସର୍ବା ଆପେ ଘଣ୍ଟୁ । ଏମନ୍ତ ଗୁରୁଭକ୍ତକୁ ଲୋକେ ଘନ ଘନ ପ୍ରଶଂସାରେ ପୋତି ପକାଉଥିଲେ । ମଞ୍ଚରେ କରୁଣାକର ମାଷ୍ଟ୍ରଙ୍କ ଗୁଣ ବାହୁନା ଆରମ୍ଭ ହେଇଗଲା । ନୂଆ ପୋଷାକ, ଫୁଲମାଳ – ଏସବୁ ପହିଲେ ସାଆରଙ୍କୁ ଲାଗି କରାଗଲା ଓ ସଙ୍ଗେ ସଙ୍ଗେ ପୁଣି ଆଉ ନୂଆ ଆସିବା ମାତ୍ରେ ଉଲାଗି ବି କରାଗଲା । ଉଲାଗି ଦ୍ରବ୍ୟଗୁଡ଼ିକ ମଞ୍ଚର ଗୋଟାଏ କଡ଼ରେ ଗଦେଇଦେଇ, ଜଗି ରହିଲେ ଘଣ୍ଟୁର ଏକାଗାମୁଛିଆ କେଇଟା ସାଙ୍ଗ । ଘଣ୍ଟୁ ନିର୍ଦ୍ଦେଶରେ ଜଣେ ସାଙ୍ଗ କୁଣ୍ଡେ ହୋଳି ମିଠା ଆଣି ସାଆରଙ୍କ ସାମନାରେ ରଖିଦେଲା । ଠାକୁରଙ୍କୁ ପାଣି ଛଡ଼େଇବା ଭଳିଆ ଘଣ୍ଟୁ ବି ସାଆରଙ୍କୁ ଏତକ ପାଣି ଛଡ଼େଇଦେଲା ।

ପହିଲି ମିଠାଟାକୁ ସାଆରଙ୍କ ପାଟିରେ ଜବରଦସ୍ତ ଖପେଇଦେଇ ଉପସ୍ଥିତ ଲୋକଙ୍କୁ ଭୋଗ ଭଳିଆ ବଣ୍ଟାଗଲା । ଗାଁ ସରପଞ୍ଚ, ଅସ୍ତ୍ରପାନେତା, ଠେକାଦାର, ଦୋକାନୀ, ହାଟୁଆ, ବାଟୁଆ, ଅଧେପକ, ନାଡ଼ିଚିପା, ଇଂଜେକସନିଆ, ଛୁରୀକଇଁଚିଆ – ଏମିତି ନାନା ପ୍ରକାରର ଲୋକେ ଭାଷଣ ଢାଳୁ ଢାଳୁ ବେଳ ରତରତ । ସିଆଡ଼େ ଖନ୍ଦାଶାଳରୁ ମହୁରର ବାସନା, ଲୋକେ ଏ ଅନ୍ଧାଦୁନିଆଁ ଭାଷଣମାନ ଶୁଣି ଅତିଷ୍ଠ । ସାଆରେ ବି ଭୋକରେ ଆଉଟୁପାଉଟୁ, ଚେତା ରହିବା ନ ରହିବା ଅବସ୍ଥା ଦେଖି ଭୋଜନ ବିରତି ଘୋଷଣା କଲା ଘଣ୍ଟୁ ।

ଆଗେ ଖା – ପଛେ ଧାଆଁ – ରୀତିଆମାନେ ମଞ୍ଚରୁ ଏକା କୁଦାକେ ଖନ୍ଦାଆଡ଼େ ପଟେ ପଟେ ପତର ଥାଳି ଧରି ଧାଡ଼ି ବାନ୍ଧିଲେ, ଯାହା ପାଇଲେ ଏ ତାତୁଣିଆଁମାନେ ଢୋକି ଦେଇଗଲେ । ସାଆରଙ୍କୁ ଜଣେ ଦି'ଜଣ ଚାଟ ମଞ୍ଚରୁ ଉତାରି ଅଲଗା ଭାବରେ ଖୋଇଲେ । ପୁଣି ସଭାକୁ ଯିବା କଥା କହିବାରୁ ସାଆରେ ଅମଙ୍ଗ ହେଲେ । ତାଙ୍କୁ ଗୋଟାଏ ଖଟିଆରେ ପକେଇ, ମଞ୍ଚ ପାଖରେ ଦୋଳ ବିମାନ ଥୁଆହେଲା ଭଳିଆ ଥୁଆ କରାଗଲା । ଖିଆପିଆ ସରିବା ପରେ ପୁଣି ସଭା ଆରମ୍ଭ ଘୋଷିତ ହେଲା । ଏତେବେଳକୁ ଲୋକେ ଖାଇପିଇ ଫେରାର । ଦଶ ପନ୍ଦର ଲୋକରେ ସଭା ଆରମ୍ଭ ହେବା ବେଳକୁ, ପାଚିଲା ପିଜୁଳି ଦେଖି ଡାଳଟାକୁ ମାଙ୍କଡ଼ ହାତରେ ଓହଳେଇ ପକେଇବା ଢାଞ୍ଚାରେ ଷ୍ଟାଣ୍ଡରୁ ମାଇକ୍ରୋଫୋନଟାକୁ ଭିଡ଼ିଦେଲା ଘଣ୍ଟୁ । ସମସ୍ତଙ୍କୁ ନମସ୍କାର

ଜଣେଇ ପହିଲେ ଧନ୍ୟବାଦ ଦେଲା । ତା'ପରେ ଲମ୍ବେଇଲା ଧନ୍ୟବାଦ ଫର୍ଦ୍ଦ । ଜୟନ୍ତୀ ପାଇଁ ପାଣ୍ଠି ଦେଲାବାଲା, ପତ୍ରିକା ପାଇଁ ଲେଖା ଦେଲାବାଲା, ମଞ୍ଚ ବାନ୍ଧିଲାବାଲା, ମାଇକ୍‌ବାଲା, ଲାଇଟ୍‌ବାଲା, ଖବରକାଗଜବାଲା, ଗାଁ'ବାଲା, ହାଟବାଲା, ବଜାରବାଲା, ମୁଖିଆ ଓ ମୁରବି – ସମସ୍ତଙ୍କ ଉପରେ ଯଜ୍ଞଥାନର ଆସିଷ୍ଟାଣ୍ଟ୍ ପଣ୍ଡିତନନା ମନ୍ତୁରାପାଣି ଆମ୍ବଡ଼ାଳ ବୁଡ଼ାଇ ଛିଞ୍ଚିବା ମାର୍ଗରେ ଧନ୍ୟବାଦର ମନ୍ତୁରାପାଣି ଛିଞ୍ଚିଦେଇ ଗଲା ।

**ତାଙ୍କୁ ମିଳିଥିବା ଫୁଲମାଳତକ ଅବଶ୍ୟ ଥିଲା, କିନ୍ତୁ ନୂଆ ଉପହାର ମଧ୍ୟରୁ ପ୍ରାୟ ତିନି ଚଉଠ ନ ଥିଲା ।**

## ଗୋଦରଗୋଡ଼ିଆ ପତ୍ରିକା

ଶେଷକୁ ଘୋଷଣାକଲା ପତ୍ରିକା କଥା ଓ ଆୟବ୍ୟୟ ହିସାବ । ପତ୍ରିକା ବାବଦରେ କୈଫିୟତ ବି ଦେଲା, 'ସାଆର୍‌ଙ୍କ ପାଇଁ ବହୁତ ଲେଖା ଆସିଥିଲା, ସବୁ ପ୍ରେସ୍‌ରେ ଅଛି ବର୍ଷକୁ ଥରେ ମାତ୍ର ଉଭା ହେଉଥିବା ଗୋଦରଗୋଡ଼ିଆ ପୂଜାପତ୍ରିକା ଶୈଳୀରେ ଅତି ଗାଡ଼ାହେଇ ପ୍ରକାଶ ପାଇବା ସଂଭାବନା ବେଶି । ଚାନ୍ଦା ଓ ଦାନ ଆକାରରେ ସଂଗୃହୀତ ପାଣ୍ଠି, ଜୟନ୍ତୀ ପାଳିବା ପାଇଁ ଖର୍ଚ୍ଚ ହୋଇଥିବା ପାଣ୍ଠି ହିସାବ ମଧ୍ୟ ସମସ୍ତଙ୍କୁ ଜଣେଇ ଦେଇ ନିଜ ହାତରୁ ଏପର୍ଯ୍ୟନ୍ତ ଷାଠିଏ ହଜାର, ତିନିଶହ ଅଠାନବେ ଟଙ୍କା ଖର୍ଚ୍ଚା ହେଇଛି ବୋଲି ଜଣେଇ ଦେଇ ସବୁରି ଆସ୍ଥାଭାଜନ ହେଲା । କାମ ନ ସରୁଣୁ ଖର୍ଚ୍ଚ ହିସାବ ଜଣେଇ ଦେଇଥିବାରୁ ଚାରି ପାଞ୍ଚଜଣ ଘଣ୍ଟୁପାର୍ଟିଆ ଟୋକା ସଙ୍ଗେ ସଙ୍ଗେ ଦି'ତିନି ବସ୍ତା ଧନ୍ୟବାଦ ଘଣ୍ଟୁ ଉପରେ ସଜାଡ଼ିକି ଅଜାଡ଼ି ଦେଇଗଲେ ।

ସଭା ସରିବା ବେଳକୁ ସାଆର୍‌ଙ୍କ ଚେତା ଫେରୁଥିଲା । ତାଙ୍କୁ ମଞ୍ଚ ପାଖରୁ ଘର ପର୍ଯ୍ୟନ୍ତ ପୂର୍ବଭଳି ପଟୁଆରରେ ନିଆଗଲା । ସମସ୍ତଙ୍କୁ ବିଦାୟ ଦେଲେ ସାଆର୍ । ମଞ୍ଚରେ ତାଙ୍କୁ ମିଳିଥିବା ଫୁଲମାଳତକ ଅବଶ୍ୟ ଥିଲା, କିନ୍ତୁ ନୂଆ ଉପହାର ମଧ୍ୟରୁ ପ୍ରାୟ ତିନି ଚଉଠ ନ ଥିଲା । ସାଆରଙ୍କୁ ସାଷ୍ଟାଂଗ ହେଲା ଘଣ୍ଟୁ, ସାଆରେ ଆଶୀର୍ବାଦ କଲେ । ଆଗରୁ ଘଣ୍ଟୁ ଜଣଙ୍କ ଦ୍ୱାରା ମଗାଇଥିବା ସାଆରଙ୍କ ସାଇକେଲଟା ସାଆରଙ୍କୁ ଫେରାଇଦେଲା । କହିଲା – 'ଆଜ୍ଞା ଗୁରୁଦେବ, ଆପଣଙ୍କ ପୁରୁଣା ସଂପତ୍ତି ଆପଣଙ୍କୁ ହସ୍ତାନ୍ତର କରି ମୁଁ ଋଣମୁକ୍ତ । ଏଇଟା ବି ମୋର ଆଉ ଦରକାରରେ ଆସୁନାଇଁ । ଦି' ଦିଇଟା ବାଇକ୍ ପାଳିକରି ଚଳାଉଚି । କିନ୍ତୁ ଆପଣଙ୍କ ଆରସନ ଜୟନ୍ତୀ ବେଳକୁ ଚଉଚକିଆଟେ ମୋ' ପାଖରେ ଥିବ, ସେଇଥିରେ ଆପଣଙ୍କୁ ମଞ୍ଚକୁ ନେଇଯିବି ସାର୍ ।'

ସାଆରେ କହୁଥିଲେ– "ଆରେ ବାବୁ ! ସେ ଜୟନ୍ତୀକି ଯାଇ ଅଧାମରା ହେବାଠାରୁ ବରଂ ମୋ ଘରେ ମୁଁ ଠିକ୍ ଅଛି । ସାଇକେଲ୍ ଚଢ଼ିବା ସଉକ ନାଇଁ, ସେଇଟା ବି ନେଇଯାଆ । ତୁ ମୋର ଅତିପ୍ରିୟ ଚାଟ ! ବରଂ ଏଇଟାକୁ ତୁ ଚାଟଦକ୍ଷିଣା ଭାବି ଗ୍ରହଣ କଲେ, ଆରସନକୁ ଏଇଟାକୁ ମଞ୍ଚରେ ଥୋଇଦବୁ । ମୋର ଆଉ ସେଠିକି ଯିବାର ଜଞ୍ଜାଳ ନ ଥିବ । ମତେ ଏତିକି ଦୟା କରୁଥାରେ ବାବୁ !"

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

Search **Sahitya Charcha** on Play Store

ଆପଣଙ୍କ **ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'**ରେ ଉପଲବ୍ଧ ଅଛି ।



ପ୍ରବନ୍ଧ

# ମରଦର ମୁଛ ଓ ଜେ.ପି. ଦାସ

ନିଖିଳାନନ୍ଦ ପାଣିଗ୍ରାହୀ

ଏଠାରେ ଶିରୋନାମା ମଣ୍ଡନ କରିଥିବା ଜେ.ପି. ଦାସଙ୍କ ପ୍ରସଙ୍ଗକୁ ଆସିବା ଏହି ପ୍ରବନ୍ଧର ଶେଷରେ । ପ୍ରଥମେ କହିବା, ଚାର୍ଲି ଚାପଲିନଙ୍କ ବୃତ୍ତାନ୍ତ । ଆମ ମଧ୍ୟରେ ଅବଶ୍ୟ କେତେଜଣ ଥିବେ, ଯେଉଁମାନେ ଚାର୍ଲି ଚାପଲିନ୍ (୧୮୮୯-୧୯୭୭: ଜନ୍ମସ୍ଥାନ: ଲଣ୍ଡନ)ଙ୍କ ପରି ହେବା ପାଇଁ ଅଭିଳାଷ ପୋଷଣ କରିଥିବେ । ଚାପଲିନଙ୍କ ଜୀବଦ୍ଦଶାରେ ପ୍ରଥମ ଓ ଦ୍ୱିତୀୟ ମହାସମର ଘଟିଥିଲା । ପୁଣି ବିଶ୍ୱବ୍ୟାପୀ ଆର୍ଥିକ ମାନ୍ଦାବସ୍ଥା (୧୯୨୯-୧୯୩୯) ଯୋଗୁଁ ବେକାରି ଓ ଦାରିଦ୍ର୍ୟ ସମସ୍ୟା ସର୍ବସାଧାରଣଙ୍କୁ ସଂକଟଗ୍ରସ୍ତ କରିଥିଲା । ଏମିତି ଦୁଃସ୍ଥିତିରେ ଲୋକମାନଙ୍କ ମୁହଁରେ ହସ ଫୁଟାଇବା ଏକ ସାମାନ୍ୟ ସଫଳତା ନୁହେଁ । ଏତାଦୃଶ ଅସାଧାରଣ କାର୍ଯ୍ୟ ସଂପାଦନକାରୀ ହେଉଛନ୍ତି ଚାର୍ଲି ଚାପଲିନ୍ । ଚଳଚ୍ଚିତ୍ରର ନିର୍ବାକ ଯୁଗର ଜଣେ କାଳଜୟୀ ଅନନ୍ୟ ହାସ୍ୟ ଅଭିନେତା ।



ଚାପଲିନ୍ ଯେଉଁ ପରିବାରରେ ଜନ୍ମ ଗ୍ରହଣ କରିଥିଲେ, ତାହା ଦାରିଦ୍ର୍ୟ ଦ୍ୱାରା ପ୍ରପୀଡ଼ିତ । ତାଙ୍କୁ ନଅ ବର୍ଷ ପୂରିବା ଆଗରୁ ଦୁଇଥର ସେ ୱାର୍କ ହାଉସରେ କଟାଇଥିଲେ । ଯେଉଁ ପରିବାର ନିଜ ସନ୍ତାନର ଲାଳନ ପାଳନ କରିବା ପାଇଁ ଆର୍ଥିକ ଭାବେ ଅସମର୍ଥ ହୋଇଥାଏ, ସେମାନଙ୍କ ଘରୁ ୱାର୍କ ହାଉସକୁ ଏମିତି ପିଲାମାନଙ୍କୁ ପଠାଯାଏ । ପିଲାର ଦାୟିତ୍ୱ ନେବା ସହ ନିଯୁକ୍ତି ପାଇଁ ସେଠାରେ ବ୍ୟବସ୍ଥା ରହିଥାଏ । ଚାପଲିନଙ୍କ ପ୍ରତି ଅନ୍ୟ ଏକ ଅଭିଶାପ ହେଉଛି ତାଙ୍କ ଜନନୀଙ୍କ ମାନସିକ ରୋଗ ।

ଏହି ପ୍ରକାର ପ୍ରତିକୂଳ ପରିସ୍ଥିତିରେ ପଡ଼ି ମଧ୍ୟ ଚାପଲିନ କମ୍ ବୟସରୁ ବିଭିନ୍ନ ସଙ୍ଗୀତ କାର୍ଯ୍ୟକ୍ରମରେ ଭାଗ ନେଇଥାନ୍ତି । ହାସ୍ୟ ଅଭିନୟ ସକାଶେ ସହଜାତ ପ୍ରତିଭା ତାଙ୍କଠାରେ ଅନ୍ତର୍ନିହିତ ଥିଲା । ଊଣେଇଶ ବର୍ଷ ବୟସରେ ଫିଲ୍ମ ଶିଳ୍ପ ସହ ସଂପୃକ୍ତ ଗୋଟିଏ କମ୍ପାନୀ ତାଙ୍କୁ ଆମେରିକା ନେଲା । ଯୁକ୍ତରାଷ୍ଟ୍ରରେ ଅବସ୍ଥାନ କାଳରେ ୧୯୧୪ରେ ମାକ୍ ସେନେଟଙ୍କ କିଷ୍ଟୋନ ଷ୍ଟୁଡିଓ ତାଙ୍କୁ ଅଭିନେତା ଭାବେ ନିଯୁକ୍ତ କଲା । ପ୍ରଥମଥର ପାଇଁ ସେ 'ମେକିଙ୍ଗ୍ ଏ ଲିଭିଙ୍ଗ୍' ନାମକ ଏକ ଚଳଚ୍ଚିତ୍ରରେ ଏକ ଭୂମିକାରେ ହାସ୍ୟ ଅଭିନେତା ଭାବେ ଅବତୀର୍ଣ୍ଣ ହେଲେ । ସେଥିରେ ସେ ଗୋଟିଏ ଲମ୍ବା ଟୋପି, ଗୋଟିଏ ଆଖିରେ ପିନ୍ଧା ଯାଉଥିବା ଚଷମା, ଅବନତ ଅବସ୍ଥାରେ ଥିବା କୃତ୍ରିମ ମୋଟା ନିଶ ଓ ଫ୍ରକ୍-କୋଟ ପିନ୍ଧିଥିଲେ । ତାଙ୍କର ଏହି ପୋଷାକ ପରିପାଟି ପାଇଁ ଅବଶ୍ୟ ଫିଲ୍ମ ପ୍ରଯୋଜକ ଦାୟୀ ।

**ବିପରୀତ ଚେହେରା**

ତେବେ ପରବର୍ତ୍ତୀ ଫିଲ୍ମ ପାଇଁ ସେ ଏଥିରେ ସଂପୂର୍ଣ୍ଣ ପରିବର୍ତ୍ତନ ଘଟାଇଲେ । ଏଥିପାଇଁ ସେ ନିଜେ ନିଜର ଚେହେରା ସକାଶେ ରୂପରେଖ ନିର୍ଣ୍ଣୟ କଲେ । ଏହାର ମୂଳମନ୍ତ୍ର ହେଉଛି ଯେ, ସେଥିରେ ଏମିତି ଉପାଦାନମାନ ରହିବ, ଯାହା ପରସ୍ପରର ବିରୋଧୀ । ଯଥା: ଢିଲା ପ୍ୟାଣ୍ଟ ସହ ଚିପା କୋଟ୍, ପାଦର ଆକାରଠାରୁ ବଡ଼ ଜୋତା, ଖଣ୍ଡେ ବାଡ଼ି, ଡର୍ବି ବା ବାଉଲର୍ ଟୋପି, ଯାହା କଠିନ ଓ ଯାହାର ଶୀର୍ଷ ଭାଗର ଆକୃତି ଗୋଲାକାର । ତେବେ ନିଶ ପାଇଁ ଚାପଲିନଙ୍କ ପରିକଳ୍ପନା ପ୍ରମୁଖ ଥିଲା । ଏହା ଛୋଟ ହେବ, ଯାହାଫଳରେ ତାଙ୍କର ମନୋଭାବ ଓ ମୁଖଭଙ୍ଗୀ ଲୁଚିଯିବ ନାହିଁ । ତାଙ୍କର ଖୁଣ ଭାବେ କେହି କେହି ମନ୍ତବ୍ୟ ଦେଉଥିଲେ ଯେ, ସେ ନିଜ ବୟସ ତୁଳନାରେ ଅଧିକ ଟୋକାଳିଆ ଦେଖାଯାଉଛନ୍ତି । ପ୍ରତିକାର ରୂପେ ଦାନ୍ତ ଘଷିବା ପାଇଁ ବ୍ୟବହୃତ ବ୍ରସ୍‌ପରି ନିଶ ରଖିଲେ । ଫଳରେ ତାଙ୍କ ବୟସ ବଢ଼ିବା ପରି ଜଣାଯିବ । ଏମିତି ବିଚିତ୍ର ଉପାଦାନର ସମାହାରରେ ସଜେଇହୋଇ

ମଜାଳିଆ ଢଙ୍ଗରେ ସେ ଯେଉଁ ଫିଲ୍ମରେ ପଦାର୍ପଣ କଲେ, ତାହା ହେଉଛି ୧୯୧୫ରେ ମୁକ୍ତିଲାଭ କରିଥିବା 'ଦା ଟ୍ରମ୍ପ' । ଘରଦ୍ୱାର ନଥିବା ଓ ଏଣେତେଣେ ବୁଲୁଥିବା ଗୋଟିଏ ବେକାର ମଣିଷ । ପ୍ରକାରାନ୍ତରେ ଆବାରା ।

ଅନେକ ସମୟରେ ଚାପଲିନ ଓ ହିଟଲରଙ୍କ ନିଶ ମଧ୍ୟରେ ସାମଞ୍ଜସ୍ୟ ନେଇ ଭୁଲ୍ ଧାରଣା ଜନ୍ମିଥାଏ । ଚାପଲିନଙ୍କ ନିଶର ଆକାର କ୍ଷୁଦ୍ର ଆୟତାକାର କ୍ଷେତ୍ର ସଦୃଶ ଓ ହାସ୍ୟରସ ସୃଷ୍ଟି କରିବା ଏହାର ଲକ୍ଷ୍ୟ । ତେବେ ହିଟଲର ମଧ୍ୟ ନିଜ ନିଶକୁ ଛୋଟ କରିଥିଲେ, କାରଣ ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଗ୍ୟାସ ମାସ୍କ ପିନ୍ଧିବା ପାଇଁ ଏହା ସୁବିଧାଜନକ ହେବ । ଉଭୟ ନିଶ ଏକ ପ୍ରକାର । ମାତ୍ର ଉଦ୍ଦେଶ୍ୟ ଅଲଗା । ଗୋଟିଏ ମନୋରଞ୍ଜନ କରେ, ଅନ୍ୟଟି କ୍ରୂରତାର ପ୍ରତୀକ ।

ଚଳଚ୍ଚିତ୍ରରେ ନିଜର ଅବତାର ପାଇଁ ଚାପଲିନ ଯେଉଁ ଉପାଦାନମାନଙ୍କୁ ନେଇ ନିଜକୁ ସମୀକରଣ କଲେ, ତାହା ତାଙ୍କର ଏକ ଅନନ୍ୟ ପରିଚୟ ହୋଇଗଲା । ନିର୍ବାକ ଅଭିନୟ ମାଧ୍ୟମରେ ତାଙ୍କର ଠାଣି ଓ ଚାଲି ଶବ୍ଦ ଅପେକ୍ଷା ଭାବକୁ ଅଧିକ ସୁସ୍ପଷ୍ଟ ତଥା ଅନୁପମ କରିପାରୁଥିଲା । ପ୍ରାୟ ସବୁ ଫିଲ୍ମରେ ଏକା ଅବତାରରେ ଆବିର୍ଭାବ ହେଉଥିବା ତାଙ୍କର ସେ ବେଶଭୂଷା ଲୋକଙ୍କୁ ଏତେ ଆକର୍ଷିତ କଲା ଯେ, ଏଥିପାଇଁ 'ଚାପଲିନିଟିସ୍' ନାମକ ଏକ ଶବ୍ଦ ଉଦ୍ଭବ ହେଲା । ଏହାର ଏକ ଦୃଷ୍ଟାନ୍ତ ନିମ୍ନ ଘଟଣାରୁ ମିଳେ ।

**ଚଳଚ୍ଚିତ୍ରରେ ନିଜର ଅବତାର ପାଇଁ ଚାପଲିନ ଯେଉଁ ଉପାଦାନମାନଙ୍କୁ ନେଇ ନିଜକୁ ସମୀକରଣ କଲେ, ତାହା ତାଙ୍କର ଅନନ୍ୟ ପରିଚୟ ହୋଇଗଲା ।**

## ଚାପଲିନ୍ ବେଶରେ ଚାପଲିନ୍

୧୯୧୮ ଅଗଷ୍ଟ ମାସରେ ଲଣ୍ଡନରେ ଗୋଟିଏ ପ୍ରତିଯୋଗିତା ଆୟୋଜିତ ହେଲା । ଏଥିରେ ପ୍ରତିଯୋଗୀମାନେ ଚାପଲିନଙ୍କ ଅବତାରରେ ନିଜକୁ ପ୍ରଦର୍ଶନ କରିବେ । ଦର୍ଶକମାନେ ସର୍ବଶ୍ରେଷ୍ଠ ତିନିଜଣଙ୍କୁ ବାଛିବେ । ସଫଳ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯିବ । ଏଥିରେ କୁଆଡ଼େ ନିଜେ ଚାପଲିନ ଭାଗ ନେଇଥିଲେ । ଦର୍ଶକଙ୍କ ବିଚାରରେ ଚାପଲିନ କୁଆଡ଼େ ଯୋଗ୍ୟତାନୁସାରେ ତାଲିକାର ବିଂଶତମ ସ୍ଥାନରେ ରହିଲେ । ଅବଶ୍ୟ ତାଙ୍କ ପୁଅର ବିବରଣୀ ଅନୁଯାୟୀ ସେ ତୃତୀୟ ସ୍ଥାନରେ ରହିଲେ । ସେ ଯାହାହେଉ, ଏହି ପରିପ୍ରେକ୍ଷୀରେ ଚାପଲିନ ନିଜକୁ ନିଜେ ପ୍ରଶ୍ନ କରିବା ସମ୍ଭବ 'ମୁଁ କ'ଣ ଚାପଲିନ ନୁହେଁ' ।

ଅବଶ୍ୟ ଚାପଲିନ ୧୯୬୬ରେ ଏମିତି ପ୍ରତିଯୋଗିତାରେ ଭାଗ ନେବା ବିଷୟ ଅସ୍ୱୀକାର କରିଛନ୍ତି । ତେଣୁ ଚାପଲିନ ଲୁକ୍-ଏ ଲାଇକ୍', 'ହୁ ଇଜ୍ ବେଷ୍ଟ ଚାପଲିନ୍' ପରି ଯେଉଁ ସମ୍ବାଦମାନ ବହୁଳ ଭାବେ ପ୍ରଚାରିତ ଓ ବିଜ୍ଞାପିତ ହେଉଥାଏ, ଏଥିରେ ସତ୍ୟତା ନାହିଁ । ତଥାପି ସେ ଲୋକଙ୍କ ମଧ୍ୟରେ ଏତେ ପ୍ରିୟ ଥିଲେ ଯେ, ଲୋକେ ତାଙ୍କ ପରି ହେବାକୁ ଚେଷ୍ଟିତ । ରାଜକାପୁର 'ଆବାରା' ଓ 'ଶ୍ରୀ-୪୨୦' ଫିଲ୍ମରେ ନିଶକୁ ବାଦ୍ ଦେଇ ତାଙ୍କୁ କିଛି ପରିମାଣରେ ମଧ୍ୟ ଅନୁକରଣ କରିଛନ୍ତି ।


ସେ ଯାହାହେଉ, ଲୋକେ ଯତ୍ନଶୀଳ ହେଲେ, ତାଙ୍କପରି ଦେଖାଯାଇପାରନ୍ତେ । କିନ୍ତୁ ତାଙ୍କପରି ହୋଇପାରିବେ ନାହିଁ । ଏହାର କାରଣ ହେଉଛି ଯେ, ସେ ଚଳଚ୍ଚିତ୍ର ସକାଶେ ନିଜ ଚେହେରା ପାଇଁ ଯେଉଁ ଉପାଦାନମାନ ନିଜେ ବାଛିଥିଲେ, ତାହା ତାଙ୍କ ଅନ୍ତର୍ନିହିତ ପ୍ରତିଭାର ଆହ୍ୱାନ ଅନୁରୂପ । ଅନୁକରଣକାରୀମାନେ 'ଜଗତେ କେବଳ ଜନେ ହସିବେ, ଏହି ହେବ ତହୁଁ ଫଳ' ପରି ଉପହସିତ ହେବା ଅବଶ୍ୟମ୍ଭାବୀ ।

'ଦା ଟ୍ରମ୍ପ' ଫିଲ୍ମ ପାଇଁ ସେ ଯେଉଁ ଅଜବ ପରିକଳ୍ପନା କଲେ, ତାହା ତାଙ୍କ ସ୍ୱକୀୟ ସର୍ଜନଶୀଳତାର ଏକ ଚାକ୍ଷୁସ ପ୍ରତିଫଳନ । ସେତେବେଳେ ସେ ନିଜେ ମଧ୍ୟ ଭାବିପାରୁନଥିଲେ, ଦର୍ଶକମାନେ ଏମିତି ଅସ୍ୱାଭାବିକ ଓ ପରସ୍ପର ବିରୋଧାଭାସକୁ ନେଇ ଗଠିତ ସଂରଚନା କେଉଁ ଭାବେ ଗ୍ରହଣ କରିବେ । ତଥାପି ସେ ଏକ ଦୁଃସାହସିକ ଲମ୍ଫ ମାରିବାକୁ ପଶ୍ଚାତପଦ ହୋଇନଥିଲେ । ଏହି ପରିପ୍ରେକ୍ଷୀରେ କହିବା ବାହୁଲ୍ୟ ଯେ, ତାଙ୍କର ନିଶ ନକଲି ଥିଲା, ତାଙ୍କ ଯୋଜନା ମୁତାବକ ।

## ନିଶୁଆ ଗ୍ରୁଶୋ ମାର୍କ୍ସ

କିନ୍ତୁ ବିନା ଏତାଦୃଶ ଦ୍ରବ୍ୟରେ ମଧ୍ୟ ଜଣେ ନିଜକୁ ନିଶୁଆ ଭାବେ ଉପସ୍ଥାପନ କରିପାରେ । ଜଣେ ନିଶ ଦାଢ଼ି ନିର୍ମଳ ଓ ସଫଳ ଭାବେ ଖିଅର ହୋଇଥିଲେ ସୁଦ୍ଧା ଲୋକଙ୍କ ନଜରରେ ସେ ଆକର୍ଷଣୀୟ ମୁଛଧାରୀ ରୂପେ ବିଶ୍ୱ ପ୍ରସିଦ୍ଧ

ହେବା ସମ୍ଭବ । ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଆମେରିକୀୟ ହାସ୍ୟ ଅଭିନେତା ଗ୍ରୁଶୋ ମାର୍କ୍ସ (୧୮୯୦-୧୯୭୭), ଜନ୍ମସ୍ଥାନ: ନ୍ୟୁୟର୍କ) । ଯୁକ୍ତରାଷ୍ଟ୍ରର ଏକ ପ୍ରସିଦ୍ଧ ହାସ୍ୟରସ-ଦଳ ହେଉଛି ମାର୍କ୍ସ ବ୍ରଦର୍ସ, ଯେଉଁଥିରେ ଗ୍ରୁଶୋ ଓ ତାଙ୍କ ଅନ୍ୟ ଚାରିଭାଇ ସଦସ୍ୟ ଥିଲେ । ଦର୍ଜି ଭାବେ କାମ କରୁଥିବା ସେମାନଙ୍କ ପିତାଙ୍କ ଆୟ ଏହି ବୃହତ ପରିବାରର ବ୍ୟୟ ତୁଲାଇବା ପାଇଁ ଅସମର୍ଥ ହେଉଥିଲା । ମାତାଙ୍କ ପ୍ରେରଣା ଓ ସହଯୋଗରେ ପିଲାମାନେ ଅର୍ଥ ଉପାର୍ଜନ ପାଇଁ କମ୍ ବୟସରୁ ନିୟୋଜିତ ହେଲେ ନିଜ ରୁଚି ଅନୁଯାୟୀ । ସ୍ୱଭାବବଶତଃ ଏହି ପାଞ୍ଚଭାଇ କଳାରେ ଭିନ୍ନ ଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିଲେ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ହାସ୍ୟରସ ସମ୍ବଳିତ ନାଚ ଗୀତ ଦ୍ୱାରା ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ (ବାଡେଭିଲ ନାମରେ ପରିଚିତ)ରେ ସେମାନେ ଭାଗ ନେଉଥିଲେ । ୧୯୩୦-୫୦ ମଧ୍ୟରେ ଫିଚର ଫିଲ୍ମରେ ଉତ୍କର୍ଷ ପାଇଁ ୧୯୭୪ରେ ସମ୍ମାନସୂଚକ ଏକାଡେମୀ ପୁରସ୍କାର ଦ୍ୱାରା ମହିମାମଣ୍ଡିତ ହୋଇଥିଲେ ।



ଏମାନଙ୍କ ମଧ୍ୟରେ ତୃତୀୟ ଭାଇ ଗ୍ରୁଶୋ ହାସ୍ୟ ଅଭିନେତା ଭାବେ ସର୍ବଶ୍ରେଷ୍ଠ । ସେ ନିଜକୁ ଏକ ସ୍ୱତନ୍ତ୍ର ଢଙ୍ଗରେ ସଜାଉଥିଲେ । ଅତିରଞ୍ଜିତ ଭାବେ ନଇଁପଡ଼ିଥିବା ଚେହେରା, ଚଷମା ଓ ସମାରେଟ୍ ଏହାର ବିଶେଷତ୍ୱ । କିନ୍ତୁ ଏଇସବୁକୁ ବଳି ପଡ଼ିଥିଲା ତାଙ୍କ ନିଶ । ଏହାଥିଲା ଗ୍ରିଜପେଣ୍ଟ ଦ୍ୱାରା ନାକ ତଳେ ଗୋଟିଏ ଚିତ୍ର । କ୍ରିମ୍, ପାଉଡର ଇତ୍ୟାଦି ଉପାଦାନରେ ପେଣ୍ଟ୍ କରାଯାଇଥାଏ । ତେବେ କେବଳ ନାକ ତଳେ ନୁହେଁ, ଆଖିପତାର ଉପରିସ୍ଥ ରୋମର ବର୍ଣ୍ଣକୁ ମଧ୍ୟ ଏମିତି କଳା ପେଣ୍ଟ ଦେବା ପାଇଁ ସେ ସତର୍କ ହେଉଥିଲେ । ନଚେତ ଯଦି ଲୋକେ ଏଇ ଦୁଇଟି ମଧ୍ୟରେ ଭିନ୍ନତା ଠଉରାଇବେ, ତାହାହେଲେ ଏହା କୃତ୍ରିମ ବୋଲି ଧରାପଡ଼ିଯିବ । ପୁଣି ବେଖାପ ଦେଖାଯିବ ।

ଗ୍ରୁଶୋଙ୍କ ଏହି ଅଭିନବ ନିଶ ପଛରେ ଗୋଟିଏ ରୋଚକ କାହାଣୀ ଅଛି । ୧୯୨୧ ମସିହାରେ ଏକଦା ଗୋଟିଏ ସୋ' ପାଇଁ ସମୟ ଅଭାବରୁ ସେ ନକଲି ନିଶ ଲଗାଇବାକୁ ସୁଯୋଗ ପାଇଲେ ନାହିଁ । ତେଣୁ ଶୀଘ୍ର କାମ ସାରିବାକୁ ଏମିତି ପେଣ୍ଟ ବ୍ୟବହାର କଲେ । କିନ୍ତୁ ଏହା ଏତେଦୂର ଦର୍ଶକାଦୃତ ହେଲା ଯେ, ଏହା ଭବିଷ୍ୟତ ପାଇଁ ଏକ ସ୍ୱାଗତଯୋଗ୍ୟ ବ୍ୟବସ୍ଥା ଭାବେ ରହିଲା । ପୁଣି ନକଲି ନିଶ ଲଗାଇବା ଓ ବାହାର କରିବା ପରି ପୀଡ଼ାଦାୟକ କାମରୁ ତାଙ୍କୁ ବିରତି ମିଳିଲା ।

କହିବା ବାହୁଲ୍ୟ ଯେ, କେବଳ କମେଡିଆନ, କ୍ଲାଉନ, ଜୋକରମାନେ ନିଶ ପାଇଁ ଲାଳାୟିତ ନୁହନ୍ତି । ଅନ୍ୟ କ୍ଷେତ୍ରରେ ମଧ୍ୟ ଏହା ପରିଦୃଷ୍ଟ ହୁଏ । ଚିତ୍ରକର ସାଲଭାଡୋର ଡାଲି (୧୯୦୪-୧୯୮୯, ଜନ୍ମସ୍ଥାନ: ଫିଡଗରେସ, ସ୍ପେନ୍), ଆଇନଷ୍ଟାଇନ (୧୮୭୯-୧୯୫୫, ଜନ୍ମସ୍ଥାନ: ଉଲମ) ଓ ଗାୟକ ଫ୍ରେଡି ମର୍କୁରି (୧୯୪୬-୧୯୯୧, ଜନ୍ମସ୍ଥାନ: ଷ୍ଟୋନ ଟାଉନ, ଜାଞ୍ଜିବର୍ ସୁଲତାନେଟ) ଯଥାକ୍ରମେ ନାକର ଦୁଇ ପାର୍ଶ୍ୱରେ ଥିବା ଊର୍ଦ୍ଧ୍ୱମୁଖୀ ନିଶ; ବୁଦାଳିଆ ଭାବେ ପୂରା ଓଠ ଉପରକୁ ବ୍ୟାପିଥିବା ନିଶ ଓ ଚେଭରନ ନିଶ ପାଇଁ ବିଖ୍ୟାତ । ସେମିତି ବ୍ୟାଟସମ୍ୟାନ ଶିଖର ଧୱନଙ୍କ ହେଣ୍ଡାଲ ବାର୍ ନିଶ ।

### ଗୋଟିଏ ଚିଠି

ପରିଶେଷରେ ନିମ୍ନ ବେନାମୀ ଚିଠିଟି ପ୍ରତି ଦୃଷ୍ଟି ଦିଆଯାଇପାରେ:

ମହାଶୟ, ଭୁବନେଶ୍ୱର, ୬.୧୦.୭୨

ଆମର ଏତେ ଦିନର ପ୍ରତୀକ୍ଷା ସୁଫଳ ହେଲା ଯେ, ଆମେ ଆପଣଙ୍କ ଫଟୋ ଅମୃତ ବଜାର ପତ୍ରିକାରେ ବାହାରିଥିବାର ଦେଖିଲୁ । କି ସୁନ୍ଦର ମନମତାଣିଆ ଚେହେରା ସତରେ ! କିନ୍ତୁ ମନରେ ଏକ ଅବସୋସ ରହିଗଲା - ଆପଣ ନିଶ କାହିଁକି ରଖିନାହାନ୍ତି ଯେ ? ଦେଖିଲେ, ଆମେ ଆପଣଙ୍କ ଫଟୋରେ ନିଶ ରଖି ଦେଉଛୁ - କେତେ ସୁନ୍ଦର ଦେଖାଯାଉଛି ! ମାନେ ଆପଣଙ୍କର ଯେଉଁ ମନଲୋଭା ସୌନ୍ଦର୍ଯ୍ୟ ତାହା ଶତଗୁଣ ବୃଦ୍ଧି ପାଇଛି । ଆମର ଗୋଟିଏ ଛୋଟ ମିନତି ରଖିବେ ? ଆପଣ ନିଶ ରଖନ୍ତୁ - ରଖିବେ ନାଁ ? ନ ହେଲେ ଆମର ମନ ବହୁତ ବହୁତ ଦୁଃଖ ହେବ ।

॥ ଇତି ॥

ହୁଏତ ଏହି ଚିଠିଟି କେହି ଜଣେ ମର୍ମାହତ ହୋଇ ପରାମର୍ଶ ଦେଇଛନ୍ତି । ସମ୍ଭବତଃ ଏହା ଚିଡ଼ାଇବା ପାଇଁ ନୁହେଁ । ସେ ଯାହାହେଉ, ଚାରିବର୍ଷ ପରେ ଏହି ପତ୍ରର ପ୍ରାପକ ନିଶ ରଖିଥିବା ଦେଖାଗଲା । ଏହି ସ୍ୱନାମଧନ୍ୟ ବ୍ୟକ୍ତି ଜଣକ ହେଉଛନ୍ତି ସରସ୍ୱତୀ ସମ୍ମାନପ୍ରାପ୍ତ ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସ, ଯିଏକି ପାଠକ ମହଲରେ ଜେ.ପି. ଭାବରେ ମଧ୍ୟ ସୁପରିଚିତ ।

**ଚାରିବର୍ଷ ପରେ ଏହି ପତ୍ରର ପ୍ରାପକ ନିଶ ରଖିଥିବା ଦେଖାଗଲା । ଏହି ସ୍ୱନାମଧନ୍ୟ ବ୍ୟକ୍ତି ଜଣକ ହେଉଛନ୍ତି ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସ ।**

ପାଠକ ବନ୍ଧୁମାନଙ୍କୁ ଅନୁରୋଧ ଯେ, ଲିଙ୍ଗଗତ ବିଚାରରେ ଈଶ୍ୱର ପୁରୁଷମାନଙ୍କୁ ମୁଛ ପରି ଗୋଟିଏ ଏକଚାଟିଆ ବିଶେଷ ଅଧିକାର ଦେଇଛନ୍ତି । ସାରା ଜୀବନ ନିଶଧାରୀ ହୋଇ ପ୍ରଭୁଙ୍କ ଏହି ଅନନ୍ୟ ବରଦାନ ଉପଭୋଗ କରି ଈଶ୍ୱରଙ୍କୁ କୃତଜ୍ଞତା ଜ୍ଞାପନ କରନ୍ତୁ ।

ଏହି ଚିଠି ପାଇଥିବା ବ୍ୟକ୍ତିଙ୍କ ସଂପର୍କରେ ଗୋଟିଏ ମଜାକଥା ଅଛି । ତାଙ୍କ ରଚିତ ନାଟକ 'ସର୍ବଶେଷ ଲୋକ'କୁ ଅଭିନେତା ରବି ବାସନାନି ନିର୍ଦ୍ଦେଶ ଦେଇଥିଲେ । ସେତେବେଳେ ସେ ଲେଖକଙ୍କ ବିଷୟରେ ମନ୍ତବ୍ୟ ଦେଇଥିଲେ, 'ଏଇ ଲମ୍ବା ଲୋକଟି ସେଠାରେ କ'ଣ କରୁଛି ?' କଥା ହେଉଛି ଯେ, ରଚୟିତା ମହାଶୟ ଜଣକ ସେତେବେଳେ ଭାରତୀୟ ପ୍ରଶାସନିକ ସେବାରେ କାର୍ଯ୍ୟରତ ଥିଲେ । କିନ୍ତୁ ଏହି ବୃତ୍ତି ଅପେକ୍ଷା କଳା ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ପ୍ରତିଭା ଅଧିକ ଦେଦୀପ୍ୟମାନ । ପୁଣି ମଞ୍ଚ ସକାଶେ ତାଙ୍କ ଲମ୍ବା ଆକୃତି ବେଶ୍ ମାନିବ ।

କହିବା ବାହୁଲ୍ୟ ଯେ, ଉକ୍ତ ନାଟକ ଇଂରାଜୀରେ ଅନୁବାଦିତ ହୋଇ ଯେଉଁ ପ୍ରକାଶ ପାଇବା ବେଳେ ବାସନାନି ନିଜ ମତର ପୁନରାବୃତ୍ତି କରିଥିଲେ । ତେଣୁ ତାଙ୍କ ଶରୀରର ଚେହେରା ଯେମିତି ଆକର୍ଷଣୀୟ ଓ ସୁଠାମ, ସେଥିରେ ନିଶକୁ ପ୍ରାଧାନ୍ୟ ଦେଇ ଯଦି ଜଣେ (ବେନାମୀ) ଚିଠି ଦ୍ୱାରା ନିଜ ନାରାଜି ଜଣାଇଲା, ଏଥିରେ ବିସ୍ମିତ ହେବାର କାରଣ ନାହିଁ ।

ନିର୍ଦ୍ଦେଶକଙ୍କ ଟିପ୍ପଣୀ (ଡାଇରେକ୍ଟର୍ସ ନୋଟ୍) ନାମକ ଏକ ଆଲେଖରେ ବାସବାନି ଲେଖିଛନ୍ତି, "ଜେ.ପି. ଯଦି ଭାରତୀୟ ପ୍ରଶାସନିକ ସେବା ବଦଳରେ ସିନେମା ଜଗତରେ ପାଦ ଥାପିଥାଆନ୍ତେ, ତେବେ ରୂପେଲି ପରଦାରେ ପ୍ରଦର୍ଶିତ ସବୁଜ ବନାନୀରେ ମସଗୁଲ ହୋଇ ସେ ଗୀତ ଗାଇଥାନ୍ତେ କିମ୍ବା ଖଳନାୟକକୁ ଗୋଡ଼େଇ ନାକେଦମ କରିଦେଇଥାନ୍ତେ । ଅବଶ୍ୟ ପରିଶେଷରେ ସେ ପ୍ରଶାସନିକ ସେବାରୁ ଚାକିରି ଛାଡ଼ି ତାଙ୍କ ହୃଦୟର ଆବେଗ, କବିତା, ଗଳ୍ପ ଓ ନାଟକକୁ ଆଦରି ନେଲେ ।"

□□

ଲେଖକଙ୍କ ଇ-ମେଲ ଠିକଣା:
nikhilanand.panigrahy@gmail.com

PROZOSYS TECHNOLOGIES PVT. LTD.
+91 9777060101
Call us now!
DESIGN, DEVELOPMENT & MARKETING SERVICES
Contact for :
- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com



ଗଳ୍ପ

# ଅଭିଶପ୍ତ ଦାମ୍ପତ୍ୟ

ଚୌଧୁରୀ ବରଦାପ୍ରସନ୍ନ ଦାସ

ମା' ଆପଣ ମତେ ବାନ୍ଧି ରଖିଲେ ମୋ' ପିଲାଛୁଆ ଖାଇବେ କେମିତି । ହୋଲିରେ ପୋଖତି ହୋଇଥିଲା ମୋ' ଧୋବଲି । ସେ କାମକୁ ଯାଇ ପାରିବନି ମା' । ତା'ପରେ ଭୋ ଭୋ କରି ବିକଳ କାନ୍ଦ । ଅଭିଯୁକ୍ତ ଅଡ଼ାରୁ ଜୋରରେ ଚିତ୍କାର କରି ଉଠୁଥିବା ଆସାମୀକୁ ଚୁପ୍ କରାଇବାକୁ ଚେଷ୍ଟା କରୁଥାଆନ୍ତି ପୁଲିସ ଇନ୍‌ସପେକ୍ଟର । ଅବାରିତ ତାର ଆଖିର ଲୁହ । ବୁକୁଫଟା ତା'ର ଚିତ୍କାର । କୋର୍ଟରୁମ୍ ନ ହୋଇଥିଲେ ଲାଠିମାରି ତା'ର ମୁହଁ ଚୁପ୍ କରିଦେଇ ପାରିଥାଆନ୍ତା ପୁଲିସ । ତଥାପି ଚୁପ୍‌ଚୁପ୍ ହୋଇ କହୁଥାଆନ୍ତି, ଶଳା ତିନିତିନିଟା ପିଲାଙ୍କୁ ମାରି ଏଠି ସୁଆଙ୍ଗ କରୁଛି । ମାଇପ ସୁଆଗ ଦେଖଉଛି ।

ସରକାରୀ ଓକିଲ ଅନର୍ଗଳ ଗପି ଚାଲିଥାଆନ୍ତି । ଅଭିଯୁକ୍ତର ଦୋଷ ବିରଳରୁ ବିରଳତର, ଯାକୁ ଜାମିନ ଦିଅନ୍ତୁ ନାହିଁ ହଜୁର । ଆହୁରି ଅପରାଧ ଘଟେଇବ । ବିଚାରରେ ଇଏ ନିଶ୍ଚୟ ଫାଶୀ ପାଇବ । ଫାଶୀ ଶବ୍ଦଟା ଶୁଣି ଚମକି ପଡ଼ି ସଳଖି ହୋଇ ଠିଆହୋଇପଡ଼ିଲା ସ୍ତ୍ରୀ ଲୋକଟିଏ । ଦେଖିଲେ ବୟସ କଳନା କରିହେବନି । ଖୋଳାଖୋଳା ଗାଲ, ଡିମାଡିମା ଆଖି । ହାତ-ଗୋଡ଼ ସରୁସରୁ । ମୁଣ୍ଡର ବାଳ ନିଖୁରା । ସିଏ ଥିଲା ଅଭିଯୁକ୍ତର ସ୍ତ୍ରୀ ଧୋବଲି । ନିରୁଦ୍‌ବେଗ୍ ହୋଇ ଓକିଲଙ୍କର ବୟାନକୁ ଶୁଣୁଥିଲେ ପୁଣି କେମିତି ଗୋଟାଏ ଉଦାସ ଆଖିରେ ଆସାମୀକୁ ମଝିରେ ମଝିରେ ଚାହୁଁଥିଲେ ଦୌରା ବିଚାରପତି ଶୈଳରାଣୀ । ଆଖିଟା କରୁଣ ହୋଇଉଠୁଥାଏ ଯେତେବେଳେ ଧୋବଲି ଉପରେ ଆଖି ପଡ଼ିଯାଉଥାଏ । ଅବିଚଳିତ ଭାବରେ ମଝିରେ ମଝିରେ ଚାହୁଁଥାଆନ୍ତି ସାମନାରେ ଥିବା ପୁଲିସର ଡାଏରୀକୁ ।



ସୁନ୍ଦରଗଡ଼ ଆଉ କେଉଁଝରର ଜିଲ୍ଲାର ସୀମାନ୍ତରେ ରତ୍ନଗର୍ଭା କୋଇଡ଼ା ବ୍ଲକର ଅବସ୍ଥିତି । ମାଟି ଉପରେ ବିସ୍ତୀର୍ଣ୍ଣ ବନାନୀ, ମନଲୋଭା ଜଳପ୍ରପାତ ଆଉ ମାଟିତଳେ ଅମାପ ଖଣିଜ ସମ୍ପଦ । ଏଇଠି ଡେଙ୍ଗୁଲା ପଞ୍ଚାୟତର କୁଲାମୁଣ୍ଡା ବସ୍ତିରେ ଆସାମୀ ପାଣ୍ଡୁ ମୁଣ୍ଡାର ଘର । ବୟସ ମାତ୍ର ଏକୋଇଶି । ଟିକିଏ ଚହଲିଯାଇ ଆସାମୀର ମୁହଁକୁ ଚାହିଁଲେ ଜଜ ଶୈଳରାଣୀ । ବଡ଼ଝିଅ ମୃତକ ସୀମାର ବୟସ ପାଞ୍ଚବର୍ଷ । ପୁଅର ବୟସ ଥିଲା ଦୁଇବର୍ଷ ଆଉ ସବା ସାନଝିଅର ଜୀବନକାଳ ଥିଲା ମାତ୍ର ଦୁଇମାସ । ଅବିଶ୍ୱସନୀୟ ହେଲେ ବି ଜନଜାତି ସମାଜରେ ବାଲ୍ୟବିବାହ, ବାଲ୍ୟମାତୃତ୍ୱ ନୂଆ ନୁହେଁ । ସାଧାରଣ କଥା । ଖେଳିବୁଲିବାର ବୟସରେ ପତ୍ନୀ ଧୋବଲି ହୋଇଥିଲା ମା' । ହଠାତ କେମିତି ବିଚାରପତି ଶୈଳରାଣୀ ଅନୁଭବ କଲେ ଅସହାୟ ଆଇନ କୁମାରୀ ଯେମିତି ଆଖିରେ ଏବେବି କଳାପଟି ବାନ୍ଧି ଦୃଷ୍ଟିଶକ୍ତି ହରେଇ ବସିଛି ।

ଆଖିରେ ଅଜଣା ସପନ ନେଇ ପାଣ୍ଡୁ ମୁଣ୍ଡାର ହାତଧରିଥିଲା ଧୋବଲି । ଆଜିଯାଏ ପୁଅଟାକୁ ଦେଖିଲେ ମାଟିକି ଅନେଇ ଦେଉଥିବା ଝିଅଟି ଅଜଣା ପୁଅଟିର ହାତଧରି ମୁହଁ ଉପରକୁ କରିଚାଲିବ । ଧନର ଅଭାବ ଥିଲେ ବି ଏଇ ନୂଆ ସଂସାରଟିରେ ଭାବର ଅଭାବ ନଥିଲା । ଖଟିଖିଆ ଘର । ସ୍ୱାମୀ-ସ୍ତ୍ରୀ ଦୁହେଁ ଖଣି ଖାଦାନରେ କାମକଲେ । ଗାମୁଛାରେ ପଖାଳକଂସା ବାନ୍ଧି କି ମୁଣ୍ଡରେ ଠେକା ଉପରେ ଟିଫିନ୍ କ୍ୟାରିଅର ଥୋଇ ଧୋବଲି ଆଉ ପାଣ୍ଡୁଗଲେ କାମ ଜାଗାକୁ । ସାଙ୍ଗହୋଇ ଖରାବେଳେ ଗଛମୂଳେ ବସି ତୁଚ୍ଛା ଭାତଲଙ୍କା ଖାଇଲେ । ହେଲେ ଖୁସିରେ ହସିଲେ । କାହାକୁ ହିଂସା କଲେନି କି କାହାର ଭଲ ଦେଖିଲେ ଝରସର ହେଲେନି । ସଂପର୍କର

ସ୍ମାରକୀ ଭାବେ ଝିଅଟିଏ ଆସିଲା । ଖୁସିର ସୀମା ନିର୍ଦ୍ଧାରଣ କରି ନାମ ରଖିଲେ ସୀମା । ସାଥୀହୋଇ ସପନ ଦେଖିଲେ ଝିଅକୁ ପାଠ ପଢ଼େଇବେ । ସବୁ ଝିଅଙ୍କ ସାଥୀରେ ସମାନ ହେବ । ଖୁସିରେ ଜୀବନରଥ ଗଡ଼ି ଚାଲିଲା । କୋଳକୁ ପୁଅଟିଏ ଆସିଲା ।

ଏଣିକି ଧୋବଲିକି ପିଲାଙ୍କ ଯତ୍ନ ନେବା ପାଇଁ ଘରେ ଛାଡ଼ି ପାଣ୍ଡୁ ଏକା କାମକୁଗଲା । ଅଧିକ ସମୟ କାମକରି ଘରକୁ କିଛି ଅଧିକ ପଇସା ଆଣିଲା । ଧୋବଲି ବି ଘରେ ବଳକା ସମୟରେ ସିଲେଇ କାମକରି ରୋଜଗାର କରି ପଇସା ସଞ୍ଚିଲା । ନିରୋଳାରେ ବସିଥିଲାବେଳେ ସେମାନେ ବସ୍ତି ଅଞ୍ଚଳ ବାହାରେ ଥିବା କୋଠାଘରକୁ ଚାହାନ୍ତି । ସଫା ପ୍ୟାଣ୍ଟ-ସାର୍ଟ ପିନ୍ଧି ସ୍କୁଲ ଯାଉଥିବା ପିଲାମାନଙ୍କୁ ଦେଖନ୍ତି । ଦେଖିଲା ବେଳେ ଧୋବଲି ପାଣ୍ଡୁ ମୁହଁକୁ ଚାହିଁ ହସିଦିଏ । ପାଣ୍ଡୁ ସେ ହସର ମାନେ ବୁଝିଯାଏ । ତା'ମନରେ ବି ସପନ ହାବୁକାମାରେ । ଖୋଲିକରି କହେ, ଆମ ସୀମା ଦିନେ ଏମିତି ସ୍କୁଲ ଯିବ, ପାଠପଢ଼ି ଆମ ପୁଅ ବାବୁ ହବ । ଦିନପରେ ଦିନ ଗଡ଼ିଯାଏ, ମନର ସପନ ବି ବଢ଼ିବଢ଼ିଯାଏ । ବସ୍ତିର ଘରଟା ବି ଧୀରେ ଧୀରେ ହସିବା ଆରମ୍ଭ କଲା । ଛାତ ଉପରୁ ଭଙ୍ଗା ଟାଇଲିକି କାଢ଼ି ନୂଆଟାଇଲ କେତେ ଖଣ୍ଡ ଆଣି ପକେଇ ପାଣ୍ଡୁ ଆଉ ଧୋବଲି ଖୁସିରେ ମନପୂରେଇ ଚାଳ ଉପରକୁ ଚାହିଁଲେ । ରଙ୍ଗମାଟିରେ କାନ୍ଥକୁ ଲିପି ତା'ଉପରେ ଧଳାଚିତା ପକେଇ ସେ କାନ୍ଥକୁ ଧୋବଲି ଆହୁରି ସୁନ୍ଦର କରିଦେଲା । ନିଜେ ଅ, ଆ ଚିହ୍ନି ନଥିବା ପାଣ୍ଡୁ ଆଉ ଧୋବଲି କୋଇଡ଼ା ହାଟରୁ "ମୋ' ଛବି ବହି"ଟାଏ କିଣି ଆଣି ସୀମା ହାତରେ ଦେଲାବେଳେ ପରସ୍ପରର ମୁହଁକୁ ଚାହିଁ ଉକୁଟି ଆସୁଥିବା ସୌନ୍ଦର୍ଯ୍ୟରେ ମୋହିତ ହୋଇଗଲେ ।

**ପ୍ରତିଥର ହପ୍ତା ମିଳିଲେ ପାଣ୍ଡୁ ଆଉ ଧୋବଲି ହାତକୁ ବଢ଼େଇ ଦେଉଥିବା ପଇସା ବି ଦେବା ବନ୍ଦ ହୋଇଗଲା ।**

ହଠାତ୍ ସେଦିନଠାରୁ ଗୋଟାଏ କିଛି ଅଘଟଣ ଘଟିଲା ପରି ଲାଗିଲା । ଏଣିକି ପାଣ୍ଡୁ ଖାଦାନରେ ବେଶୀ ସମୟ ରହିଲା । ପଚାରିଲେ, ଧୋବଲିକି କହେ କାନତରାଟି ବାବୁ ଅଧିକ କାମ ଦେଇଛନ୍ତି । ବୁଝେଇ ଦିଏ ବେଶୀ ପଇସା ଆଣିବି । ସରଳ ବିଶ୍ୱାସୀ ଧୋବଲି ବି ବୁଝିଯାଏ । ହେଲେ ସମୟ ଗଡ଼ିବା ସଙ୍ଗେ ସଙ୍ଗେ ପାଣ୍ଡୁର ଘରକୁ ପଇସା ଆଣିବା ବି କମିଗଲା । ଆରପଟେ ରାତିରେ ବାହାରେ ରହିବା ବି ବଢ଼ିଗଲା । ଧୋବଲି ସନ୍ଦେହ କଲା ଭଳି ଆଖିରେ ଚାହେଁ । ପାଣ୍ଡୁର ସଫା ମୁହଁରେ ଅଯତ୍ନରେ ବଢ଼ିଯାଉଥିବା ରୁଢ଼ଗୁଡାକ ତାକୁ ବିବ୍ରତକରେ । ପାଣ୍ଡୁର ଆଚାର ବେଭାର ବି ଏଣିକି ଅତି ଜୋରରେ ବଦଳିବାକୁ ଲାଗିଲା । ଟିକିଏ ଏପଟସେପଟ ହେଲେ ଧୋବଲିକି କଟମଟ ହୋଇ ଚାହିଁଲା । ସ୍ୱାମୀ ମୁହଁର ବଦଳି ଯାଇଥିବା ଭାବ ଓ ଭାଷାକୁ ଧୋବଲି ଦେଖି ଆଉ ଶୁଣି ଖାଲି ବିକଳରେ ଚାହେଁ । ପ୍ରତିଥର ହପ୍ତା ମିଳିଲେ ପାଣ୍ଡୁ ଆଉ ଧୋବଲି ହାତକୁ ବଢ଼େଇ ଦେଉଥିବା ପଇସା ବି ଦେବା ବନ୍ଦ ହୋଇଗଲା । ବରଂ ପାଣ୍ଡୁ ବେଳେବେଳେ ଧୋବଲିର ପେଟେରା ଅଣ୍ଡାଳିଲା । ଦରକାର ଅଛି ବୋଲି କହି ସଂଚି ରଖିଥିବା ପଇସା ନେଇ ରାତିରେ ଘରୁ ବାହାରିବା ଆରମ୍ଭ କଲା । ପିଲାଙ୍କ ମୁହଁକୁ ଆଡ଼ ଆଖିରେ ବି ଚାହିଁଲାନି । ରାତିରେ ଟଳଟଳ ହୋଇ ଘରକୁ ଫେରିବାଟା ନିତିଦିନିଆ କଥା ହୋଇଗଲା ।

ପାଣ୍ଡୁ ଯେ ମଦ ପିଉଛି, ଏକଥା ଅବିଶ୍ୱାସ କଲାନି ଧୋବଲି, ଯେଉଁଦିନ କ୍ଲବ ଘର ବାରଣ୍ଡାରେ ଅଚେତ ହେଲାପରି ପଡ଼ିଥିବା ପାଣ୍ଡୁକୁ ଧରିଧରି ଘରକୁ ଆଣିଲା । ତା'ମୁହଁର ବାସ୍ନାକୁ ଏଣିକି ସହିପାରିଲାନି ସେ । ପିଲାପରେ ପିଲା ଜନ୍ମହୋଇ ଚାଲିଥିଲେ ବି ଧୋବଲିର ଥିଲା କଞ୍ଚା ବୟସ । ବାପ ଭାଇଙ୍କର କି ବା ବଳ ? ଭୟରେ ପିଲା ପେଟକୁ କାଟି ପାଣ୍ଡୁ ପାଇଁ ଭଲ ତରକାରି ଟିକେ ରଖେ । ଟିକିଏ ଏପଟ ସେପଟ ହେଲେ ମାଡ଼ । ବେଳେବେଳେ ଧକ୍କା, ଗୋଇଠା ବି ବାଜିଲା । କାନ୍ଦିଲେ ମାଡ଼ ବଢ଼ିଯାଏ । ନୋଳା ଫାଟିଗଲେ ପାଣ୍ଡୁ ଆହୁରି କ୍ରୂର ହୋଇଯାଏ । ପିଶାଚ ଆଖିରେ ହସେ । ହିତାହିତ ଜ୍ଞାନ ଭୁଲି ପାଣ୍ଡୁ ତାକୁ ମାରେ । ଏଣିକି ସେ ମଦ ଖାଇଲାନି ବରଂ ମଦ ତା' ମୁଣ୍ଡକୁ ଖାଇଲା । ନିଶାରେ ନଥିଲାବେଳେ ସେ ପୂରାପୂରି ଭଲ ମଣିଷ । ଛୁଆଙ୍କୁ ଗେଲକରେ । ହେଲେ ମଦ ନିଶାରେ ସେ ପାଲଟେ ଗୋଟାଏ ଅଲଗା ମଣିଷ । ମଦ ନିଶାରେ କରିଥିବା କାଣ୍ଡକୁ ସେ ଭୁଲିଯାଏ । ପିଲାମାନେ ପାଖରେ ନଥିଲାପରି ଭାବ ଦେଖାଏ । ଦିନେ ଧୋବଲି ମୁହଁରେ ମଦ ମୁନ୍ଦାଏ ଢାଳି ଦେଇ ସେ

କହିଲା, ଶାଳୀ ତତେ ଏ ପାଣି ଗନ୍ଧଉଚି । ଗ୍ଲ ଦେଖିବୁ ବାବୁ ମା'ମାନେ କେମିତି ସାଙ୍ଗହେଇ ପିଉଛନ୍ତି । ଆରେ ଜାଣିଛୁ ମଦ ପେଟରେ ପଡ଼ିଲେ ବାବୁ ବି ମୋ' କାନ୍ଧରେ ହାତ ପକେଇ ଦଉଛନ୍ତି । କହୁଛନ୍ତି, ଆମେ ସାଙ୍ଗ । ଗ୍ଲ, ତୁ ବି ସାଙ୍ଗ ହୋଇଯିବୁ ।

ସେଦିନ ଜନ୍ମାଷ୍ଟମୀର ଅନ୍ଧାର ରାତି । ମାଇନ୍‌ସ ଅଞ୍ଚଳରେ କମ ଆଲୁଅ । ବର୍ଷା ପବନ ଲହଡ଼ି ଭାଙ୍ଗୁଛି । ରାସ୍ତାରେ ଜନମାନବ ନାହାନ୍ତି । ମାରନା, ମାରନା କହି ପଡ଼ିଉଠି ଦଉଡୁଥିଲା ଧୋବଲି, ପଛରେ ପାଣ୍ଡୁ । ହାତରେ ଚକ୍‌ଚକ୍ କରୁଥାଏ ଟାଙ୍ଗିଆ । ତୁଣ୍ଡରେ ହାଣି ଦେବି, ହାଣିଦେବି ଶବ୍ଦ । ପାଣ୍ଡୁ କହିଯାଇଥିଲା କୁକୁଡ଼ା ମାଂସ ଝୋଳକରି ତା' ଆସିଲା ବେଳକୁ ରଖିବାକୁ । ଧୋବଲି ମାଂସ ଆଣିନି, ଘରେ ଖିରୀ, ଚୁଡ଼ାଘଷା କରି ରଖିଛି । କଦଳୀ ପତ୍ରରେ ଠାକୁରଙ୍କୁ ଭୋଗଦେଇ ପିଲାମାନଙ୍କୁ ଦେଇଛି । ଅପେକ୍ଷା କରିଛି, ପାଣ୍ଡୁ ଆସିଲେ ସାଙ୍ଗହୋଇ ଖାଇବେ । ଗରିବ ହେଲେ ବି ଧୋବଲି ସୌନ୍ଦର୍ଯ୍ୟବତୀ । ପେଡ଼ିରୁ ସୁନ୍ଦର ଶାଢ଼ିଟିଏ କାଢ଼ି ପିନ୍ଧି ସେ ମୀରାବାଈର ଭ୍ରମ ସୃଷ୍ଟି କରୁଛି । ଝାପସା ଆଲୁଅରେ ବି ସକାଳ ସୂର୍ଯ୍ୟପରି ଝଟକୁଥାଏ ମଥାର ସିନ୍ଦୂର ବିନ୍ଦୁ । ବିଳମ୍ବିତ ରାତିରେ ଘରେ ପହଞ୍ଚି ପାଣ୍ଡୁ ମାଗିଛି ମାଂସ ତରକାରୀ । ହସିହସି ଧୋବଲି କହିଛି, ଆଜି ପରା ଜନ୍ମାଷ୍ଟମୀ । ଖିରୀ ଚୁଡ଼ାଘଷା ପୁରି କରିଛି । ପିତ ଚହଟି ଯାଇଛି ମୁଣ୍ଡରେ । ତୁଣ୍ଡରୁ ଭାଷା ଅଭାଷା ବାହାରିଛି । ସହିପାରିନି ଧୋବଲି । ଆଦିବାସୀ କନ୍ୟା ସଚ୍ଚା ସଚ୍ଚରିତ୍ରା । ଆଉ ସ୍ପଷ୍ଟବାଦିନୀ । ନିର୍ଭୀକ ମଧ । ପାଣ୍ଡୁ ହିତାହିତ ଜ୍ଞାନ ଭୁଲି ଧୋବଲିକୁ ତା'ଉପରେ ହାତ ଉଠେଇଲା ବେଳେ ଧୋବଲି ପ୍ରତିହତ କରି ତା'ହାତକୁ ଧରି ତଳକୁ ପକେଇ ଦେଇଛି । ଶାଳୀ, ମତେ ମାଇଲୁ? ହାତରେ ଟାଙ୍ଗିଆଟା ଧରି, ଆଜି ତତେ ହାଣିଦେବି, ହାଣିଦେବି ବୋଲି କହି ପାଣ୍ଡୁ ଚମକି ଆସିଛି ଧୋବଲି ପାଖକୁ । ଜୀବନ ବିକଳରେ ଦଉଡ଼ିଛି ଧୋବଲି । ମଦୁଆର ଜୋର କମ୍ ଜୋଶ ବେଶୀ । ଅନ୍ଧାରରେ ଦଉଡ଼ିଦଉଡ଼ି ଗ୍ଲିଯାଇଛି ଧୋବଲି ।

ଆଘାତ ପାଇ ପାଣ୍ଡୁ ଦେଖିଛି ପିଲା ତିନିଟା ଅଚେତ ହେଲାପରି ଶୋଇଛନ୍ତି । ହୁଏତ ମା'ହାତର ଖିରୀ ପୁରି ତାଙ୍କୁ ସୁନ୍ଦର ନିଦଟିଏ ଦେଇଛି । ପାଣ୍ଡୁ ମନର ପିଶାଚ ହସି ଉଠିଲା । ଫୁଟି ଉଠିଲା ବିଭତ୍ସ କାମନା । ହାରିଯାଇଥିବା କ୍ରୋଧରେ ସେ ଅମଣିଷ ପାଲଟିଗଲା । ଗୋଟାକ ପରେ ଗୋଟାଏ ଶୋଇଲା ପିଲାଙ୍କୁ ନେଇ ଘର ପଛପାଖ ପରିତ୍ୟକ୍ତ କୂଅରେ ଫିଙ୍ଗିଦେଲା । ଅନ୍ଧାର ଭିତରେ ପାଣ୍ଡୁ ନିଷ୍କ୍ରାନ୍ତ ହୋଇଗଲା ବନଗହ୍ୱରକୁ ।

ନିଜ ଦିଅରକୁ ସାଙ୍ଗରେ ନେଇ ଘରକୁ ଫେରି ଧୋବଲି ଦେଖିଲା ଘର ଶୂନ୍ୟ । ଜାଣି ନଥିଲା ତା' କୋଳ ବି ଶୂନ୍ୟ ହୋଇଯାଇଛି । ପୁଲିସ ଆଉ ଅଗ୍ନିଶମ ବିଭାଗ ଆସି କୂଅ ଭିତରୁ ବାହାର କଲେ ତିନୋଟି ମୃତଦେହ ।

ଗୋଟିଏ ହାତରେ ଗାଉନ୍‌ର କଣକୁ ଧରି ଆର ହାତ ହଲେଇ ଗଳା ଫଟେଇ ସରକାରୀ ଓକିଲ କହୁଥିଲେ ହଜୁର, ଏ ତିନି ପିଲାଙ୍କୁ ନ୍ୟାୟ ଦରକାର, ନ୍ୟାୟ ଦରକାର । ସମସ୍ତ କୋର୍ଟ ନିସ୍ତବ୍ଧ ଅଥଚ ଜୁଡିସିଆଲ ମାଜିଷ୍ଟ୍ରେଟ ଅଜାଣତରେ ଆଉ ଆବେଗରେ ଅର୍ଡର ଅର୍ଡର କହି ଉଠିଗଲେ ନିଜ ଗ୍ୟମ୍ବରକୁ । ମନରେ ଅବସୋସ, କି ନ୍ୟାୟ ମିଳିବ ଏଇ ମୃତକ ପିଲାଙ୍କୁ? କି ନ୍ୟାୟ ମିଳିବ କୋର୍ଟ ରୁମର କୋଣରେ ପଥର ପରି ଠିଆ ହୋଇଥିବା ମଣିଷକୁ । ସ୍ୱାମୀକୁ ଫାଶୀଖୁଣ୍ଟରେ ଚଢ଼େଇ ଦେଲେ କି ନ୍ୟାୟ ମିଳିବ ତାକୁ । ଜନ୍ମାଷ୍ଟମୀ ରାତିରେ ହାତରେ ପ୍ରସାଦ ଧରି ଏକ ସୁଖମୟ ଭବିଷ୍ୟତର ଚିତ୍ର ଆଙ୍କୁଥିବା ମା'ଟିକି ପତ୍ନୀଟିକି କି ନ୍ୟାୟ ଦେଇପାରିବେ ସେ । ଗୋଟିଏ ନୁହେଁ, ଶହଶହ ଧୋବଲିମାନଙ୍କ ଦାମ୍ପତ୍ୟ ଜୀବନକୁ ଆଜି ଅଭିଶପ୍ତ କରିଦେଇଛି ନିଶାର ମାୟାରାକ୍ଷସ । ଖୁବ୍ ସ୍ୱଚ୍ଛନ୍ଦରେ ଖୁସିରେ ଆଉ ବିନା ବାଧାରେ ଘୂରି ବୁଲୁଛି ଏଇ ରାକ୍ଷସ । ତାସର ଘର ପରି ଭୁଶୁଡି ପଡୁଛି ସ୍ୱପ୍ନର ଘର । କୋର୍ଟର କାଗଜ ନୁହେଁ, କେବଳ ଅଭିଶପ୍ତ ଦାମ୍ପତ୍ୟର ଏକ କରୁଣ ଲିପି ତାଙ୍କୁ ବିବ୍ରତ କରୁଥିଲା ।

**ତା' ମନର ପିଶାଚ ହସି ଉଠିଲା । ଫୁଟି ଉଠିଲା ବିଭତ୍ସ କାମନା । ହାରିଯାଇଥିବା କ୍ରୋଧରେ ସେ ଅମଣିଷ ପାଲଟିଗଲା ।**

□□

ଲେଖକଙ୍କ ଇ-ମେଲ ଠିକଣା:
barada.das@gmail.com

ପ୍ରବନ୍ଧ

# ନୂତନ ସମୟର ଓଡ଼ିଆ ଶିଶୁସାହିତ୍ୟ



ରବୀନ୍ଦ୍ରନାଥ ମାଝୀ

ସମୟ ନିତ୍ୟ ନୂତନ । ଯାହା ଅତିକ୍ରାନ୍ତ ତାହା ଅତୀତ। ବର୍ତ୍ତମାନର ସମୟ ଅତୀତକୁ ଫେରେଇ ଆଣେ ନାହିଁ ବରଂ ଅତୀତରୁ ଶିଖି, ଆସୁଥିବା ସମୟ ପାଇଁ ସକ୍ରିୟ ହୁଏ ଏବଂ ନିଜ ସୃଜନରେ ବର୍ତ୍ତମାନକୁ ହିଁ ଦେଖେ ।

ଅବଦୁଲ କାଲାମ ଆମ ରାଜଧାନୀ ଭୁବନେଶ୍ୱରରେ ପିଲାମାନଙ୍କୁ ପ୍ରଶ୍ନ କରିଥିଲେ, ''କୁହ ତ ପିଲାଏ ! କିଏ କେତେଥର ସୂର୍ଯ୍ୟ ଚାରିପାଖରେ ଘୂରି ସାରିଛ। ଏମିତି ଏକ ପ୍ରଶ୍ନ ଶୁଣି ପିଲାମାନଙ୍କ ମଧ୍ୟରେ ନିରବତା ଖେଳି ଯାଇଥିଲା । କିଛିକ୍ଷଣ ପରେ ଝିଅଟିଏ ଉଠିପଡ଼ି କହିଲା ''ସାର୍ ! ମୁଁ ସୂର୍ଯ୍ୟ ଚାରିପଟେ ୧୨ଥର ଘୁରି ସାରିଛି।'' ଝିଅଟି ଯାହା କହିଥିଲା ତାହା ଥିଲା ଏଇ ସମୟର କଥା । କୌଣସି ଯାନ ବାହାନରେ ସୂର୍ଯ୍ୟକୁ ପ୍ରଦକ୍ଷିଣ କରିହୁଏ ନାହିଁ। ଏଇ ପୃଥିବୀ ଉପରେ ବସି ସେ ୧୨ଥର ସୂର୍ଯ୍ୟ ଚାରିପାଖେ ଘୂରିଛି। ଅର୍ଥାତ୍ ତାର ବୟସ ୧୨ ବର୍ଷ । ସୂର୍ଯ୍ୟ ଚାରିପଟେ ଥରେ ଘୂରିଲେ ସମୟ ମାପରେ ଆମ ପାଇଁ ବର୍ଷଟିଏ । ଏବେ ଶୀତ ଋତୁ । ଶୀତ ଋତୁର ହାଲ୍‌କା ପବନରେ ଦିହ ଥରେ ।



"ଥୁରୁଥୁରୁ ଶୀତ ଲାଗେ ଘୋଡ଼ିହୁଏ ରେଜେଇ
ତୁମ ପାଇଁ କହାଣୀଟେ ଦଉଚି ମୁଁ ସଜେଇ ।
ସପନର ମୁଣିଟେ
ସପନର ମୁଣି ନୁହେଁ, କାହାଣୀର ଖଣିଟେ ।"

(ନିରଞ୍ଜନ ବେହେରା, ଶିଶୁଲେଖା)।

ଶୀତ ପୋଷାକର ଯେତିକି ଲୋଡ଼ା ତା'ଠୁ ବେଶୀ ଚିନ୍ତା ଦିହକୁ ଜ୍ୱର ଆସିଲେ । ଜ୍ୱର ଆସୁଥିଲା, ଆସିଛି । ହେଲେ ଚିନ୍ତା କାହିଁକି ? ଆମର ଏଇ ଚାଲିଥିବା ସମୟରେ କରୋନା ମହାମାରୀ ଶୀତଥରାଠୁ ବେଶୀ ଥରେଇ ଦେଇଛି ମଣିଷକୁ । କୋଭିଡ ରୋଗ ସମସ୍ତଙ୍କ ପାଇଁ ଭୟ ସୃଷ୍ଟି କରିଛି। ହଇଜା ଦିନେ ଏକ ମହାମାରୀ ଥିଲା । ଗାଁରେ ଗାଁରେ ହଇଜାରୁ ରକ୍ଷା ପାଇଁ କାଳିଶି ଲାଗୁଥିଲା। ଲୋକେ ଆଶ୍ରାହୀନ ମନେ କରୁଥିଲେ। ମାତ୍ର କୋଭିଡ ସମୟରେ କାଳିଶି ଲଗାଇବା ପାଇଁ କେଉଁଠି ଧୂଆଁ ଉଠିନାହିଁ। ଆମ ପିଲାଏ ସହଜରେ ଚିହ୍ନିଗଲେ ସାନିଟାଇଜରକୁ । ବାହାରକୁ କେହି ବାହାରିଲେ ନାହିଁ । ସ୍କୁଲ ବନ୍ଦ ହୋଇଗଲା । ପାଠପଢ଼ା ପୂରା ବନ୍ଦ ହେଲାନାହିଁ । ଶ୍ରେଣୀଗୃହ ବଦଳରେ ନିଜଗୃହରେ ପିଲାଏ ପାଠ ପଢ଼ିଲେ 'ଅନ୍‌ଲାଇନ୍'ରେ । ମୋବାଇଲକୁ ଖୁବ୍ ଭଲ ଭାବେ ସେମାନେ ଚିହ୍ନିଲେ । ମୋବାଇଲରେ ପୁଣି ଏତେ କଥା ଅଛି ? ଆଗରୁ ଦର୍ପଣ ଆଗରେ ଠିଆ ହୋଇ କେବଳ ନିଜ ମୁହଁ ଦେଖି ହେଉଥିଲା । ମୋବାଇଲର ଚଉକଣିଆ କାଚ ବା ପରଦାରେ ସାରା ଦୁନିଆ ଦିଶୁଛି । ଦୂରରେ ଥିବା ଅଜାଆଇ, ସାଙ୍ଗସାଥୀଙ୍କ ଛବି ଭାସି ଉଠୁଛି । କଥା ବି ହୋଇପାରୁଛି । ଫଟୋ ଉଠେଇ ହେଉଛି। ହାତମୁଠାରେ ସାରା ଦୁନିଆଟାକୁ ବାନ୍ଧି ଦେଇଛି ।

'ଟେଲିଫୋନର ମଜା ଶହେ କୋଶରୁ ଆଇ ସାଥୀରେ କଥା କହୁଛି ଅଜା' ଗୀତଟି ଏବେ ପୁରୁଣା ଲାଗୁଛି । ସେ କାହିଁକି କହିବ ନାହିଁ 'ମୋବାଇଲର ମଜା ଷାଠିଏ କୋଶରୁ ମୋ' ମୁହଁ ଦେଖି ଗପ କହୁଛି ଅଜା ।'

'ଆଇଫୋନ'ରେ ଗୀତ ଗାଉଛି ବିଦେଶରେ ରହି ଆଇ । ରଙ୍ଗ ତୁଳୀଧରି ଚିତ୍ର କଲାବେଳେ ପିଲାଙ୍କର ହାତରେ ଆଉ ରଙ୍ଗ ଲାଗୁନାହିଁ । ସେଇ ମୋବାଇଲରେ ସେ ଚିତ୍ର ଆଙ୍କି ଦେଉଛି ଓ ନିଜ ଚିତ୍ରଟିକୁ ଯାହାକୁ ଚାହୁଁଛି ତା' ପାଖକୁ

ପଠେଇ ଦେଇପାରୁଛି ।

ଖବର ଦେବାକୁ ବୁଢ଼ୀମାଆ କି କାହାର ବାପା ଡାକଘରକୁ ଯାଇ କ'ଣ କହୁଛି ''ବାପରେ ! ସୁରଟରେ ମୋ' ପୁଅ ପାଖକୁ ଟେଲିଗ୍ରାମ ପଠେଇ ଦେଏ । ଘର ଅବସ୍ଥା ଭଲନାହିଁ । ପାରିବୁ ଯଦି କିଛି ଟଙ୍କା ପଠା ।'' ଗାଁକୁ ଡାକ ପିଅନ ଆସିଲେ ସେ କ'ଣ ବାରମ୍ବାର ତାକୁ ପଚାରୁଛି... ''ମୋର କିଛି ମନିଅର୍ଡର ଆସିଛି କି ?"

**ବଦଳିଛି ଯୁଗ**

ଯୁଗ ବଦଳିଯାଇଛି । କେତେ କ'ଣ ଅତୀତ ହୋଇଗଲାଣି । ଟେଲିଗ୍ରାମ, କାହାଳୀ ଥିବା ରେଡିଓ, ଗ୍ରାମଫୋନ୍ ବାକ୍ସ ଭଳି କ୍ୟାମେରା, ଡାବଲ ପରି ଟିଭି, ଘରେ କି ବଜାରରେ ଆଉ ଦିଶୁନାହିଁ । ଆଗରୁ ଥିବା ଆଇ ମା'ର ପେଡ଼ି, ଫରୁଆ, ବଟୁଆ, ଚକି, ଶିଳ, ହାଣ୍ଡି, ନଡ଼ିଆ ଷଢ଼େଇ ଡଙ୍କ, ଥୁକଦାନି ଆଉ କେହି ଦେଖୁନାହିଁ । ଏ ସବୁ ଯାଦୁଘରେ ଅଛି ବା ବେଳେବେଳେ ବାହା ବ୍ରତ କି ପର୍ବ ପର୍ବାଣିରେ ମୁହଁ ଦେଖାଏ। ମା'ର ରୋଷେଇ ଘର ବି ବଦଳି ବଦଳି ଯାଉଛି । ଯେତେବେଳେ କେହି ଗୀତଟିଏ ଗାଏ

"ଏଇଟି ଆମ ରୋଷେଇ ଘର
ଘର ଭିତରଟି ସଫା ସୁତର ।
ଏଇଠାରେ ମା' ପରିବା କାଟେ, ବେସର ବାଟେ
ଜାଇ ରଗଡ଼େ, ଶାଗ ଖରଡ଼େ
ଗଢ଼ଇ ପିଠା
ଆରିସା, କାକରା ଆହା କି ମିଠା ।"

**ପ୍ରଯୁକ୍ତି ପ୍ରୟୋଗ ଯେଉଁଭଳି ମଣିଷ ସମାଜକୁ ପ୍ରଭାବିତ କରୁଛି, ସେସବୁର ପ୍ରତିଫଳନ ସାହିତ୍ୟ ଓ ଶିଶୁସାହିତ୍ୟରେ ଆସିବା ସ୍ୱାଭାବିକ ।**

ପରିବା କାଟିବା ପାଇଁ ପନିକି କି ବେସର ବାଟିବା ପାଇଁ ଶିଳ ଶିଳପୁଆ, ଜାଇ ରଗଡ଼ିବା ପାଇଁ ପଥର ଚକି ଗାଁରେ ହୁଏତ ଘର ମାନଙ୍କରେ କେଉଁଠି କେଉଁଠି ଅଛି ମାତ୍ର ଏସବୁର ସ୍ଥାନ ନେଇଗଲାଣି ପରିବା କଟର, ପିଲର, ଗ୍ରାଇଣ୍ଡର, ଇଟ୍‌ଲିକୁକର, ମାଇକ୍ରୋଓଭେନ ଓ ଆହୁରି ଅନେକ କିଛି ।

ଆମ ଯୁଗ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଯୁଗ । ସମୟ ସୁଅରେ ଯୁଗ ନିଜର ପରିଚୟ ରଖିଛି ଓ ରଖିଯିବ । ସମୟର ସେଇ ଭାଗଟି ଯୁଗର ଆଖ୍ୟା ନିଏ, ଯଦି ସେଇ ସମୟାଂଶରେ କିଛି ଘଟଣା ତା'ର କାରଣ ଓ ପ୍ରଭାବକୁ ନେଇ ଗୁରୁତ୍ୱ ବହନ କରେ। ଗୁରୁତ୍ୱପୂର୍ଣ୍ଣ ସମୟାଂଶର ଅବଧି ମଧ୍ୟ ସ୍ଥିରୀକୃତ ହୋଇଥାଏ । ଭାରତୀୟ ବିଚାରଧାରାରେ ଯୁଗଚକ୍ରରେ ଅଛି ଚାରୋଟି ଯୁଗ - ସତ୍ୟଯୁଗ, ତ୍ରେତୟା, ଦ୍ୱାପର ଓ କଳି । ପ୍ରତ୍ୟେକ ଯୁଗର ଘଟଣାବଳୀ ଓ ଆଶା ସ୍ମୃତି ଓ ସ୍ୱପ୍ନର ଗୋଟିଏ ଗୋଟିଏ ଚିତ୍ରରେଖା ।

ଇତିହାସକାର ବ୍ରୋଞ୍ଜ, ପିତଳ ଓ ଲୁହାର ଯୁଗକଥା ବି କହିଥାନ୍ତି । ପୁରାତତ୍ତ୍ୱବିତ୍‌ମାନଙ୍କର ବି ଭିନ୍ନ ଯୁଗଚକ୍ର, ସାହିତ୍ୟର ପ୍ରାଚୀନ, ମଧ୍ୟଯୁଗ, ଆଧୁନିକ ଓ ଅତ୍ୟାଧୁନିକ ଯୁଗର ଆଲୋଚନା ହୁଏ ।

**ପରିବର୍ତ୍ତନର ପ୍ରତିଫଳନ**

ଆମ ଯୁଗ ମୁହୁର୍ମୁହୁଃ ପରିବର୍ତ୍ତନର ଯୁଗ । ବିଶେଷ କରି ବିଜ୍ଞାନର ନୂଆ ନୂଆ ଉଦ୍ଭାବନ ଓ ତାର' ପ୍ରଯୁକ୍ତି ପ୍ରୟୋଗ ଯେଉଁଭଳି ମଣିଷ ସମାଜକୁ ପ୍ରଭାବିତ କରୁଛି, ସେସବୁର ପ୍ରତିଫଳନ ସାହିତ୍ୟ ଓ ଶିଶୁସାହିତ୍ୟରେ ଆସିବା ସ୍ୱାଭାବିକ ।

ପାଶ୍ଚାତ୍ୟ ଜଗତ ଏଇ ଅଚିନ୍ତନୀୟ ଉଦ୍ଭାବନ ଓ ଆସନ୍ତା ପିଢ଼ିର ଶିଶୁ-କିଶୋର-ବୟସ୍କମାନଙ୍କୁ ଦୃଷ୍ଟିରେ ରଖି ଯେଉଁ ପିଢ଼ିମାନଙ୍କର କଥା କହୁଛନ୍ତି, ସେକଥା ତାହା ଜାଣିଲେ ନୂଆଯୁଗର କେଉଁମାନେ ଶିଶୁକିଶୋର ଜାଣିହେବ ।


କୈଶୋରର ବୟସ ୧୪ରୁ ୧୮ ବର୍ଷ (ଭିନ୍ନ ଭିନ୍ନ ମତରେ) । ଏଇଠୁ ଆରମ୍ଭ ହୁଏ ତାରୁଣ୍ୟ । ସଂସାରରେ ପାଦ ଥାପିବାର ସମୟ (ଏଡଲଟ୍‌ହୁଡ୍) ତେଣୁ ୧୫ରୁ ୧୮ ବର୍ଷକୁ ଦୃଷ୍ଟିରେ ରଖି ଗୋଟିଏ ଗୋଟିଏ ପିଢ଼ିର ଗଣନା କରାଯାଇଛି ।

୧୯୨୮ରୁ ୧୯୪୫ ସତର ବର୍ଷ ଅବଧିରେ ଜନ୍ମ ନେଇଥିବା ବ୍ୟକ୍ତିବିଶେଷଙ୍କୁ ଶାନ୍ତି ସମୟର ଗୋଷ୍ଠୀ ବୋଲି ବିବେଚନା କରାଯାଇଛି । ଏଇଥିପାଇଁ ଯେ ଏ ସମୟରେ ଯୁଦ୍ଧ ଘନଘଟା, ମହାମାରୀ, ସାମାଜିକ ସଂଘର୍ଷ କି ଆନ୍ଦୋଳନ ନଥିଲା ଓ ଏଇ ପିଢ଼ିର ଲୋକମାନେ ଶାନ୍ତିରେ ସମୟ ବିତେଇଛନ୍ତି । ତେଣୁ ଏ ସମୟକୁ ଶାନ୍ତ ପିଢ଼ି (*ସାଇଲେଣ୍ଟ ଜେନେରେସନ୍*) କୁହାଯାଇଛି ।

୧୯୪୬ରୁ ୧୯୬୪, ଅଠର ବର୍ଷ ଅବଧିରେ ଯେଉଁମାନଙ୍କର ଜନ୍ମ ସେମାନେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମ୍ମୁଖୀନ

ହୋଇଛନ୍ତି ଓ ଚରମ ବିପର୍ଯ୍ୟୟକୁ ମୁକାବିଲା କରିଛନ୍ତି। ଆଶାତୀତ ଜନକ୍ଷୟ ହେତୁ ଜନସଂଖ୍ୟା ବଢ଼ାଇବାକୁ କେହି କୁଣ୍ଠିତ ହୋଇ ନ ଥିଲେ । ଏ ସମୟରେ ପ୍ରତି ପରିବାରରେ ଏକାଧିକ ସନ୍ତାନ ଜନ୍ମ ନେଇଥିଲେ । ଏହି ଅବଧିରେ ଜନ୍ମିତ ବ୍ୟକ୍ତିବିଶେଷଙ୍କୁ ଶିଶୁବର୍ଦ୍ଧକ ପିଢ଼ି (ବେବି ବୁମର୍ସ) କୁହାଯାଏ। ବର୍ତ୍ତମାନ ଜନ ସମାଜରେ ଯେଉଁମାନଙ୍କର ବୟସ ୫୭ ରୁ ୭୫ ବର୍ଷ ସେମାନେ ସମସ୍ତେ 'ବେବି ବୁମର'ର ଅନ୍ତର୍ଗତ ।

୧୯୬୫ରୁ ୧୯୮୦, ପନ୍ଦର ବର୍ଷ ଅବଧିରେ ଜନ୍ମିତ ବ୍ୟକ୍ତିବିଶେଷଙ୍କୁ ଏବେ ୪୧ରୁ ୫୬ ବର୍ଷରେ ଉପନୀତ (୨୦୨୧ ବର୍ଷକୁ ଦୃଷ୍ଟିରେ ରଖି )। ଇଂରାଜୀ ଅକ୍ଷରମାଳାର ଶେଷ ତିନୋଟି ଅକ୍ଷର କ୍ରମରେ ଏଇ ପିଢ଼ିକୁ ଜେନେରେସନ୍ ଏକ୍ସ (*ଜେନେରେସନ୍-ଏକ୍ସ*)ଭାବେ ଚିହ୍ନିତ କରାଯାଇଛି।




୧୯୮୧ରୁ ୧୯୯୬, ପନ୍ଦରବର୍ଷ ଅବଧିରେ ଧରାବତରଣ କରିଥିବା ବ୍ୟକ୍ତିଙ୍କୁ ୨୦୨୧ ସୁଦ୍ଧା ୨୫ରୁ ୪୦ବର୍ଷ ହୋଇସାରିଲାଣି । ଜେନେରେସନ ୱାଇ (*ଜେନେରେସନ୍-ୱାଇ*)ଭାବେ ଏମାନେ ପରିଚିତ ।

୧୯୯୭ରୁ ୨୦୧୨ ବର୍ଷ ଅବଧିରେ ଜନ୍ମିତ ଅଧିକାଂଶ ମଣିଷ କିଶୋର ଓ ତରୁଣ । ଏମାନଙ୍କର ବୟସ ୯ରୁ ୨୪ବର୍ଷ । ଏମାନେ ଜେନେରେସନ ଜେଡ୍ (*ଜେନେରେସନ୍-ଜେଡ୍*) ଅନ୍ତର୍ଭୁକ୍ତ।

ପରବର୍ତ୍ତୀ ସମୟକୁ ସାମାନ୍ୟ ପରିବର୍ତ୍ତନ କରି ସମାଜତତ୍ତ୍ୱବିତ୍ ମାର୍କ ମାକ୍‌କ୍ରିଣ୍ଡଲ ଯେଉଁ ନୂଆ ଗୋଷ୍ଠୀର କଥା କହିଛନ୍ତି ସେଇ ଗୋଷ୍ଠୀଙ୍କୁ ସେ ଆଲଫା (*ଜେନେରେସନ୍-ଆଲଫା*) ନାମରେ ଚିହ୍ନେଇଛନ୍ତି । ଏହି ଗୋଷ୍ଠୀଙ୍କ ମଧ୍ୟରେ ସବୁଠୁ ଅଧିକ ଶିଶୁ ଓ କିଶୋର ଅଛନ୍ତି। ଏମାନେ ହିଁ ହେବେ ନୂଆଯୁଗର ଉତ୍ତରାଧିକାରୀ ଓ ଏମାନଙ୍କ ସଂଖ୍ୟା ୨୦୨୫ ସୁଦ୍ଧା କେବଳ ଆମେରିକାରେ ୪୮ ନିୟୁତ ହୋଇଯିବ । ଏଠାରେ ଉଲ୍ଲେଖ କରିବାକୁ ହେବ ଯେ, ଜେଡ୍ ପିଢ଼ିର ୯୬% କିଶୋର ଓ ତରୁଣ ସ୍ମାର୍ଟ ଫୋନକୁ ଚିହ୍ନି ବେଶ ପରିଚିତ ହୋଇସାରିଛନ୍ତି। ଅନ୍ୟାନ୍ୟ ପିଢ଼ିର ବୟସ୍କ ବ୍ୟକ୍ତି ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଅବଦାନ ସ୍ମାର୍ଟ ଫୋନ ପ୍ରତି ଆକର୍ଷିତ ହେଇସାରିଛନ୍ତି।

## ଆଲଫା ପିଢ଼ି

ଆଲଫା ପିଢ଼ିର ପିଲାମାନଙ୍କୁ ୧୦ବର୍ଷ ହେବା ମାତ୍ରେ ସେମାନେ ସ୍ମାର୍ଟ ଫୋନ ସହ ଅନ୍ୟାନ୍ୟ ଡିଜିଟାଲ ଯନ୍ତ୍ର ଯଥା: ଆଇପଡ୍, ଲାପ୍‌ଟପ୍, ପାମ୍‌ଟପ, ଅର୍ଗାନାଇଜର, ଆଲେକ୍ସା (ସିରି) ସହକାରୀ ରୋବର୍ଟ ଇତ୍ୟାଦି ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ଏ ସବୁ ଯନ୍ତ୍ରପାତି କୃତ୍ରିମ ହେଲେ ବି ନୂଆ ପିଢ଼ି ଅତି ସହଜରେ ଆପଣେଇ ନେଇପାରୁଛନ୍ତି । କହିବା ବାହୁଲ୍ୟ ଯେ, ଆଲଫା ପିଢ଼ିର ଶିଶୁ କିଶୋରଙ୍କ ବୁଦ୍ଧି ଓ ମନସ୍କତାକୁ ପ୍ରକୃତି ଅନୁରୂପ ଭାବେ ଗଢ଼ି ହେଉଛି ଅର୍ଥାତ୍ ନୂଆ ଯୁଗରେ ସେମାନେ ହିଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସମସ୍ତ ଉପାଦାନ ଓ ଯନ୍ତ୍ରର ସହଜ ପରିଚାଳନା ପାଇଁ ସଂପୂର୍ଣ୍ଣ ସକ୍ଷମ।

ଉପରେ ଆଲୋଚିତ ବିଭିନ୍ନ ପିଢ଼ିର ସଂଖ୍ୟା ଅନୁପାତରେ ଆଲଫା ପିଢ଼ିର ସଂଖ୍ୟା ଅତି ନ୍ୟୂନ । ସଂଖ୍ୟାଧିକ ବୟସ୍କ ଓ ପ୍ରୌଢ଼ ଯେଉଁମାନେ କେବଳ ଅତୀତର ଗରିମାରେ ମୁଗ୍ଧ, ସେମାନେ ନୂତନ ପିଢ଼ିର ମନସ୍ତତ୍ତ୍ୱ କି ସେମାନଙ୍କ ସୃଜନବ୍ୟଥା ବୁଝିପାରୁ ନାହାନ୍ତି ବୋଲି କବି ଅନନ୍ତ ଚରଣ ପଟ୍ଟନାୟକ ଲେଖିଗଲେ:

"ଆଜିରେ ନବ ଜାତକ ଆମେ
ଯାଉଚି ନିଭି ପ୍ରାଚୀନ କଥା
ପ୍ରଭାତ ରବି ଲୋହିତ ହାସେ
ଆଣୁଛି ନବ ସୃଜନ ବ୍ୟଥା ।।"

ସେ ପୁଣି ଲେଖିଛନ୍ତି:

"ଯେ ଯେତେ ବୁଢ଼ା ଚିଡ଼ରେ ଚିଡ଼
ଅଗଣା ଆମ ଗୋଟିଏ ଜାଣ
ସେନେହ ସୁଖ ଆଲୁଅ ଝଳେ
ଯହିଁରେ ହସେ ମଣିଷ ପ୍ରାଣ ।"

ସେନେହ ସୁଖରୁ ବଞ୍ଚିତ ଆଜିର ଶିଶୁକିଶୋର । ସେ ନିଜେ ନିଜେ ସଂଘର୍ଷ କରୁଛି । ଛୁଇଁଦେଲେ ଚିତ୍ର ସହ କଥା ଭାସି ଉଠୁଛି । ହାତର ଆଙ୍ଗୁଳି ଚାପରେ ମୋବାଇଲରେ ରୋପିତ ଗେମ ତାକୁ ସଖ୍ୟ ହେଉଛି, ସୁଖ ଦେଉଛି । କ୍ରୂର ପଦକ୍ଷେପ ଓ ନିଷ୍ଠୁରତା ନିରାଶ ପିଲାଟିର ଦୁଷ୍ଟାମୀ ବା ମୋହଭଙ୍ଗ କରେନାହିଁ । ସେନେହ ସୁଖ ଦେଇ ଶିଖିବାର ଅଭାବ ରହିଛି ଯେତେବେଳେ ସ୍ନେହରଙ୍କୁଣା ପିଲାଟି ପରିବାର ଭିତରେ ବି ନିରାଶ୍ରୟ ହୋଇଯାଉଛି । ନ ହେଲେ କି ୫ମ ଶ୍ରେଣୀରେ ପଢୁଥିବା କୋରାପୁଟର ବାଳକ, ଅଷ୍ଟମ ଶ୍ରେଣୀରେ ପଢୁଥିବା ଭୁବନେଶ୍ୱର ସତ୍ୟନଗରର ଯଶୋବନ୍ତ, କେନ୍ଦୁଝରର ମୋହିତ ମୋବାଇଲ ଫୋନ ବ୍ୟବହାରକୁ ନିଷେଧ କରିବା ଯୋଗୁଁ ଆତ୍ମହତ୍ୟା କରିଦେଇଥା'ନ୍ତେ ନା - ଘରଛାଡ଼ି ଅପରାଧ କରିଥାନ୍ତେ !!

**ସବୁଠୁ ବଡ଼ ଅଭିଯୋଗ, ପିଲାଏ ପଢୁ ନାହାନ୍ତି କି ଅଭିଭାବକମାନେ ପିଲାମାନଙ୍କ ହାତରେ ଛପାବହି ଦେଉନାହାନ୍ତି ।**

## ପିଲାଙ୍କ ଅପରାଧପ୍ରବଣତା

ଯେଉଁ ପିଲାଏ ଆତ୍ମହତ୍ୟା କଲେ ସେମାନେ ଆତ୍ମହତ୍ୟା ଭଳି କୌଶଳଟି ଶିଖିଲେ କେଉଁଠୁ ? ଆମ ପିଲାଙ୍କୁ ଟିଭି ଦେଖିବାକୁ ଆମେ ଅବାଧ ସୁଯୋଗ ଦେଇଛୁ । ଟିଭିରେ ସେ ହିଂସା, ଅପହରଣ, ଯୌନ ଅପରାଧ, ଆତ୍ମହତ୍ୟା, ନିଶାସେବନ ଓ ଚୋରିଭଳି ଘଟଣାକୁ ସେମାନେ ନିର୍ବିରୋଧରେ ଦେଖୁଛନ୍ତି । କେଉଁଟା ଠିକ୍ କେଉଁଟା ଭୁଲ ସେ ବା ଜାଣିବ କେମିତି ? ଗେମ୍, ଟିକ୍‌ଟକ୍ ଓ ସେହିଭଳି ବହୁ ଆପ୍ ସଂପର୍କରେ ପିଲାମାନଙ୍କୁ ଜଣାଇବା ଓ ନିୟନ୍ତ୍ରଣ କରିବା ଅଭିଭାବକର ଦାୟିତ୍ୱ । ପିଲାଏ ଘରୁ ଶିଖନ୍ତି, ସ୍କୁଲରେ ଶିଖନ୍ତି, ସହଜରେ ଦୁଷ୍ଟସାଙ୍ଗଙ୍କ ସହ ମିଶିବାର ସୁଯୋଗ ପାଆନ୍ତି । ଅଭିଭାବକଙ୍କର ତୀକ୍ଷ୍ଣ ଦୃଷ୍ଟି ଯଦି ରହୁଥାନ୍ତା ଓ କେଉଁ ଆପ୍‌ଟି ମନ୍ଦ ଓ କ୍ଷତିକାରକ ତାକୁ ଯଦି ସ୍ନେହରେ ବୁଝାଇ ଦିଆଯାଉଥାନ୍ତା ଏଭଳି ଅଘଟଣ ଘଟନ୍ତା ନାହିଁ ।

ଯେଉଁ ନୂଆ ସମୟ ଆସୁଛି, ସେ ସମୟରେ ପିଲାମାନେ ଯନ୍ତ୍ରଜନିତ ସହାୟତା, ଘରେ ବ୍ୟବହୃତ ହେଉଥିବା ବା ହେବାକୁ ଥିବା ଆଲେକ୍ସ, ସିରି କିମ୍ବା ଖେଳସାଥୀ ଭାବେ ରୋବଟ-ଆଲଫା-୨, ଜେନ୍‌ବୋ, କୁର, ବିଡ. ଆସଟ୍ରେ ସ୍ୱେରୋ, ସ୍ୱାର୍କ, ରୁକୋ ଅନେକ ଯନ୍ତ୍ର ଚରିତ୍ରକୁ ଆପଣେଇ ନେବେ ।

ଆମ ଭାରତ ବର୍ଷରେ ୨୦୨୦ ସୁଦ୍ଧା ୭୪୮ ନିୟୁତ ଲୋକ ସ୍ମାର୍ଟଫୋନ ବ୍ୟବହାର କରୁଛନ୍ତି ବୋଲି ଆକଳନ କରାଯାଇଛି । ସାରା ପୃଥିବୀରେ ୨୦୪୦ ବେଳକୁ ଏହି ସଂଖ୍ୟା ୧.୫ ଅୟୁତ ହେବ ।

ସାହିତ୍ୟ ଆଲୋଚନାରେ ଏତେସବୁ ପରିସଂଖ୍ୟାନ ଓ ତଥ୍ୟ ପ୍ରଦାନ କରିବାର ଉଦ୍ଦେଶ୍ୟ ଯେ ଆମର ନୂତନ 'ଆଲଫା ପିଢ଼ି'ର ମନସ୍ତତ୍ତ୍ୱ ଓ ତଦ୍‌ଜନିତ ଆବଶ୍ୟକ ଶିଶୁ ସାହିତ୍ୟ ସ୍ୱରୂପର ଆକଳନ ପାଇଁ ଏହା ସହାୟକ ହେବ ।

ଶିକ୍ଷା ପାଇଁ ବାରମ୍ବାର ବିରୋଧ କରୁଥିବା ରେବତୀର ବୁଢ଼ୀମାଆ ପରି ଆମ ଜନସଂଖ୍ୟାରେ ଜୀବିତ ସର୍ବାଧିକ ବରିଷ୍ଠ ନାଗରିକ ଓ ପୁରାତନତାର ଖୋଳପା ଛଡ଼େଇବାକୁ କୁଣ୍ଠିତ ଅଭିଭାବକ, ଶିକ୍ଷକ ଓ ଶିଶୁସାହିତ୍ୟିକ ନୂତନ ଯୁଗର ଆହ୍ୱାନକୁ ହୃଦୟଙ୍ଗମ ନ କଲେ ସେମାନଙ୍କ ପାଖରୁ ଆପଣାଛାଏଁ ଶିଶୁ କିଶୋର ଦୂରେଇ ଯିବେ ।

ସବୁଠୁ ବଡ଼ ଅଭିଯୋଗ, ପିଲାଏ ପଢୁ ନାହାନ୍ତି କି ଅଭିଭାବକମାନେ ପିଲାମାନଙ୍କ ହାତରେ ଛପାବହି ଦେଉନାହାନ୍ତି । ପିଲାଏ ତୁରନ୍ତ ଆଇପଡ଼ ଯେ ଧରିବାକୁ ଯାଉଛନ୍ତି ଓ ସେମାନେ ଛପା ବହି ଅପେକ୍ଷା ଇ-ପୁସ୍ତକ ପ୍ରତି ଆଗ୍ରହୀ ହେବେ । ସେତେବେଳେ ଯଦି ସେମାନଙ୍କ ରୁଚି ମୁତାବକ ଲେଖା ବା ସାହିତ୍ୟର ଅଭାବ ରହିବ ସେମାନେ ସ୍ୱଭାବତଃ ଇଂରାଜୀ ଭାଷାର ଶିଶୁ ସାହିତ୍ୟ ପଢ଼ିବେ ହିଁ ପଢ଼ିବେ ।

ପାଶ୍ଚାତ୍ୟ ଦୁନିଆରେ 'ଏ ଆଇ' କୌଶଳ ସର୍ବନିୟନ୍ତା ହୋଇ ଘର ଓ ଅଫିସ୍‌ରେ ଛଦ୍ମବେଶୀ ବହୁରୂପୀହୋଇ ବୁଦ୍ଧି ବିବେକକୁ ଠେଲି ହମରାୟ ହୋଇସାରିଲାଣି । ଆମ ଦେଶରେ

ସ୍ମାର୍ଟ ବା କମ୍ପ୍ୟୁଟର ବ୍ୟବହାରକାରୀଙ୍କୁ ଚକିତ କଲାଣି । ଅବିକଳ କଣ୍ଠସ୍ୱର, ଆଚରଣ, ଅଫିସ୍‌ର ସମସ୍ତ ଅମଲା କାମ 'ଏ ଆଇ' କରିଦେଇପାରୁଛି । 'ଏ ଆଇ' ଗପ ଲେଖି ଦେବ, ଆଈ ପରି କାହାଣୀ ଶୁଣେଇ ପାରିବ, ସ୍କୁଲ ଟାସ୍କ ଯଥା: ପ୍ରବନ୍ଧ, ରଚନା, ଅନୁବାଦ ସଂକ୍ଷେପ ଲେଖନ ଓ ଆହୁରି ଅନେକ କିଛି କରିପାରୁଛି ।

**ଆଧୁନିକ ସମୟର ଯନ୍ତ୍ର ମୋହ ଲଲିପପ୍ ପରି ପାଗଲାମି ସୃଷ୍ଟି କରିପାରେ, ବସ୍ତୁତଃ କଲାଣି ।**

## ଏ.ଆଇ ନା ଭସ୍ମାସୁର

'ଏ.ଆଇ' ଯେ ଦିନେ ଭସ୍ମାସୁର ହେବ, ଆମ ଶିଶୁ ମନର ସକଳ ସର୍ଜନାତ୍ମକ ପ୍ରାକୃତିକ ବୁଦ୍ଧି ବିନାଶ କରିଦେବ, ସେ କଥା ଜଳ ଜଳ ଦିଶୁଛି । ଭୁଲିଗଲେ ହେବ ନାହିଁ ଯେ କୃତ୍ରିମ ବୁଦ୍ଧିମତ୍ତା ଦ୍ୱିତୀୟ ଶ୍ରେଣୀ ବୁଦ୍ଧିରେ ସୀମିତ । ଏଇ ଉଚ୍ଚ ଚିନ୍ତା, ସୃଜନଧାରାର ବାଧକ ।

ଫେରିବା ଅନନ୍ତ ପଟ୍ଟନାୟକଙ୍କ ନିରାଶ ଚିନ୍ତନକୁ–

"ଆମ ମନକଥା ଜାଣିବ କାହୁଁ
ଆମେ ସିନା ନିତି ଆଗକୁ ଚାହୁଁ
ତୁମର ତ ସବୁ ପଛୁଆ ମୁହଁ
ଦେଖି ତ ଦେଖନି
ଉଇଁଲା ଦିନର ଆଲୁଅ ସୁଅ ।"

ଶିଶୁ ମୁହଁରେ ଏ ଅଭିମାନକୁ ଆମେ ବୁଝୁ ତ ନାହୁଁ , ବରଂ କିଛି ନ ବୁଝି କହି ପକାଉ ମୋବାଇଲ (ସ୍ମାର୍ଟ ଫୋନ) ପିଲାଙ୍କୁ ନଷ୍ଟ କରି ଦେଉଛି । ପିଲାଟିର ଅଝଟପଣ, ଦୁଷ୍ଟାମୀ, ହୁରୁମା ଆଚରଣକୁ ବୁଝି ମାର୍ଗ ପ୍ରଦର୍ଶନ କରିବ କିଏ ? ସେଇ ମାଆ-ବାପା, ଶିକ୍ଷକ ଓ ସାହିତ୍ୟିକ ତ !! ପିଲାଙ୍କୁ ଭଲଭାବେ ଏମାନେ ଯଦି ବୁଝାଇ ନ ପାରିବେ ଘର ସୁନା ଭେଣ୍ଡି ହେବ ।

ଆଧୁନିକ ସମୟର ଯନ୍ତ୍ର ମୋହ ଲଲିପପ୍ ପରି ପାଗଲାମି ସୃଷ୍ଟି କରିପାରେ, ବସ୍ତୁତଃ କଲାଣି । ତେଣୁ ବେଳହୁଁ ସାବଧାନ ହେବା ପାଇଁ ଆଜି ଅପେକ୍ଷା ରଖେ । ସମୟ ସହ ଆମେ ନିଜକୁ ବୁଦ୍ଧିମନ୍ତ ନ କଲେ 'ଏ ଆଇ'ର ବୁଦ୍ଧିମତ୍ତା ପୁରୁଣାପଦାର୍ଥ ପରି ଆମକୁ ପଛକୁ ଠେଲି ଦେବ । ଏ ପରିପ୍ରେକ୍ଷୀରେ । ଆମ ଓଡିଆ ଶିଶୁ ସାହିତ୍ୟ କେଉଁଠି ଆମକୁ ଗମ୍ଭୀରତାର ସହ ବିଚାର କରିବାକୁ ହେବ । ମନେ ରଖିବାକୁ ହେବ ଆଲଫା ପରେ 'ବିଟା ପିଢ଼ି 'ଡେଣା ଝାଡ଼ିବା ଆରମ୍ଭ କଲାଣି । ସେମାନେ ପୁରୁଣା ଭାବଧାରା ଓ ଛାଂଚରେ ପକାଇ ଗୋଟିଏ କଥାର ପୁନରାବୃତ୍ତି କରୁଥିବା ଶିଶୁସାହିତ୍ୟକୁ ପଢିବେ କାହିଁକି ? ଓଡିଆରେ ପ୍ରକାଶ ପାଉଥିବା ଶିଶୁପତ୍ରିକା, ଦୈନିକ ସଂବାଦପତ୍ରମାନଙ୍କରେ ଶିଶୁ ପୃଷ୍ଠା ଦେଖିଲେ ଜାଣିହେବ ଆମେ ଆଗେଇ ଯାଉଥିବା ପିଢ଼ିଠୁ କେତେ ପଛରେ ! ବାଗ୍ମୀ ସାହିତ୍ୟିକ ଓ ଶିଶୁ ସାହିତ୍ୟିକମାନେ ଶିଶୁ ସାହିତ୍ୟକୁ ଏବେ ଦେଖୁଥିବା ଦୃଷ୍ଟିକୋଣର ପରିବର୍ତ୍ତନ ନ ହେଲେ ସାହିତ୍ୟର ଗୋଟିଏ ବଡ଼ ବିଭାଗ (ଜନ୍‌ର)ଶିଶୁ ସାହିତ୍ୟକୁ ଏମିତି ଦୁର୍ବଳକରି ରଖୁଥିବ ।

□□

ଲେଖକଙ୍କ ଇ-ମେଲ ଠିକଣା:
rabindranathmajhee@gmail.com



ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ

**ଧାରା ଶ୍ରୀରାଧା**

କବି - ମଙ୍ଗଳାପ୍ରସାଦ ପ୍ରଧାନ






କବିତା

# କୁଲିର କୋହ

ବେଣୁଧର ସୂତାର



ସେ ଏଇ ସହର କୁଲି
ସେ ଏଇ ସହର କୁଲି
ଯହିଁ ବିତିଛି ତା' ଜୀବନ ଜୀବିକା
ଗଳି କନ୍ଦି ବୁଲି ବୁଲି
ସେ ଏଇ ସହର କୁଲି ।।

ସହିଛି ଅନେକ ଉଦରର ଜ୍ୱାଳା
ସହରୀ ସମ୍ମାନ ତା'ପାଇଁ ତ 'ଶଳା'
ପଥର କରି ତା' କୋମଳ ହୃଦୟ
ଯଉବନ ଗଲା ଭୁଲି
ସେ ଏଇ ସହର କୁଲି ।।

ଲୁହ ଲହୁ କେତେ ନିଗାଡ଼ିଛି ଦେହୁ
କଠିନ କରିଛି ତା'ର ଦୁଇ ବାହୁ
ନିର୍ମାଣିଛି କେତେ ପ୍ରାସାଦ ସଉଧ
ବୟସକୁ ମାରି ଗୁଲି
ସେ ଏଇ ସହର କୁଲି ।।

ସହର ତଳିରେ ତା' ଝୁମ୍ପୁଡ଼ି ଘର
ବସ୍ତି ବାସିନ୍ଦା ଯେ ପରିଚୟ ତା'ର
ରାତିଟା ପାହିଲେ ଜୀବିକାଖୋଜଇ
ନୋହିଲେ ଜଳେନି ଚୁଲି
ସେ ଏଇ ସହର କୁଲି ।।

ବାଜିନି ଜୀବନେ ପ୍ରୀତି ସାହାନାଇ
ନିଜର ବୋଲିତ କେହି ତା'ର ନାହିଁ
ଉଜୁଡ଼ି ଗଲା ତା ରଙ୍ଗିଲା ଯୌବନ
ଖଟିଖିଆ କୁଲି ବୋଲି
ସେ ଏଇ ସହର କୁଲି ।।

ସୁନା ଚିହ୍ନେ ସିନା ସୁନାରି ବଣିଆ
ସହରରେ ନାହିଁ ମଣିଷ ପଣିଆ
କାମ ଥିଲାବେଳେ ସମସ୍ତେ ନିଜର
ସରିଲେ ଯାଆନ୍ତି ଭୁଲି
ସେ ଏଇ ସହର କୁଲି ।।

ଏବେନାହିଁ ଦେହେ ଯୁବାବେଳ ଠାଣି
ବଢ଼ିଲା ବୟସ ବହିଗଲା ପାଣି
ଜରା ଗ୍ରାସିଲାଣି ଧରାଶାୟୀ ସେହି
ଆଉ ନପାରଇ ଚାଲି
ସେ ଏଇ ସହର କୁଲି ।।



ବିକଳେ ଡାକଇ, କାଳିଆ ଠାକୁର
କୁଲି ଜନମରୁ ମୋତେ ପାରିକର
ଶ୍ରୀକ୍ଷେତ୍ରେ ଭିକାରି
ଜନମ ଦେଲେ ବା
ଧରିଣ ଭିକ୍ଷାର ଝୁଲି
ତା' ନାମ ଗାଇବ ବୁଲି,
ସେ ଏଇ ସହର କୁଲି ।

□□

କବିଙ୍କ ଇ-ମେଲ ଠିକଣା:
benudharsutar123@gmail.com



ଅଣୁନାଟକ

# ପରିଣାମ

ଆରାଧନା ମିଶ୍ର

(ଏକ ଉଚ୍ଚ ମଧ୍ୟବିତ୍ତ ପରିବାର ରହୁଥିବା ଘରର ବସିବାଘର। ଗୋଟିଏ ପଟେ ସୋଫା ଓ ଦିବାନ୍, ଆରପଟେ ବଡ଼ ଖାଇବା ଟେବୁଲ୍। ସମୟ ଦିନ ସାଢ଼େ ଏଗାର ହେଇଛି। ବାହାରୁ ଆସୁଥିବା ଆଲୋକରେ କୋଠରିଟି ବେଶ୍ ଆଲୋକିତ। ସୋଫା ଉପରେ ଏକ ଚମକ୍‌ଦାର ଧଳା ପାଇଜାମା କୁର୍ତ୍ତା ପିନ୍ଧି ବିଭୁବାବୁ ବସି ପେପର ପଢୁଛନ୍ତି। ଭିତରୁ ରେଣୁ, ତାଙ୍କ ପତ୍ନୀ, ଆସି ତାଙ୍କ ପାଖରେ ବସିଛନ୍ତି।)



ରେଣୁ- ଦେଖିଲ - ମୋ' ଡ୍ରେସ୍ କେମିତି ଦିଶୁଛି। ମୋନି ମୋ' ପାଇଁ ମଗେଇ ଦେଇଛି। ପାକିସ୍ତାନୀ ହାତକାମରେ ପୂରା ଭରା କୁର୍ତ୍ତାଟା। (ସ୍ୱାମୀ ଭଲକି ଦେଖିପାରିବେ ବୋଲି ସେ ଠିଆ ହେଇପଡ଼ିଛନ୍ତି।)

ବିଭୁବାବୁ- ଆରେ! ତୁମେ ଶାଢ଼ି ପିନ୍ଧିଲନି ? ସେଦିନ ପରା କିଣିଥିଲେ ଆମେ ସେ ସିଲ୍କ ଶାଢ଼ିଟା ତୁମ ଜନ୍ମଦିନ ପାଇଁ! ଏଇଟା ବହୁତ ଭଲ ହେଇଛି, ସନ୍ଦେହ ନାହିଁ, କିନ୍ତୁ ଆଜି ଦିନରେ ଏବେ ପାଇଁ ହେଲେ ଶାଢ଼ିଟା ପିନ୍ଧିଥାନ୍ତ ନା! ମନ୍ଦିର ଯିବା ଏବେ ?

ରେଣୁ- (ମୁହଁ ଶୁଖେଇ) ତୁମର ସେ ଗୁଣ ଗଲାନି ସତେ। ଜନ୍ମଦିନ ମାନେ ଶାଢ଼ି ପିନ୍ଧ, ଓଢ଼ଣାଟେ ଟାଣି ମନ୍ଦିର ଯାଅ। କ'ଣ ଡ୍ରେସ୍‌ଟେ ପିନ୍ଧି ପାରିବିନି ?

ବିଭୁବାବୁ- କାଇଁ ପିନ୍ଧି ପାରିବନି ? ଯାହା ବି ପିନ୍ଧିବାର ସମ୍ପୂର୍ଣ୍ଣ ଅଧିକାର ଅଛି ତୁମର। କିନ୍ତୁ ଆଜି ଦିନଟାରେ ଆମେ ସେଇ ଚିରାଚରିତ ରୀତିକୁ ଫେରିଗଲେ ଶାନ୍ତି ଲାଗେ। ଜନ୍ମଦିନଟା। ଈଶ୍ୱରଙ୍କଠୁ ଆଶୀର୍ବାଦ ନିହାତି ଜରୁରି। ତାଙ୍କ ଆଶୀର୍ବାଦରେ ତ ଆମକୁ ରାଜେଶ ପରି ପୁଅ, ମୋନି ପରି ବୋହୂ।

ଅଙ୍କିତ- (ହଠାତ୍ ବାହାରୁ ଭିତରକୁ ପଶିଆସି) - ଆଉ ଅଙ୍କିତ ପରି ନାତି ମିଳିଛନ୍ତି !

(ସମସ୍ତେ ହସି ଉଠିଲେ ଏକାଥରକେ।)

ଅଙ୍କିତ- ମା'! କେକ୍ ନେଇ ଆସିଛି। ଖାଇବା ଟେବୁଲ୍‌ରେ ରଖିଦେବି ?

ରେଣୁ- (ସ୍ୱାମୀଙ୍କୁ)ଏତେ ଖରା ହେଇଗଲାଣି। ଏବେ ଆଉ ମନ୍ଦିର ଯିବାନି। ସନ୍ଧ୍ୟାବେଳେ ଦେଖିବା।

ଅଙ୍କିତ- ଜେଜେମା, କେକ୍‌ଟା ଶୀଘ୍ର କାଟିବ, ନହେଲେ କିଛି ତରଳି ଯାଇପାରେ।

ବିଭୁବାବୁ- ଆମେ କେକ୍ କାଟୁଛେ ଅଥଚ ମନ୍ଦିର ଯାଇ ପାରୁନେ ! କୁଆଡ଼କୁ ଗତି ଆମର! ମୁଁ ଛୋଟ ଥିଲାବେଳେ ଜନ୍ମଦିନରେ ସତ୍ୟନାରାୟଣ ପୂଜା ହେଉଥିଲା ଆମଘରେ। କୁଆଡ଼େଗଲା ସେ ଶିରିଣି! କି ସୁନ୍ଦର ଝୁଣାର ବାସ୍ନା! ଫୁଲ, ଧୂପ, ଦୀପ, ପଣ୍ଡିତଙ୍କ ଶ୍ଳୋକ ଆବୃତ୍ତି! ଲାଗୁଥିଲା ଜୀବନର ଆଉ ଗୋଟିଏ ଅଧ୍ୟାୟ ଆରମ୍ଭ ହେଉଛି! ଏ କେକ୍ କଟାରେ କିଛି ଦମ୍ ଅଛି !

ମୋନି- (ଭିତରୁ ଆସି)-ହଁ ବାପା, ଦମ୍ ଅଛି। ମା' କେକ୍ କାଟିଲେ ଦେଖିବେ ତାଳି ଓ ଗୀତରେ ପରିବେଶ କେମିତି ଜୀବନ୍ତ ହେଇଉଠିବ।

ଅଙ୍କିତ-ଯଦି ସମସ୍ତେ ଆସିବାରେ ଡେରି ହେବ, ମୁଁ କେକ୍ ଫ୍ରିଜ୍‌ରେ ରଖିଦେଉଛି।

ମୋନି -ହଁ, ରଖିଦେ। ମୋର ବି ଟେବୁଲ୍ ସଜାସଜି ପାଇଁ ଆଉ ଟିକେ ସମୟ ନବ। ତୁ ଶ୍ରୀରାମକୁ କୋଡ଼ିଏ ଜଣଙ୍କ ଖାଇବାଟା ଠିକ୍ ସମୟରେ ଆଣି ଦେବାକୁ ମନେ ପକେଇ ଦେ।

ରାଜେଶ- (ବାପା ପରି ଏକଦମ୍ ଧଳା ପାଇଜାମା କୁର୍ତ୍ତାରେ- ଭିତରୁ ଆସି ସୋଫାରେ ବସି) ହଁ ହଁ ! ମୁଁ ମନେ ପକେଇ ଦେଇଛି। ଗୋଟେ ସୁଦ୍ଧା ଆସିଯିବ। ଗେଷ୍ଟ୍ କହାନ୍ତି ?

ମୋନି-ଆସୁଥିବେ ।

ବିଭୁବାବୁ- ମୋ ମା ପୁରିଖିରି ବନଉଥିଲା । ଆମେ ଚାହିଁକି ବସୁଥିଲୁ ସେ ଖାଦ୍ୟ ପାଇଁ ।

**ସେତେବେଳେ ଚେର ସହ ଜୀବନ ଠିଆ ହେଉଥିଲା । ଏବେ ଉପୁଡ଼ି ପଡୁଛି । ଆମ ପିଢ଼ି ହିଁ ନିଜକୁ ନିଜେ ଓପାଡୁଛି ।**

ରେଣୁ- ଏଥର ଆଗକୁ ବଢ଼ । କେତେ ଆଉ ସେ ପୁରୁଣା କଥାରେ ଘାଣ୍ଟି ହେଉଥିବ ! ସମୟ ଆଗଉଛି ପରା !

ବିଭୁବାବୁ- ପୁରୁଣା କଥାରେ ଘାଣ୍ଟି ହେଉଥିବ ! କ'ଣ କହୁଛ ! ଏ ଜୀବନରେ ମଣିଷ ଘାଣ୍ଟି ହେଉଛି । କାହା ହାତର କେକ୍, କାହା ହାତରନ୍ଧା ଖାଦ୍ୟ ! ଜୀବନ ଜୀବନ୍ତ ତେବେ ଥିଲା, ଏବେ ଲିଭିଲିଭି ଯାଉଛି । ତେବେ ଚେର ସହ ଜୀବନ ଠିଆ ହେଉଥିଲା । ଏବେ ଉପୁଡ଼ି ପଡୁଛି । ଆମ ପିଢ଼ି ହିଁ ନିଜକୁ ନିଜେ ଓପାଡୁଛି । (ଅଙ୍କିତକୁ ଦେଖାଇ)ଏମାନଙ୍କ ବେଳକୁ ଗଛର ଚେର ସହ କିଛି ସମ୍ବନ୍ଧ ହିଁ ନଥିବ ।

ଅଙ୍କିତ -ଜେଜେମା ! ତୁମ ଦୁହିଁଙ୍କ ଚିନ୍ତାଧାରା ଏତେ ଭିନ୍ନ । ଜେଜେବାପା ତ ବଦଳିବାକୁ ପ୍ରସ୍ତୁତ ହିଁ ନାହାନ୍ତି ।

ବିଭୁବାବୁ - ଆମ ରୀତିନୀତି ବହୁତ ଭାବିଚିନ୍ତି ଆମ ଭଲ ପାଇଁ ହିଁ ବନିଥିଲା । ଆମେ ଆମ ହାତରେ ସବୁ ଲିଭେଇ ଦେଉଛେ । ତୁମ ପିଢ଼ି ଜାଣି ବି ପାରିବନି ଠିକ୍ କୋଉଟା, ଭୁଲ୍ କୋଉଟା । ରାଜେଶ- ଚାଲ ବାପା, ମା' ପାଇଁ ପ୍ରାର୍ଥନାକରି ଆସିବା । ପାଖ ମନ୍ଦିର ବନ୍ଦ ହେଇନଥିବ । ସେ ସିନା ତା ସିଲ୍କ ଡ୍ରେସ୍ ପିନ୍ଧି ଖରାକୁ ଯାଉନି, ଆମେ ତ ଯାଇପାରିବା ।

(ଦୁହେଁ ବାହାରିଗଲେ । ମୋନି ବି ତା'କାମରେ ଭିତରକୁ ଚାଲିଗଲେ । ଅଙ୍କିତ ଟିକେ ଭାବି ରେଣୁଙ୍କ ପାଖରେ ଆସି ବସିଲା ।)

ଅଙ୍କିତ - ମୁଁ ଭାବୁଛି ତୁମେ ମୋ' କଥା ବୁଝିପାରିବ । ମା' ଯୋଉ ମୋ' ବାହାଘର ନେଇ ଫୁକୁରୁ ଫୁକୁରୁ ହେଉଛି, କ'ଣ ଦରକାର ଏଇ ଔପଚାରିକତାର ! ମୁଁ ଆଉ ଶ୍ୱେତା ଏମିତିରେ ବର୍ଷେ ହେଲା ଏକାଠି ରହୁଛୁ ସେଠି ।

ରେଣୁ - (ଚମକିପଡ଼ି) କ'ଣ କହିଲୁ ! ତୁ ଲିଭ୍ ଇନ୍ ରିଲେସନ୍‌ସିପ୍‌ରେ ଅଛୁ ! ତୋ ବାପା-ମା ଜାଣିନାହାନ୍ତି

ଅଙ୍କିତ- ସେମାନଙ୍କ ଚିନ୍ତାଧାରା ଏମିତି ଯେ ମୁଁ ଏକଥା କହିନି ସେମାନଙ୍କୁ । ମୋର ବହୁତ ସାଙ୍ଗ ସେମିତି ରହୁଛନ୍ତି । ଏ ବାହାଘର କ'ଣ ଦରକାର ! ନା ଶ୍ୱେତାକୁ ଛୁଟି ମିଳିବ ନା ମତେ । ପଇସାଗୁଡ଼ାଏ ଖର୍ଚ୍ଚ ହେବା ସାର ହେବ ଯାହା । ତୁମେ ବାପାଙ୍କୁ ବୁଝାଅ ନା ସେମିତି ସବୁକିଛି ଚାଲୁ ବୋଲି ।

(ରେଣୁଙ୍କ ମୁହଁ ପୂରା ଶୁଖି ଯାଇଥିଲା । ଶେତା ଦିଶୁଥିଲା ।)

ରେଣୁ-କ'ଣ ପାଗଳ ହେଲୁ ଆମର ବାହାଘର ନିହାତି ଦରକାର । (ଅସ୍ଥିରତାର ଚରମ ସୀମାରେ) ମୁଁ ଯାଏଁ, ଶାଢ଼ି ବଦଳେଇ ଆସେ, ମନ୍ଦିରରେ ମୁଣ୍ଡିଆଟେ ମାରି ଆସିବି ।

(ରେଣୁ ତରତର ହେଇ ଭିତରକୁ ଚାଲିଗଲେ । ଅଙ୍କିତ ଆଶ୍ଚର୍ଯ୍ୟ ହେଇ ରେଣୁଙ୍କ ଯିବା ବାଟକୁ ଦେଖୁଥିଲା, ତା'ପରେ ତା' ଆଖିରେ ଉଦାସୀନତା ଛାଇଗଲା ।)

□□

ଲେଖିକାଙ୍କ ଇ-ମେଲ ଠିକଣା:
aradhanam62@gmail.com

*ଲେଖକ ବନ୍ଧୁମାନଙ୍କୁ ଅନୁରୋଧ*




**'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା info@sahityacharcha.com କିମ୍ବା ହ୍ୱାଟସ୍‌ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।**

**ବିଶେଷ ସୂଚନା ପାଇଁ ଦେଖନ୍ତୁ:**

www.sahityacharcha.com/submit-articles

ଗଳ୍ପ

# ଦୁଇଟି ଅଣୁ ଗପ



ଘନଶ୍ୟାମ ପଲେଇ

## ସ୍ୱାଭିମାନ

ମୋ' ନଜରକୁ ଆସିଲା ଚା' ଦୋକାନଟିଏ। ରାସ୍ତା କଡ଼ରେ ଛୋଟିଆ କେବିନ ଖଣ୍ଡେ ତ। ଇଣ୍ଡକସନ୍ ଚୁଲାରେ ଫୁଟୁଥିବା ଚାହା ମହକି ଯାଉଛି ଖଣ୍ଡେ ଦୂର ଯାଏଁ। ପିଲାଟିଏ ଫୁର୍ତ୍ତି ଫୁର୍ତ୍ତି ଚାହା ଛାଣି ବଢ଼ାଇ ଦେଉଥାଏ ଗରାଖଙ୍କ ହାତକୁ। ପଇସା ଗଣିବା ଦାୟିତ୍ୱ ତା' ବୁଢ଼ାବାପାର।



ଜଣେ ବୃଦ୍ଧ ଗ୍ରାହକ ଚା' ହାତକୁ ନେଉ ନେଉ ଚିହ୍ନି ପକାଇଲେ ଦୋକାନୀ ବୁଢ଼ାକୁ ତାଙ୍କ ବାଲ୍ୟକାଳର ସାଙ୍ଗ ବୋଲି ।

କଥାବାର୍ତ୍ତା ହେଉ ହେଉ ଦୋକାନୀ ବୁଢ଼ା ନିମନ୍ତ୍ରଣ କଲେ ତାଙ୍କ ଘରକୁ।

- ଯିବି ତ ନିଶ୍ଚୟ, ହେଲେ ତମ ଘରଟା.. ?

- ଗଳି ଭିତରକୁ ଗଲେ ପଡ଼ିବ ବଡ଼ ବରଗଛଟେ, ତା' ଆଗକୁ ବାଁକୁ ଗଲେ ଯେଉଁ ଆଜବେଷ୍ଟସ ଘରଟା, ସେଇଟା ଆମର।

-ଜାଣିଗଲି... ଜାଣିଗଲି... ଓହଃ ! ତାହେଲେ ତମ ଘରଟା ରାମବାବୁ ଗୁପ୍ତା ବିଲ୍ଡିଂ ପାଖରେ।

ଏମାନଙ୍କ ସବୁକଥା ଶୁଣୁଥିଲା ଦୋକାନୀ ବୁଢ଼ାର ପୁଅ। କହିଲା,

- ମଉସା ନମସ୍କାର! ଆମର ତ ସେଟା ପୈତୃକ ଘର । ବରଂ ରାମବାବୁ ଗୁପ୍ତା ବିଲ୍ଡିଂ ଆମ ଘର ପାଖରେ । ସେମାନେ ତ ବହୁତ ପରେ ଆସିଛନ୍ତି।

## ଗଡ଼ବଡ଼

ଡ୍ରାଇଭର ରାମୁ ସକାଳୁ ସକାଳୁ ପହଞ୍ଚି କହିଲା

- ସାର୍, ଗାଡ଼ି ଚାବି...

- ନା ନା, ତୁ ବସ୍, ମୁଁ ଚଲେଇବି ଗାଡ଼ି।

ଆଶ୍ଚର୍ଯ୍ୟ ହେଲା ରାମୁ । ନିଜେ ଯଦି ଚଲେଇବାର ଥିଲା ତାକୁ ଏତେ ଅଧିକ ପଇସା ଦେଇ ଡାକୁଥିଲେ କାହିଁକି ?

ଡ୍ରାଇଭର ସିଟରେ ବସିଲେ ମାଲିକ ନିଜେ, ପାଖରେ ରାମୁ । ଗାଡ଼ି ଷ୍ଟାର୍ଟହେଲା ପରେ ଦି' ହାବୁକା ଖାଇ ଗଡ଼ିଲା ଧକେଇ ଧକେଇ। ରାମୁ ଅନେଇ ଥାଏ ମାଲିକକୁ... କେଉଁ ଗ୍ରହରୁ ଓହ୍ଲେଇ ଆସିଥିବା ଏଲିଆନ୍? ଦେଖିଲା ଭଳି।

ମାଲିକ ଗାଡ଼ି ଚଳେଇ ଚଳେଇ କହୁଥିଲେ- ପୁରୁଣା ଗାଡି... ଆଣିଚି ଦି'ଦିନ ତଳେ। ଚଲେଇବା ଶିଖି ଗଲିଣି ଯେ। ତୁ ଖାଲି ବସ୍... ମୁଁ ଠିକ୍ ଚଳଉଛି କି ନା, ଦେଖୁଥା। ବିପଜ୍ଜନକ ଘାଟି ରାସ୍ତା ବୋଲି ଡାକିଛି ତୋତେ। କିଛି ହେଲେ ସମ୍ଭାଳି ତ ନେବୁ।

ବେକରେ ଫୁଲମାଳ ପିନ୍ଧି ଛେଳିଟି ହାଣ ମୁହଁକୁ ଗଲା ଭଳି ଏଣିକି ଲାଗୁଥାଏ ରାମୁକୁ। ଏସି ଚାଲୁଥିଲେ ବି ଗୋଟାପଣେ ଝାଳେଇ ଯାଉଥାଏ। ଭାବୁଥାଏ ଯେଉଁଠି ପ୍ରାପ୍ୟଠାରୁ ଅଧିକ ଯଚା ହୁଏ ସେଠି ନିଶ୍ଚେ ଥାଏ କିଛି ନା କିଛି ଗଡ଼ବଡ଼।

□□

ଲେଖକଙ୍କ ଇ-ମେଲ ଠିକଣା:
gspalei@gmail.com





ଶିଶୁ ଗଳ୍ପ

# ଚତୁର କିଏ ?

ରଶ୍ମିମୟୀ ପତି

ଖୁବ୍ ମନୋରମ ପରିବେଶରେ ମାଳିବୁଢ଼ାର ଛୋଟିଆ ଚାଳଘରଟି । ଗାଆଁର ଶେଷ ମୁଣ୍ଡରେ ଶିବ ମନ୍ଦିର । ମନ୍ଦିର ପାଖରେ ମାଳିବୁଢ଼ାର ଘର । ମନ୍ଦିର ପାଖରେ ଏକ ଛୋଟ ପୋଖରୀଟିଏ ଥାଏ । ବହୁତ ପ୍ରଜାତିର ମାଛ ସେ ପୋଖରୀରେ ରହନ୍ତି । ପୋଖରୀ ହୁଡ଼ାରେ ବରଗଛ ଓ ଓସ୍ତଗଛ ପାଞ୍ଚ ଛଅଟି ଥାଏ । ସୁନ୍ଦର ମନଲୋଭା ଚଢ଼େଇ ସବୁ ଦିନସାରା ସେ ଗଛରେ କିଚିରି ମିଚିରି ହୁଅନ୍ତି ।

ମାଳିବୁଢ଼ାଟି ତା' ବଗିଚାରେ ଅନେକ ପ୍ରକାର ଫୁଲଗଛ ଲଗାଇଥାଏ । ବଗିଚାର ଏକ କୋଣରେ ଦି' ମଣିଷ ଉଚ୍ଚର କାଠଚମ୍ପା ଗଛଟିଏ ଥାଏ । କାଠଚମ୍ପା ଗଛରେ ଧଳା ଧଳା ଚମ୍ପାଫୁଲଗୁଡ଼ିଏ ଫୁଟି ବଗିଚାର ଶୋଭାକୁ ଦି'ଗୁଣ କରିଦିଏ । ଗୋଟିଏ କଇଁଚି କାକୁଡ଼ି ଲତାଟିଏ କାଠଚମ୍ପା ଗଛରେ ମାଡ଼ି ଉପରକୁ ଉଠିଯାଇଥାଏ । ସେ ଗଛରେ ଲାଲ୍ ଟହ ଟହ ଫଳଗୁଡ଼ିଏ ଝୁଲୁଥାଏ ।



ଦିନକର କଥା । ସେ ଲାଲଫଳଗୁଡ଼ିକ ଦେଖି ଏଣ୍ଡୁଅଟିଏ ସେ କଇଁଚି କାକୁଡ଼ି ଗଛରେ ଚଢ଼ିଗଲା । ସେ ଗଛର ଡାଳ ଓ ଚମ୍ପାଡ଼ାଳରେ ଝୁଲି ଝୁଲି ଦୋଳି ଖେଳୁଥିଲା । ହଠାତ୍ ତାର ଆଖିଦି'ଟା ସ୍ଥିର ହୋଇଗଲା ପୋଖରୀ ହିଡ଼ ପାଖରେ । ଏକ ଲୟରେ ଏଣ୍ଡୁଅଟି ଚାହିଁ ରହିଲା ସେ ହିଡ଼ ଆଡ଼କୁ ।

ଶେଉଳ ମାଛଟିଏ ପୋଖରୀ ଭିତରୁ ଉପରକୁ ଉଠି ଆସିଥାଏ । ଦୁଇଟି ପଥର ସନ୍ଧିରେ ମାଛଟି ରହି ପାଣିକୁ ଚାହିଁ ରହିଥାଏ ।ସେ ସମୟରେ ଗୋଟିଏ ଚିଲ ଆକାଶରେ ଉଡୁଥିଲା । ତା'ର ନଜର ଶେଉଳ ମାଛ ଉପରେ ପଡ଼ିଲା । ସଙ୍ଗେ ସଙ୍ଗେ ଚିଲଟି ତା' ଥଣ୍ଟରେ ଶେଉଳ ମାଛଟିକୁ ଉପରକୁ ଟେକି ନେଇଗଲା । ତା' ପଞ୍ଝାରେ ମାଛଟିକୁ ଧରି ଚିଲଟି ଉପରକୁ ଉଡ଼ିଗଲା । କିନ୍ତୁ ହୁଡ଼ା ପାଖରେ ଚିଲର ପଞ୍ଝାରୁ ଶେଉଳଟି ତଳକୁ ଖସିପଡ଼ିଲା ।

ଏ ସମୟରେ ବଗୁଲୀ ନାନୀଟିଏ ଚିଲଟିକୁ ଚାହିଁ ରହିଥିଲା । ଶେଉଳଟି ଖସି ପଡ଼ିବା ଦେଖି ଅତି ଖୁସିରେ ସେ ଶେଉଳ ପାଖକୁ ଧାଇଁ ଆସିଲା ।

ଦୁଇଟି ବିଲେଇ ମଧ୍ୟ ମାଳିବୁଢ଼ାର ଦୁଆରେ ବସି 'ଚିଲ'କୁ ଚାହିଁ ରହିଥିଲେ । ଶେଉଳଟି ଖସିପଡ଼ିବାର ଦେଖି ଅତି ଖୁସିରେ ଶେଉଳ ପାଖକୁ ଧାଇଁ ଆସିଲେ ।

ଏବେ ଦୁଇ ବିଲେଇ ଓ ବଗୁଲୀ ଭିତରେ ଆରମ୍ଭ ହେଲା ଗଣ୍ଡଗୋଳ । ବଗୁଲୀ କହିଲା, ମାଛଟିକୁ ଆଗ ମୁଁ ଦେଖିଚି, ତେଣୁ ମାଛଟି ମୋର । ବିଲେଇ ଦୁଇଟି ମଧ୍ୟ ସେଇ ସମାନ କଥା କହିଲେ । ମାଛଟିକୁ ଆଗ ମୁଁ ଦେଖିଚି, ତେଣୁ ମାଛଟି ମୋର ।

ଏ ତିନିଜଣଙ୍କର ଗଣ୍ଡଗୋଳ ଦୂରରୁ ଏଣ୍ଡୁଅ ଭାଇଟି ଦେଖୁଥିଲା । ସେ ଗଣ୍ଡଗୋଳରେ ଗୋଟିଏ ବିଲେଇ କହିଲା, ଚାଲ ସେ ଏଣ୍ଡୁଅ ଭାଇ ପାଖକୁ ଯିବା । ସେ ଆରମ୍ଭରୁ ଗଛ ଡାଳରେ ବସି ସବୁ ଦେଖୁଛି । ସେ ହଁ କହିବ । ଏ ମାଛଟିରେ ଦାବି କାହାର ।

ତିନିଜୀବ ମିଶି ଏଣ୍ଡୁଅ ପାଖକୁଗଲେ । ଏଣ୍ଡୁଅ ଭାଇର ତ 'ସବୁ କଥାରେ ହଁ' । ଖାଲି ମୁଣ୍ଡଟାକୁ ଟୁଙ୍ଗାରି ଦେଉଥାଏ ।

ପ୍ରଥମ ବିଲେଇ ପଚାରିଲା, ଏଣ୍ଡୁଅ ଭାଇ, ମାଛଟି ମୁଁ ପ୍ରଥମେ ପାଇବି ନା ନାହିଁ ?

- ଏଣ୍ଡୁଅ ବିଲେଇ କଥାରେ ହଁ ମାରିଦେଲା ।

ତା'ପରେ ବଗୁଲୀ ନାନୀ ପଚାରିଲା, ଏଣ୍ଡୁଅ ଭାଇ, ମାଛଟି ଆଗ ମୁଁ ଦେଖିଛି, ମାଛଟି ଆଗ ମୁଁ ପାଇବି ନା ନାହିଁ?



ଏଣ୍ଡୁଅ ବଗୁଲୀ କଥାରେ ମଧ୍ୟ ହଁ ମାରିଦେଲା ।

ତା'ପରେ ଆର ବିଲେଇଟି ମଧ୍ୟ ସେଇ ସମାନ ପ୍ରଶ୍ନ ପଚାରିଲା ।

ଏଣ୍ଡୁଅ ଭାଇ ତାକୁ ମଧ୍ୟ ହଁ ମାରିଦେଲା ।

'ଏଣ୍ଡୁଅ'ର ସବୁକଥାରେ ହଁ କରିବା ଦେଖି ତିନିଜୀବ ଏକା ସ୍ୱରରେ କହିଲେ, ଆରେ, ଏ ଏଣ୍ଡୁଅଟା ପକା ବଦ୍‌ମାସରେ । ଚାଲ ତାକୁ ଗୋଡ଼େଇ ଗୋଡ଼େଇ ମାରିବା ।

ବିଲେଇ ଦୁଇଟା ଓ ବଗୁଲୀ ନାନୀ ଏଣ୍ଡୁଅକୁ ମାରିବାକୁ ଗୋଡ଼ାଇଲେ । ଏଣ୍ଡୁଅଟି ଡରରେ କାଠଚମ୍ପା ଗଛ ଉପରେ ଚଢ଼ିଗଲା ।

ଏ ସମସ୍ତଙ୍କର ଗଣ୍ଡଗୋଳ ଦୂରରୁ ଦେଖୁଥିଲା ଶେଉଳ ମାଛ । ଏ ସୁବର୍ଣ୍ଣ ସୁଯୋଗର ଫାଇଦା ନେଲା ସେ । ଚୁପ୍‌କରି ଡେଇଁ ଡେଇଁ ଯାଇ ପୋଖରୀ ଭିତରେ ପଶିଗଲା ।

ଏଣ୍ଡୁଅଟି କାଠଚମ୍ପା ଗଛରେ ଚଢ଼ିଯିବାରୁ ବିଲେଇ ଓ ବଗୁଲୀ ତାକୁ ଗୋଡ଼ାଇପାରିଲେ ନାହିଁ । ତେଣୁ ସେମାନେ ପୋଖରୀ ହିଡ଼ ପାଖକୁ ଫେରିଗଲେ । ସେଠାରେ ପହଞ୍ଚି ଦେଖିଲେ, ଶେଉଳ ମାଛ ମଧ୍ୟ ସେଠାରେ ନାହିଁ । କାନମୁଣ୍ଡ ଆଉଁଷି ଯେ ଯାହାର ଘରକୁ ଗଲେ । ବିଲେଇ ଦୁଇଟି ମାଳିବୁଢ଼ାର ଦାଣ୍ଡପିଣ୍ଡାକୁ ଚାଲିଗଲେ ଓ ବଗୁଲୀ ନାନୀଟି ଓସ୍ତଗଛ ଉପରକୁ ଉଡ଼ିଗଲା । ତାଙ୍କ ଗଣ୍ଡଗୋଳର ଫଳ ସେମାନେ ପାଇଲେ ।

ନିଜର ଗଣ୍ଡଗୋଳିଆ ବୁଦ୍ଧି ଯୋଗୁଁ ସେମାନେ ସାମାନ୍ୟ ଦୁଇଟି ଛୋଟ ଜୀବଠାରୁ ପରାସ୍ତ ହେଲେ ।

□□


ଲେଖିକାଙ୍କ ଇ-ମେଲ ଠିକଣା:
patirasmimaye@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.23.60 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୨୩.୬୦
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)



**ପୁସ୍ତକ ସମୀକ୍ଷା**

# ଲୋକାପୁଅ ସୁରିଆ

ଲେଖିକା : ଲୋପାମୁଦ୍ରା ମହାନ୍ତି
ପ୍ରକାଶକ: ବି.କେ. କ୍ଲାସିକ୍ସ, ବି.କେ. ପବ୍ଲିକେଶନ୍ସ, ପ୍ରା.ଲି.
ପୃଷ୍ଠା: ୧୫୨, ମୂଲ୍ୟ: ଟ. ୧୯୯/-

ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ତାଙ୍କ ଝିଅ ଛବିକୁ କହିଥିଲେ- 'ତୁ ଲେଖ୍... ଲେଖ୍। କିଏ କ'ଣ କହୁଛି ବୋଲି ଡରିଗଲେ ହେବ? ତୋର ଅନୁଭବ ଅଛି, ସେଇ ଅନୁଭବର କଥା ହିଁ ଲେଖ୍।' ସୁରେନ୍ଦ୍ର ମହାନ୍ତିଙ୍କ ଆତ୍ମଜା ଲୋପାମୁଦ୍ରା(ଛବି) ଆପଣା ଆତ୍ମାର ଭାଷାକୁ ଅକ୍ଷର ରୂପ ଦେଇ ଲେଖିଛନ୍ତି- 'ମୁଁ ସୁରିଆ ଝିଅ ଛବି,ସାହିତ୍ୟ ଆକାଶର ଜୁଳୁଜୁଳିଆ ପୋକ ହୋଇ ଏକବିଂଶ ଶତାବ୍ଦୀରେ ଯେତେବେଳେ ଓଡ଼ିଆ ଭାଷାର ଅସ୍ତିତ୍ୱକୁ ନେଇ ପ୍ରଶ୍ନ ଉଠୁଛି, ସେତେବେଳେ ନିଜ ଅନୁଭୂତିକୁ ନିଜର କଥିତ ଭାଷାରେ ଲେଖି ସୁରିଆକୁ ଶ୍ରଦ୍ଧାଞ୍ଜଳି ଦେଉଛି।'

ହଁ, ବହି ନ ପଢ଼ି ଏଇ ବୟାନରୁ ବା ବହିର ନାମକରଣରୁ ଧାରଣା ହବ ବାପା ବିଷୟରେ ଏମିତି କିଛି ଗୋଟାଏ ବାହାଦୁରି କରି ଝିଅ ଲେଖିଥିବ ନିଶ୍ଚୟ। କେତେକ ଭାବି ପାରନ୍ତି ଏହା 'ପଥ ଓ ପୃଥିବୀ'ର ପରିପୂରକ, 'ପଥ ଓ ପୃଥିବୀ'ର ପ୍ରାନ୍ତ ଅଧ୍ୟାୟ। ଏହା କ'ଣ ଏକ ଜୀବନୀ? ଏକ ପ୍ରବନ୍ଧ ପୁସ୍ତକ? ଏକ ଉପନ୍ୟାସ? ଏ ସବୁ ପ୍ରଶ୍ନବାଚୀର ପୂର୍ଣ୍ଣଚ୍ଛେଦ ପକାଇ ଲେଖିକା ଲେଖିଛନ୍ତି- 'ଏହା ଗଳ୍ପ ନୁହେଁ, ପ୍ରବନ୍ଧ ନୁହେଁ, ନିବନ୍ଧ ନୁହେଁ, ସ୍ମୃତି ବି ନୁହେଁ। କିଛି ଅକ୍ଷର ଯୋଡ଼ି ଶବ୍ଦ କରିଛି। କିଛି ଶବ୍ଦକୁ ଯୋଡ଼ି ବାକ୍ୟ କରିଛି।'

ନୁହଁ ଆଉ କ'ଣ! ଲୋପମୁଦ୍ରାଙ୍କ ଏ ବହିର ଗୋଟିଏ ଗୋଟିଏ ଶବ୍ଦକୁ ନେଇ ସରଳାର୍ଥ ଲେଖିଲେ ପ୍ରବନ୍ଧଟିଏ ପାଲଟିବ, ଗୋଟିଏ ଗୋଟିଏ ବାକ୍ୟର ବିସ୍ତାରଣ କଲେ ବହିଟିଏ ପାଲଟିବ। 'ସୁରିଆ' କଥା କହିବାକୁ ଗଲେ 'ସୁରିଆ' ସମ୍ପର୍କିତ ସବୁ କହିବାକୁ ପଡ଼ିବ ନା ନାହିଁ? ସୁରେନ୍ଦ୍ର ମହାନ୍ତିଙ୍କ ପିଲାବେଳଠୁ ଆରମ୍ଭ କରି ପାଠପଢ଼ା, ପରିବାର ପରିଜନଙ୍କ କଥା କହିବାକୁ ହେବ ନା ନାହିଁ? ସୁରେନ୍ଦ୍ର ମହାନ୍ତିଙ୍କ ବୃତ୍ତି, ପ୍ରବୃତ୍ତି, ପ୍ରକୃତି କଥା କହିବାକୁ ହେବ ନା ନାହିଁ? ସୁରେନ୍ଦ୍ର ମହାନ୍ତିଙ୍କ ଭିତରେ ଖୁବ୍ କମ୍‌ରେ ତିନିଟା ଓଜନଦାର ବ୍ୟକ୍ତିତ୍ୱ ଥିଲା; ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି, ସାମ୍ବାଦିକ ସୁରେନ୍ଦ୍ର ମହାନ୍ତି, ସାଂସଦ ସୁରେନ୍ଦ୍ର ମହାନ୍ତି। ତରାଜୁର ତ ଦୁଇଟା ପଲା, ସୁରେନ୍ଦ୍ର ମହାନ୍ତିଙ୍କ ବ୍ୟକ୍ତିତ୍ୱକୁ ଓଜନ କରିବାକୁ ଆଉ ଗୋଟାଏ ପଲା କୋଉଠୁ ଆସିବ? ସାରସ୍ୱତ ଛଟା, ଛଟକ ଓ ଛବିଳତାରେ ଲେଖନୀକୁ ପଜେଇ ଲେଖିକା ଲୋପାମୁଦ୍ରା ସମ୍ଭବ କରିପାରିଛନ୍ତି ଏ ଅସମ୍ଭବକୁ।

ବହିଟିର ଆରମ୍ଭରେ 'କଥାପଦେ' ଶୀର୍ଷକରେ ଦାଶ ବେନହୁର ଲେଖିଛନ୍ତି, "ଝିଅ ମୁହଁରେ ବାପା କଥା କ'ଣ ସରେ? ବାପାର ସ୍ମୃତି ତ ପ୍ରତିଟି ଝିଅ ପାଇଁ କେତେ ଫରୁଆ ଭିତରେ ଫରୁଆର କଥା କଥାନି । ସୁରେନ୍ଦ୍ର ମହାନ୍ତି ନିଜ ଆତ୍ମଜୀବନୀ 'ପଥ ଓ ପୃଥିବୀ'ରେ କେତେ ବାଗରେ ମୁକୁଳାଇଛନ୍ତି ନିଜକୁ। ମାତ୍ର ତାଙ୍କୁ ଅଧିକ ଭାବରେ, ଗଭୀର ରୂପେ ବୁଝିବା ପାଇଁ ଶ୍ରୀମତୀ ଲୋପାମୁଦ୍ରା ମହାନ୍ତିଙ୍କର ଏ କୃତି ଏକ ଚମତ୍କାର 'ପାସ୍‌ୱାର୍ଡ' ବା 'ସିସ୍‌ମେ ଫାଙ୍କ' - 'ଖୁଲ୍ ଯା ସିମ୍‌ସିମ୍' । ତାଲା ଖୋଲିବାର ଚାବି । ସୁଖପାଠ୍ୟ । ଗୁମ୍‌ସୁମ୍ କୋହ ବି ଅଛି ଠାଏ ଠାଏ । ଝିଅ, ବାପା କଥା ଲେଖିଲେ ତ ପବନ ସ୍ଥିର ହେବାକୁ ବାଧ୍ୟ । ଥଅ ହେବେ ପାଠକେ ।" ବହିଟି ପଢ଼ିବା ପରେ ଦାଶ ବେନହୁରଙ୍କ ଏହି ଟିପ୍ପଣୀ ସହିତ ଆମକୁ ଏକମତ ହେବାକୁ ହୁଏ ।

ଏହାକୁ ଲୋପାମୁଦ୍ରାଙ୍କ ଆତ୍ମଜୀବନୀର ଏକ ଅଧ୍ୟାୟ ଭାବେ ମଧ୍ୟ ଗ୍ରହଣ କରାଯାଇ ପାରେ ଏବଂ ବହିର ଶେଷଧାଡ଼ି-'ମୋ କଥା କିନ୍ତୁ ସରିନି'ର ସୂଚନାରୁ ଆମେ ଅନ୍ତତଃ ଆଶା କରିବା ତାଙ୍କ ନ ସରିଥିବା ଆତ୍ମଜୀବନୀରେ ଆହୁରି ବହୁତ କିଛି ପାଇବେ ପ୍ରତୀକ୍ଷାରେ ଥିବା ପାଠକେ।

**ବୈଷ୍ଣବ ଚରଣ ମହାନ୍ତି**

# ସାହିତ୍ୟ ସମାଚାର

## ବିଶିଷ୍ଟ ଲେଖକ ଓ ଗବେଷକ ସୁରେନ୍ଦ୍ରନାଥ ଦାଶଙ୍କ ମହାପ୍ରୟାଣ



ସ୍ୱନାମଧନ୍ୟ ଲେଖକ, ଶ୍ରୀଜଗନ୍ନାଥ ଗବେଷକ ଓ ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର, ସୁରେନ୍ଦ୍ରନାଥ ଦାଶ ଅକ୍ଟୋବର ୧୬ ତାରିଖ ରାତିରେ ନୂଆଦିଲ୍ଲୀଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା।

ଓଡ଼ିଆ ଭାଷାର ପ୍ରବନ୍ଧ ସାହିତ୍ୟକୁ ସମୃଦ୍ଧ କରିବା ସହିତ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଗବେଷଣା ଓ ଅଧ୍ୟୟନ ପ୍ରତି ତାଙ୍କର ବିଶେଷ ଅବଦାନ ଥିଲା। ଭୁବନେଶ୍ୱରର ସୁପ୍ରସିଦ୍ଧ ଗବେଷଣା ଭିତ୍ତିକ ଅନୁଷ୍ଠାନ, 'ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ'ର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବରେ ସେ ନିଜର ସାଧନା ଜାରି ରଖିଥିଲେ। ତାଙ୍କ ରଚନାରେ ସଂସ୍କୃତିଗତ ସଂହତି, ଓଡ଼ିଶାର ସାମାଜିକ ଐତିହ୍ୟ ଓ ଶ୍ରୀଜଗନ୍ନାଥଙ୍କ ଉପାସନାର ମାନବବାଦୀ ଦୃଷ୍ଟିକୋଣର ରହସ୍ୟ ପାଠକମାନଙ୍କୁ ପ୍ରଭାବିତ କରୁଥିଲା। ସେ ୧୯୪୯ ମସିହାରେ ଖୋର୍ଦ୍ଧାସ୍ଥିତ କୁହୁଡ଼ି ନିକଟସ୍ଥ ରତନପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୭୩ ମସିହାରେ ସ୍ନାତକୋତ୍ତର ଉପାଧି ଲାଭ କରି କେନ୍ଦୁଝର ମହାବିଦ୍ୟାଳୟରେ ଅଧ୍ୟାପନା କାର୍ଯ୍ୟରେ ଯୋଗଦେଇଥିଲେ। ତା'ପରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଭାବରେ କିଛି ଦିନ କାର୍ଯ୍ୟ କରି ପୁନରାୟ ଅଧ୍ୟାପନା ବୃତ୍ତିକୁ ଫେରିଆସିଥିଲେ। ସେ ୨୦୦୯ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ବିଭାଗାଧ୍ୟକ୍ଷ ଭାବରେ ଥାଇ ଅବସର ଗ୍ରହଣ କରିଥିଲେ।

## ଉତ୍କଳ ସାହିତ୍ୟ ସମାଜର ନିର୍ବାଚନ: ଜିତିଲେ ଗୋବିନ୍ଦ ଚନ୍ଦ୍ର ଚାନ୍ଦ



ଓଡ଼ିଶା ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ, 'ଉତ୍କଳ ସାହିତ୍ୟ ସମାଜ'ର ବହୁଚର୍ଚ୍ଚିତ ନିର୍ବାଚନର ଫଳାଫଳ ଅକ୍ଟୋବର ୧୩ ତାରିଖ ଦିନ ପ୍ରକାଶ ପାଇଛି। ଏଥିରେ ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ ସଭାପତି ଭାବରେ ପୁନଃନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାନନ୍ଦ ବିଶ୍ୱାଳ ଉପସଭାପତି, ରାଜୀବ କୁମାର ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ, ଶଶିକାନ୍ତ ରାଉତ ସଂଗଠନ ସମ୍ପାଦକ, ବ୍ରହ୍ମାନନ୍ଦ ମହାନ୍ତି ପାଠାଗାର ସମ୍ପାଦକ ଓ ଦିଲ୍ଲୀପ କୁମାର ଦାସ କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି। ଏହା ବ୍ୟତୀତ କାର୍ଯ୍ୟକାରୀ ସମିତିକୁ ୧୧ ଜଣ ସଦସ୍ୟ ମଧ୍ୟ ନିର୍ବାଚିତ ହୋଇଛନ୍ତି।

ଏହି ନିର୍ବାଚନକୁ ନେଇ ରାଜ୍ୟର ସାହିତ୍ୟିକ ମହଲରେ କିଛି ଦିନ ଧରି ସରଗରମ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୈନିକ 'ସମାଜ'ର ପୂର୍ବତନ ମୁଦ୍ରାକର ଓ ପ୍ରକାଶକ ତଥା ଲୋକସେବକ ମଣ୍ଡଳର ବର୍ତ୍ତମାନର ରାଷ୍ଟ୍ରୀୟ ସଚିବ ପ୍ରଭାସ କୁମାର ଆଚାର୍ଯ୍ୟ ନିଜେ ସଭାପତି ପଦ ପାଇଁ ଜଣେ ପ୍ରାର୍ଥୀ ହେବା ସହିତ ଅନ୍ୟ ସମସ୍ତ ପଦ ପାଇଁ ନିଜର ସମର୍ଥକମାନଙ୍କର ଏକ ପ୍ୟାନେଲ୍‌କୁ ଧରି ନିର୍ବାଚନର ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ଅପର ପକ୍ଷରେ ଅନୁଷ୍ଠାନର ପୂର୍ବତନ ସଭାପତି ତଥା 'ପୌରୁଷ'ର ସହ-ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ମଧ୍ୟ ନିଜର ପ୍ୟାନେଲ୍ ସହ ଏହି ନିର୍ବାଚନରେ ଭାଗ ନେଇଥିଲେ। ଏହାପାଇଁ ଉଭୟ ପକ୍ଷରୁ ଗତ କିଛି ଦିନ ଧରି ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଥିଲା।

## ଶେଷ ପୃଷ୍ଠା



# କ୍ଷେତିଖେସରା*

ଦୀପାବଳି ମହୋତ୍ସବ ସହ ଝଙ୍କୃତ ଏଇ କେତେ ପଦ ଆପଣ ଶୁଣିଥିବେ ନିଶ୍ଚୟ।

"ବଡ଼ବଡୁଆହୋ! ଅନ୍ଧାରରେ ଆସି ଆଲୁଏ ଯାଅ।
ଗଙ୍ଗାଯାଅ, ଗୟାଯାଅ, କାଶୀଯାଅ, ପୁରୁଷୋତ୍ତମରେ ମହାପ୍ରସାଦ ଖାଇ ବାଇଶିପାହାଚେ ଗଡ଼ଗଡ଼ଉଥାଅ।"

ଆଉ କେତେ ଦିନ ହୁଏତ ଶୁଣିବେ ଏଇ ସବୁ! ପୟାଶ୍ରାଦ୍ଧ ବା ଦୀପଦାନ ଶ୍ରାଦ୍ଧ ବା ପ୍ରଦୀପାମାବାସ୍ୟା ବା ବଡ଼ବଡ଼ିଆଡକା ଉଆଁସ ଧିରେ ଧିରେ ଅଣନିଃଶ୍ୱାସୀ ହୋଇ ଉଠୁଛି ହୁକାପତି, ଧନ୍ତେରାସ୍, ନାରକା ଚତୁର୍ଦ୍ଦଶୀ, ଲକ୍ଷ୍ମୀପୂଜା, କାଳୀପୂଜା, ଖିଚାପୂଜା, କୁକୁର୍ ତିହାର୍, ଗାଇ ତିହାର୍, ଗୋବର୍ଦ୍ଧନ ପୂଜା, ଭାଇଦୁଜ୍, କିଜାପୂଜା, ପ୍ରଭୃତିର ଭିଡ଼ରେ। ଠିକ୍ ସେହିପରି ଯେପରି ଆଦର୍ଶ ଓଡ଼ିଆ ସାହିତ୍ୟ ଧୀରେ ଧୀରେ ଅନ୍ୟ ଭାଷାର ସାହିତ୍ୟର ନକଲ, ଏ ଆଇ, ଚାଟ୍ ଜିପିଟିର ପାଣ୍ଡିତ୍ୟ ଆଉ ଆତ୍ମଘୋଷିତ ଅଜ୍ଞାନୀଙ୍କ ଭିଡ଼ରେ ହଜି ଯାଉଛି। ଏଇ କ୍ଷେତିଖେସରା ଆଡ଼େ ନିଘା ଅଛି ତ ଆମର !

ଶାସ୍ତ୍ରରେ ଲେଖା ଅଛି,

"କଳା ଯେ ବହଇ ଷୋଡ଼ଶ – ଅନାଦି ପରମପୁରୁଷ।"

କଥା ଏଇଠି, ଆମ୍ଭେ କହୁଛୁ ଚନ୍ଦ୍ରକଳାର କଥା। ତାକୁ ଆପଣେ ସାହିତ୍ୟବୋଧରେ ବୁଝନ୍ତୁ। ପୁରାଣ କହେ ଯେ ଚନ୍ଦ୍ର ଅମୃତଧାରୀ। ଏଣୁ ଦେବତାମାନେ କୃଷ୍ଣପକ୍ଷରେ ଚନ୍ଦ୍ରଙ୍କଠାରୁ ଗୋଟିଏ ଗୋଟିଏ କଳା ଅମୃତ ପାନ କରନ୍ତି। ଏଣୁ ତ ଚନ୍ଦ୍ରର କଳାକ୍ଷୟ ହୁଏ। ସର୍ବଶେଷ କଳାକୁ ଜଳ ଓ ଓଷଧିମାନେ ପାନ କରନ୍ତି। ଜଳ ଓ ଓଷଧିକୁ ଜୀବ ପାନ କରି ଦୁଧ ଦିଏ। ଦୁଧରୁ ଘୃତ ପ୍ରସ୍ତୁତ ହୁଏ। ଘୃତ, ଯଜ୍ଞରେ ଆହୁତି ଦିଆଯାଏ ଯାହା ପୁଣି ଚନ୍ଦ୍ରଙ୍କଠାରେ ପ୍ରବେଶ କରିବାରୁ ଚନ୍ଦ୍ର ପୁଣି ଶୁକ୍ଳପକ୍ଷରେ କଳାଏ ଲେଖାଁଏ ବଢ଼େ। ଆରମ୍ଭରୁ କହିଥିଲି ଏହାକୁ ସାହିତ୍ୟବୋଧରେ ହେଜନ୍ତୁ। ସାହିତ୍ୟର ସମସ୍ତ ସ୍ୱାର୍ଥାନ୍ୱେଷୀ ଦେବଗଣ ଏହି ଚନ୍ଦ୍ରକଳାରୂପୀ ସାହିତ୍ୟ କ୍ଷେତ୍ରରୁ ଅମୃତରୂପୀ ସମ୍ମାନ, ଉପାଧୀ, ପୁରସ୍କାର, ଅର୍ଥ ଓ ପ୍ରତିପତ୍ତି ପ୍ରାପ୍ତ ହୁଅନ୍ତି। ପ୍ରାପ୍ତି ପରେ ଏମାନଙ୍କର ସ୍ୱାର୍ଥ, ଅହଂ, ପରଶ୍ରୀକାତରତା ସାହିତ୍ୟର ଶ୍ରୀକୁ ହ୍ରାସ କରିବାରେ ଲାଗିଥାଏ। ସାମ୍ପ୍ରତିକ ପରିସ୍ଥିତିରେ ଦୃଷ୍ଟିପାତ କଲେ ଏହା ଆପଣମାନେ ହୃଦୟଙ୍ଗମ କରିପାରୁଥିବେ ନିଶ୍ଚୟ। ହେଲେ ସାହିତ୍ୟର ଶୁକ୍ଳପକ୍ଷ ଯୋଗ ହେବ କେବେ! ପୂର୍ଣ୍ଣାମୃତା ସାହିତ୍ୟରୁ କେବେ ଏକ ଆଦର୍ଶ ପାଠକଟିଏ ପ୍ରସ୍ତୁତ କରିବ ଏକ ଆଦର୍ଶ କଥା, କବିତା, ପ୍ରବନ୍ଧ, ଉପନ୍ୟାସର ଘୃତ ଯାହା ପୁନଶ୍ଚ ଚନ୍ଦ୍ରରୂପୀ ଅମୃତଧାରୀ ସାହିତ୍ୟର ପୁନଃସଂସ୍କାର କରିବ। ଏହି ପ୍ରତୀକ୍ଷାରେ ଓଡ଼ିଆ ସାହିତ୍ୟପ୍ରେମୀ ଏବେ ସେଇ ନବଯୁଗର ଆଶାରେ ଖୋଜି ବୁଲୁଛନ୍ତି ଶାରଦୀୟ ଋତୁର ରଙ୍ଗବିରଙ୍ଗ ପୁସ୍ତକ, ମୁଖପତ୍ର ଆଉ ପ୍ରକାଶନର ବିପଣିରେ। ସାହିତ୍ୟ ରସର ପ୍ରାଧାନ୍ୟ ନାହିଁ ସେତେ; ଅଛି ବର୍ଣ୍ଣବିବର୍ଣ୍ଣର ପ୍ରଚ୍ଛଦ, ଚାରିଶହ, ପାଞ୍ଚଶହ, ଆଠଶହ, ପନ୍ଦରଶହ ପୃଷ୍ଠାର ଫାଙ୍କଡ଼ାମି। ବର୍ଷବର୍ଷ ଧରି ଅନେକ ପାଠକଙ୍କ ନିରାଶବୋଧ ଓ ଅର୍ଥଶ୍ରାଦ୍ଧ ଦେଖିଛି, ଶୁଣିଛି ଓ ବୁଝିଛି। ଯେଉଁମାନେ ଏଇ ଶାରଦୀୟ ଋତୁର ସାହିତ୍ୟର ଏହି ପର୍ବ ଆରମ୍ଭ କରିଥିଲେ ଏବେ ସେମାନେ ହୁଏତ ନିରାଶ ହେଉଥିବେ। ହା ହତୋଽସ୍ମିରେ ସେମାନଙ୍କୁ ବୋଧ ହେଉଥିବ ଯେ ସେମାନେ କିପରି ସାହିତ୍ୟକୁ ଏଇ ଭସ୍ମାସୁରଙ୍କ ହାତରେ ପୂଜା ନାମରେ ଟେକି ଦେଇଛନ୍ତି। ଏଇ ଶାରଦୀୟ ସାହିତ୍ୟ ବଜାରରେ ଗୁଣେ ଆଦର୍ଶ ସାହିତ୍ୟ, ଆଉ ପଣେ ଦଣ୍ଡାବାଲୁଙ୍ଗାଙ୍କ ଆଲେଖ୍ୟ ହିଁ ଦେଖିବାକୁ ମିଳୁଛି।


ଅତଏବ, ସାହିତ୍ୟପ୍ରେମୀଙ୍କୁ କହିବି;

ଓଡ଼ିଆ ସାହିତ୍ୟର ପ୍ରଶସ୍ତି ଓ ସମୃଦ୍ଧି ନିମନ୍ତେ ଦୀପଟିଏ ହୋଇ ଜଳ ହେ ଆତ୍ମନ୍; ଦୀପଟିଏ ଜାଳିବାରେ ସେଇ ଆତ୍ମସ୍ତୁଷ୍ଟି କାହିଁ!

**– ପ୍ରଭୂ**

***କ୍ଷେତିଖେସରା:** କ୍ଷତିପୂରଣ

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com




नालको NALCO

A Navratna CPSE under Ministry of Mines
Government of India

Nalco Bhawan, Nayapalli, Bhubaneswar-751013, India
www.nalcoindia.com

*Follow us on:* nalcoindia NALCO_India nalco_india nalco_India nalcoindia

# ରେଳପଥ ନିଯୁକ୍ତି
# ଦଲାଲ/ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ

## ସାର୍ବଜନିକ ବିଜ୍ଞପ୍ତି

- ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ
- ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି
- ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ
- ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ

**ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନବର୍ଣ୍ଣିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ:**

**www.rrbbbs.gov.in | www.rrcbbs.org.in**

**ଯଦି କେହି ଲାଞ୍ଚ ନେଇ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି କିମ୍ବା କେତେକ ରେଳପଥ ପ୍ରାଧିକାରୀଙ୍କ ନାମରେ ଏକ କଲ୍ ଲେଟର ଜାରି କରୁଛନ୍ତି, ତେବେ ଦୟାକରି ଏହାର ସତ୍ୟତା ଯାଞ୍ଚ କରନ୍ତୁ:**

**ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ**
ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍
ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ଇ-ମେଲ୍: sdgm@ecor.railnet.gov.in

**ମୁଖ୍ୟ ଜନ ସମ୍ପର୍କ ଅଧିକାରୀ**
ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍
ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ଇ-ମେଲ୍: cpro@ecor.railnet.gov.in

ଆମ ସହିତ ଯୋଗାଯୋଗ କରିବା ପାଇଁ ଆପଣ ମଧ୍ୟ ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ:

www.facebook/@EASTCOASTRailway1
www.twitter/@EastCoastRail
www.instagram.com/cproecor
www.kooapp.com/@eastcoastrail

**ପୂର୍ବ ତଟ ରେଳପଥ**
*ଆପଣଙ୍କ ପାଇଁ ଆମେ ଯତ୍ନବାନ*




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy